## ସଂକ୍ଷେପରେ

### ଅଙ୍ଗଦାନ କରିବାକୁ ପଞ୍ଜୀକୃତ ହେଲେ ମହିଳା ଚାଷୀ

କର୍ଲାମୁଣ୍ଡା, ୧୫।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧଅଁରାଖମନ ଗାଁର ସଫଳ ମହିଳା ଜୈବିକ ଚାଷୀ ଫାଲଗୁନି ଭୋଇ (୪୦) ଶରୀର ଅଙ୍ଗଗୁଡ଼ିକ ଦାନ କରିବାକୁ ଇଚ୍ଛା ପ୍ରକାଶ କରି ଆବେଦନ କରିବା ପରେ ଇଚ୍ଛାକୃତ ଅଙ୍ଗଦାନ ପାଇଁ ପଞ୍ଜୀକୃତ ହୋଇଥିବା ଜଣାପଡିଛି। ସେ ତାଙ୍କର ମୃତ୍ୟୁ ପରେ ତାଙ୍କ ଶରୀରର ଯକୃତ, ବୃକକ, ହୃତପିଣ୍ଡ, ଫୁସଫୁସ, ଖାଦ୍ୟନଳୀ,ପାଚନଗ୍ରନ୍ଥି ଓ ଦୁଇଟି ଆଖି ଦାନ କରିବାକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଶ୍ରୁତି ପ୍ରମାଣପତ୍ର ପାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ତାଙ୍କ ସ୍ୱାମୀ ଜୈବିକ ଚାଷୀ ବଳଦେବ ଭୋଇ ମଧ୍ୟ ଅଙ୍ଗଦାନ ପାଇଁ ପଞ୍ଜୀକୃତ ହୋଇଛନ୍ତି।

### ନବ ସାକ୍ଷରଙ୍କ ପରୀକ୍ଷା: ୩୫ କେନ୍ଦ୍ରରେ ୧୧୬୭ ପରୀକ୍ଷାର୍ଥୀ

କର୍ଲାମୁଣ୍ଡା, ୧୫।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ନବଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଅଣସାକ୍ଷରତା ନିରାକରଣ ପାଇଁ ଏକ ପରୀକ୍ଷା କାର୍ଯ୍ୟକ୍ରମ ରବିବାର ସଫଳଭାବେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆୟୋଜନ କରାଯାଇଥିଲା। ମୋଟ ୧୧୬୭ ଜଣ ଅଣସାକ୍ଷର ଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିବା ନୋଡ଼ାଲ ସିଆରସିସି ପ୍ରସନ୍ନ କୁମାର ସାହୁ କହିଛନ୍ତି। ଅଣସ୍ୱାକ୍ଷର ଲୋକଙ୍କୁ ପଢିବା, ଲେଖିବା ଓ ସାଧାରଣ ଗଣନାରେ ସକ୍ଷମ କରି ସଚେତନ ନାଗରିକ ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଏହି ପରୀକ୍ଷା ଆୟୋଜିତ ହୋଇଛି। ପରୀକ୍ଷା ପରିଚାଳନା ଓ ତଦାରଖ ପାଇଁ ନୋଡାଲ ଅଫିସର ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପମଣି ସାହୁ ଓ ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ରେଙ୍ଗାଲି ସିଆରସିସି ଉଜ୍ଜ୍ୱଳ କୁମାର ସାହୁ ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

### ଉଦ୍ଧାର ୧୩ ସ୍ମାର୍ଟ ମୋବାଇଲ ଫୋନ ହସ୍ତାନ୍ତର

ରୁପ୍ରା ରୋଡ,୧୫।୩(ସଞ୍ଜିବ ଦାସ)

କଳାହାଣ୍ଡି ଜିଲା ନର୍ଲା ନୂତନ ଥାନା ଗୃହ ପରିସରରେ ରବିବାର ଅପରାହ୍ନ ୪ଟାରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନର୍ଲା ଅଞ୍ଚଳ ତଥା କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୧୩ଟି ସ୍ମାର୍ଟ ମୋବାଇଲ ଫୋନକୁ ନର୍ଲା ପୋଲିସ ଉଦ୍ଧାର କରି ସମସ୍ତ ମୋବାଇଲ ଫୋନକୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆଧାର କାର୍ଡ ପରିଚୟ ରଖି ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ନର୍ଲା ଥାନା ଅଧିକାରୀ ବିଜୟରାଜ ମାଝୀ, ଆଇଆଇସି ସଂଯୁକ୍ତା ପ୍ରଧାନ, ପ୍ରଦୀପ କୁମାର ସେଠୀ, ପ୍ରିୟବ୍ରତ ବେହେରା, ରବୀନ୍ଦ୍ର ତାଣ୍ଡିଙ୍କ ସମେତ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହିଥିଲେ।

# ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ



ତିଖାଲି ଡ୍ୟାମ ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ତିଖାଲି ଡ୍ୟାମ ଲୋକ ମହୋତ୍ସବର ଶେଷ ସନ୍ଧ୍ୟା

ଖଡ଼ିଆଳ,୧୫।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତିଖାଲି ଜଳେଶ୍ୱର ମନ୍ଦିର ପଡିଆ ପରିସରରେ ପ୍ରଥମ ଥର ଆୟୋଜିତ ତିଖାଲି ଡ୍ୟାମ ଲୋକ ମହୋତ୍ସବର ରବିବାର ଥିଲା ଶେଷ ସନ୍ଧ୍ୟା ବା ଉଦ୍‌ଯାପନୀ ଉତ୍ସବ। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟଗୀତରେ ଝୁମିଥିଲେ ଦର୍ଶକ। ସେହିପରି ରାତିରେ ପଶ୍ଚିମ ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନାଙ୍କ ସଙ୍ଗୀତ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଉଦ୍‌ଯାପନୀ ସନ୍ଧ୍ୟାରେ ଖଡିଆଳ ବ୍ଲକ ଉପାଧ୍ୟକ୍ଷ ତଥା ମହୋତ୍ସବ କମିଟିର ସଭାପତି ଗୌତମ ତାଣ୍ଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଭାଜପା ରାଜ୍ୟ ସଭାପତି ତଥା କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ କୁମାର ପଣ୍ଡା,ବିଶିଷ୍ଟ ଅତିଥି ଭାବେ ନୂଆପଡା ଜିଲାପାଳ ମଧୁସୂଦନ ଦାସ, ଆରକ୍ଷୀ ଅଧୀକ୍ଷକ ନୂଆପଡା ଅମୃତ ପାଲ ସିଂ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମୁଖ୍ୟବକ୍ତା ଡ. ଫଣିନ୍ଦମ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ଖଡିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ସିନାପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଧୁରୀ ମାଝି, ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଜୋନ ନମ୍ବର ୪ର ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା ଯୋଗଦାନ କରି ତିଖାଲୀ ଡ୍ୟାମରେ ଯାଇଥିବା ଅଞ୍ଚଳର କଳା ସାହିତ୍ୟ ସଂସ୍କୃତି, ଲୋକ କଳା, ଲୋକ ସାହିତ୍ୟକୁ ଉଜ୍ଜିବିତ କରିବା ପାଇଁ ଏହି ମହୋତ୍ସବର ପରିକଳ୍ପନା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ପ୍ରକାଶ କରିଥିଲେ। ବିଘ୍ନରାଜ ଉଚ୍ଚ ବିଦ୍ୟାଳୟର ସାନମହେଶ୍ୱର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ବିଶିଷ୍ଟ କଳାକାର ନିର୍ଦ୍ଦେଶକ ମୋତିଲାଲ ବାଗ କରିଥିବା ବେଳେ ମହୋତ୍ସବ ପାଳନ କମିଟିର ପରାମର୍ଶଦାତା କୁନୁ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଥବିର ଦୀପ ଉଦଘୋଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ମୋତିଲାଲ ବାଗ, ଧର୍ମେଶ ମେହେର, ବିଭୂତିଭୂଷଣ ବିଶି, ଛାତ୍ର ସୁଜ୍ଞାନ ସିଂ ବାରିକ, ଛାତ୍ରୀ ଶିଖାରାଣି ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ପରିବେଷିତ ହୋଇଥିଲା। ଖଡିଆଳ ବ୍ଲକ ସାନମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ ମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଲିଗାଁ ଆଶ୍ରମ ସ୍କୁଲ, ବିଘ୍ନରାଜ ହାଇସ୍କୁଲ ସାନ ମହେଶ୍ୱର, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଖଡିଆଳର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। ପରେ ପଶ୍ଚିମ ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନାଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ଉପସଭାପତି ତ୍ରୟ ଦଶମୁ ବେହେରା, ରମେଶ କୁମାର ଠାକୁର ଓ ଶ୍ୟାମ ସୁନ୍ଦର କୁଲଦୀପ,ସହସମ୍ପାଦକ ନବୀନ ହେର୍ଣ୍ଣା, ହେରାମଣ ଶବର, ନରେଶ ମହାରଥା, କୋଷାଧ୍ୟକ୍ଷ ବାପିନା ସାହୁ , ଉପ କୋଷାଧ୍ୟକ୍ଷ ଥମିର ମଙ୍ଗରାଜ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା, ପୁରୁଷମ ତାଣ୍ଡି, ମୁନିରାମ ବେହେରା, ସଙ୍ଗଠକ ଶାମ୍ଭ କୁମାର ସରାଫ, ଯୁଗ୍ମ ସଙ୍ଗଠକ କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରବୀଣ ମୁଣ୍ଡ, ଚିତଦେବ ବେହେରା, କୁନାଲ ବେହେରା, ଏକଲବ୍ୟ ବେହେରା, ରତ୍ନମଣି ନେତାମ, ଉପେନ୍ଦ୍ର ଶବର, ତେଜରାଜ ବେହେରା, ବାସୁଦେବ ତାଣ୍ଡି, ସନ୍ତୋଷ ଭୋଇ, ଦେବେନ୍ଦ୍ର ବେହେରା, ଚିତ୍ରସେନ ମାଝୀ, ବିରଞ୍ଚି ବେହେରା, ପ୍ରମୋଦ ଶବର, ବରିଷ୍ଠ ସଦସ୍ୟ ସୁନିଲ ଶବର, ବୁଟି ଭୋଇ, ଅକ୍ରୁର ପଟେଲ, ବିକି କୁଳଦୀପ ସମେତ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ତେରେସିଙ୍ଗା କ୍ଲଷ୍ଟର ଚାମ୍ପିୟନ

## ଶିକ୍ଷକ କ୍ରିକେଟ ଚାମ୍ପିୟନଶିପ୍

କର୍ଲାମୁଣ୍ଡା, ୧୫।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଟିସିସି କର୍ଲାମୁଣ୍ଡା ଓ ତେରେସିଙ୍ଗା କ୍ଲଷ୍ଟର କ୍ରିକେଟ ଦଳର ସହଯୋଗରେ ଶିକ୍ଷକ କ୍ରିକେଟ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କର୍ଲାମୁଣ୍ଡା ବ୍ଲକର ବିଭିନ୍ନ କ୍ଲଷ୍ଟର ଶିକ୍ଷକମାନେ ଅଂଶଗ୍ରହଣ କରି କ୍ରୀଡ଼ାମନୋଭାବ ଓ ସମ୍ମିଳନୀର ଉତ୍କୃଷ୍ଟ ଉଦାହରଣ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତା କର୍ଲାମୁଣ୍ଡା ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ରର ସମ୍ପାଦକ ସଞ୍ଜୀବ କୁମାର ନାଗଙ୍କ ନେତୃତ୍ୱରେ ତେରେସିଙ୍ଗା କ୍ଲଷ୍ଟର ଦଳ ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ତେରେସିଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ହେମନ୍ତ ନାଏକ, ବିଶିକେଶନ ସୁନା, ଜୁଗଲ ନାଗ, ପ୍ରସନ୍ନ କୁମାର ସାହୁ ଓ ଉଜ୍ଜଳ କୁମାର ସାହୁ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୮ଟି କ୍ଲଷ୍ଟର ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ତେରେସିଙ୍ଗା କ୍ଲଷ୍ଟର ଓ ଗଜବାହାଲ କ୍ଲଷ୍ଟର ମଧ୍ୟରେ ଖେଳାଯାଇଥିଲା। ଏଥିରେ ତେରେସିଙ୍ଗା କ୍ଲଷ୍ଟର ଶିକ୍ଷକ କ୍ରିକେଟ ଚାମ୍ପିୟନଶିପ୍ ୨୦୨୬ର ଚାମ୍ପିୟନ ହୋଇଥିଲା। କିଶୋର ପଧାନ, ଟିକୁ ନାଏକ ଓ ଛବିଳ ନାଏକ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ବାସୁଦେବ ପଣ୍ଡା ଓ ପ୍ରିୟାଂଶୁ ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଆୟୋଜନରେ ସୁଧୀର ସୁନା, ରତନ ଭୋଇ, ପ୍ରଶାନ୍ତ ସାହୁ, ପର୍ଶୁରାମ ଓଝା, ପ୍ରୀତମ ହୋତା ଓ ବିଶ୍ୱମ୍ଭର ସରାଫ ସହଯୋଗ କରିଥିଲେ।



ଶିକ୍ଷକ କ୍ରିକେଟ ଚାମ୍ପିୟନଶିପରେ ବିଜୟୀ ଦଳ ସହ ଅତିଥିମାନେ।

# ଜନଆନ୍ଦୋଳନ ଆଗରେ ନଇଁଲା ପ୍ରଶାସନ

## ବିରିକୋଟ ବିଦ୍ୟାଳୟକୁ ମିଳିଲେ ୨ ଡେପୁଟେସନ ଶିକ୍ଷକ, ଖୋଲିଲା ତାଲା

ଥୁଆମୂଳ ରାମପୁର, ୧୫।୩ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ ବିରିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଚାଲିଥିବା ଗ୍ରାମବାସୀଙ୍କ ଜନଆନ୍ଦୋଳନ ଶେଷରେ ସଫଳ ହୋଇଛି। ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପଡ଼ିବା ଏବଂ ପରୀକ୍ଷା ବର୍ଜନ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣି ଜାନୀ ଏହି ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧି କରି ତୁରନ୍ତ ୨ଜଣ ଶିକ୍ଷକଙ୍କୁ ଡେପୁଟେସନରେ ନିଯୁକ୍ତି ଦେଇଛନ୍ତି। ସୂଚନାଯୋଗ୍ୟ, ୧୧୫ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ଜଣେ ଶିକ୍ଷକଙ୍କ ଭରସାରେ ବିଦ୍ୟାଳୟ ଚାଲିଥିବାରୁ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ (ଏବିଇଓ) ତପିମଣି ଜାନୀ 'ଧରିତ୍ରୀ'କୁ କହିଥିଲେ, 'ବିଦ୍ୟାଳୟରେ ତାଲା ପଡ଼ିଥିବା ଖବର ପାଇବା ପରେ ପିଲାଙ୍କ ବାର୍ଷିକ ପରୀକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଶିକ୍ଷକ ବ୍ୟବସ୍ଥା କରାଯାଇଛି। ଆସନ୍ତା ଏପ୍ରିଲ ସୁଦ୍ଧା ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବା ସହ ବାତିଲ ହୋଇଥିବା ପରୀକ୍ଷା ପାଇଁ ନୂତନ କାର୍ଯ୍ୟସୂଚୀ ପ୍ରକାଶ କରାଯିବ। ପ୍ରଶାସନିକ ପ୍ରତିଶ୍ରୁତି ଅନୁସାରେ, ବିରିକୋଟ କ୍ଲଷ୍ଟରର ସିଆରସିସି ଜୟ ସିଂ ମାଝୀ ଏବଂ ପିଣ୍ଡାପଦର ବିଦ୍ୟାଳୟର ଶିକ୍ଷକ ମାଧବ ସବରଙ୍କୁ ବିରିକୋଟକୁ ଡେପୁଟେସନରେ ନିଯୁକ୍ତି ଦିଆଯାଇଛି। ଏହି ନିଷ୍ପତ୍ତି ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ବିଦ୍ୟାଳୟର ତାଲା ଖୋଲାଯାଇଥିଲା। ସୋମବାରରୁ ପିଲାମାନେ ପୁନର୍ବାର ପରୀକ୍ଷା ଦେବେ ବୋଲି ସହମତି ହୋଇଛି।



ଆଲୋଚନାବେଳେ ଅଧିକାରୀ, ସ୍କୁଲ କମିଟି ସଭ୍ୟ

## ନିଆଁ ଲାଗି ନଷ୍ଟ ହେଲା ନୀଳଗିରି, କାଜୁ ବାଗିଚା

କର୍ଲାମୁଣ୍ଡା, ୧୫।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିରେ ଅଗ୍ନିକାଣ୍ଡରେ ବହୁ କ୍ଷତି ଘଟିଛି। ଶନିବାର ବିଜାପାଟି ଗାଁ ନିକଟରେ ଥିବା ଏକ ନର୍ସରୀରେ ହଠାତ୍ ନିଆଁ ଲାଗିଥିବାରୁ ଗ୍ରାମର ସୁରେଶ ଚୌଧୁରୀ ଓ ଭୂପିନ୍ଦର ଚୌଧୁରୀଙ୍କ ପ୍ରାୟ ୨ ଏକର ନିଳଗିରି ଓ ପ୍ରାୟ ୧ ଏକର କାଜୁ ବାଗିଚା ନଷ୍ଟ ହୋଇଥିବା ଜଣାପଡ଼ିଛି। ତେବେ ଅଗ୍ନିଶମ ବିଭାଗର ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାର ୪୫ ମିନିଟ ପରେ ଅଗ୍ନିଶମ ଟିମ୍ ପହଞ୍ଚି ଥିଲେ। ଫଳରେ ନିଆଁ ଆୟତ୍ତ କରାଯାଇପାରିଲା ନାହିଁ ବୋଲି ଭୂପିନ୍ଦର ଚୌଧୁରୀ ଅଭିଯୋଗ କରିଛନ୍ତି। ଏଣୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଭବାନୀପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ

ଭବାନୀପାଟଣା,୧୫।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଗାନ୍ଧୀଛକ ସ୍ଥିତ ଦୁର୍ଗା ମନ୍ଦିର ସମ୍ମୁଖରେ କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ଓ ଗାୟତ୍ରୀ ପରିବାର ପକ୍ଷରୁ ରବିବାର ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ବିଶ୍ୱର ସାମୂହିକ କଲ୍ୟାଣ ପାଇଁ ଆହୁତି ସମର୍ପିତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱର ସମୂହ କଲ୍ୟାଣ, ଉପୁଜୁଥିବା ଅନିଶ୍ଚିତତା, ଯୁଦ୍ଧ ପରିଣାମକୁ ଲକ୍ଷ୍ୟ କରି କିଭଳି ବିଶ୍ୱରେ ଶାନ୍ତି ସ୍ଥାପନ ହୋଇପାରିବ, ସେଥି ନିମିତ୍ତ ଯଜ୍ଞ ଆୟୋଜନ ହୋଇଛି ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପତଞ୍ଜଳି ଯୋଗ ସମିତି ଜିଲା ମହାମନ୍ତ୍ରୀ ଗଜେନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ।



ଭବାନୀପାଟଣାରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ।

# ଥୁଆମୂଳ ରାମପୁର ଡାକ୍ତରଖାନାରେ ଅବ୍ୟବସ୍ଥା

ଥୁଆମୂଳ ରାମପୁର, ୧୫।୩(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲାର ଦୁର୍ଗମ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବେ ଅବ୍ୟବସ୍ଥାର ବଳୟରେ। ମେଡିକାଲ ସମ୍ମୁଖର ସୂଚନା ବୋର୍ଡଟି ଛିଣ୍ଡି ଝୁଲୁଥିବା ଦୃଶ୍ୟ ସ୍ୱାସ୍ଥ୍ୟସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ବୟାନ କରୁଛି। ଅଧିକାରୀଙ୍କ ସଫେଇ ଓ ବାସ୍ତବତା ଏନେଇ ସିଏଚସି ଅଧିକାରୀ ଡାକ୍ତର ପ୍ରଦୋଷ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, 'ସୂଚନା ବୋର୍ଡ ଝୁଲି ରହିଥିବା କଥା ଆମ ନଜରକୁ ଆସିଛି, ଏହାର ତୁରନ୍ତ ମରାମତି କରାଯିବ। ଅଧିକାରୀଙ୍କ କହିବା ଅନୁଯାୟୀ: ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ସରକାରୀ ସ୍ତରରେ ନହୋଇ ବେସରକାରୀ ସଂସ୍ଥା ଆଉଟସୋର୍ସିଂ ମାଧ୍ୟମରେ ହେଉଛି, ଯାହା ସେମାନଙ୍କ ନିୟନ୍ତ୍ରଣ ବାହାରେ। କ୍ଲର୍କ ଓ କାର୍ଯ୍ୟାଳୟ କାର୍ଯ୍ୟ ବର୍ତ୍ତମାନ ଜଣେ ଇନଚାର୍ଜଙ୍କ ଦ୍ୱାରା କାମ ଚଳାଉଛି। ରେଡିଓଗ୍ରାଫର ପଦବୀ ଖାଲି ଥିବାରୁ ଜଣେ ଡାକ୍ତର ଇନଚାର୍ଜ ଭାବେ ଏକ୍ସ–-ରେ ସେବା ପ୍ରଦାନ କରୁଛନ୍ତି, ଯାହା ସପ୍ତାହକୁ ମାତ୍ର ଥରେ ମିଳୁଛି। ସ୍ତ୍ରୀ ରୋଗ, ଶିଶୁ ରୋଗ ଓ ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଁ ବିଶେଷଜ୍ଞ ଦେବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ଆଗାମୀ ଦିନରେ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅଧିକାରୀଙ୍କ ପ୍ରତିକ୍ରିୟା ସ୍ପଷ୍ଟ କରୁଛି ଯେ, ବ୍ଲକର ଏକମାତ୍ର ସ୍ୱାସ୍ଥ୍ୟ କେନ୍ଦ୍ରଟି ଏବେ 'ଇନଚାର୍ଜ ଓ 'ବେସରକାରୀ ବ୍ୟବସ୍ଥା' ଉପରେ ନିର୍ଭର କରୁଛି। ଇନଚାର୍ଜ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବା କେତେଦୂର ସଫଳ ହେବ, ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ସନ୍ଦେହ ପ୍ରକାଶ କରିଛନ୍ତି।

# ଯୁବକଙ୍କ ଜିଭ କାଟି ହତ୍ୟା

ଗୋଲାମୁଣ୍ଡା, ୧୫।୩(ବଟକୃଷ୍ଣ ପଣ୍ଡା)

କେଗାଁ ଥାନା କଣ୍ଟାମାଲ କୁରସୁଡ଼ ମୁଖ୍ୟ ରାସ୍ତାରେ ଜଣେ ଯୁବକଙ୍କ ଜିଭ ହତ୍ୟା କରାଯାଇଛି। ଏଭଳି ଅମାନନୀୟ ଘଟଣାରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ଜଣକ କଣ୍ଟାମାଳ ଗ୍ରାମର ଲକ୍ଷପତି ହଂସ (୨୮)। ଶନିବାର ଲକ୍ଷପତି ହଂସ ନିଜ ଶ୍ୱଶୁର ଘର ଘଣ୍ଟସଡାକୁ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇ ରାତିରେ ଗାଁକୁ ଫେରୁଥିଲେ। ହେଲେ ଅଭିଯୁକ୍ତମାନେ ଫେରିବା ବାଟରେ ଆକ୍ରମଣ କରି ଜିଭ କାଟି ଦେବା ସହିତ ଦେହରେ ଛୁରା ମାଡ଼ କରି ଫେରାର ମାରିଥିଲେ। ସକାଳେ ସ୍ଥାନୀୟ ଲୋକ ରାସ୍ତାକଡରୁ ଉଦ୍ଧାର କରି ପରିବାରକୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ବୋର୍ଡା ଡାକ୍ତରଖାନା ଓ ପରେ ଭବାନପାଟଣା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ହିଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ବର୍ତ୍ତମାନ କେଗାଁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ଆକ୍ରମଣ ସ୍ଥାନଟି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଧୀନରେ ରହିଥିବା ବେଳେ ସିନ୍ଧେକେଲା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। କେଉଁ ପରିସ୍ଥିତିରେ କଣ ପାଇଁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି। ତେବେ ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ପୋଲିସ କ୍ରିୟାଶୀଳ ହୋଇ ତଦନ୍ତ ସହ ସଂପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଧାନସଭାରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ

## ସିଜିମାଳି ଖଣି ବିବାଦ: ତଳଆମ୍ବ ପଦରରେ ରକ୍ତାକ୍ତ ସଂଘର୍ଷ ଘଟଣା

ଥୁଆମୂଳ ରାମପୁର, ୧୫।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ତଳଆମପଦର ଗ୍ରାମରେ ସିଜିମାଳି ଖଣି ଖନନକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ଉଗ୍ର ରୂପ ଧାରଣ କରିଛି। 'କମ୍ପାନୀର ଦଲାଲ' ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଓ ପରବର୍ତ୍ତୀ ପୋଲିସ କାର୍ଯ୍ୟାନୁଷ୍ଠାନ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୦ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ତଳଆମପଦର ଗ୍ରାମର ପବିତ୍ର ନାଏକଙ୍କ ଉପରେ ଗ୍ରାମର କେତେଜଣ ଲୋକ ଦଳବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣାର ପରଦିନ ଅର୍ଥାତ ୧୧ ମାର୍ଚ୍ଚ ରାତି ପ୍ରାୟ ୧ଟା ୧୦ରେ ପବିତ୍ରଙ୍କ ଭାଇ ମହେଶ୍ୱର ଜାଲଙ୍କ ଏତଲା ଭିତ୍ତିରେ କର୍ଲାପାଟ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କର୍ଲାପାଟ ଥାନା କେସ ନମ୍ବର (୧୦/୨୦୨୬) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ପୋଲିସ ଏପର୍ଯ୍ୟନ୍ତ ୧୧ ପୁରୁଷ ଓ ୧୦ ମହିଳାଙ୍କୁ ଗିରଫ କରିଛି। ବିଧାନସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିସାରି ଏବଂ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହି ପ୍ରସଙ୍ଗ ଉଠାଇଛନ୍ତି। ବିଧାୟକମାନେ ଅଭିଯୋଗ କରିଛନ୍ତି, କମ୍ପାନୀକୁ ସୁହାଇବା ପାଇଁ ପୋଲିସ ଏଭଳି କଠୋର ଦଫା ଲଗାଇଛି। ଗିରଫ ହୋଇଥିବା ମହିଳାଙ୍କ ମଧ୍ୟରେ କିଛି ଗର୍ଭବତୀ ଥିବା ବେଳେ ସେମାନଙ୍କୁ ମଧ୍ୟ ଜେଲରେ ରଖିବା ଅତ୍ୟନ୍ତ ଅମାନବୀୟ ବୋଲି ସେମାନେ ଦର୍ଶାଇଛନ୍ତି। ଅନ୍ୟପଟେ ଗ୍ରାମବାସୀଙ୍କ ଅଭିଯୋଗ, ପବିତ୍ର ନାଏକ ପୂର୍ବରୁ ଜଳ, ଜଙ୍ଗଲ ଓ ଜମି ସୁରକ୍ଷା ପାଇଁ ଚାଲିଥିବା ଆନ୍ଦୋଳନରେ ସାମିଲ ଥିଲେ। କିନ୍ତୁ ହଠାତ ସେ କମ୍ପାନୀର ଦଲାଲ ସାଜି ଲୋକଙ୍କୁ ଧୋକା ଦେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର ପାହାଡ଼, ଝରଣା ଓ ଜଙ୍ଗଲକୁ ବଞ୍ଚାଇବା ପାଇଁ ସେମାନେ ଦୀର୍ଘ ବର୍ଷ ଧରି ଲଢୁଥିବା ବେଳେ, ପ୍ରଶାସନ ଲୋକଙ୍କ କଥା ନ ଶୁଣି ଦମନମୂଳକ ନୀତି ଆପଣାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଘଟଣାକୁ ନେଇ କ୍ଷେତ୍ରରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ, ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ନାଚଗୀତରେ ଜମୁଛି ସୁଭଦ୍ରା ଶକ୍ତି ମେଳା




କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ନୂଆପଡ଼ା,୧୫।୩ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ ଠାରେ ଆୟୋଜିତ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ୫ମ ରଜନୀରେ ଷ୍ଟାର ନାଇଟ ଓ ସମ୍ବଲପୁରୀ ନାଚଗୀତରେ ମଞ୍ଚ ଦୁଲକିବା ସହ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ନୂଆପଡ଼ା ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିଳା ଉଦ୍ୟୋଗୀମାନେ ସେମାନଙ୍କ ଷ୍ଟଲ ମାଧ୍ୟମରେ ବିକ୍ରିବଟା କରୁଛନ୍ତି। ଏହା ସହିତ ଲୋକ ସଂସ୍କୃତି ଓ କଳାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ ସନ୍ଧ୍ୟା ଉତ୍ସାହ ଓ ଉଲ୍ଲାସମୟ ପରିବେଶରେ ଅନୁଷ୍ଠିତ ହୋଇଆସୁଛି। ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସୁଭଦ୍ରା ଶକ୍ତିମେଳାର ଗୁରୁତ୍ୱ ଓ ମହିଳା ସଶକ୍ତିକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହିଳା ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଜିଲା ତଥା ଜିଲା ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାଜ୍ଞସେନୀ, ତାରିକ ଅଜିଜ ଓ ସ୍ମୃତିଙ୍କ ଅର୍କେଷ୍ଟ୍ରା ଦର୍ଶକଙ୍କ ମନକୁ ମୋହି ନେଇଥିଲା । ଶେଷରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ରନ୍ଧନ ଗ୍ୟାସ୍ କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)


ସମୀକ୍ଷା ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀବୃନ୍ଦ।

ବରଗଡ଼ ଜିଲାରେ ଲିକ୍ୱିଫାଇଡ୍ ପେଟ୍ରୋଲିୟମ ଗ୍ୟାସ୍(ଏଲ୍‌ପିଜି), ପେଟ୍ରୋଲ ଏବଂ ଡିଜେଲ ଯୋଗାଣ ଏବଂ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ପାଇଁ ଶନିବାର ଜିଲାସ୍ତରୀୟ ନିରୀକ୍ଷଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ଜିଲାରେ ପେଟ୍ରୋଲିୟମ ଗ୍ୟାସ୍, ଡିଜେଲ ଏବଂ ପେଟ୍ରୋଲର ଉପଲବ୍ଧତା, ଯୋଗାଣ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ସମସ୍ତ ଏଲ୍‌ପିଜି ଏଜେନ୍ସି ଓ ପେଟ୍ରୋଲ ପମ୍ପଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମୀକ୍ଷା କରିଥିଲେ। ସାଧାରଣ ଲୋକଙ୍କୁ କୌଣସି ଅସୁବିଧା ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧତା ରଖି ସମୟୋପଯୁକ୍ତ ଭାବେ ଇନ୍ଧନ ବଣ୍ଟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ କଠୋର ନିରୀକ୍ଷଣ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଲାପାଳ ସମସ୍ତ ରନ୍ଧନ ଗ୍ୟାସ୍ ଓ ତୈଳ ଯୋଗାଣ କମ୍ପାନୀର ଯୋଗାଣ ଅଧିକାରୀଙ୍କୁ ଜିଲାରେ ଉପଲବ୍ଧ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ଆବଶ୍ୟକତା ତଥା ଉପଲବ୍ଧତା ବିଷୟରେ ସମୀକ୍ଷା କରିବା ପରେ ଖାଉଟିମାନେ ଅଯଥା ବୁକିଂ ନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ କହିଥିଲେ, ଜିଲାର ଆବଶ୍ୟକତା ଅନୁଯାୟୀ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି, ତେଣୁ ଖାଉଟିମାନେ ଅଯଥା ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକ ନାହିଁ। କଳାବଜାର ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ମନିଟରିଂ କମିଟି, ଦୁଇଟି ଉପଖଣ୍ଡ ସ୍ତରରେ ଟାସ୍କ ଫୋର୍ସ ସ୍କ୍ୱାଡ୍ ଗଠନ ସହିତ ପ୍ରତି ବ୍ଲକସ୍ତରରେ ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କଳାବଜାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ମଧ୍ୟ ଜିଲାପାଳ ଗୋୟଲ ସୂଚାଇ ଦେଇଥିଲେ। ସେହିପରି ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଜିଲା ଯୋଗାଣ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ହେଲ୍ପଲାଇନ ନମ୍ବର (୦୬୬୪୬୨୩୩୦୩୩) ଜାରି କରାଯାଇଛି। ଆବଶ୍ୟକ ସ୍ଥଳେ ଖାଉଟିମାନେ ଏହି ହେଲ୍ପଲାଇନ ନମ୍ବର କମ୍ବା ଜିଲାର ସମସ୍ତ ତୈଳ ଯୋଗାଣ କମ୍ପାନୀର ଅଧିକାରୀ ତଥା ଏଚ୍‌ପିସିଏଲ ଯୋଗାଣ ଅଧିକାରୀ(ନଂ.୮୩୫୬୮୪୫୭୮୯), ବିପିସିଏଲ ଯୋଗାଣ ଅଧିକାରୀ(ନଂ.୯୯୩୮୦୬୦୭୮୫) ଏବଂ ଆଇଓସିଏଲ ଯୋଗାଣ ଅଧିକାରୀ(ନଂ.୮୨୪୯୧୪୧୫୫୪)ଙ୍କୁ ଯୋଗାଯୋଗ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି । ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସମେତ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲିଗାଲ ମେଟ୍ରୋଲୋଜିର ଯୁଗ୍ମନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜାରରେ ବହଳ କଢ଼ର ପସରା

ପଦ୍ମପୁର,୧୫।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ସାପ୍ତାହିକ ବଜାର ସମେତ ବ୍ଲକ୍‌ର ବିଭିନ୍ନ ସାପ୍ତାହିକ ବଜାରରେ ବହଳ କଢ଼ ବିକ୍ରି ହେଉଛି। ଋତୁକାଳୀନ ଏହି ଜଙ୍ଗଲଜାତ ଦ୍ରବ୍ୟ ଖାଉଟିଙ୍କୁ ଆକୃଷ୍ଟ



କରୁଛି। ଚାହିଦା ଦୃଷ୍ଟିରୁ ଏହା କିଲୋ ପ୍ରତି ଦର ୩୦୦/୪୦୦ ଟଙ୍କା ଥିବା ବେଳେ ଏବେ ୧୫୦/୨୦୦ ଟଙ୍କାରେ ବିକ୍ରି ହେଉଛି। ତଥାପି ଗ୍ରାହକମାନେ ଅତି ଆଦରରେ କିଣି ନେଉଛନ୍ତି। ଗ୍ରାମାଞ୍ଚଳର ମହିଳା ପୁରୁଷମାନେ ଏହାକୁ ବିକ୍ରି କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି । ପଦ୍ମପୁର ବ୍ଲକର ବୁଢ଼ାଡଙ୍ଗର, ଖାଞ୍ଜି ପାହାଡ଼ ତଥା ଗନ୍ଧମାର୍ଦ୍ଦନ ଜଙ୍ଗଲ ଅଞ୍ଚଳରୁ ଏହା ସଂଗ୍ରହ ହୋଇ ବଜାରକୁ ବିକ୍ରି ପାଇଁ ଆସିଥାଏ।

### ପାଇକମାଲ ଗ୍ରାମପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ

ପାଇକମାଲ,୧୫।୩(ବେଢ଼ ଶତପଥୀ)

ପାଇକମାଲ ବ୍ଲକ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ପରିସରରେ ବିଜେଡି ଯୁବ ସଭାପତି ଗୌତମ ସିଂ ନେତୃତ୍ୱରେ ଆଗାମୀ ଗ୍ରାମପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଆସନ୍ତା ଗ୍ରାମପଞ୍ଚାୟତ ନିର୍ବାଚନରେ କିପରି ଦଳକୁ ବିଜୟୀ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଆସନ୍ତା ନିର୍ବାଚନରେ ଦଳର ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ପ୍ରତ୍ୟେକ କର୍ମୀଙ୍କୁ ସକ୍ରିୟ ଭାବେ କାମ କରିବାକୁ ମଧ୍ୟ ନେତୃତ୍ୱ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଜିଲା ଉପସଭାପତି ଟାଇଲ ଚନ୍ଦ୍ର ଭୋଇ ବିଧାୟୀକା ପ୍ରତିନିଧି ହୃଦାନନ୍ଦ ବାରିକ ଓ ସରପଞ୍ଚ , ସମିତିସଭ୍ୟ ତଥା ବହୁ ସଂଖ୍ୟକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ସୋହେଲାରେ ସମ୍ବିଧାନ ସୁରକ୍ଷା ମଞ୍ଚର ବୈଠକ

ସୋହେଲା ୧୫।୩(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାର ସମ୍ବିଧାନ ସୁରକ୍ଷା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରମେଶ କୁମ୍ଭାରଙ୍କ ତତ୍ତ୍ୱାବଧାରେ ଏହି ବୈଠକ ଆୟୋଜିତ ହୋଇଥିଲା। ସମ୍ବିଧାନ ସୁରକ୍ଷା ମଞ୍ଚର ଜିଲା ସମ୍ପାଦକ ବଳରାମ ଦୀପ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସୋହେଲା ବ୍ଲକ ପାଇଁ କମିଟି ଗଠନ କରାଯାଇଛି। ବ୍ଲକ ସଭାପତି ଭାବେ ବିଶ୍ୱନାଥ କୁମ୍ଭାର, ଉପସଭାପତି ଭାବେ ପ୍ରେମରାଜ ମହାନନ୍ଦ, ସମ୍ପାଦକ ଭାବେ ସୁଦାମ ସୁନା, କୋଷାଧ୍ୟକ୍ଷ ଭାବେ ଅଶ୍ୱିନୀ ମୁନା ସର୍ବସମ୍ମତ ଭାବେ ମନୋନୀତ ହୋଇଛନ୍ତି। ଆଗାମୀ ଏପ୍ରିଲ ୧୪ ତାରିଖରେ ସୋହେଲାରେ ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଦିବସରେ ଏକ ବିରାଟ ଜନସମାବେଶ କରି ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଗଠନକୁ ମଜବୁତ କରିବାକୁ ସାବିତ୍ରୀ ବାଇ ଫୁଲେଙ୍କ ନାମରେ ଏକ ଚେରିଟେବୁଲ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମାଜିକ କର୍ମୀ କୁମ୍ଭାର ଏହି ଟ୍ରଷ୍ଟର ସଭାପତି ରହିବେ। ସୁରେଶ କୁମ୍ଭାର, କୁଶ କୁମ୍ଭାର, ଦିଲ୍ଲୀପ ସୁନା, ନିଲାଞ୍ଚଳ ସୁନା, ବିଦ୍ୟାଧର ମହାନନ୍ଦ ପ୍ରମୁଖଙ୍କ ସହ ଶହଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ହତ୍ୟା ଅଭିଯୋଗ, ୩ ଅଟକ

ଝାରବନ୍ଧ,୧୫।୩(ଦେବେନ୍ଦ୍ର ସାହୁ) ଝାରବନ୍ଧ ଥାନା ଅନ୍ତର୍ଗତ ଶକ୍ତି ଗାଁରେ ଶନିବାର ରାତିରେ ସଦାନନ୍ଦ ସଗରିଆ(୫୧)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଝାରବନ୍ଧ ପୋଲିସ ରବିବାର ତିନିଜଣଙ୍କୁ ଅଟକ ରଖିଛି। ମୃତକଙ୍କ ଭାଇ ଥାନାରେ ଦେଇଥିବା ଅଭିଯୋଗ ମୁତାବକ, ରାତିରେ ସଦାନନ୍ଦ ନିକଟସ୍ଥ ଲେଉଗାଁରୁ ଫେରୁଥିବା ସମୟରେ କେତେଜଣ ଲୋକଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା। ସେଠାରେ ତାଙ୍କୁ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଆକ୍ରମଣରେ ଗୁରୁତର ସଦାନନ୍ଦଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାଜ୍ୟସ୍ତରୀୟ ଡୁମାଳ ମହାସଭା ଆରମ୍ଭ

**ଯୋଗଦେଲେ ୧୧ ଜିଲାର ପ୍ରତିନିଧି**

ଭେଡେନ,୧୫।୩(ହୃଷୀକେଶ ଖମାରୀ)



ରାଜ୍ୟସ୍ତରୀୟ ଡୁମାଳ ମହାସଭାରେ ବରଗଡ଼ ଏମ୍‌ପି ବକ୍ତବ୍ୟ ରଖୁଛନ୍ତି।

ବରଗଡ ଜିଲା ଭେଡେନ ବ୍ଲକ ପପଙ୍ଗାଠାରେ ରବିବାରରୁ ରାଜ୍ୟସ୍ତରୀୟ ଡୁମାଳ ମହାସଭା ଆରମ୍ଭ ହୋଇଛି । ସୋମବାର ପର୍ଯ୍ୟନ୍ତ ଏହି ମହାସଭା ଚାଲିବ। ଏହି ଅବସରରେ ପ୍ରଥମେ ବକଟି ଉମା ମାହେଶ୍ୱରୀ ମନ୍ଦିରରୁ ମାଁ ମାହେଶ୍ୱରୀଙ୍କର ଶାଳକା ବାଡ଼ି, ଛତ୍ର, ବଇରଗ, ଆଲମଙ୍କୁ ସଞ୍ଚାର ବାଦ୍ୟ, ପଞ୍ଚବାଦ୍ୟ ତାଳେ ତାଳେ ବରୁଆମାନେ ନାଚି ନାଚି ବିରାଟ ପଟୁଆରରେ ମହିଳାମାନଙ୍କ ସହ କଳସ ଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ପୂଜାସ୍ଥଳରେ ମାଁ ମାହେଶ୍ୱରୀଙ୍କର ପୂଜା କରାଯିବା ପରେ ଅତିଥିମାନଙ୍କ ଦ୍ୱାରା ମଞ୍ଚରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଥମ ଅଧିବେଶନର ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବୁଲୁ ଖମାରୀ ଓ ଲକ୍ଷ୍ମୀକାନ୍ତ ଖମାରୀ ମାଁ ମାହେଶ୍ୱରୀଙ୍କର ମାଳଶ୍ରୀ ଗାନ କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମହାସଭାର ଅଧକ୍ଷ ତଥା ବରଗଡ଼ ଜିଲା ସଭାପତି ଗଣେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ମୁଖ୍ୟ ଅତିଥି, ଡୁମାଲ ପରିଷଦର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ, ରାଜ୍ୟ ମହିଳା ସଭାନେତ୍ରୀ ହେମାବତୀ କରନ, ରାଜ୍ୟ ଯୁବ ସଭାପତି ଦୟାନିଧି ଖମାରୀ, ରାଜ୍ୟ ସମ୍ପାଦକ ଉଦିତ ପ୍ରତାପ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସଭାମଞ୍ଚରେ ଡୁମାଲ ସମାଜର ସାଙ୍ଗଠନିକ ଏବଂ ସାମାଜିକ ନିୟମାବଳୀ, ସ୍ମରଣିକା ପତ୍ରିକା ନବଜାଗରଣ, ଶାକ୍ତ କବି ତଥା ବେଜି ପଦ୍ମନ କର୍ଣ୍ଣଙ୍କ ଦ୍ୱାରା ରଚିତ କୁସୁମାଞ୍ଜଳି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଡୁମାଳ ଜାତିର ମହିଳାମାନଙ୍କୁ ନେଇ ମହିଳା ଅଧିବେଶନ ହୋଇଥିଲା। ରାଜ୍ୟ ସଭାନେତ୍ରୀ କରନ ଏଥିରେ ସଭାପତିତ୍ୱ କରିଥିଲେ। ତୃତୀୟ ଅଧିବେଶନରେ ରାଜ୍ୟ ସଭାପତି ମେଣ୍ଡଲୀଙ୍କ ସଭାପତିତ୍ୱରେ ବିଭିନ୍ନ ଜାତିଭିତ୍ତିକ ଅଭିଯୋଗର ସମାଧାନ କରାଯାଇଥିଲା। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ, ଦେବଗଡ଼, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, କଟକ ସମେତ ୧୧ ଜିଲାର ଜିଲା ସମ୍ପାଦକ,ସମସ୍ତ କେନ୍ଦ୍ରର ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଦସ୍ୟ, ସଦସ୍ୟବୃନ୍ଦ ଯୋଗଦାନ କରିଥିଲେ । ଶିକ୍ଷକ କେଶବ ଚନ୍ଦ୍ର ଛନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ବିର୍ମାଲ କ୍ରିକେଟ ପ୍ରିମିୟର ଲିଗ୍, ପାୱାର ଷ୍ଟ୍ରାଇକର ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବିର୍ମାଲ କ୍ରିକେଟ ପଡ଼ିଆଠାରେ ରବିବାର ଏକ ଦିବସୀୟ କ୍ରିକେଟ ବିର୍ମାଲ ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରମାଲ ଗ୍ରାମର ୪ଟି ଟିମ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ ପାୱାର ଷ୍ଟ୍ରାଇକର ଚାମ୍ପିୟନ ଏବଂ ବିର୍ମାଲ ୱାରିୟର ଦଳ ରନର୍ସ ଅପ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ନିର୍ମଳ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିକ୍ରମ ଭଇଁସାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଖେଳରେ ଜିତୁ ଦାଶ ମ୍ୟାନ ଅଫ ଦି ମ୍ୟାଚ, ଅମରେଶ ନନ୍ଦ ମେନ ଅଫ ଦି ଟୁର୍ନାମେଣ୍ଟ ଏବଂ ରିଟୁନ ସ୍ୱାଇଁ ବେଷ୍ଟ ବୋଲରଭାବେ ପୁରସ୍କୃତ ହୋଇଥିଲେ।

## ୮ ହାଇୱା ଜବତ, ୩.୬୬ ଲକ୍ଷ ଆଦାୟ

ଅତାବିରା, ୧୫।୩(ଯୁଧିଷ୍ଠିର ମହାପାତ୍ର)

ଦିନକୁ ଦିନ ବରଗଡ଼ ଜିଲାରେ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଜିଲାର ଅତାବିରା ସମେତ ଭିନ୍ନ ଭିନ୍ନ ସ୍ଥାନରେ ବାଲି ଚୋରା ଚାଲାଣ ରୋକିବାକୁ ଦାବି ହୋଇ ଆସୁଥିଲା। ଏହି କ୍ରମରେ ଅତାବିରା ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦୁଇଟି ରାସ୍ତାରେ ରବିବାର ସକାଳୁ ଚଢ଼ାଉ କରିଥିଲା। ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ଅତାବିରାରେ ୨ଟି ଓ ଗୋଡ଼ଭଗା-ଡୁରୁମ୍ ୫୪ ନମ୍ବର ରାଜ୍ୟ ରାଜପଥର ଗୋଡ଼ଭଗାଠାରେ ୬ଟି ହାଇୱାକୁ ଅଟକାଇ ପଚରାଉଚରା କରାଯାଇଥିଲା। ଆବଶ୍ୟକ କାଗଜପତ୍ର ନ ଥିବା ଏବଂ ଓଭରଲୋଡିଂ ଯୋଗୁ ହାଇୱାଗୁଡ଼ିକୁ ଜବତ କରି ଥାନାକୁ ଅଣାଯାଇଥିଲା। ପୋଲିସ ସୂଚନା ମୁତାବକ, ଆବଶ୍ୟକ କାଗଜପତ୍ର ଅଭାବରୁ ଓଡି ୧୫ଏଏ/୩୨୩୩ ଏବଂ ଓଡି ୧୫ଏଇ/୬୪୪୭ ହାଇୱା ବିରୋଧରେ ଦୁଇଟି ମାମଲା(ନଂ.୧୦୪/୨୬, ୧୦୫/୨୬) ରୁଜୁ କରାଯାଇଛି। ସେହିପରି ଓଭରଲୋଡିଂ ଯୋଗୁ ୩ ଲକ୍ଷ ୬୬ ହଜାର ୬୬୦ ଟଙ୍କା ଫାଇନ୍ ଆଦାୟ କରାଯାଇଥିବା ଅତାବିରା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

## ପଦ୍ମପୁର ଲାୟନ୍ସ କ୍ଲବର ହୋଲି ମିଳନ

ପଦ୍ମପୁର,୧୫।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ଶୁକ୍ରବାର ହୋଲି ମିଳନ ସହିତ ନୂତନ ଭାବେ ମନୋନୀତ ହୋଇଥିବା ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମେଜର ଚିତ୍ତ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲାୟନ୍ସ କ୍ଲବ ସଭାପତି ପ୍ରିତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡିଷ୍ଟ୍ରୀକ ଗଭର୍ଣ୍ଣର ବେଣୁ ମାଧବ ଦୋରା ଲାୟନ୍ସ କ୍ଲବର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନବ ନିର୍ବାଚିତ ମେଜର ଦାଶଙ୍କୁ ପଦ୍ମପୁରର ବିଭିନ୍ନ ସଂଗଠନ ଯଥା ନାଗରିକ କମିଟି, ଦୁର୍ଗା ପୂଜା କମିଟି, ବ୍ରାହ୍ମଣ ସମାଜ, ଶିତଳଷଷ୍ଠୀ କମିଟି ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲାୟନ୍ସ ରାଧା ମାଧବ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆକାଶବାଣୀ ଶ୍ରୋତାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ


କାର୍ଯ୍ୟକ୍ରମରେ ଆକାଶବାଣୀ ଶ୍ରେଷ୍ଠ ଶ୍ରୋତା ସମ୍ମାନ ପ୍ରଦାନ କରାଯାଉଛି।

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ସୋମବାର ଆକାଶବାଣୀ ଶ୍ରୋତା ସଂଘ, ବରଗଡ଼ର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା ଓ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଉପ ସଭାପତି ଜଗନ୍ନାଥ ସାହୁ, ସହ ସମ୍ପାଦକ ସୁଦାମ ସାହୁ, ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କୋଷାଧ୍ୟକ୍ଷ ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରୋତା ସଂଘ ପୁନର୍ଗଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ନୂତନ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଜଗନ୍ନାଥ ସାହୁ, ଆକାଶ ବାଣୀ ସମ୍ବଲପୁର କେନ୍ଦ୍ରର କୈବର୍ତ୍ତ ସାହୁ, ବିରୂପାକ୍ଷ ପ୍ରଧାନ, ଉଦଘୋଷକ ସୂର୍ଯ୍ୟ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟ ନିର୍ଦ୍ଦେଶକ କେଶ ରଞ୍ଜନ ପ୍ରଧାନଙ୍କୁ ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୁଝାରୀ ସ୍ମୃତି ସମ୍ମାନ, ଭିକାରୀ ଚରଣ ପ୍ରଧାନଙ୍କୁ ଗୀତିକାର ସ୍ୱର୍ଗତ ଖିତିପତି ସାହୁ ସ୍ମୃତି ସମ୍ମାନ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାଶଙ୍କୁ ସ୍ୱର୍ଗତ ବିପିନ ବିହାରୀ ପ୍ରଧାନ ସାମାଜିକ କର୍ମୀ ସମ୍ମାନ, ବସନ୍ତ ମାଝୀଙ୍କୁ ସ୍ୱର୍ଗତ ଶାନ୍ତନୁ ବିଶାଳ ସ୍ମୃତି ସମ୍ମାନ ଏବଂ ନଳିନୀପ୍ରଭା ସାହୁଙ୍କୁ ସ୍ୱର୍ଗତ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଂଶୀରାମଙ୍କ ଜୟନ୍ତୀ, ହାତୀ ଧରି ଶୋଭାଯାତ୍ରା

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ବହୁଜନ ସମାଜ ପାର୍ଟି (ବିଏସପି) ଆନୁକୂଲ୍ୟରେ ରବିବାର ବାମସେଫ ଏବଂ ବିଏସପିର ସଂସ୍ଥାପକ କାଂଶିରାମଙ୍କ ୯୨ତମ ଜୟନ୍ତୀ ପାଳନ କରାଯାଇଛି। ବରଗଡ଼ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସମ୍ବଲପୁର ଜୋନସ୍ତରୀୟ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମୁଖ୍ୟ ପ୍ରଭାରୀ ନାରାୟଣ ଭେଷ୍ରାଙ୍କ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରାଜ୍ୟ ସଂଯୋଜକ ତଥା ପୂର୍ବ ବିଧାୟକ ଦାଉରାମ ରତ୍ନାକର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ବଲପୁର ଜୋନ ସହ ସଂଯୋଜକ ରାଜୁ ନନ୍ଦ, ଲାଲ ମନ ସୁନା, ଗାନ୍ଧି ମହାନନ୍ଦ, କୌଶିକ ସୁନା, ଦିଲୀପ ସିଂ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଜୟ କୁମ୍ଭାର, ରିଜବାନ ଖାନ, ଖଗେଶ୍ୱର ନାୟକ ବିଶିଷ୍ଟ ଅତିଥି ଏବଂ ଜୟରାମ ବାଘ, ସରୋଜ କୁମ୍ଭାର, ଅନିଲ ନାଏକ, ବାବୁଲ କିସାନ, ଝସକେତନ ଦୀପ, ରାଜନ ତାନ୍ତି, ଅନୁମତି ବାଗ, କୈଳାସ ଲୁହା ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ମୁଖ୍ୟ ଜୋନ ପ୍ରଭାରୀ ନାରାୟଣ ଭେଷ୍ରା ଉଦ୍‌ବେଗ ପ୍ରକାଶ ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟାୟ ଅତ୍ୟାଚାରରୁ ମୁକ୍ତି ପାଇଁ ରାଜ୍ୟରେ ବିଏସପି. ସରକାର ଆଣିବାକୁ ହେବ ବୋଲି ମୁଖ୍ୟ ଅତିଥି ଦାଉରାମ ରତ୍ନାକର ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି, ଆୟୋଜକ ହାତୀ ଧରି ଶୋଭାଯାତ୍ରାରେ ବରଗଡ଼ ସହର ପରିକ୍ରମା କରିଥିଲେ।

## ଏପ୍ରିଲ ଶେଷସୁଦ୍ଧା ଚାଲୁ ଚାଷୀ ପଞ୍ଜୀକରଣ

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସମତା ଭବନଠାରେ ରବିବାର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଗଠନର ଜିଲା ସଭାପତି ସୁଶୀଲ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତ ରବି ଋତୁରେ ଧାନ ବିକ୍ରି ପାଇଁ ଏକ ସିମିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପଞ୍ଜୀକରଣର ପ୍ରକ୍ରିୟାକୁ ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ କରାଯାଉ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଅଣଜଳସେଚିତ ଅଞ୍ଚଳର ଚାଷୀମାନଙ୍କୁ ବର୍ତ୍ତମାନର ବିଜୁଳି ବିଲକୁ ବାଧ୍ୟତାମୂଳକ କରାଯାଉଛି। ଅନ୍ୟପକ୍ଷରେ ଦେଶର ଅନେକ ରାଜ୍ୟରେ ସମ୍ପୃକ୍ତ ସରକାରମାନେ କୃଷି ପାଇଁ ଉଦ୍ଦିଷ୍ଟ ବିଜୁଳି ଦେୟ ମୁକ୍ତ କରୁଥିବା ବେଳେ ଓଡ଼ିଶା ସରକାର କମ୍ପାନୀକୁ ସୁହାଉଥିବା ଭଳି ନୀତି ଆଣୁଥିବା ବୈଠକରେ ଅଭିଯୋଗ ହୋଇଥିଲା। ଧାନ ପଞ୍ଜୀକରଣକୁ ଏକ ସରଳ ଓ ଚାଷୀଭିମୁଖୀ କରିବା ପାଇଁ ବୈଠକରେ ଦାବି ହୋଇଥିଲା। ଏହି ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଶିବ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ ଚଞ୍ଚଳ ପ୍ରଧାନଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ପୋଲିସ ନାଁରେ ଠକେଇ ଅଭିଯୋଗ, ଅଭିଯୁକ୍ତ ଗିରଫ

ଅତାବିରା,୧୫।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଥାନା ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ରବିବାର ନକଲି ପୋଲିସ ଭାବରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଗିରଫ ନକଲି ପୋଲିସ ହେଲେ ବରଗଡ଼ ଟାଉନ ଥାନା ଘୁଲିପାଲିର ବିକ୍ରମ ବେହେରା (୩୩) । ବିକ୍ରମ ୨୦୨୧ରେ ମଧ୍ୟ ନକଲି ଆର୍‌ଟିଓ ସାଜି ବରଗଡ଼ ପୋଲିସ ହାତରେ ଗିରଫ ହୋଇଥିଲେ । ରବିବାର ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଡୁରୁକୁଶୁମଠାରେ ନକଲି ପୋଲିସ ଓଡ଼ିଶା ପୋଲିସ ଲେଖାଥିବା ଡ୍ରେସ୍ ପିନ୍ଧି ଲୋକଙ୍କୁ ଡରାଉଥିଲେ। ଏଥିସହ ପୋଲିସ ନାଁରେ ଆତଙ୍କ ସୃଷ୍ଟିକରୁଥିବା ସମୟରେ ଭିଡିଓ ଉତ୍ତୋଳନ କରିଥିଲେ। ଏହାପରେ ନକଲି ପୋଲିସ ବୋଲି ଜାଣି ଗ୍ରାମବାସୀ ଅତାବିରା ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଅତାବିରା ଥାନାକୁ ଆଣି ଅଧିକ ପଚରାଉଚରା ଜାରି ରଖିଛି। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ. ୧୦୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି। ତେବେ ଅଭିଯୁକ୍ତଙ୍କ ଜଣେ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ୨୧ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରନ୍ଧନ ଗ୍ୟାସର କଳାବଜାର ଚାଲିଥିବା ଅଭିଯୋଗ ହୋଇଛି। ତେବେ ଏଭଳି କଳାବଜାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ଆଦିତ୍ୟ ଗୋୟଲ ନିର୍ଦ୍ଦେଶ ଦେବା ପରେ ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତତ୍ପର ହୋଇ ପଡ଼ିଛି। ରବିବାର ଏହି ବିଭାଗର ଏକ ଟିମ ସରସରା ଗ୍ରାମର ଜଣଙ୍କର ଘରେ ଗଚ୍ଛିତ ରହିଥିବା ୨୧ଟି ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଜବତ କରିଥିବା ସୂଚନା ମିଳିଛି।

## ପଦ୍ମପୁର ଉପଖଣ୍ଡରେ ହ୍ରାସପାଉଛି ଭୂତଳ ଜଳ

ପଦ୍ମପୁର,୧୫।୩(ପ୍ରଦୀପ୍ତ ଦାଶ)



■ ବୋର୍‌ୱେଲ ଦ୍ୱାରା ହେଉଛି ରବିଧାନ ଚାଷ

■ ବର୍ଷାଜଳକୁ ସଂରକ୍ଷଣ କରାଯାଉନି

ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଗତ ୫ ବର୍ଷରେ ଉପଖଣ୍ଡରେ ତୀବ୍ର ବେଗରେ କମୁଛି ଜଳସ୍ତର। ସରକାରୀ ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୧ ମିଟର ଜଳସ୍ତର କମୁଛି । ଫଳରେ ଖରାଦିନେ ପଦ୍ମପୁର ସହର ସମେତ ଗାଇସିଲେଟ, ବିଜେପୁର, ସୋହେଲା, ପାଇକମାଲ, ଝାରବନ୍ଧ ଅଞ୍ଚଳରେ ଅଧିକ ଜଳସଙ୍କଟ ଦେଖାଦେଇଥାଏ। ବୋର୍‌ୱେଲଗୁଡ଼ିକରେ ୩/୪ଏଚ୍‌ପି ମୋଟର ଲଗାଇ ଭୂତଳ ଜଳକୁ ଉତ୍ତୋଳନ କରି ଚାଷ କରାଯାଉଛି। ଭୂତଳ ଜଳ ବ୍ୟବହାର କରି ରବିଋତୁରେ ଉପଖଣ୍ଡର ହଜାର ହଜାର ହେକ୍ଟର ଜମିରେ ଧାନଚାଷ କରାଯାଉଛି। ଏଥିଯୋଗୁ ଏଭଳି ଚିନ୍ତାଜନକ ସ୍ଥିତି ସୃଷ୍ଟି ହେଉଛି। ଗତ ୫ରୁ ୭ ବର୍ଷ ମଧ୍ୟରେ ୨ ରୁ ୩ପ୍ରତିଶତ ଜଳସ୍ତର ହ୍ରାସ ପାଇଥିବା ଜଳ ସଂପଦ ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଜଳସ୍ତର ହ୍ରାସ ଯୋଗୁ ଅନେକ ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁନାହିଁ। ସେହିପରି ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଗ୍ରାମାଞ୍ଚଳ ପାଇଁ ସ୍ୱପ୍ନ ହୋଇଛି। ପଦ୍ମପୁର ଉପଖଣ୍ଡରେ ପ୍ରାୟ ୯୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଝାରବନ୍ଧ ଓ ପାଇକମାଲ ଅଞ୍ଚଳର ଚାଷୀ ରବିଚାଷ ପାଇଁ ମଧ୍ୟମ ଜଳସେଚନ ଯୋଜନାରେ ଚାଷ କରୁଥିବା ବେଳେ କିଛି ଚାଷୀ ଭୂତଳ ଜଳରେ ରବିଚାଷ କରିଥାନ୍ତି। ସେହିପରି ପଦ୍ମପୁର, ମେଲ୍‌ଛାମୁଣ୍ଡା, ବରିହା ପାଲି, ଗୁଦେରପାଲି, ବିଜେପୁର ଅଞ୍ଚଳର ଅଧିକାଂଶ ଚାଷୀ ଭୂତଳ ଜଳରେ ରବିଧାନ ଚାଷ କରିଥାନ୍ତି। ବିଶେଷକରି ଓ ଏଲ ଆଇ ସି ଦ୍ୱାରା ବିଜୁ କୃଷକ ବିକାଶ ଯୋଜନାରେ ସାଧାରଣ ବର୍ଗ ପାଇଁ ୨୦ ହଜାର ଓ ଅନୁସୂଚିତ ଜାତି, ଜନଜାତି ପାଇଁ ୧୦ହଜାର ଟଙ୍କାରେ ସରକାର ବୋରୱେଲ ଖୋଳି ଦେଇଥିଲେ। ଏହି ବୋରୱେଲ ଦ୍ୱାରା ଅଣଧାନ ଚାଷ କରିବା ପାଇଁ ନିୟମ ଥିବାବେଳେ ଲୋକେ ଧାନ କୁଇଣ୍ଟାଲ ୩୧୦୦ରେ ଆକର୍ଷିତ ହୋଇ ଅଧିକାଂଶ କେବଳ ଧାନଚାଷ କରୁଛନ୍ତି। ଧାନଚାଷରେ ପ୍ରଚୁର ଜଳର ଆବଶ୍ୟକ ଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ନଦୀ ନାଳ ଜଙ୍ଗଲ ପରିବେଷ୍ଟିତ ଏହି ଉପଖଣ୍ଡରେ ପୂର୍ବରୁ ୩୦/୪୦ ଫୁଟରେ ପାଣି ବାହାରୁଥିବା ବେଳେ ଏବେ ୨୦୦ଫୁଟ ଖୋଳିଲେ ମଧ୍ୟ ପାଣି ବାହାରୁ ନାହିଁ, ଯାହାକି ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ହୋଇଛି। ଅପରପକ୍ଷରେ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଛାତ ଉପରେ ବର୍ଷାଜଳ ସଂରକ୍ଷଣ ସଂରଚନା ଯୋଜନା ସରକାରୀ ଓ ବେସରକାରୀ କୋଠାରେ ଆରମ୍ଭ ହୋଇଛି। ତେବେ ଆବଶ୍ୟକ ସଚେତନତା ସୃଷ୍ଟି ହେଉ ନ ଥିବାରୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ସରକାର ଏଦିଗରେ ଗୁରୁତ୍ୱର ସହିତ ବିଚାର କରି ଭୂତଳ ଜଳର ଅପଚୟ ରୋକିବା ସହିତ ଜଳ ସଂରକ୍ଷଣ ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ମାରୁଛି କରେଣ୍ଟ, ପଥଚାରୀ ଭୟଭୀତ

ରାଉରକେଲା, ୧୫।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ଫ୍ଲାଏଓଭର ବ୍ରିଜ୍ ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଛୁଇଁଲେ କରେଣ୍ଟ ମାରୁଛି। ଫଳରେ ଉକ୍ତ ବ୍ରିଜ୍‌ରେ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ଓଭର ବ୍ରିଜ ଉପରେ ସମୁଦାୟ ୨୨ଟି ବିଦ୍ୟୁତ୍ ଖୁଣ୍ଟ ରହିଥିବାବେଳେ ସେଥିରୁ ଗୋଟିଏ ବିଦ୍ୟୁତ ଖୁଣ୍ଟର ତାର ଛିଡି ଯାଇଛି। ବିଦ୍ୟୁତ ଖୁଣ୍ଟ ତଳୁ ଏହି ତାରଟି ଛିଡିଯାଇଥିବାରୁ ଏଠାରେ ସ୍ପାର୍କିଂ ହୋଇ ନିଆଁ ବାହାରୁଛି। ଏହି ଓଭରବ୍ରିଜ ପାଦଚଲା ରାସ୍ତାରେ ମର୍ନିଂ ୱାକ୍‌ରେ ଯାଉଥିବା ଲୋକମାନେ ଏହାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ବିଦ୍ୟୁତ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସିର ଷ୍ଟ୍ରିଟ୍ ଲାଇଟ୍ ବିଭାଗର ବରିଷ୍ଠ ଅଧିକାରୀ ମାନସ ବିଶ୍ୱାଳଙ୍କୁ ପଚାରିବାରୁ ସୋମବାର ସୁଦ୍ଧା ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ମତବ୍ୟକ୍ତ କରିଥିଲେ।

### ଇସ୍କନ୍‌ର ହରିନାମ ସଂକୀର୍ତ୍ତନ

ରାଉରକେଲା, ୧୫।୩(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ପକ୍ଷରୁ ରବିବାରଠାରୁ ପ୍ରଭାତ ଫେରୀ ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ ଶ୍ରୀରାଧାକୃଷ୍ଣଙ୍କୁ ଏକ ରଥରେ ସଜ୍ଜିତ କରି ବାସନ୍ତୀ କଲୋନୀ ଭ୍ରମଣ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ହରିନାମ ସଂକୀର୍ତ୍ତନରେ କଲୋନୀ ପରିବେଶ ଭକ୍ତିମୟ ହୋଇ ଉଠିଥିଲା। ଏଥିରେ କଲୋନୀର ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

### ମନ୍ଦିର ରୋଷେଇ ଗୃହ ଉଦ୍‌ଘାଟିତ

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୬ ସ୍ଥିତ ତାରା ତାରିଣୀ ମନ୍ଦିର ପରିସରରେ ନୂତନ ରୋଷେଇ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ପି ଅଫିସର ସଂଘର ପୂର୍ବତନ ସଭାପତି ବିମଳ ବିଶି ଏହାକୁ ଉଦ୍‌ଘାଟନ କରିଥିଲେ। ତାରା ତାରିଣୀ ମନ୍ଦିର ଟ୍ରଷ୍ଟ ସଭାପତି ବିଶ୍ୱଜିତ ଜେନା, ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ଭାସ୍କରନନ୍ଦ, ରମାକାନ୍ତ ମହାରଣା, ସୁଶାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ମାର୍କେଟ୍‌ରେ ଚୋରି, ବ୍ୟବସାୟୀ ଭୟଭୀତ

ରାଉରକେଲା, ୧୫।୩(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୮ ଡେଲି ମାର୍କେଟ ଅଞ୍ଚଳରେ କ୍ରମାଗତ ଚୋରି ଯୋଗୁ ବ୍ୟବସାୟୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସେକ୍ଟର-୧୮ ଡେଲି ମାର୍କେଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଚୋର ଦୋକାନର ଛାତ ଓ ସିଲିଂ ଭାଙ୍ଗି ଇଲେକ୍ଟ୍ରିକ୍ ସାମଗ୍ରୀ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଦୋକାନରେ ପ୍ରାୟ ମାସେ ତଳେ ମଧ୍ୟ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଏଥର ଚୋରି କରିବା ସହିତ ଦୋକାନର ସିସିଟିଭି ଫୁଟେଜ୍ ରଖାଯାଇଥିବା ଡିଭିଆର ନେଇଯାଇଛନ୍ତି। ସେକ୍ଟର-୧୫ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ କରିଛି।

# ପ୍ରତିବାଦର ସ୍ୱର ଶାଣିତ କରନ୍ତୁ ମହିଳା



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା।

ରାଉରକେଲା, ୧୫।୩(ସଙ୍ଗୀତା ଜେନା)

ସମାଜ ସଂସ୍କାରକ ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ୨୮ତମ ପୁଣ୍ୟତିଥି ଜଗଦାସ୍ଥିତ ନବଜୀବନ ମଣ୍ଡଳ ପରିସରରେ ରବିବାର ପୂର୍ବାହ୍ନ ୧୦ଟା ୩୦ରେ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶ୍ରମିକ ନେତା ବୈଦ୍ୟନାଥ ଦାସ, ସ୍ୱାମୀ ଶିବାନନ୍ଦ, ରଘୁନାଥ ପଣ୍ଡା, ମନୋରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଭାପତି କିଶୋର ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରମିକ ନେତା ସଞ୍ଜୀବ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା, ବିକାଶ ଏବଂ ସ୍ୱାଧୀନତା ସମ୍ପର୍କରେ ଅତିଥିମାନେ ମତାମତ ଦେଇ କହିଲେ, ଓଡ଼ିଶାରୁ ୩ ଜଣ ମହିୟସୀ ନାରୀମାନଙ୍କ ମଧ୍ୟରୁ ଅନ୍ୟତମ ମାଳତୀ ଚୌଧୁରୀ ଦୂରଦୃଷ୍ଟି ସମ୍ପନ୍ନା ଥିଲେ। ଦେଶରେ ସ୍ୱାଧୀନତା ଆସିବା ପରେ ମହିଳା ସଶକ୍ତୀକରଣ, ନାରୀ ସ୍ୱାଧୀନତା, କୁସଂସ୍କାର ମୁକ୍ତ ସମାଜ, ବାଲ୍ୟବିବାହର ମୂଳୋତ୍ପାଟନରେ ବହ୍ନିକନ୍ୟାଙ୍କ ବିଶେଷ ଅବଦାନ ରହିଥିଲା। ସମ୍ପ୍ରତି ସମାଜରେ ପରିସ୍ଥିତି ଜଟିଳ ହେବାକୁ ବସିଲାଣି। ନାବାଳିକା, କିଶୋରୀ ଓ ମହିଳାମାନଙ୍କ ଉପରେ ପାଶବିକ ଅତ୍ୟାଚାର ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଏହାର ପ୍ରତିବାଦ କରିବା ପାଇଁ ମହିଳାମାନେ ନିଜ ସ୍ୱର ଶାଣିତ ଓ ତୀକ୍ଷ୍ଣ କରନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ପୁଣ୍ୟତିଥି ପାଳିତ

ଏହି ଅବସରରେ ମହିଳା ସ୍ୱାବଲମ୍ବନ କାର୍ଯ୍ୟକ୍ରମ ତଥା ବିଭିନ୍ନ କ୍ଷେତ୍ରରେ ଯୋଗଦାନ ଦେଇଥିବା ମହିଳାମାନଙ୍କୁ 'ମାଳତୀ ଚୌଧୁରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଆବାହିକା ସୁନନ୍ଦା ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଲେଇ ପ୍ରଶିକ୍ଷିକା ସୀମା ସିଂହ, ରୁବି ପଣ୍ଡା, ଆରାଧ୍ୟା ମହିଳା ସମିତି ସଭାପତି ହରପ୍ରିୟା ପଟ୍ଟନାୟକ, ମୀନତି ମହାନ୍ତି, ମମତା ତ୍ରିପାଠୀ, ମା' ବାଟ ମଙ୍ଗଳା ମହିଳା ସମିତିର ସଭାପତି କୀର୍ତ୍ତିଲତା ପଣ୍ଡା, ସାଧାରଣ ସମ୍ପାଦିକା ବୀଣାପାଣି ପଟ୍ଟନାୟକ, ପ୍ରଗତି ବିଦ୍ୟାମନ୍ଦିରର ମଞ୍ଜୁକଳା ମହାପାତ୍ର, ସ୍ମୃତିରଞ୍ଜନ ରଣା, ହୃଷୀକେଶ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ତ୍ରିଲୋଚନ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ୩ ମଣ୍ଡଳରେ ଭାଜପାର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ନେତୃବୃନ୍ଦ।

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ଭାଜପା ରାଉରକେଲା ସାଙ୍ଗଠନିକ ଜିଲାର ତିନୋଟି ମଣ୍ଡଳରେ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶୁଭାରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ରଘୁନାଥପଲ୍ଲୀ କ୍ଷେତ୍ର ଆମ୍ବେଦକର ମଣ୍ଡଳ ସଭାପତି ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସେକ୍ଟର-୧୬ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ଜଗନ୍ନାଥ ମଣ୍ଡଳ ସଭାନେତ୍ରୀ ମମତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସେକ୍ଟର-୧ କମ୍ୟୁନିଟି ସେଣ୍ଟର ଏବଂ ରାଉରକେଲା କ୍ଷେତ୍ରର କୋଏଲ ନଗର ମଣ୍ଡଳ ସାଧାରଣ ସମ୍ପାଦକ ବିଶ୍ୱନାଥ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଗଦାର ଶିବ ମନ୍ଦିର ପ୍ରାଙ୍ଗଣରେ ଗତ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଶିବିର ଗୁଡିକରେ ଭାଜପାର ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟିକୋଣ, କାର୍ଯ୍ୟ ପଦ୍ଧତି, ସରକାରଙ୍କ ସଫଳତା, ସୋସିଆଲ ମିଡିଆ, ବୁଥ୍ ପରିଚାଳନା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟୋଲୀର ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ପ୍ରାକ୍ତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ଅମରେନ୍ଦ୍ର ଶର୍ମା, ସତ୍ୟ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆଇଜିଏଚ୍‌ରେ ବିଶ୍ୱ କିଡ୍‌ନୀ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର, ନର୍ସ ଓ ରୋଗୀ।

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଗତ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡା. ଜୟନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନେଫ୍ରୋଲୋଜିଷ୍ଟ ଡା. ସରୋଜ କୁମାର ରାଉତ ଅତିଥି ବକ୍ତା ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ସିଏମ୍‌ଓ ଏବଂ ଏଚ୍‌ଓଡି (ମେଡିସିନ୍) ଡା. କେ. ଏଲ୍. ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ। ଆଇଜିଏଚ୍‌ର ବହୁ ଡାକ୍ତର, ନର୍ସ, କିଡ୍‌ନୀ ରୋଗୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଡା. ଆଚାର୍ଯ୍ୟ ସମାବେଶକୁ ସମ୍ବୋଧିତ କରି ଦୀର୍ଘକାଳୀନ କିଡ୍‌ନୀ ରୋଗକୁ ରୋକିବା ନିମନ୍ତେ ସାମୁଦାୟିକ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର କେ. ଏଲ୍. ହେମ୍ବ୍ରମ ବିଶ୍ୱ ବୃକକ୍ ଦିବସ ପାଳନ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ଉପରେ ନିଜର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଏହି ଅବସରରେ ବୃକକ୍ ଯତ୍ନ ଓ ଚିକିତ୍ସାକୁ ବର୍ଣ୍ଣନା କରୁଥିବା ଶିକ୍ଷାଗତ ସାମଗ୍ରୀ ଏବଂ ଡାଏଲିସିସ୍ କିଟ୍ ବଣ୍ଟନ କରାଯାଇଥିଲା। ବରିଷ୍ଠ ନର୍ସିଂ ଅଧିକାରୀ ସୁଶ୍ରୀ ଅନିତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡକ୍ଟର ଏମ୍. ସାମନ୍ତରାୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସ୍ୱାସ୍ଥ୍ୟସେବାର ଲାଭ ବିଷୟରେ ସୂଚନା ଦେଇଥିଲେ। ମାଟ୍ରନ୍ ସୁଶ୍ରୀ ମୀରା ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ହାତୀ ଘଉଡ଼ାଇବାରେ ବନ କର୍ମଚାରୀଙ୍କୁ ସହଯୋଗ ପାଇଁ ଆହ୍ୱାନ

ରାଉରକେଲା, ୧୫।୩ (ଦିନେଶ ମିଶ୍ର)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିଜୁୱେ ଏକ୍ସପ୍ରେସ ନିକଟ ବେଲଡିହି ଅଞ୍ଚଳରେ ବୁଲୁଥିବା ଏକ ବୃଦ୍ଧ ଦନ୍ତା ହାତୀଙ୍କୁ ହଇରାଣ ନ କରିବା ପାଇଁ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସହରବାସୀଙ୍କୁ ନିବେଦନ କରିଛନ୍ତି। ହାତୀଟି ବୃଦ୍ଧ ହୋଇଯିବାରୁ ତାର ଚାଲିବା ଧୀର ହୋଇଯାଇଛି। ସେ ଗ୍ରାମ କିମ୍ବା ଜନବସତି ପାଖରେ ଖାଦ୍ୟ ଖାଇବାକୁ ବୁଲୁଛି। ବନ ବିଭାଗ ପକ୍ଷରୁ ତାର ଗତିବିଧି ଉପରେ ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ହାତୀଟି କୌଣସି କ୍ଷୟକ୍ଷତି କରିନାହିଁ। ତେଣୁ ବୃଦ୍ଧ ହାତୀକୁ ଜନସାଧାରଣ ହଇରାଣ ନ କରି ଘଉଡାଇବାରେ ବନ କର୍ମଚାରୀଙ୍କ ସହଯୋଗ କରନ୍ତୁ ବୋଲି ଡିଏଫଓ ସେଠୀ କହିଛନ୍ତି।

# ଏନ୍‌ଆଇଟିରେ ରକ୍ତଦାନ ଶିବିର, ୧୩୦ ୟୁନିଟ୍ ସଂଗ୍ରହ

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ରୋଟାରି କ୍ଳବ୍ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ପକ୍ଷରୁ ଏନ୍‌ଆଇଟି ବିକ୍ରମ ସାରାଭାଇ ହଲ୍ ଅଫ୍ ରେସିଡେନ୍ସଠାରେ ଶନିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିର ଏନଆଇଟି କ୍ୟାମ୍ପସ ସ୍ୱାସ୍ଥ୍ୟ ସେଣ୍ଟର ଏବଂ ଆର୍‌ଜିଏଚ୍ ବ୍ଲଡ୍ ବ୍ୟାଙ୍କ ସହଯୋଗରେ ହୋଇଥିଲା। ଶିବିରରେ ୧୩୦ ଜଣ ଏନ୍‌ଆଇଟି ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଏନ୍‌ଆଇଟିର ଡିନ୍ ଅଫ୍ ଷ୍ଟୁଡେଣ୍ଟସ ୱେଲଫେୟାର ପ୍ରଫେସର ନିରଞ୍ଜନ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହଷ୍ଟେଲର ଚିଫ୍ ୱାର୍ଡେନ୍ ପ୍ରଫେସର ସନ୍ତୋଷ କୁମାର ସାହୁ ଓ ହଷ୍ଟେଲ ୱାର୍ଡେନ୍ ପ୍ରଫେସର ପଙ୍କଜ ଶର୍ମା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ରୋଟାରି କ୍ଳବ୍ ଅଫ୍ ରାଉରକେଲା ଭାଇବ୍ରାଣ୍ଟର ଅଧକ୍ଷା ପ୍ରଫେସର ଡ. ମିନତି ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆରଜିଏଚ୍ ବ୍ଲଡ୍ ବ୍ୟାଙ୍କ ଇନ୍‌ଚାର୍ଜ ଡା. ମୈସା ସୋରେନ, ଏନଆଇଟି କ୍ୟାମ୍ପ ସ୍ୱାସ୍ଥ୍ୟ ସେଣ୍ଟର ମେଡିକାଲ ଅଫିସର ଓ ମୁଖ୍ୟ ଡା. ସମୀର ପଟ୍ଟନାୟକ ଏବଂ ଡା. ଅନିର୍ବାଣ ଘୋଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅଧକ୍ଷ ପ୍ରଶାନ୍ତ ରଞ୍ଜନ ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ରୋଟାରିଆନ୍ ଡା. କୃଷ୍ଣ ପ୍ରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ରଞ୍ଜନ ପାତ୍ର, ଡା. ସଞ୍ଜୁକ୍ତା ପତି, ଡା. ନିବେଦିତା ରାୟ ପଟ୍ଟନାୟକ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଅନିତା ନାୟକ, ନିରୂପମା ପତି ସହଯୋଗ କରିଥିଲେ।




ଶିବିରରେ ଅନୁଷ୍ଠାନର କର୍ମକର୍ତ୍ତା।

# ଆଜିଠୁ ପ୍ରତିବିମ୍ବ ନାଟ୍ୟ ସଙ୍ଗମ

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ପ୍ରତିବିମ୍ବ ନାଟ୍ୟାନୁଷ୍ଠାନ ପକ୍ଷରୁ ରାଉରକେଲା ସିଭିକ୍ ସେଣ୍ଟରରେ ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିବିମ୍ବ ନାଟ୍ୟ ସଙ୍ଗମ-୨୦୨୬ ଅନୁଷ୍ଠିତ ହେବ। ଏ ନେଇ ପ୍ରୟାସ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଆସନ୍ତା ୧୬ ତାରିଖରେ ପ୍ରତିବିମ୍ବ ଅନୁଷ୍ଠାନ ପକ୍ଷରୁ ପ୍ରଭାକର ପାତ୍ରଙ୍କ ରଚିତ ଓ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ନାଟକ 'ନିଲେଶ' ପରିବେଷଣ କରାଯିବ। ସେହିପରି ୧୭ରେ ରାଉରକେଲା ରଙ୍ଗମଞ୍ଚ ପକ୍ଷରୁ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ତଥା କୈଳାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅନୁସୃଜନ ଓ ନିର୍ଦ୍ଦେଶନାରେ ନାଟକ 'କାହ୍ନୁରେ' ପରିବେଷଣ ହେବ। ୧୮ରେ ଭୁବନେଶ୍ୱରର ମ୍ୟାଜିକ ଥିଏଟର ପକ୍ଷରୁ ପ୍ରଜ୍ଞାରଞ୍ଜନ ଖଟୁଆଙ୍କ ରଚିତ ଓ ନିର୍ଦ୍ଦେଶନାରେ ନାଟକ ନିଶାପ, ୧୯ରେ ପୁରୀ ପିପିଲିର ରଙ୍ଗ ଲୋକ ପକ୍ଷରୁ ତୁଷାରକାନ୍ତ ପଟ୍ଟନାୟକଙ୍କ ରଚିତ ଓ ଦୁର୍ଯ୍ୟୋଧନ ସାହୁଙ୍କ ନିର୍ଦ୍ଦେଶନାରେ ଏକକ ନାଟକ 'ବନ୍ଦୀ' ଏବଂ ୨୦ରେ ଭୁବନେଶ୍ୱରର ଅର୍ପଣ ସଂସ୍ଥା ପକ୍ଷରୁ ନାଟ୍ୟକାର ବିଶ୍ୱନାଥ ପତିଙ୍କ ରଚିତ, ଗୋବିନ୍ଦ ଜେନାଙ୍କ ନିର୍ଦ୍ଦେଶନାରେ ଏକକ ନାଟକ 'ନୀରବତାର ସ୍ୱର' ପ୍ରଦର୍ଶନ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ପ୍ରଭାକର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରଣବ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସାଗର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଆର୍‌ଏସ୍‌ପିରେ ରୋଶନି କର୍ମଶାଳା

ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅନ୍ତର୍ଗତ ସିପିଟିଆଇରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ଅନୁଷ୍ଠିତ ହୋଇଯାଇଛି। ଏହାର ଉଦଘାଟନୀ ଅଧିବେଶନରେ ସିଇଏସ୍ ବିଭାଗର ସିଜିଏମ୍ ଡି. କେ. ସାହୁ ମୁଖ୍ୟ ଅତିଥି, ସିଇଡ଼ି ବିଭାଗର ଜିଏମ୍ ଏସ୍. ଆର୍. ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ସିଏମ୍‌ଓ (ମେଡିକାଲ୍) ଡକ୍ଟର ଶିବଲକର, ସି ଆଣ୍ଡ ଆଇଟି ବିଭାଗର ଡିଜିଏମ୍ ଭି. ପି. ଆର୍ଯ୍ୟ, ବିତ୍ତ ଏବଂ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି. କେ. ଦାଶ, ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପି. ସି. ସାହୁ, ଏସ୍‌ପିପି ବିଭାଗର ଜିଏମ ଇନଚାର୍ଜ ଡକ୍ଟର ପି. କେ. ପାଢ଼ୀ, ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ପ୍ରମୁଖ କର୍ମଚାରୀମାନଙ୍କ ଅବସର ପରବର୍ତ୍ତୀ ଜୀବନ ଧାରଣ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମାନବ ସମ୍ବଳ (ଇଆର୍ ଏବଂ ସି) ବିଭାଗର ଏସ୍. ପି. ମାଝୀ ସ୍ୱାଗତ କରିଥିଲା ବେଳେ ଡେପୁଟି ମ୍ୟାନେଜର ଏସ୍. କେ. ନାୟକ, ଶ୍ରମ ନିରୀକ୍ଷକ କେ. କେ. ପରିଡା ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କର୍ମଶାଳାରେ ଉପସ୍ଥିତ ଆର୍‌ଏସ୍‌ପି ପଦାଧିକାରୀ।

# ଥଣ୍ଡା ପାନୀୟ ଜଳ ସୁବିଧା ଉଦ୍‌ଘାଟିତ

ରାଉରକେଲା, ୧୫।୩ (ବିପ୍ଳବ ରଞ୍ଜନ ଦାଶ)

ଲାୟନ୍ସ କ୍ଳବ୍ ଅଫ୍ ରାଉରକେଲା ବେଦବ୍ୟାସ ପକ୍ଷରୁ ରଙ୍ଗିଲା ଛକ ନିକଟସ୍ଥ ଶିବ ମନ୍ଦିର ପରିସରରେ ରବିବାର ଏକ ଥଣ୍ଡା ପାନୀୟ ଜଳ ସୁବିଧା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଲାୟନ୍ସ କ୍ଳବ୍ ସଭାପତି ପବନ ଅଗ୍ରୱାଲ, ସଚିବ ବିକାଶ ବିନ୍ଦଲ, ପାନୀୟ ଜଳ ପ୍ରକଳ୍ପ ଅଧକ୍ଷ ସୁଶୀଲ ଗୋୟଲ, ସହ ଅଧକ୍ଷ ପ୍ରବୀଣ ଗୋୟଲ, ମାରୱାଡି ମହିଳା ମଞ୍ଚ, ସାର ନଗରୀ ଶାଖା ସଭାପତି ନେହା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ମାରୱାଡି ମହିଳା ମଞ୍ଚ ସଚିବ ରିଙ୍କି ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ପାନୀୟ ଜଳ ସୁବିଧାର ରକ୍ଷଣାବେକ୍ଷଣ ଦାୟିତ୍ୱ ମାରୱାଡି ମହିଳା ମଞ୍ଚ ସାରନଗରୀ ଶାଖା ବହନ କରିବ ବୋଲି ଲାୟନ୍ସ କ୍ଳବ ପକ୍ଷରୁ ସୂଚନା ଦିଆଯାଇଛି।



ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଉଛି।

# ୨୦ରୁ ୪୯ତମ ବସନ୍ତ ମହୋତ୍ସବ

ରାଉରକେଲା, ୧୫।୩(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ମ୍ୟୁଜିକ ସର୍କଲ ସଭାକକ୍ଷରେ ରବିବାର ଉପଦେଷ୍ଟା ପ୍ରଫେସର ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରଫେସର ମୁଦାଲି ମ୍ୟୁଜିକ ସର୍କଲ ପକ୍ଷରୁ ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୪୯ ତମ ବସନ୍ତ ମହୋତ୍ସବ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଉତ୍ସବ ମେହେର ମଣ୍ଡପରେ ପାଳନ ହେବ ଏବଂ ପ୍ରତ୍ୟେକ ଦିନ ୨ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ହେବ। ପ୍ରଥମ ଦିନ ସକାଳ ୯ଟାରୁ ଆରମ୍ଭ ହୋଇ ଦିବସ ବ୍ୟାପୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ପ୍ରତିଯୋଗିତା ହେବ। ସନ୍ଧ୍ୟା ସାଢେ ୬ଟାରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ମ୍ୟୁଜିକ ସର୍କଲର କଳାକାରମାନଙ୍କ ଦ୍ୱାରା 'ଏଇ ଆମ ଟିକି ଗାଁ' ଓ କଲିକତାର ପୁଷ୍ପିତା ମୁଖାର୍ଜୀଙ୍କ ନେତୃତ୍ୱରେ ରବୀନ୍ଦ୍ର ସଙ୍ଗୀତ ନୃତ୍ୟ ପରିବେଷଣ କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କୁ ବିଭିନ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ମୁଦାଲି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, କାର୍ଯ୍ୟକାରୀ ସଦସ୍ୟା ସନ୍ଧ୍ୟା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ନିଖିଳେଶ୍ୱର ଦାଶ, ଉମାକାନ୍ତ ମଲ୍ଲିକ ସହଯୋଗ କରିଥିଲେ। ଉପଦେଷ୍ଟା ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ**

ରେଙ୍ଗାଲି,(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ଷ୍ଟେଶନ ବସ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ ଶିକ୍ଷା ଅଧିକାରୀ ସପ୍ତଶ୍ରୀ ମହାପାତ୍ର, ସ୍କୁଲ ପ୍ରଧାନଶିକ୍ଷକ ତୋଲାଧର ସାହୁ, ସିଆରସିସି ଲିଲି ସା, ଶିକ୍ଷୟିତ୍ରୀ ସନ୍ତୋଷିନୀ ମାହାଣା, ଗୀତା ପଣ୍ଡା, ହେମଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟଙ୍କା, ମୋବାଇଲ ଲୁଟ୍ ଅଭିଯୋଗରେ ଯୁବକ ଗିରଫ



କୁଚିଣ୍ଡା,୧୫।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଉଲୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଟଙ୍କା ଓ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଗୋପାଳପାଲି ଗ୍ରାମର ଲିପନ ଭଇଁଷା। ଶିବାନୀ ରଣାଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା ରୁଜୁ କରି ରବିବାର ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୧୨ଶହ ଟଙ୍କା ଓ ଚୋରି ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ଶିବାନୀ ରଣାଙ୍କ ଘରେ ଲିପନ ପଶି ଏକ ମୋବାଇଲ ଫୋନ ଓ ୪୦ ହଜାର ୨ ଶହ ଟଙ୍କା ଚୋରି କରି ନେଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଚିଣ୍ଡା,୧୫।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧିନ ଗୁଡ୍ରାପଡା ଗ୍ରାମ ଉପରବନ୍ଧ(ପୋଖରୀ) ହିଡ଼ରେ ଥିବା ଏକ ବରଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତକ ଗୁଡ୍ରାପଡା ଗ୍ରାମର ମୁକେଶ କିଷାନ(୨୬)। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁଯାୟୀ, ସକାଳେ ଗ୍ରାମବାସୀ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ କରିଥିଲା। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ମଶାଣିରୁ ବୃଦ୍ଧାଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

କୁଚିଣ୍ଡା,୧୫।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ମହାପାତ୍ର ବଲଣ୍ଡା ଗ୍ରାମ ମଶାଣିରୁ ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ଗଳିତ ମୃତଦେହ ଏକ ଗଛରୁ ଶନିବାର ଜବତ କରିଛି। ବୃଦ୍ଧା ଜଣକ ଗ୍ରାମର ବୃଷ କିଷାନ (୭୨)। ମୃତାଙ୍କ ପୁଅ ଦେହୁରୀ କିଷାନଙ୍କ ଏତଲାକ୍ରମେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୬)ରୁଜୁ କରି ପୋଲିସ ମୃତଦେହକୁ ଜବତ କରି କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି। ସୂଚନା ମତେ ବୃଷ ଗତ ୧୦ତାରିଖରୁ ନିଖୋଜ ଥିଲେ। ସକାଳୁ ଗାଁ ମଶାଣିର ଏକ ଗଛରେ ଗଳିତ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ମହୁଲପାଲି ପୋଲିସକୁ ସୂଚନା ଦେଇଥିଲେ। ବୃଦ୍ଧାଙ୍କ ମାନସିକ ଅବସ୍ଥା ଠିକ୍ ନଥିବା ତାଙ୍କ ପୁଅ ପୋଲିସକୁ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି ବୋଲି ମହୁଲପାଲି ଥାନା ଆଇଆଇସି ଇନ୍ଦ୍ରଦେବ ଓରାମ କହିଛନ୍ତି।

### ଭାଜପାରେ ମିଶିଲେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା

ନାକଟିଦେଉଳ,୧୫।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ନାକଟିଦେଉଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ତଥା ବିଜେଡି ନେତ୍ରୀ ମନ୍ଦାକିନୀ ରାଉଳ ଭାଜପାରେ ଯୋଗ ଦେଇଛନ୍ତି। ରବିବାର ବୁର୍ଲା ଏମ୍‌ସିଏଲ ଗେଷ୍ଟ ହାଉସଠାରେ ଆୟୋଜିତ ଭାଜପା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ମନ୍ଦାକିନୀଙ୍କ ସହ ବିଜେଡିର ବ୍ଲକ ସଭାପତି ମୂଳିଆ ରାଉଳ, ଘୋଷରାମାଳ ପଞ୍ଚାୟତ ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାଏକ, ନାକଟିଦେଉଳର ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ ଯୋଗଦେଇଥିଲେ।

# ଆଉ ଜଣଙ୍କୁ ଗିରଫକଲା ପୋଲିସ

## ବୁର୍ଲାରେ ବେଆଇନ ରନ୍ଧନ ଗ୍ୟାସ୍ ସିଲିଣ୍ଡର କାରବାର

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାରେ ବେଆଇନ ରନ୍ଧନ ଗ୍ୟାସ କାରବାରରେ ପୋଲିସ ଗତ ଗୁରୁବାର ମନ୍ଥନ ପ୍ରସାଦ ମାହାତୋ(୨୭)ଙ୍କୁ ଗିରଫ କରିଥିଲା। ଏହି କାରବାରରେ ରବିବାର ଅଉ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବରଗଡ଼ ଜଲା ବିଜେପୁର ଏଲ୍‌ପିଜି ଗ୍ୟାସ ବିତରକ ତଥା ପ୍ରତୀକ ଗ୍ୟାସ ଏଜେନ୍ସିର ମାଲିକ ଦିଲୀପ ପ୍ରଧାନ(୩୦)।

ଗତ ଗୁରୁବାର ସକାଳ ୮ଟାରେ ଘରୋଇ ରନ୍ଧନ ଗ୍ୟାସ ପରିବହନ କରୁଥିବା ଏକ ପିକ୍‌ଅପ୍ ଭ୍ୟାନ ବୁର୍ଲା–ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାସ୍ତାରେ ଥିବା ମେଟାକାନୀ ଢାବା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଏଥିରେ ବେଆଇନ୍ ଭାବେ ପରିବହନ ହେଉଥିବା ୬ଟି ସିଲ୍ଡ ଭାରତ ଗ୍ୟାସ ସିଲିଣ୍ଡରକୁ ପୋଲିସ ଜବତ କରିଥିଲା। ପରେ ବୁର୍ଲା ଅଟାଚକିପଡ଼ାରେ ଥିବା ତାଙ୍କ ଗୋଦାମରେ ଚଢ଼ାଉ କରି ଏଠାରେ ବେଆଇନ୍ ଭାବେ ଚଛିତ ଥିବା ଉଭୟ ଖାଲି ଓ ସିଲ୍ଡ ମିଶି ପ୍ରାୟ ୧୬୧ଟି ବିଭିନ୍ନ କମ୍ପାନୀର ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ପୋଲିସ ଜବତ କରିଥିଲା। ତେବେ ଏହାକୁ ନେଇ ବୁର୍ଲା ପୋଲିସ ତଦନ୍ତ ଜାରି ରଖଥିଲା। ତଦନ୍ତ ପୂର୍ବକ ଗିରଫ ଅଭିଯୁକ୍ତ ମନ୍ଥନଙ୍କୁ ପଚାରଉଚରା କରିବାରୁ ସେ ବିଜେପୁର ଗ୍ୟାସ ବିତରକ ଦିଲୀପଙ୍କଠାରୁ ଗ୍ୟାସ ସିଲିଣ୍ଡର ଆଣି ବ୍ଲକରେ ବିଭିନ୍ନ ଲୋକ ତଥା ବ୍ୟବସାୟିକ ଅନୁଷ୍ଠାନକୁ ଯୋଗାଇ ଥାଆନ୍ତି ବୋଲି ସ୍ୱୀକାର କରିଥିଲେ। ତାଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ବିଜେପୁରରେ ଚଢ଼ାଉ କରି ବେଆଇନ୍ ରନ୍ଧନ ଗ୍ୟାସ କାରବାରରେ ଲିପ୍ତ ଅଭିଯୋଗରେ ଦିଲୀପଙ୍କୁ ଗିରଫ କରିଥିଲା। ଏ ନେଇ ବୁର୍ଲା ଥାନାରେ ଏକ ମାମଲା(ନଂ. ୧୨୬/୨୬)ରେ ଦିଲୀପଙ୍କୁ ରବିବାର ପୋଲିସ କୋର୍ଟଚାଲାଣ କରିଛି।

# କାର୍ଯ୍ୟକାରୀ ହେଉନି ନିଷ୍ପତ୍ତି

## ଅନୁପ୍ରବେଶକାରୀ ଚିହ୍ନଟ ପ୍ରସଙ୍ଗ

ରେଢ଼ାଖୋଲ,୧୫।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରେ ବାଂଲାଦେଶୀ, ଝାରଖଣ୍ଡୀ ଅନୁପ୍ରବେଶ ରୋକିବାକୁ ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ୨୦୨୫ ଡିସେମ୍ବର ୨୯ତାରିଖରେ ଏ ନେଇ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ୨୦୨୬ ଜାନୁୟାରୀ ୫ ସୁଦ୍ଧା ସମସ୍ତ ଘର ମାଲିକ ନିଜ ଘରେ ରହୁଥିବା ଭଡ଼ାଟିଆଙ୍କ ସମ୍ପୂର୍ଣ୍ଣ ସୂଚନା ସ୍ଥାନୀୟ ଥାନାରେ ଦାଖଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିନା ପରିଚୟ ପତ୍ର ବା ତଥ୍ୟରେ କୌଣସି ବ୍ୟକ୍ତିଙ୍କୁ ଆଶ୍ରୟ ଦେଲେ ଘର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ହେଲେ ଇତିମଧ୍ୟରେ ୨ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ କିମ୍ବା ରେଢାଖୋଲ ଏନଏସି ପାଖରେ ଭଡାଟିଆଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ନାହିଁ। ପ୍ରଶାସନିକ ସ୍ଥାଣୁତା ଯୋଗୁ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ମନ୍ଥର ହେବାରେ ଲାଗିଛି। ଏନେଇ ପୋଲିସ ଏସ୍‌ଡିପିଓ ମେହେରଙ୍କୁ ପଚାରିବାରୁ ବୈଠକରେ ଏନଏସି କର୍ତ୍ତୃପକ୍ଷ ଜାନୁଆରୀ ୫ ତାରିଖ ମଧ୍ୟରେ ଭଡାଟିଆ ଓ ବାହାର ରାଜ୍ୟରୁ ଆସି ରେଢ଼ାଖୋଲ ସହରରେ ରହୁଥବା ସମସ୍ତ ବ୍ୟକ୍ତିଙ୍କ ତଥ୍ୟ ଦିଆଯିବ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆମକୁ ଏନଏସି ତରଫରୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ।

# ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଉଦ୍‌ଘାଟିତ



ମା’ ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

## ବିକଶିତ ଓଡ଼ିଶା ଗଠନରେ ମାରୱାଡ଼ି ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର)

ବିକଶିତ ଓଡ଼ିଶା ଗଠନରେ ମାରୱାଡ଼ି ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ପ୍ରସାର, ସମାଜକୁ ସୁସ୍ଥ ରଖିବା ଏବଂ ସେବା ମନୋଭାବ ବୃଦ୍ଧି କରିବାରେ ଏହି ସମାଜର କାର୍ଯ୍ୟ ଅତୁଳନୀୟ। ସମ୍ବଲପୁରର ଏକ ହୋଟେଲରେ ରବିବାର ପୂର୍ବାହ୍ନରେ ଆୟୋଜିତ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ ବକ୍ତବ୍ୟ ରଖି ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ମାରୱାଡି ସମାଜର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ଭାରତୀୟ ସଭ୍ୟତା ଓ ପରମ୍ପରାକୁ ଆଗକୁ ନେବାରେ ସେମାନେ ଯେଉଁଭଳି ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି, ଆଗାମୀ ଦିନରେ ମଧ୍ୟ ସେମାନେ ରାଷ୍ଟ୍ର ନିର୍ମାଣରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବେ ବୋଲି ଆଶାପ୍ରକଟ କରିଥିଲେ। ସମ୍ମାନୀତ ଅତିଥିଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇଥିଲେ। ଏହି ସମ୍ମେଳନରେ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ୭୮ଟି ଶାଖାର ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ସମ୍ମେଳନରେ ବିଶେଷ କରି ମାରୱାଡି ସଙ୍ଗଠନ ପକ୍ଷରୁ ହେଉଥିବା ସ୍ଥାୟୀ ଜଳଛତ୍ର, ଆମ୍ବୁଲାନ୍ସ ସେବା, ଶବବାହକ ଗାଡ଼ି, ଗୋଶାଳା ଏବଂ ଧର୍ମଶାଳା ନିର୍ମାଣ ଆଦି ବିଭିନ୍ନ ସେବାଧର୍ମୀ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା ହୋଇଥିଲା। ଏଥିରେ ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ, ପଶ୍ଚିମ ପ୍ରାନ୍ତ ଅଧ୍ୟକ୍ଷ ପୱନ ଗୋଏଙ୍କା, ନୂତନ ପ୍ରାନ୍ତ ଅଧ୍ୟକ୍ଷ ସୁବାଷ ଅଗ୍ରୱାଲ, ମହିଳା ସମିତି ରାଜ୍ୟ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ସମ୍ବଲପୁର ଜିଲା ଅଧ୍ୟକ୍ଷ ଶିଷରାମ ଅଗ୍ରୱାଲ, ରାଜକୁମାର ପୋଦାର ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷିତ ଶୈଶବ, ସୁରକ୍ଷିତ ଭାରତ କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୩ (ଭବାନୀ ଶଙ୍କର ଭୋଇ)

ଲୋକ ସେବା ସମ୍ବଲପୁର ପକ୍ଷରୁ ଖଣ୍ଡୁଆଳ ଗ୍ରାମରେ ସୁରକ୍ଷିତ ଶୈଶବ, ସୁରକ୍ଷିତ ଭାରତ ବିଷୟରେ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଓ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଶିଶୁ ଓ କିଶୋରୀକିଶୋର ଅଂଶଗ୍ରହଣ କରିଥିଲେ। ଅତିଥିଭାବେ ଏଲଆଇସି ସମ୍ବଲପୁର ଡିଭିଜନର ଅବସରପ୍ରାପ୍ତ ବ୍ରାଞ୍ଚ ମ୍ୟାନେଜର ନିବେଦିତା ଘୋଷ ଯୋଗଦେଇ ଶିଶୁମାନଙ୍କୁ ସୁରକ୍ଷିତ ଶିଶୁତ୍ୱ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ। ବସ୍ତି ଅଞ୍ଚଳରେ ରହିଥିବା ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିପାରୁ ନ ଥିବାରୁ ଖଣ୍ଡୁଆଳ ଭଳି ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟର ରାଜେନ୍ଦ୍ର ସତନାମୀ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ସୁରକ୍ଷିତ ଶିଶୁତ୍ୱ ଓ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ କହିଛନ୍ତି। ଲୋକସେବା ସମ୍ବଲପୁର ସଦସ୍ୟ ମସୁଦ ଆଲମ ଓ ବିଶ୍ୱଜିତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀରାମ ବାଟିକାରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ



କେନଘାଟି ଶ୍ରୀରାମ ବାଟିକାରେ ଅନୁଷ୍ଠିତ ବିଶ୍ୱଶାନ୍ତି ୨୪ ପ୍ରହର ଅଖଣ୍ଡ ନାମଯଜ୍ଞସ୍ଥଳୀରେ ସାଧୁସନ୍ଥମାନେ।

## ଭାଗନେଲେ ୨ ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର)

ସମ୍ବଲପୁର ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଆରମ୍ଭ ହୋଇଛି ବିଶ୍ୱଶାନ୍ତି ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ। ଏଥିରେ ଦେଶରୁ ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨ ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥଙ୍କ ସହ ୩୫ଟି ସଂକୀର୍ତ୍ତନ ମଣ୍ଡଳୀର ସାମାଗମ ହୋଇଥିଲେ। ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧ୍ୟକ୍ଷ ମହନ୍ତ ହୃଷୀକେଶ ଦାସଜୀ ମହାରାଜ, ମଠପାଲି ରାଣୀମଠ ମହନ୍ତ ବାସୁଦେବ ଜୀ ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ରାଧାଚରଣଜୀ ମହାରାଜ, ମହନ୍ତ ସମ୍ପାଦକ ନାଗା ବାବା ରଘୁବୀର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜୀ, ଚମ୍ବଲ ପିଠାଧିଶ୍ୱର ସୁନ୍ଦର ଦାସଜୀ ମହାରାଜ, ରଷିକୂଳ ଆଶ୍ରମର ଜୀବନ ବାବା ଯୋଗଦେଇଛନ୍ତି। ରବିବାର ଯଜ୍ଞସ୍ଥଳରେ ନାମଯଜ୍ଞ ଆୟୋଜକ କମିଟି ମୁଖ୍ୟ ଶତ୍ରୁଘନ ଲାଲ ସାହା ସାଧୁସନ୍ଥଙ୍କୁ ଉତ୍ତରୀୟ, ମିଷ୍ଟାନ୍ନ ପରଶି ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ସମ୍ବଲପୁର ଜିଲା ସଭାପତି ରାମ ଚନ୍ଦ୍ର ମେହେର, ପୂର୍ବତନ ବିଧାୟକ ନାଉରୀ ନାୟକ, ବରିଷ୍ଠ ନେତା ଗିରିଶ ପଟେଲଙ୍କ ଗହଣରେ ଯଜ୍ଞସ୍ଥଳୀରେ ସାଧୁସନ୍ଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସୋମବାର ନାମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ।

# କ୍ରିକେଟ ଟୁର୍ନାମେଣ୍ଟ: ଚାଉଁରପୁର ଚାମ୍ପିୟନ

ପଡିଆବାହାଲ,୧୫।୩(ରାଧାମୋହନ ଷଡଙ୍ଗୀ)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ସନାତନପାଲି କ୍ରିକେଟ କ୍ଲବ ପକ୍ଷରୁ ସନାତନପାଲିଠାରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ବୈରାଗୀପାଲିକୁ ହରାଇ ଚାଉଁରପୁର ଚାମ୍ପିୟନ ହୋଇଛି। ଗତ ୧୩ତାରିଖରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଘେନୁପାଲି ସରପଞ୍ଚ ଜଗତେଶ୍ୱର ମିର୍ଦ୍ଧା, ଯୁଯୁମୁରା ବ୍ଲକ ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ମିଶ୍ର, ସାମାଜିକ କର୍ମୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଓ ଗୁଣନିଧି ପ୍ରଧାନ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ବିରୁପାକ୍ଷ ପ୍ରଧାନ ସଭା ସଂଯୋଜନା କରିଥିଲେ। ଶୁକ୍ରବାର ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ଲିଃର ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ ଓ ସନ୍ତୋଷ ମହାକୁଡ଼ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ।

# ୨୫ତମ ଭାରତୀ ଉତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୫।୩(ଭବାନୀ ଶଙ୍କର ଭୋଇ)

ଦେଶବିଦେଶର ଭାରତୀ ବଂଶଧରମାନଙ୍କୁ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଏପ୍ରିଲ ୧ ତାରିଖରେ ଭାରତୀ ଉତ୍ସବ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ବୈଠକରେ ସମାଜର କ୍ଷେତ୍ରୀୟ ସଂଯୋଜକ ଡ. ସ୍ୱୟଂପ୍ରକାଶ ପଣ୍ଡା ସଭାପତିତ୍ୱ କରିଥିଲେ। ବୈଠକରେ ୨୫ତମ ଭାରତୀ ଉତ୍ସବ ଆୟୋଜନକୁ ସ୍ମରଣୀୟ କରିବା ପାଇଁ ସଦସ୍ୟ ମାନଙ୍କଠାରୁ ପ୍ରସ୍ତାବ ଆଗତ କରାଯାଇଥିଲା । ୧ ତାରିଖ ଅପରାହ୍ନ ୪ଟାରୁ ସମ୍ବଲପୁରୀ ଡେରାରେ କାର୍ଯ୍ୟକ୍ରମ ଆୟୋଜନ ନେଇ ସ୍ଥିର କରାଯାଇଥିଲା। ଏଥିରେ ବିଭିନ୍ନ ଜାତି ସମାଜକୁ ଦେଶ ଗଠନରେ ଯୋଗଦାନ ପାଇଁ ସମ୍ବର୍ଦ୍ଧିତ କରାଯିବ। ପୃଥିବୀର ବିଭିନ୍ନ ଦେଶରେ ରହୁଥିବା ଭାରତୀ ବଂଶଧରଙ୍କ ମଧ୍ୟରେ ଏକତା ଏବଂ ସମନ୍ୱୟ ସ୍ଥାପନ ସହ ଭାରତୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ନେଇ ଭାରତୀ ସମାଜର ଅନ୍ତରାଷ୍ଟ୍ରୀୟ ସଂଯୋଜକ ପଣ୍ଡିତ ଦେବେନ୍ଦ୍ର ଦତ୍ତ ଶର୍ମାଙ୍କ ବାର୍ତ୍ତା ବୈଠକରେ ଉପସ୍ଥାପନ କରାଯାଇଥିଲା। ବୈଠକରେ ଭାରତୀ ସମାଜ ମହାସଚିବ ଦେବୀ ପ୍ରସାଦ ଭୋଇ, ସଦସ୍ୟ କାର୍ତ୍ତିକ ପ୍ରସାଦ ବହିଦାର, ଅମିତାଭ ମାଝୀ, ଅଶୋକ ତ୍ରିପାଠୀ,ସୁରେନ୍ଦ୍ର ବର୍ଗାୱୀ, ସୁଷମା ପ୍ରଧାନ, ଗୋପବନ୍ଧୁ ସେନାପତି, ରାଜେଶ ସ୍ୱାଇଁ, ଦଶରଥ ମେହେର, ପ୍ରେମ ସାହାଣୀ ଉପସ୍ଥିତ ଥିଲେ।

# ମହୁଲ ଫୁଲର ଅଭାବୀ ବିକ୍ରି

ସମ୍ବଲପୁର,୧୫।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ଧାନଚାଷ ଏବଂ କେନ୍ଦୁପତ୍ର ସଂଗ୍ରହ ପରେ ମହୁଲ ଫୁଲ ସଂଗ୍ରହ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥନୀତିର ମୁଖ୍ୟ ଆଧାର। ବଡକଷ୍ଟରେ ମହୁଲ ଫୁଲ ସଂଗ୍ରହ ପରେ ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିବା ପାଇ ଲକ୍ଷ୍ୟରେ ଥିବା ମେହନତି ମଣିଷ କିନ୍ତୁ ତାହାର ଉପଯୁକ୍ତ ପ୍ରାପ୍ୟ ପାଉନାହିଁ। ମହୁଲ ସଂଗ୍ରହ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଅଭାବୀ ବିକ୍ରିର ଶିକାର ଲୋକେ ମଧ୍ୟସ୍ଥ ପାଖରେ କମ ମୂଲ୍ୟରେ ବିକ୍ରିକରି କ୍ଷତିରେ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଯୁଯୁମୁରା ବ୍ଲକ ମେଘାପଳ ଅଞ୍ଚଳର ଫିଲିସ୍ଥିନା କେରକେଟା କୁହନ୍ତି, ଆମେ ଦିନସାରା ଗୋଟାଇ ଜଣକ ଆଠରୁ ୧୦ କେଜି ମହୁଲ ଫୁଲ ସଂଗ୍ରହ କରିପାରୁଛୁ। ୪ କେଜି ମହୁଲ ଶୁଖିଲା ପରେ ସେଥିରୁ ଗୋଟିଏ କେଜି ଶୁଖା ମହୁଲ ବାହାରିଥାଏ। ତେବେ ଏହାକୁ ବିକ୍ରୀ କରିବା ବ୍ୟବସ୍ଥା ନଥିବାରୁ ମହଭାଟିର ମଧ୍ୟସ୍ଥଙ୍କୁ ୨୫ରୁ ୩୦ ଟଙ୍କା କେଜିରେ ବିକ୍ରୀ କରୁଛୁ । ରାଜ୍ୟ ସରକାର ବନଜାତ ଦ୍ରବ୍ୟ କ୍ରୟ ପାଇଁ ଗ୍ରାମ ପଞ୍ଚାୟତଗୁଡିକୁ ଦାୟିତ୍ୱ ଦେଇଛନ୍ତି। ହେଲେ ସମ୍ବଲପୁର ଜିଲାର ଅଧିକାଂଶ ଗ୍ରାମ ପଞ୍ଚାୟତରେ ମହୁଲଫୁଲ କ୍ରୟ ନେଇ କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକ ନେତା ଗୋକୁଳ ମେହେର କହିଛନ୍ତି, ସରକାର ଗ୍ରାମପଞ୍ଚାୟତଗୁଡିକ ମହୁଲ ଫୁଲ ସଂଗ୍ରହ ଦାୟିତ୍ୱ ଦେଇଛନ୍ତି। ପଞ୍ଚାୟତଗୁଡିକ ନିଜ କାମରେ ବ୍ୟସ୍ତ ରହୁଥିବା ବେଳେ ମହୁଲ ଆଦି ବନଜାତ ଦ୍ରବ୍ୟ ସଂଗ୍ରହ ନେଇ ଆନ୍ତରିକତା ଦେଖାଉ ନାହାନ୍ତି। ଯଦ୍ୱାରା ମହୁଲ ଫୁଲ ଗୋଟାଉଥିବା ଲୋକେ ସରକାରଙ୍କ ନିର୍ଦ୍ଧାରିତ ଦର କିମ୍ବା ଦୈନିକ ସର୍ବନିମ୍ନ ମଜୁରି ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ସରକାର ନିଜେ ମହୁଲ ଫୁଲ ସଂଗ୍ରହ ବ୍ୟବସ୍ଥା କରିବାକୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିବ ମେହେର କହିଛନ୍ତି।

# ପୂର୍ବତଟ ରେଳପଥ, ପଟିଆଲା ଲୋକୋମୋଟିଭ ୱାର୍କ୍ସ ବିଜୟୀ

## ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍

ସମ୍ବଲପୁର,୧୫।୩(ବି.ଶଙ୍କର)





ପୂର୍ବତଟ ରେଳପଥର ସୂର୍ଯ୍ୟକାନ୍ତ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବଭାରତୀୟ ରେଳବାଇ ଟି–୨୦ କ୍ରିକେଟ୍ ଟୁର୍ନାମେଣ୍ଟ (ପୁରୁଷ)ର ଦୁଇଟି ଲିଗ ମ୍ୟାଚ ରବିବାର ରେଳବାଇ ଷ୍ଟାଡିୟମରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ପୂର୍ବତଟ ରେଳପଥ ବନାମ ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ମଧ୍ୟରେ ହୋଇଥିଲା। ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ଜବାବରେ ପୂର୍ବତଟ ରେଳପଥ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଫଳସ୍ୱରୂପ ଦଳ ୧୯.୫ ଓଭରରେ ୮ ଉଇକେଟ୍ ହରାଇ ୧୬୭ ରନ୍ କରି ୨ଉଇକେଟରେ ମ୍ୟାଚ ଜିତିଥିଲା। ପୂର୍ବତଟ ରେଳପଥର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୪ ଉଇକେଟ ହାସଲ କରିବା ସହ ୧୦ ବଲରେ ୨୫ ରନ କରିଥିଲେ। ସେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ସି ଚୌଧୁରୀଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ।

ଦ୍ୱିତୀୟ ମ୍ୟାଚ ରେଳକୋଚ ଫ୍ୟାକ୍ଟ୍ରି ବନାମ ପଟିଆଲା ଲୋକୋମୋଟିଭ ୱାର୍କ୍ସ ମଧ୍ୟରେ ଖେଳାଯାଇଥିଲା। ରେଳ କୋଚ ଫ୍ୟାକ୍ଟ୍ରି ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଜବାବରେ ପଟିଆଲା ଲୋକୋମୋଟିଭ ୱାର୍କ୍ସ ୧୯.୨ ଓଭରରେ ୬ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ଫଳରେ ପଟିଆଲା ଲୋକୋମୋଟିଭ ୱାର୍କ୍ସ ୪ ଉଇକେଟରେ ମ୍ୟାଚ ଜିତିଥିଲା। ଦଳର କୁଲଜିତ ସିଂହ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୬ | Bhubaneswar, Monday, March 16/2026 | ପୃଷ୍ଠା-୧




## ଆଣ୍ଟୋନେଲିଙ୍କ ପ୍ରଥମ ଫର୍ମୁଲା ୱାନ୍ ବିଜୟ

ଚାଇନିଜ୍ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି ମର୍ସିଡିଜ୍ ଟିମ୍‌ର ଇଟାଲିଆନ୍ ଡ୍ରାଇଭର କିମି ଆଣ୍ଟୋନେଲି।

୧୨

୦୨

## ୟୋ ୟୋ ହନି ସିଂଙ୍କ ସଙ୍ଗୀତ କାର୍ଯ୍ୟକ୍ରମରେ ଗଣ୍ଡଗୋଳ

ରାପର ୟୋ ୟୋ ହନି ସିଂ ଶନିବାର ଦିଲ୍ଲୀରେ ସଙ୍ଗୀତ ପରିବେଷଣ କରୁଥିବାବେଳେ ଦର୍ଶକଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା।






# କଂଗ୍ରେସ ବିଧାୟକଙ୍କୁ ଟଙ୍କା ଯାଚି ୨ ଅଟକ

## ଅପହଞ୍ଚ ରହିଲାନି ବେଙ୍ଗାଲୁରୁ ହୋଟେଲ

**ରାଜ୍ୟ ସଭା ନିର୍ବାଚନ ଏବେ ସବୁଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ୪ର୍ଥ ଆସନକୁ ହାତେଇବା ପାଇଁ ଶାସକ ଏବଂ ବିରୋଧୀ ସମସ୍ତେ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି। ସୋମବାର ଭୋଟ ହେବା ସହ ସନ୍ଧ୍ୟାରେ ଫଳ ଜଣାପଡ଼ିବ। ତେବେ ଦଳୀୟ ଭୋଟ ଯେପରି ଏପଟ ସେପଟ ନ ହୁଏ, ସେଥିପାଇଁ ସବୁ ଦଳ ରଣନୀତି ଆପଣାଇଛନ୍ତି। କଂଗ୍ରେସ ଘୋଡ଼ା ବେପାରରୁ ବର୍ତ୍ତିବା ପାଇଁ ନିଜ ୧୪ ବିଧାୟକଙ୍କ ମଧ୍ୟରୁ ୮ଜଣଙ୍କୁ ନେଇ ବେଙ୍ଗାଲୁରୁର ଏକ ହୋଟେଲରେ ରଖିଥିବାବେଳେ, ସେଠାରେ ସେହି ବିଧାୟକମାନଙ୍କୁ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପକ୍ଷରୁ ୪ଜଣ ବ୍ୟକ୍ତି ୫ କୋଟି ଟଙ୍କା ଲେଖାଏ ଯାଚିଥିବା କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଲିଖିତ ଅଭିଯୋଗ କରିଛନ୍ତି। ଟଙ୍କା ଯାଚିବା ଅଭିଯୋଗରେ ବିଦାଦି ପୋଲିସ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ୨ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ନିକଟରେ ବିଜୟ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବାରୁ ବିରୋଧୀ ଶିବିରର ବିଧାୟକଙ୍କୁ ଟଙ୍କା ଯାଚି ସମର୍ଥନ ହାସଲ କରିବାର ଚର୍ଚ୍ଚା ପୂର୍ବରୁ ହେଉଥିବାବେଳେ ନିର୍ବାଚନର ଦିନକ ପୂର୍ବରୁ ବେଙ୍ଗାଲୁରୁରେ ଏଭଳି ଘଟଣା ରାଜ୍ୟ ରାଜନୀତିକୁ ସରଗରମ କରିଛି।**

**ଭୁବନେଶ୍ୱର,୧୫।୩**
**(ରବିନାରାୟଣ ଜେନା)**

ରାଜ୍ୟ ସଭା ନିର୍ବାଚନ ପାଇଁ ସୋମବାର ପୂର୍ବାହ୍ନ ୯ଟାରେ ଭୋଟ ଗ୍ରହଣ ଆରମ୍ଭ ହେବ। ଏହାପୂର୍ବରୁ ରବିବାର ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। କଂଗ୍ରେସ ବିଧାୟକଙ୍କୁ କିଣିବା ତଥା ଅପହରଣ ଉଦ୍ୟମକୁ ନେଇ କଂଗ୍ରେସ କର୍ନାଟକସ୍ଥିତ ରାମନଗର ଜିଲାର ବିଦାଦି ଥାନାରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା ପକ୍ଷରୁ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବାବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି ଯେ, କଂଗ୍ରେସ ଏବଂ ସିପିଆଇଏମ୍ ବିଧାୟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେ ସେମାନଙ୍କୁ ବେଙ୍ଗାଲୁରୁ ଆଣି ବିଦାଦି ନିକଟସ୍ଥ ☞ପୃଷ୍ଠା-୨

## ଆଜି ରାଜ୍ୟ ସଭା ଭୋଟ, ମଇଦାନରେ ୫ ପ୍ରାର୍ଥୀ

**ଭୁବନେଶ୍ୱର, ୧୫।୩**
**(ସୁନିତ୍ ମିଶ୍ର)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ସୋମବାର ଭୋଟ ହେବ। ଏପ୍ରିଲ ୨ ତାରିଖରେ ରାଜ୍ୟ ସଭାରୁ ସୁଜିତ୍ କୁମାର, ମମତା ମହନ୍ତ, ମୁଜିବୁଲ୍ଲା ଖାନ(ମୁନା) ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେବ। ଖାଲି ହେବାକୁ ଥିବା ଏହି ଆସନଗୁଡ଼ିକରେ ୪ ଜଣ ରାଜ୍ୟ ସଭାକୁ ଯିବେ। ଏଥିଲାଗି ୫ ଜଣ ପୁରୁଷ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି। ଭାଜପା ପକ୍ଷରୁ ସୁଜିତ କୁମାର ଏବଂ ମନମୋହନ ସାମଲଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ସମର୍ଥନରେ ସ୍ୱାଧୀନ ଭାବେ ଦିଲୀପ ରାୟ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ସନ୍ତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପଟେ ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ମିଳିତ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ୍ ପ୍ରାର୍ଥୀ କରାଯାଇଛି। ୩ ଦଳର ସମର୍ଥନରେ ଦତ୍ତେଶ୍ୱର ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ୪ ଆସନ ଲାଗି ୫ ଜଣ ପ୍ରାର୍ଥୀ ଥିବାରୁ ରାଜ୍ୟ ସଭା ପାଇଁ ନିର୍ବାଚନ ହେବ। ସୋମବାର ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭାର ୫୪ ନମ୍ବର ରୁମ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ଭିତରେ ବିଧାୟକମାନେ ଆସି ନିଜର ଭୋଟଦାନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଲୁଚାଇବା ଅନାବଶ୍ୟକ

# ଦିଲ୍ଲୀ ଘର ଠିକଣା

**ଭୁବନେଶ୍ୱର, ୧୫।୩**
**(ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନ ଲାଗି ସବୁ ଦଳ ନିଜ ବିଧାୟକମାନଙ୍କୁ ଗୋଠକରି ରଖିବାକୁ ସମସ୍ତ ଉଦ୍ୟମ ଚଳାଇଛନ୍ତି। ମାତ୍ର ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସର କେତେଜଣ ବିଧାୟକ ସେମାନଙ୍କ ଗୋଠରେ ନ ରହି ଗତ ୩ ଦିନ ହେଲା ଦେଖାଦେଉ ନ ଥିବା ଜଣାପଡ଼ିଛି। ଉଭୟ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ତେବେ ବିଜେଡି ପ୍ରାର୍ଥୀ ହୋଇଥିବା ସନ୍ତୃପ୍ତ ମିଶ୍ର ଏବଂ ମିଳିତ ବିରୋଧୀ ଦଳ ସମର୍ଥନରେ କମନ୍ ପ୍ରାର୍ଥୀ ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଦଳର ସବୁ ବିଧାୟକ କିପରି ଭୋଟ ଦେବେ ସେଥିନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଦଳ ଉପରେ ଅସନ୍ତୁଷ୍ଟ ଥିବା ସମସ୍ତଙ୍କୁ ବୁଝାଇବା ପାଇଁ ବିଜେଡି ପକ୍ଷରୁ ଚେଷ୍ଟା ଚାଲିଛି। ଗତ ୨ ଦିନ ତଳେ ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଝାଇବା ପାଇଁ ୧୪ ଜଣ ବିଧାୟକ ତାଙ୍କ ଘରକୁ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଭାତଙ୍କ ପୁତ୍ର ସୌଭିକ ବିଶ୍ୱାଳ ଏବେ କଟକ-ଚୌଦ୍ୱାର ଆସନରୁ ବିଜେଡି ବିଧାୟକ ଅଛନ୍ତି। ଯେଉଁମାନେ ପ୍ରଭାତଙ୍କୁ ବୁଝାଇବା ଲାଗି କଟକ ଯାଇଥିଲେ, ସେହି ବିଧାୟକମାନଙ୍କୁ ଶନିବାର ନବୀନ ନିବାସ ଡକାଇ ନବୀନ ପଟ୍ଟନାୟକ ପଚାରିଥିଲେ, ପ୍ରଭାତଙ୍କୁ ବୁଝାଇବା ପାଇଁ ଯାଇଥିଲ, ସେଠାରେ କ'ଣ ହେଲା। ବିଧାୟକମାନେ ଉତ୍ତରରେ କହିଥିଲେ, ଦିଲ୍ଲୀରେ ଗୋଟିଏ ଟ୍ରଷ୍ଟ ଖୋଲି ଦଳୀୟ ଟଙ୍କା ହଡ଼ପ କରାଯାଇଥିବା କଥା ପ୍ରଭାତ କହୁଛନ୍ତି। ଏହାପରେ ☞ପୃଷ୍ଠା-୨


KISS

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 Tribal children

Organisation in Special Consultative Status with the United Nations Economic & Social Council (UN-ECOSOC)



KISS HUMANITARIAN AWARD 2025

16th March 2026

PAST RECIPIENTS

- **Mr. Bill Gates** Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**
- **Her Excellency Mama Rachel Ruto, EGH** First Lady of the Republic of **Kenya (2022)**
- **Mr. Ratan Naval Tata,** Chairman Emeritus, Tata Sons **(2021)**
- **Dr. Ary S Graça** President-International Volleyball Federation (FIVB) **(2020)**
- **Dr. Dansa KOUROUMA** President, National Transition Council of Guinea, **Guinea (2019)**
- **Professor Muhammad Yunus** (Nobel Laureate) Founder, Grameen Bank, **Bangladesh (2018)**
- **His Holiness The 14th Dalai Lama** Nobel Laureate, 2005 and Spiritual Leader **(2017)**
- **Ms. Ashley Judd,** Hollywood Actor, Activist & Global Goodwill Ambassador, **UNFPA (2016)**



**Smt. Nita M. Ambani**, Founder and Chairperson, Reliance Foundation receiving the prestigious **KISS Humanitarian Award 2025**

AWARDEES ARE FROM

**5** Continents | **13** Countries | **2** Nobel Laureates *among the awardees*

**Chief Guest: Prof. Mohan Munasinghe**, Nobel Laureate from Sri Lanka

- **KISS Humanitarian Award** Founded by Dr. Achyuta Samanta, Founder, KIIT-KISS-KIMS
- **Watch Live** on **Kalinga TV** from **5.00 p.m.** onwards

- **His Excellency Dr Alejandro Toledo,** Former President of **Peru (2015)**
- **Ms. Anne F. Stenhammer** Former Regional Programme Director, UN Women, **South Asia Regional Office (2014)**
- **Madam Albina Du Boisrouvray** Founder, Association François-Xavier Bagnoud (FXB International), **Switzerland (2013)**
- **His Excellency Lyonchhen Jigmi Y. Thinley** Hon'ble Prime Minister, The Royal Government of **Bhutan (2012)**
- **Rt Hon. Lord Nicholas Addison Phillips** President (Chief Justice) of the Supreme Court of the **United Kingdom (2011)**
- **Rt. Hon. Sir Anerood Jugnauth** Eminent Social Worker & His Excellency the President of **Mauritius (2010)**
- **Dr. Ham Kee-Sun** Eminent Educationist & Physician and Hon'ble President & Founder, Hanseo University, **South Korea (2009)**
- **Ms. Edna Bomo Molewa** Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶିଷ୍ଟ ଚିତ୍ରଶିଳ୍ପୀ ଡ. ବୀନା ଉନ୍ନିକ୍ରିଷ୍ଣନ୍‌ଙ୍କ ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ୍', ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ( ମହିଳା)ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଏଫଏମ ବିଶ୍ୱବିଦ୍ୟାଳୟ ନୂଆପାଢୀ କ୍ୟାମ୍ପସ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ବ୍ଲକ୍ କାର୍ଯ୍ୟାଳୟ, ସୋର, ସମୟ : ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : କମର୍ଦ୍ଧା ଜଗନ୍ନାଥ ସରକାରୀ ହାଇ ସ୍କୁଲ, ଭୋଗରାଇ, ସମୟ : ପୂର୍ବାହ୍ନ ୧୦ ଟା।
- ଶ୍ରୀରାମଚରିତ ମାନସ ପ୍ରବଚନର ପଞ୍ଚମ ସନ୍ଧ୍ୟା, ସ୍ଥାନ : ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ : ସନ୍ଧ୍ୟା ୬ ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନାଲଗୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ସିରିଡ଼ି ସାଇବାବାଙ୍କ ଚରଣ ପାଦୁକା ଦର୍ଶନ ସମାରୋହ, ସ୍ଥାନ: ବାଁପାର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଭୋଗ ମଣ୍ଡପ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସର, ପୁରୁଣା ସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆବାସ ଅଗ୍ରଗତି ନେଇ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ବାହାବଙ୍ଗା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା,ସମୟ:ଅପରାହ୍ନ ୩ଟା।

## ବ୍ରହ୍ମପୁର

- ମହାଦେବଙ୍କ ଜୀର୍ଣ୍ଣଉଦ୍ଧାର ସମାରୋହ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର,ସମୟ: ସକାଳ ୮ଟା ୩୦।
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଇଁଛ ସୁରକ୍ଷା ଉପରେ ବୈଠକ, ସ୍ଥାନ: ବନବିଭାଗ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ , ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ସିଦ୍ଧେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଶ୍ରୀରାମ ବାଟିକା କମିଟି ପକ୍ଷରୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ : କେନଘାଟି ସ୍ଥିତ ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ସେଲିବ୍ରିଟି ଲିଗ-୨୦୨୬ର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ଆରଡିସି ଅଫିସ ସମ୍ମୁଖ, ସମୟ : ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଚିନ୍ତନ ବୈଠକ, ସ୍ଥାନ: ରତାଖଣ୍ଡି, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଗ୍ରୀଷ୍ମକାଳୀନ ଶିବିରର ୨ୟ ଦିବସ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର ଖଡ୍‌ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ୟାମ ଆଖଡା ପକ୍ଷରୁ ଶ୍ୟାମ ପ୍ରଭୁଙ୍କ କୀର୍ତ୍ତନ, ସ୍ଥାନ: ଜେଲ ରୋଡ୍, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ,ସ୍ଥାନ:ସୁନ୍ଦରଗଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ,ସମୟ:ସକାଳ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ବଡଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ରାଜ୍ୟସ୍ତରୀୟ ଡୁମାଳ ମହାସଭାରେ ଯୁବ ସମାବେଶ,ସ୍ଥାନ:ପପଙ୍ଗା, ଭେଡେନ
- ସମୟଁ ପୂର୍ବାହ୍ନ ୯ଟା ୩୦ମିନିଟ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଅମ୍ବାଭୋନା,ସମୟ: ୧୦ଟା।
- ନିଷ୍ଠା ପ୍ରଶିକ୍ଷଣ ଶିବିର,ସ୍ଥାନ: ଗୋଷ୍ଠୀ ଶିକ୍ଷାକେନ୍ଦ୍ର ସମ୍ମିଳନୀ କକ୍ଷ, ପାଇକମାଳ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ବଣ୍ଟନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ୧୦ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ କୁଞ୍ଜଘର, ହରଭଙ୍ଗା, ସମୟ: ସକାଳ ୬ଟା। ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଦଶମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ରୂପ କଳା ମଣ୍ଡପ, କଣ୍ଟାମାଳ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କୁଣ୍ଢେଇଗୋଳା ଥାନା ଅଧୀନ ଖଇରପାଲି ଆଉଟପୋଷ୍ଟ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ଦନ୍ତାରିବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ବାଉଁଶୁଣି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ଏସ୍‌ଆଇଆର କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନୂଆପଡ଼ା

- ସଂକୀର୍ତ୍ତନ ମଣ୍ଡଳୀ କୁମ୍ଭ ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ମଣ୍ଡପ ପ୍ରତିଷ୍ଠା,ରତ୍ନମୁଦ ଓ କୁମ୍ଭ ସ୍ଥାପନ, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ ସମୟ ସକାଳ ୭ଟାରୁ ରାତି ୧୧ଟା ୩୧ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବୀର ହନୁମାନପଡା, ସମୟ: ସକାଳ ୭ଟା ୩୧।
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ସକାଳ ୮ଟା ୩୦ ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ,ସ୍ଥାନ: କୋମନା ବ୍ଲକ ସୁନାବେଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ ସାଲେପଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୬ତମ ଜୟ ବଜରଙ୍ଗବଲୀ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ:କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଖଡିଆଳ ବ୍ଲକ କେନ୍ଦୁପାଟି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନ, ସ୍ଥାନ: ନେସନାଲ ମହାବିଦ୍ୟାଳୟ ପଡିଆ, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଇକେରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ୟୋ ୟୋ ହନି ସିଂଙ୍କ ସଙ୍ଗୀତ କାର୍ଯ୍ୟକ୍ରମରେ ଗଣ୍ଡଗୋଳ

ନୂଆଦିଲ୍ଲୀ,୧୫।୩: ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ରାପର ୟୋ ୟୋ ହନି ସିଂ ଶନିବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ସଙ୍ଗୀତ ପରିବେଷଣ କରୁଥିବାବେଳେ ତାଙ୍କୁ ଦେଖିବା ପାଇଁ ପ୍ରଶଂସକ ଓ ଦର୍ଶକଙ୍କ ପ୍ରବଳ ଗହଳି ଲାଗିଥିଲା। ଦର୍ଶକଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଶୋ' ଦେଖିବା ପାଇଁ ଉପସ୍ଥିତ ଲୋକମାନେ ପରସ୍ପରକୁ ଆକ୍ରମଣ କରୁଥିବା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ହୋଇଥିବା ଏକ ଭିଡିଓରୁ ଦେଖିବାକୁ ମିଳିଛି। ହନି ସିଂ ଏହା ଜାଣି ନ ପାରି ସଙ୍ଗୀତ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଦିଲ୍ଲୀ ପୋଲିସ ହସ୍ତକ୍ଷେପ କରିଥିଲା। ହନି ସିଂ ତାଙ୍କର 'ୱାର୍ଲ୍ଡ ଟୁର୍, ମାଇଁ ଷ୍ଟୋରି' ଅଭିଯାନର ଅଂଶସ୍ୱରୂପ ଦିଲ୍ଲୀରେ ସଙ୍ଗୀତ ପରିବେଷଣ କରୁଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଅଁର ପୋଖରୀ ଡଅଁର ଗଣ୍ଡରେ**
**ଫୁଟିଅଛି ପଦ୍ମଫୁଲ**
**ଏବେ ତ କରୁଛୁ କେତେ ମଉଜ**
**କେ ଜାଣେ ପୀରତି ମୂଲ ?**

ସମୟ ସହ ତାଳ ଦେଇ ମଣିଷ ହାବ ଭାବରେ ଅନେକ ପରିବର୍ତ୍ତନ ଘଟିଥାଏ। ଆଜି ଯେ ଏକାନ୍ତ ନିଜର, ଆପଣାର ଲାଗିଥାଏ କାଲିକୁ ହୁଏତ ସାତପର ହୋଇଯାଇଥାଏ। ଏପରିସ୍ଥଳେ ନିଜ ଭଲ ପାଇବା ପ୍ରତିବଦଳରେ ପ୍ରେମୀ ପାଖରୁ ସେପରି ଆପଣାର ଭାବ ମିଳିପାରିବ କି ନାହିଁ ସେନେଇ ମନରେ ଆଶଙ୍କା ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇସ୍ ମିସ୍, କରମ ଠିସ୍**
**ଠାରୁ ଠୁର, ଉଣେଇଶି ବିଶ୍**

ଠାରରେ କଥାବାର୍ତ୍ତା। ଠରାଠରିରେ ଲୋକେ ପ୍ରାୟ ବହୁ କଥା ବୁଝିପାରନ୍ତି। ଆଖିର ଇଶାରାରେ ଅନେକ ଗୋପନୀୟ କଥା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୁସ୍ଥ ହୋଇ ଫେରିଲେ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର,୧୫।୩ (ରବିନାରାୟଣ ଜେନା)

ସ୍ୱାସ୍ଥ୍ୟଗତ ସମସ୍ୟାରୁ ନୂଆଦିଲ୍ଲୀ ଏମ୍‌ସ ହସ୍ପିଟାଲ ଚିକିତ୍ସା ଲାଗି ଯାଇଥିବା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ରବିବାର ସୁସ୍ଥ ହୋଇ ଫେରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ବିମାନ ବନ୍ଦରଠାରେ ମନ୍ତ୍ରୀ ପୂଜାରୀଙ୍କୁ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ସଙ୍ଗଠନ ପକ୍ଷରୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦୀର୍ଘାୟୁ କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ,ମାର୍ଚ୍ଚ ୩ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମନ୍ତ୍ରୀ ପୂଜାରୀଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡ଼ାକ୍ତର ଘୋଷଣା କରିଥିଲେ। ମାତ୍ର ପରେ ପୂଜାରୀଙ୍କୁ ଉତ୍ତମ ଚିକିତ୍ସା ଲାଗି ମାର୍ଚ୍ଚ ୫ରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।



# ଅବଶିଷ୍ଟାଂଶ

## ଆଜି ରାଜ୍ୟ ସଭା ଭୋଟ...

କରିବେ। ଭୋଟିଂ ସରିଯିବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ନିର୍ବାଚନ କିପରି ହେଲା, କିଛି ଘଟଣା ଏବଂ ଅଘଟଣ ସବୁ କଥାର ରିପୋର୍ଟ ଯିବ। ସେଠାରୁ ଯେତେବେଳେ ନିର୍ଦ୍ଦେଶ ଦିଆଯିବ ତା'ପରେ ଗଣତି କରାଯିବ ବୋଲି ଜଣାପଡ଼ିଛି। ପ୍ରାୟତଃ ଅପରାହ୍ନ ୫ଟା ସମୟରେ ଗଣତି କରାଯାଇପାରେ। ଗଣତି ହେବାର କିଛି ସମୟ ପରେ ରାଜ୍ୟ ସଭା ପାଇଁ କେଉଁ ୪ ଜଣ ବିଜୟୀ ହେବେ ସେକଥା ଜଣାପଡିଯିବ।

ସୂଚନାଯୋଗ୍ୟ, ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ରହିଛି। ସଂଖ୍ୟା ଦୃଷ୍ଟିରୁ ବିଧାନସଭାରେ ଭାଜପାର ୭୯ ଜଣ ବିଧାୟକ ଥିବାବେଳେ ୩ ଜଣ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ଶାସକ ଦଳ ପ୍ରତି ରହିଛି। ଏହିପରି ବିଧାନସଭାରେ ଶାସକ ଦଳର ସଂଖ୍ୟା ୮୨ ରହିଛି। ବିଜେଡିର ୪୮ ଜଣ ବିଧାୟକ ଅଛନ୍ତି। କଂଗ୍ରେସର ୧୪ ଏବଂ ସିପିଆଇ(ଏମ୍)ର ଜଣେ ବିଧାୟକ ରହିଛନ୍ତି। ବିଜେଡିରୁ ନିଲମ୍ବିତ ହୋଇଥିବା ୨ ଜଣ ବିଧାୟକ ଏବେ ସ୍ୱାଧୀନ ଅଛନ୍ତି। ଏହି ସଂଖ୍ୟାକୁ ଦେଖିଲେ ଭାଜପାର ୨ ଜଣ ପ୍ରାର୍ଥୀ ଜିତିବା ସମ୍ଭାବନା ଅଧିକ। ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ୨୨ ଖଣ୍ଡ ଭୋଟ ରହିଛି। ସେହିପରି ବିଜେଡିର ଜଣେ ପ୍ରାର୍ଥୀ ବିଜୟୀ ହେବା ସମ୍ଭାବନା ରହିଛି। ଅନ୍ୟପଟେ ବିଜେଡିର ଜଣେ ପ୍ରାର୍ଥୀଙ୍କୁ ୩୦ ଖଣ୍ଡ ଭୋଟ ଯିବା ପରେ ବଳକା ୧୮ ଖଣ୍ଡ, କଂଗ୍ରେସ ଓ ସିପିଆଇ(ଏମ୍)ର ୧୫ଟି ଭୋଟ ମିଶାଇଲେ କମନ୍ ପ୍ରାର୍ଥୀଙ୍କୁ ୩୩ଖଣ୍ଡ ଭୋଟ୍ ମିଳିବା କଥା। ହେଲେ ଭୋଟ ହେବାପରେ ଏହି ସଂଖ୍ୟା ଖେଳ କେଉଁଆଡ଼େ ଯାଉଛି ସେକଥା ସ୍ପଷ୍ଟ ହେବ। ଏଠାରେ ଆହୁରି ଉଲ୍ଲେଖଯୋଗ୍ୟ, ରାଜ୍ୟ ସଭା ନିର୍ବାଚନ ଲାଗି ବିଧାନସଭାରେ ସବୁ କଡ଼ାକଡ଼ା କରାଯାଇଛି। ୫୪ ନମ୍ବର ପ୍ରକୋଷ୍ଠ ଯେଉଁଠାରେ ଭୋଟିଂ ହେବ ସେଠାକୁ ବିଧାୟକମାନେ ନିଜର ପରିଚୟ ପତ୍ର ଆଣି ଆସିବାକୁ ବାଧ୍ୟ। ସେମାନେ ଭୋଟ ଦେବା ସମୟରେ ସାଙ୍ଗରେ ଆଉ କିଛି ନେଇଯାଇପାରିବେ ନାହିଁ। ସବୁ ଦଳ ନିଜର ସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କୁ ବାଛିସାରିଛନ୍ତି । ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡିରୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ ଦେବ, କଂଗ୍ରେସର ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସିପିଆଇ(ଏମ୍)ରୁ ସୁରେଶ ପାଣିଗ୍ରାହୀ ସ୍ୱୀକୃତିପ୍ରାପ୍ତ ଦଳୀୟ ଏଜେଣ୍ଟ ଭାବେ ରହିବେ। ସବୁ ଦଳରୁ ଜଣେ ଲେଖାଏ ଏଜେଣ୍ଟ ନିର୍ବାଚନ ସ୍ଥାନରେ ରହିପାରିବେ। ସେହିପରି ସବୁ ପ୍ରାର୍ଥୀଙ୍କ ତରଫରୁ ଜଣେ ଲେଖାଏ ପୋଲିଂ ଏଜେଣ୍ଟଙ୍କ ନାମ ଦିଆଯାଇଛି। ଏହାସହ ପ୍ରାର୍ଥୀମାନେ ନିଜର କାଉଣ୍ଟିଂ ଏଜେଣ୍ଟ ମଧ୍ୟ ଦେଇଛନ୍ତି। ଏହାସହ ସବୁ ପ୍ରାର୍ଥୀ ଭୋଟିଂ ଏବଂ ଗଣତି ସମୟରେ ସେଠାରେ ଉପସ୍ଥିତ ରହିବେ।

## କଂଗ୍ରେସ ବିଧାୟକଙ୍କୁ ...

ୱଣ୍ଡର୍ଲା ରିସର୍ଟରେ ରଖିଥିଲୁ। ମାତ୍ର ଦୁଃଖର କଥା, ଶନିବାର ସନ୍ଧ୍ୟାରେ ୪ଜଣ ବ୍ୟକ୍ତି ବୀରେନ୍ଦ୍ର ପ୍ରସାଦ, ସୁରେଶ, ଅଜିତ୍ ସାହୁ ଏବଂ ସୀମାଞ୍ଚଳ ମହାକୁଡ଼ ଆମ ବିଧାୟକଙ୍କ ଗତିବିଧି ଅନୁସରଣ କରୁଥିଲେ। ଏନେଇ ଆମର ସନ୍ଦେହ ହେବାରୁ କର୍ଣ୍ଣାଟକ ପୋଲିସକୁ ଖବର ଦେବା ସହିତ ସେମାନଙ୍କୁ ହସ୍ତାନ୍ତର କରିଛୁ। ଏମାନେ ସବୁ ରାଉରକେଲାରୁ ଆସିଥିଲେ। ଆମ ବିଧାୟକମାନଙ୍କୁ ୫ କୋଟି ଟଙ୍କା ଯାଚିଥିଲେ। ଏପରିକି ବ୍ଲାଙ୍କ୍ ଚେକ୍(ଅଙ୍କ ଉଲ୍ଲେଖ ନ ଥିବା ଚେକ୍) ସାଙ୍ଗରେ ଆଣିଥିବା ଜଣାପଡ଼ିଛି। ପୋଲିସ ପାଖରେ ଯେତେବେଳେ ଏସବୁର ଯାଞ୍ଚ କରାଯାଇଥିଲା, ସେତେବେଳେ ରାଜ୍ୟ ସଭା ପ୍ରାର୍ଥୀ ଦିଲୀପ ରାୟଙ୍କ ନାମ ସାମ୍ନାକୁ ଆସିଥିଲା। ଏନେଇ ଏତଲା ଦେବାପରେ ବିଦାଦା ପୋଲିସ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସେ କହିଛନ୍ତି, ରାଜନୀତିରେ ଘୋଡ଼ାବେପାରର ସ୍ଥାନ ନାହିଁ। କଂଗ୍ରେସ ବିଧାୟକଙ୍କୁ ଟଙ୍କା ଦେଇ କିଣିବା ଲାଗି ଚେଷ୍ଟା କରାଯାଉଛି। ଏପରିକି କଂଗ୍ରେସ ବିଧାୟକମାନଙ୍କୁ ଧମକ ଦିଆଯାଉଛି। ଓଡ଼ିଶା ଆସିବାକୁ ଦେବୁନାହିଁ ବୋଲି କେତେଜଣ ଦଲାଲ୍ ଧମକ ମଧ୍ୟ ଦେଉଛନ୍ତି। ଗଣତନ୍ତ୍ରରେ ଏହା ଶୁଭଙ୍କର ନୁହେଁ। ଆମ ବିଧାୟକଙ୍କ ସୁରକ୍ଷା ସହ ଯିଏ ଖେଳିବ କଂଗ୍ରେସ ତା'ର ଉଚିତ୍ ଜବାବ ଦେବ ବୋଲି ଉଲ୍ଲାକା କହିଛନ୍ତି।

ଅନ୍ୟପକ୍ଷରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି, ଆମ ବିଧାୟକମାନଙ୍କୁ ଅପହରଣ କରିନେବା ପାଇଁ ୪ଜଣ ଲୋକ ଓଡ଼ିଶାରୁ ଆସିଛନ୍ତି। ସେମାନେ ସ୍ଥାନୀୟ ଭାଜପା କର୍ମୀଙ୍କ ସହାୟତାରେ ଅନ୍‌ଲାଇନ୍‌ରେ ରୁମ୍ ବୁକ୍ କରିଥିଲେ ଏବଂ ସାଙ୍ଗରେ ଖାଲି ଚେକ୍ ନେଇ ମଧ୍ୟ ଆସିଛନ୍ତି। ପରେସେମାନେରିସର୍ଟକୁଆସିଆମବିଧାୟକମାନଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ବିଧାୟକମାନେ ଏହା ଜଣାଇବା ପରେ ଆମ କର୍ମୀମାନେ ସଂପୃକ୍ତ ବ୍ୟକ୍ତିଙ୍କୁ ଖାଲି ଚେକ୍ ସହ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି ବୋଲି ଶିବକୁମାର କହିଛନ୍ତି।

## ଦିଲ୍ଲୀ ଘର ...

ନବୀନ ପଚାରିଲେ, କେଉଁ ଆକାଉଣ୍ଟ କାହା ନାଁରେ ଖୋଲାଯାଇଛି ବୋଲି ସେ କହୁଛନ୍ତି। ପୁଣିଥରେ ବିଧାୟକମାନେ କହିଥିଲେ, ଆପଣଙ୍କ ନାଁରେ ସେହି ଆକାଉଣ୍ଟ ଖୋଲାଯାଇଛି। ଗୋଟିଏ ଟ୍ରଷ୍ଟ ଜରିଆରେ ଏସବୁ ହେଉଛି, ଯେଉଁଥିରେ ପାଣ୍ଡିଆନ୍ ଅଧ୍ୟକ୍ଷ ଏବଂ ସନ୍ତୃପ୍ତ ମିଶ୍ର ସମ୍ପାଦକ ଅଛନ୍ତି। ଏସବୁ ଶୁଣିବା ପରେ ନବୀନ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ କହିଥିଲେ, ସନ୍ତୃପ୍ତଙ୍କୁ ଏଠାକୁ ଡାକ। ସନ୍ତୃପ୍ତ ସେଠାରେ ପହଞ୍ଚିବା ପରେ ନବୀନ କୁଆଡ଼େ ପଚାରିଥିଲେ, ପ୍ରଭାତ କ'ଣ କହୁଛନ୍ତି, ତାଙ୍କ ସାଙ୍ଗରେ ଟେଲିଫୋନ ଯୋଗେ କାହିଁକି କଥା ହଉନ। ପ୍ରଭାତ ଯେଉଁ ଦିଲ୍ଲୀ ଆକାଉଣ୍ଟ କଥା କହୁଛନ୍ତି, ସେକଥାର ସତ୍ୟତା କ'ଣ ବୋଲି ନବୀନ ପଚାରିବାରକୁ ସନ୍ତୃପ୍ତ ସେହି କଥାକୁ ଖଣ୍ଡନକରି କୁଆଡ଼େ ଉତ୍ତର ଦେଲେ, ଏଭଳି କୌଣସି ଆକାଉଣ୍ଟ ନାହିଁ। ତେବେ ସାଧାରଣରେ ପ୍ରଶ୍ନ କରାଯାଇପାରେ, ଯଦି ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଅବଗତ ନ ଥିଲେ ତେବେ ତାଙ୍କର ବିନା ଅନୁମତିରେ ଟ୍ରଷ୍ଟ ରେଜିଷ୍ଟ୍ରେଶନର ଠିକଣା ଭାବେ ନବୀନଙ୍କ ଦିଲ୍ଲୀ ଘର ଉଲ୍ଲେଖ କରାଗଲା କେମିତି। ଏସବୁ ଆଲୋଚନା ପରେ ସନ୍ତୃପ୍ତଙ୍କ ହାବଭାବ ଦେଖି ନବୀନ ନିବାସରୁ ବାହାରି ବିଧାୟକମାନେ ପ୍ରଭାତ ଉଠାଇଥିବା କଥା ସତ ବୋଲି କହିବା ଆରମ୍ଭ କରିଛନ୍ତି। ଏଥିସହ ସେମାନଙ୍କ ମଧ୍ୟରେ ଆଲୋଚନା ହେଉଛି, ଦଳରେ ଶୃଙ୍ଖଳିତ ବିଧାୟକ ଭାବେ ରହି ଦଣ୍ଡେଶ୍ୱର ହୋତାଙ୍କୁ ପ୍ରଥମ ପସନ୍ଦ ଭୋଟ ଅଧିକ କରିଦେବା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତିରୁ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ବିବାଦୀୟ ସ୍ଥିତି ସୁଧୁରିବ ଏବଂ ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। ପରିବାରରେ ମତାନ୍ତର ଘଟିପାରେ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଦୂରସ୍ଥାନକୁ ଯିବାକୁ ପଡିବ। ଅବଶ୍ୟ ଫେରନ୍ତା ରାସ୍ତାରେ ନିଜ ମନ ପସନ୍ଦର ଜିନିଷ ପାଇ ଖୁସି ହୋଇପାରନ୍ତି।

**ବୃଷ** ବିଭିନ୍ନ ବାଧାବିଘ୍ନ ଓ ପ୍ରତିବନ୍ଧକ ମଧ୍ୟରେ କାର୍ଯ୍ୟ ସାଧନ କରିବେ। କେତୁଙ୍କ କୁପ୍ରଭାବରୁ ପାରିବାରିକ ସମସ୍ୟା ଓ ଆର୍ଥିକ ସଙ୍କଟ ପ୍ରତିରୋଧର ମଧ୍ୟ ଅନ୍ୟ ଏକ କାରଣ ହେବ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ସାଙ୍ଗକୁ ସହକର୍ମୀଙ୍କ ସୌଜନ୍ୟରୁ ଖୁସି ହେବେ। ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ଆଉଥରେ ଆଲୋଚନା କରିବା ଭଲ ହେବ।

**ମିଥୁନ** ଧନାଧିପ ଚନ୍ଦ୍ରଙ୍କ ସୁପ୍ରଭାବରୁ ଅର୍ଥନୈତିକ ସମସ୍ୟାର ସମାଧାନ କରିବାରେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। କର୍ମକ୍ଷେତ୍ରରେ, ସାହିତ୍ୟ, ସାମ୍ବାଦିକତା ଓ ସାଙ୍ଗଠନିକ ସ୍ତରରେ ପଦସ୍ଥବ୍ୟକ୍ତିଙ୍କ ଚାପର ସମ୍ମୁଖୀନ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବାର ସୁଯୋଗ ପାଇବେ।

**କର୍କଟ** ରାଶ୍ୟାଧିପତି ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ, ଦୂରଯାତ୍ରା କରିପାରନ୍ତି, ଆର୍ଥିକ ସ୍ଥିତି ମଧ୍ୟ ବଦଳିଯିବ। ବାଣିଜ୍ୟ, ବ୍ୟବସାୟ, ଯୋଗାଣ କାରବାର ଏବଂ ପରିବହନରେ ଉନ୍ନତି କରିବେ। କିନ୍ତୁ ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଦୁଷ୍ଟସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** ରବିଙ୍କ ସହ ଶନିଙ୍କ ସଂଯୋଗରୁ ସ୍ୱାସ୍ଥ୍ୟପ୍ରତି ସଚେତନ ରହିବା ଅତି ଜରୁରୀ ହୋଇପଡିବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତା କାରଣରୁ ସରକାରୀ ସ୍ତରରୁ କୌଣସି ସମସ୍ୟା ଆସିପାରେ। ପରିବାରର ଦୁଃସ୍ଥିତି ବଦଳିବାକୁ ଆରମ୍ଭ କରିଥିଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ।

**କନ୍ୟା** କର୍ମଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ପାରିବାରିକ ସଦ୍‌ଭାବ ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସନ୍ତୋଷଜନକ ରହିବ। ମଙ୍ଗଳଙ୍କ କୁପ୍ରଭାବରେ ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଶିଳ୍ପ, ନୂତନ ପ୍ରକଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ସପ୍ତମାଧିପତି ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ବୈଷୟିକ ଉନ୍ନତି ସାଙ୍ଗକୁ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ବନ୍ଧୁ ପରିଜନମାନଙ୍କ ସାହାଯ୍ୟରେ ଦର୍ଶନୀୟସ୍ଥାନ ଭ୍ରମଣ ପାଇଁ ମନ ବଳାଇ ପାରନ୍ତି। ଭାଗ୍ୟଭାବରେ ବୃହସ୍ପତି ଯୋଗୁ ଦୃଢ ମନୋବଳ ସମସ୍ୟା ସମାଧାନରେ ସହାୟକ ହୋଇପାରେ।

**ବିଛା** ଗ୍ରହସ୍ଥିତିର ବୈଷମ୍ୟ ଯୋଗୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡିବା ସହ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ଅବଶ୍ୟ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସମସ୍ୟା ସମାଧାନ କରିପାରିବେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟା ସୁଧୁରିଯିବ। ପ୍ରିୟଜନଙ୍କ ସହ ସମ୍ପର୍କହାନି କାରଣରୁ ବିଶେଷ ଚିନ୍ତା ପ୍ରକଟ କରିପାରନ୍ତି।

**ଧନୁ** ଦ୍ୱିତୀୟ ସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ମିଠା କଥାରେ ଅନ୍ୟମାନଙ୍କୁ ମନେଇନେବେ। କର୍ମକ୍ଷେତ୍ର ଓ ବ୍ୟବସାୟିକ ସ୍ଥିତିରେ ପ୍ରତିବନ୍ଧକ ପରିଲକ୍ଷିତ ହେବ। ଲେଖାପଢ଼ା, ପ୍ରକାଶନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଟେନ୍ସନ, ଅମୀମାଂସିତ ବିବାଦ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହୋଇ ନ ପାରେ।

**ମକର** ଦୁଃସ୍ଥାନସ୍ଥ ତୃତୀୟାଧିପତି ହେତୁ ପ୍ରିୟଜନଙ୍କ ଅଭାବ ମାନସିକ ଅଶାନ୍ତି ସୃଷ୍ଟି କରିବ। ଆଜିର ଯାତ୍ରା, ବାଣିଜ୍ୟ,ବ୍ୟବସାୟ,ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବ। କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବେ। ପାରିବାରିକ ଭୁଲ୍ ବୁଝାମଣା ଦୂରେଇବାରେ ପଡୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**କୁମ୍ଭ** ରାଶିରେ ରାହୁ, ମଙ୍ଗଳଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ଯଶ, ସମ୍ମାନର ଅଧିକାରୀ ହେବେ। ବାଣିଜ୍ୟ ଓ ପରିବହନ ପାଇଁ ସାମାନ୍ୟ ଝଟକା ଲାଗିପାରେ। କଚେରି ମାମଲା, ଜମିଜମା କ୍ରୟବିକ୍ରୟ ଏବଂ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ଅନ୍ୟମାନଙ୍କ ପରାମର୍ଶକୁ ଭାବିଚିନ୍ତି ଗ୍ରହଣ କରିବା ଭଲ ହେବ।

**ମୀନ** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ ପ୍ରଭାବରେ ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମତାନ୍ତରର ଆଶଙ୍କା ରହିଛି। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ବନ୍ଧୁମିଳନଜନିତ ଖୁସି ହେବେ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କ ଆହ୍ୱାନରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ଚୈତ୍ର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର। ରାଶିନକ୍ଷତ୍ର-ଧନିଷ୍ଠା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସର୍ବବେଦୀ ବ୍ରତୋପନୟନ, ସକାଳ ଘ. ୦୫।୫୮ ଗତେ, ଘ.୦୭।୨୭ ମଧ୍ୟେ, ଘ. ୧୦।୪୩ ଗତେ, ଘ. ୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୨୭ ଗତେ, ଘ.୦୮।/୫୬ ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
52 Years





ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ କିଆପାଣପୋଷି ଗାଁରେ ରବିବାର ଘୂର୍ଣ୍ଣିଝଡ଼ ପ୍ରଭାବରେ ଘର ଛପର ଉଡ଼ିବା ସହ ଗଛ ଭାଙ୍ଗି ପଡ଼ିଛି। (ଫଟୋ: ତାରାକାନ୍ତ ପଟ୍ଟନାୟକ)

# ପଶ୍ଚିମବଙ୍ଗ: ଏପ୍ରିଲ ୨୩, ୨୯ରେ ନିର୍ବାଚନ

■ ଆସାମ, କେରଳ, ପଣ୍ଡିଚେରୀରେ ୯ ■ ତାମିଲନାଡୁରେ ୨୩ରେ ବିଧାନସଭା ଭୋଟ

| ପଶ୍ଚିମବଙ୍ଗ | ତାମିଲନାଡୁ | ଆସାମ | କେରଳ | ପଣ୍ଡିଚେରୀ |
|---|---|---|---|---|
| ଆସନ ୨୯୪ | ଆସନ ୨୩୪ | ଆସନ ୧୨୬ | ଆସନ ୧୪୦ | ଆସନ ୩୦ |
| ନିର୍ବାଚନ ତାରିଖ ଏପ୍ରିଲ ୨୩,୨୯ | ନିର୍ବାଚନ ତାରିଖ ଏପ୍ରିଲ ୨୩ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ |

ନିର୍ବାଚନ କମିଶନ (ଇସି) ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରବିବାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଏପ୍ରିଲ ୨୩ ଓ ୨୯ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ତାମିଲନାଡୁରେ କେବଳ ଏପ୍ରିଲ ୨୩ରେ ଭୋଟ ଗ୍ରହଣ କରାଯିବ। ସେହିପରି ଆସାମ, କେରଳ ଓ ପଣ୍ଡିଚେରୀରେ କେବଳ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୋଟ ୮୨୪ ଆସନରେ ହେବାକୁ ଥିବା ନିର୍ବାଚନର ଭୋଟ ଗଣତି ମେ’ ୪ରେ ହେବା ସହ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଉକ୍ତ ଘୋଷଣା ସହ ଏହି ସବୁ ଅଞ୍ଚଳରେ ନିର୍ବାଚନୀ ବିଗୁଲ ବାଜିବା ସଙ୍ଗେ ସଙ୍ଗେ ତତ୍କାଳ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ପଶ୍ଚିମବଙ୍ଗରେ ୨୦୧୧ରୁ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା ମମତା ବାନାର୍ଜୀ ଚତୁର୍ଥ ଥର ପାଇଁ ବିଜୟ ଆଶା ବାନ୍ଧିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ହାତରୁ କ୍ଷମତା ଛଡ଼ାଇ ନେବା ପାଇଁ ବିରୋଧୀ ଭାଜପା ଜୋର୍‌ଦାର ଉଦ୍ୟମ ଚଳାଇଛି। ସେହିପରି ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଥିବା ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପୁନର୍ବାର କ୍ଷମତା ଦଖଲ ପାଇଁ ଅଣ୍ଟା ଭିଡ଼ିଥିବାବେଳେ ବିରୋଧୀ ଅଲ୍ ଇଣ୍ଡିଆ ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ଏବଂ ଭାଜପା ପକ୍ଷରୁ ମେଣ୍ଟ କରାଯାଇଛି। ତେଣୁ ପଶ୍ଚିମବଙ୍ଗ ଓ ତାମିଲନାଡୁର ରାଜନୈତିକ ଉଠାପକା ଉପରେ ସମସ୍ତଙ୍କ ନଜର ରହିବ। ବିଶେଷକରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିବାଦ ମଧ୍ୟରେ ବିଧାନସଭା ନିର୍ବାଚନ ହେଉଥିବାରୁ ଏହା ଫଳାଫଳକୁ କିପରି ପ୍ରଭାବିତ କରୁଛି ତାହା ମେ’ ୪ରେ ସ୍ପଷ୍ଟ ହେବ।

ନୂଆଦିଲ୍ଲୀ,୧୫।୩(ପି.ଟି./ଏଜେନ୍ସି)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ ସହ ବିହାର ପରେ ଦେଶର ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ପ୍ରଥମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଇସି ଜ୍ଞାନେଶ କୁମାରଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ରବିବାର ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପଣ୍ଡିଚେରୀ ବିଧାନସଭା ଭୋଟ ତାରିଖ ଘୋଷଣା କରିବା ପରେ ☞ପୃଷ୍ଠା-୫

# ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

ବାରିପଦା/କରଞ୍ଜିଆ/ଠାକୁରମୁଣ୍ଡା, ୧୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ କବିତା ମହାନ୍ତ/ତାରାକାନ୍ତ ପଟ୍ଟନାୟକ)

■ ୨ ମୃତ, ୮ ଗୁରୁତର
■ ୧୦୦ରୁ ଅଧିକ ଘରର ଛପର ଉଡ଼ିଲା

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ପୁରୁଣାପାଣି, କଙ୍କଡ଼ା ଓ କିଆପାଣପୋଷି ଗ୍ରାମରେ ରବିବାର ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ୧୦୦ରୁ ଅଧିକ ଘରର ଛପର ଉଡ଼ିଯାଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ୪ଟା ୩୦ରେ ହଠାତ୍ କୁଆପଥର ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିଥିଲା। ବଡ଼ ବଡ଼ ଗଛ ସାଙ୍ଗକୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗି ପଡ଼ିଥିଲା। ପବନ ଯୋଗୁ ଏକ ଯାତ୍ରୀବାହୀ ଅଟୋ ☞ପୃଷ୍ଠା-୫

# ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ

ସୁନାବେଡ଼ା,୧୫।୩(କୃତ୍ତିବାସ ପ୍ରଧାନ)

ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ଭିନ୍ନ ଉପାୟରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଘଟଣା କୋରାପୁଟ ଜିଲା ସୁନାବେଡ଼ା ପିଏଚ୍‌ଡି କଲୋନିରେ ଘଟିଛି। ସ୍ତ୍ରୀଙ୍କ ସହ ଝଗଡ଼ା ପରେ ମାଲିଗୁଡ଼ା ଗାଁର ନବୀନ ମାଲି(୩୨) ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହାର ଏକ ଭିଡିଓ କରି ନବୀନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓ ଏବେ ଭାଇରାଲ ହେଉଥିବାବେଳେ ନବୀନ ଗୁରୁତର ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଶନିବାର ଅପରାହ୍ନରେ ☞ପୃଷ୍ଠା-୫






ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ।–ଶ୍ରୀମା

# ଲୁଚାଇବା ଅନାବଶ୍ୟକ

ସୁପ୍ରିମକୋର୍ଟ ୧୩ ମାର୍ଚ୍ଚ ୨୦୨୬ରେ ମହିଳାଙ୍କ ଋତୁସ୍ରାବକାଳୀନ ଛୁଟି ସଂକ୍ରାନ୍ତ ଆବେଦନକୁ ଖାରଜ କରିଦେବା ସହ ଦେଇଥିବା ମତକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ବାଧ୍ୟତାମୂଳକ ଋତୁସ୍ରାବ ଛୁଟି ଦିଆଗଲେ ତାହା ମହିଳାଙ୍କ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଯଦି ଏ ସଂକ୍ରାନ୍ତରେ ଆଇନ କରିଦିଆଯିବ, ତାହା ହେଲେ ନିଯୁକ୍ତିଦାତାମାନେ ମହିଳାଙ୍କୁ ଚାକିରି ଦେବେ ନାହିଁ। ଏ ସମ୍ବନ୍ଧୀୟ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ର ଶୁଣାଣି କରି ଶୀର୍ଷ ଅଦାଲତ ଆହୁରି କହିଛନ୍ତି, ଏହା ମହିଳାଙ୍କୁ ପୁରୁଷଙ୍କଠାରୁ କମ୍ ଯୋଗ୍ୟ ବୋଲି ବିବେଚନା କରିବ ଏବଂ ସେମାନଙ୍କ କ୍ୟାରିୟର ବୃଦ୍ଧିରେ ବାଧା ସୃଷ୍ଟି ହେବ। ମହିଳାଙ୍କୁ ଋତୁସ୍ରାବଜନିତ ଛୁଟି ଦେବା ଲାଗି କର୍ଣ୍ଣାଟକ ସରକାର ନୀତି ପ୍ରସ୍ତୁତ କରିବା, କେରଳ ସରକାର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଏହି ସୁବିଧା ରଖିଥିବା ବେଳେ କେତେକ ଘରୋଇ ସଂସ୍ଥା ଛୁଟି ଦେଉଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଥିଲେ, ସ୍ୱେଚ୍ଛାକୃତ ଭାବେ ସେମାନେ ଯଦି ଦେଉଛନ୍ତି, ତେବେ ତାହା ଭଲ କଥା। କିନ୍ତୁ ଆଇନରେ ବାଧ୍ୟତାମୂଳକ କରାଗଲେ ତାହା କାର୍ଯ୍ୟରତ ମହିଳାଙ୍କ ପ୍ରତି କ୍ଷତି ପହଞ୍ଚିବ।

ଏଭଳି ଏକ ପିଆଇଏଲ୍ ଓ ତାହା ଯୋଗୁ ସୁପ୍ରିମ୍‌କୋର୍ଟଙ୍କ ମତ ସର୍ବସାଧାରଣରେ ଜଣାପଡ଼ିବା ହେତୁ ଏକ ସକାରାତ୍ମକ ଆଲୋଚନା ଭାରତୀୟ ସମାଜରେ ହେବାର ସୁଯୋଗ ସୃଷ୍ଟି କରିଛି। ଆମ ଦେଶରେ ପରିବାରର ବରିଷ୍ଠମାନେ କନ୍ୟାମାନଙ୍କୁ ଏ ବିଷୟରେ ସଚେତନ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ପୁରୁଣା ଚିନ୍ତାଧାରା ଆଧାରରେ ଏହା ଏକ ଖୋଲାଖୋଲି ଆଲୋଚନାର ବିଷୟ ହେବା ପରିବର୍ତ୍ତେ ଏକ ଅସ୍ୱାସ୍ଥ୍ୟକର ଏବଂ ଲୁକ୍କାୟିତ ରଖିବାଯୋଗ୍ୟ କଥା ବୋଲି ଧରାହୋଇ ଆସୁଛି। ଅନେକ ସ୍ତରରେ ସେହି ସମୟରେ ଝିଅପିଲାଙ୍କୁ ମନ୍ଦିର ଓ ରୋଷେଇ ଘରକୁ ପ୍ରବେଶ ମନାକରିବା ସହିତ ଲେମ୍ବୁ ତୋଳିବା ଭଳି କାର୍ଯ୍ୟରୁ ବାରଣ କରାଯାଉଛି। ଆଧ୍ୟାତ୍ମିକ ଚିନ୍ତାଧାରାରେ ନିଜକୁ ଆଗୁଆ କହୁଥିବା ଭାରତୀୟ ଏଭଳି ପୁରୁଣା ଚିନ୍ତାଧାରା ଯୋଗୁ ପଛକୁ ଟାଣିହୋଇ ରହୁଛି। ଏହା ପରିବର୍ତ୍ତେ ସୁପ୍ରିମ୍‌କୋର୍ଟଙ୍କ ଏହି ମତକୁ ନେଇ ଆଲୋଚନା ଆରମ୍ଭ କରାଯାଇପାରିଲେ ବିଦ୍ୟାଳୟଠାରୁ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ଝିଅମାନଙ୍କୁ ଗ୍ରହଣୀୟ ଓ ସୁରକ୍ଷିତ ବାତାବରଣରେ ବଢ଼ିବା ଲାଗି ସୁଯୋଗ ମିଳିପାରନ୍ତା।

**ସ୍ୱାସ୍ଥ୍ୟ ବାହାନାରେ ମହିଳାଙ୍କୁ କ୍ୟାରିୟରଠାରୁ ଦୂରେଇ ରଖାଯିବା ଯଥାର୍ଥ ନୁହେଁ। ସବୁ କଥାରେ ଆଇନ କରିଦେଲେ ତାହା ଲୋକଙ୍କୁ ଆଇନ ଭାଙ୍ଗିବା ପାଇଁ ବାଧ କରିଥାଏ। କେବଳ ଝିଅପିଲା ନୁହେଁ, ଋତୁସ୍ରାବ ଭଳି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ପୁଅପିଲାମାନେ ମଧ୍ୟ ସ୍କୁଲ ସ୍ତରରୁ ଜାଣିବା ଦରକାର। ଭାରତୀୟ ସମାଜରେ ଏଭଳି ସଚେତନତା ବୃଦ୍ଧି ପାଇଲେ ମହିଳାଙ୍କ ଜୀବନ ସହଜ ହେବା ସହିତ ଏହି ଦେଶରେ ଶ୍ରମଶକ୍ତିର ମାନ ବୃଦ୍ଧି ପାଇବ।**

ଏହିପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଯୁକ୍ତି ବାସ୍ତବବାଦୀ ମନେହେଉଛି। ଭାରତ ଜନସଂଖ୍ୟାର ପ୍ରାୟ ଅଧା ହୋଇଥିଲେ ମଧ୍ୟ ଶ୍ରମଶକ୍ତିରେ ମହିଳାଙ୍କ ଯୋଗଦାନ ହାର ପୁରୁଷଙ୍କ ତୁଳନାରେ ଯଥେଷ୍ଟ କମ୍ ରହୁଛି। ପୃଥିବୀର କୌଣସି ସଫଳ ଅର୍ଥନୀତି ସୃଷ୍ଟି କରିଥିବା ଦେଶରେ ଏଭଳି ତାରତମ୍ୟ ଦେଖାଯାଏ ନାହିଁ। ଅବଶ୍ୟ, ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ ଭାରତରେ ଗୃହିଣୀମାନେ ଯେଉଁ ପ୍ରକାରର ଓ ଯେତେ ପରିମାଣରେ କାର୍ଯ୍ୟ କରନ୍ତି, ତାହାର କୌଣସି ବିଧିବଦ୍ଧ ଆକଳନ କରାଯାଏ ନାହିଁ। ସେଥିପାଇଁ ଗୃହିଣୀଙ୍କ ଅର୍ଥନୈତିକ ଅବଦାନର ପରିମାଣ ଏବେ ମଧ୍ୟ ଅଜଣା। ଏଭଳି ସ୍ଥଳେ ମହିଳାଙ୍କୁ ପ୍ରତ୍ୟେକ ମାସ ଛୁଟି ଦେବାର ଆଇନ ସୃଷ୍ଟି କରାଯାଇଥିଲେ ତାହା ଘରୋଇ ନିଯୁକ୍ତିଦାତାଙ୍କୁ ଅମଙ୍ଗ ହେବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଥାନ୍ତା। ବାସ୍ତବରେ ଦେଖିବାକୁ ଗଲେ ମାଲିକ ବା ନିଯୁକ୍ତିଦାତା ନିଜର କର୍ମଚାରୀଙ୍କୁ ଦରମା ଦେବା ପରେ ସ୍ୱଳ୍ପ ଦିନର କାର୍ଯ୍ୟ ଚାହେଁ ନାହିଁ।

ସ୍ୱାସ୍ଥ୍ୟ ବାହାନାରେ ମହିଳାଙ୍କୁ କ୍ୟାରିୟରଠାରୁ ଦୂରେଇ ରଖାଯିବା ଯଥାର୍ଥ ନୁହେଁ। ସବୁକଥାରେ ଆଇନ କରିଦେଲେ ତାହା ଲୋକଙ୍କୁ ଆଇନ ଭାଙ୍ଗିବା ପାଇଁ ବାଧ କରିଥାଏ। କେବଳ ଝିଅପିଲା ନୁହେଁ, ଋତୁସ୍ରାବ ଭଳି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ପୁଅପିଲାମାନେ ମଧ୍ୟ ସ୍କୁଲ ସ୍ତରରୁ ଜାଣିବା ଦରକାର। ଭାରତୀୟ ସମାଜରେ ଏଭଳି ସଚେତନତା ବୃଦ୍ଧି ପାଇଲେ ମହିଳାଙ୍କ ଜୀବନ ସହଜ ହେବା ସହିତ ଏହି ଦେଶରେ ଶ୍ରମଶକ୍ତିର ମାନ ବୃଦ୍ଧି ପାଇବ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | 2 | | | | | |
| | | 4 | 1 | | | 3 | | 8 |
| | | | 4 | 7 | | | 1 | |
| | 5 | | | | | | 3 | 7 |
| 4 | | | 7 | 5 | | | | |
| 7 | 8 | | | 6 | | | 4 | 9 |
| | | 3 | | | 1 | | | |
| 5 | | | | | | | 2 | |
| 9 | 1 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 7 | 5 | 2 | 6 | 8 | 4 |
| 4 | 2 | 6 | 9 | 8 | 3 | 7 | 1 | 5 |
| 5 | 7 | 8 | 1 | 6 | 4 | 3 | 2 | 9 |
| 6 | 4 | 7 | 3 | 1 | 5 | 2 | 9 | 8 |
| 2 | 1 | 9 | 8 | 4 | 7 | 5 | 3 | 6 |
| 8 | 5 | 3 | 2 | 9 | 6 | 1 | 4 | 7 |
| 3 | 6 | 2 | 4 | 7 | 8 | 9 | 5 | 1 |
| 7 | 9 | 4 | 5 | 3 | 1 | 8 | 6 | 2 |
| 1 | 8 | 5 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

# କୃଷକ ବଜାର ଓ ଆର୍ଥିକ ସୁରକ୍ଷା



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ପ୍ରଚୁର କଞ୍ଚାମାଲ ଓ ଭିତ୍ତିଭୂମି ଥିବା ସତ୍ତ୍ୱେ ଆବଶ୍ୟକ ଶିଳ୍ପାୟନ ଅଭାବରୁ ଓଡ଼ିଶାରେ ଏବେ ବି ପ୍ରାୟ ୬୦–୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଦେଶର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୨୦୦ ମିଲିମିଟର ହୋଇଥିବା ବେଳେ ଆମ ରାଜ୍ୟର ଏହା ୧୫୦୦ ମିଲିମିଟର। ସମଗ୍ର ଦେଶରେ ଥିବା ଆଠ ପ୍ରକାର ମୃତ୍ତିକା ଆମ ପାଖରେ ଉପଲବ୍ଧ। ବିଭିନ୍ନ ଜଳବାୟୁ ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାର କଶ୍ମୀର ଭାବେ ଜଣାଶୁଣା ଦାରିଙ୍ଗବାଡିରେ ବରଫ ପଡିବାର ନଜିର ରହିଛି। ସମୁଦ୍ର ପତନଠାରୁ ଦେଓମାଳୀର ଉଚ୍ଚତମ ଶୃଙ୍ଗ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭୂମିରୂପ ମଧ୍ୟ ଆମ ରାଜ୍ୟରେ ଅବସ୍ଥିତ । ସବୁଠୁ ବଡ ସମ୍ପଦ ହେଉଛି ରାଜ୍ୟରେ ବାସ କରୁଥିବା ପାଖାପାଖି ୫ କୋଟି ଶାକାହାରୀ ଓ ମାଂସାହାରୀ ଖାଉଟି ବା ଗ୍ରାହକ। ଭିନ୍ନ ଭିନ୍ନ ମୃତ୍ତିକା, ଜଳବାୟୁ, ଭୂମିରୂପ ଏବଂ ବୃହତ୍ ଖାଉଟି ଉପସ୍ଥିତି ଯୋଗୁ କେଉଁ ଅନାଦି କାଳରୁ ଓଡ଼ିଶାରେ ଶହ ଶହ ପ୍ରକାର ଫସଲ ଚାଷ ହୋଇ ଆସୁଛି। ଏପରିକି ଏବେ ଓଡ଼ିଶାରେ ଥଣ୍ଡା ଅଞ୍ଚଳରେ ସେଓ ଫଳିବାର ଦୃଷ୍ଟାନ୍ତ ମିଳିଲାଣି।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ଭୟାବହତା ସମୟରେ ଧାନ ଉତ୍ପାଦନ ହୋଇପାରି ନ ଥିଲେ ମଧ୍ୟ ଓଡ଼ିଶାରୁ ୩୩୦୦୦ ହଜାର ଟନ ଚାଉଳ ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହୋଇଥିଲା, ଯାହାକି ଆମର ଦୁର୍ଭିକ୍ଷ ସ୍ଥିତିକୁ ଆହୁରି ଜଟିଳ କରିଦେଇଥିଲା। ସେତେବେଳେ ଆମେ ଅନ୍ୟ ରାଜ୍ୟଗୁଡିକର ସୀମାବର୍ତ୍ତୀ ଅଞ୍ଚଳ ଭାବେ ପରିଗଣିତ ହେଉଥିବାରୁ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଓ ଆବଶ୍ୟକ ପଦକ୍ଷେପ ନେଇପାରୁ ନ ଥିଲୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ପାଇଲୁ। ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶାର ଶତାବ୍ଦୀ ପାଳିବାକୁ ଯାଉଛୁ। ହେଲେ ଆଶ୍ଚର୍ଯ୍ୟର ବିଷୟ , ଆଜି ମଧ୍ୟ ଓଡ଼ିଶା ୧୦ ଲକ୍ଷ ଟନ ଚାଉଳ ବାହାର ରାଜ୍ୟରୁ ଆମଦାନୀ କରି ବଞ୍ଚୁଛି। ସରୁ ଚାଉଳ ଓ ଲମ୍ବା ଚାଉଳ (ବିରିୟାନୀ ପାଇଁ) ଚାଷ ହେଉ ନ ଥିବାରୁ ଖାଉଟିଙ୍କ ପସନ୍ଦ ଅନୁସାରେ ବ୍ୟବସାୟୀ ବାହାର ରାଜ୍ୟରୁ ଆଣି ଆମକୁ ବିକୁଛନ୍ତି। ଦୁଃଖର କଥା, କୃଷି ଉତ୍ପାଦନର ସମସ୍ତ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଆମେ କୃଷି ଆୟରେ ଦେଶର ରାଜ୍ୟମାନଙ୍କ ତାଲିକାରେ ତଳଆଡୁ ଦ୍ୱିତୀୟରେ ଅଛୁ। ଆମର କୃଷି ଆୟ ପ୍ରତି ପରିବାର ପିଛା ମାସକୁ ୫୧୧୨ ଟଙ୍କା। ଝାଡଖଣ୍ଡ ୪୮୯୫ଟଙ୍କାରେ ରହି ତଳ ଆଡୁ ପ୍ରଥମ ସ୍ଥାନ ଅଧିକାର କରିଛି। ଦେଶର ପ୍ରତି କୃଷି ପରିବାରର ହାରାହାରି ମାସିକ କୃଷି ଆୟ ୧୦,୨୧୮ ଟଙ୍କା ଥିବାବେଳେ ବଣପାହାଡ ଘେରା ମେଘାଳୟର ଏହା ୨୯,୩୪୮ ଟଙ୍କା, ଯାହା ଦେଶର ସର୍ବୋଚ୍ଚ ସ୍ଥାନ ନେଇଛି।



ଅପରପେଟ ମରୁଭୂମିପୂର୍ଣ୍ଣ ତଥା ମରୁଡି ପ୍ରପୀଡିତ ରାଜସ୍ଥାନର କୃଷି ଆୟ ୧୨୫୨୦ ଟଙ୍କା ଥିବା ବେଳେ ବନ୍ୟା ପ୍ରପୀଡିତ ଆସାମରଏହା ୧୦୬୭୫ ଟଙ୍କା, ଯାହା ବିକାଶ ଖସଡାକୁ ଆଖିଠାର ମାରୁଛି।

ଆମ ରାଜ୍ୟରେ କୃଷି ଆୟ କମ୍ ଥିବାରୁ ଚାଷୀ ଚାଷ ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ରାଜ୍ୟରେ ପରିସଂଖ୍ୟାନ ଯାହା କହୁନା କାହିଁକି ବାସ୍ତବ ଚିତ୍ର ହେଉଛି ଅଧିକାଂଶ ଚାଷଜମି ପଡିଆ। ଏହା ମଧ୍ୟ ବିଗତ ଦିନର ରିମୋଟ ସେନ୍ସିଂ ଡାଟାରୁ ସ୍ପଷ୍ଟ ହୋଇଛି। ପ୍ରଶ୍ନ ଉଠେ ଓଡ଼ିଶାରେ ଚାଷୀ ଆୟ ବୃଦ୍ଧି କାହିଁକି ହୋଇପାରୁ ନାହିଁ ? ଜଣେ ବୈଜ୍ଞାନିକ ହିସାବରେ ତର୍ଜମା କଲେ ଜଣାଯାଏ ଯେ, ଏହାର ଅନେକ କାରଣ ରହିଛି। ସେଥିମଧ୍ୟରୁ ମୁଖ୍ୟ କାରଣ ହେଉଛି ଆମ ବ୍ୟବସ୍ଥା କୃଷକଙ୍କୁ କୃଷି ଉତ୍ପାଦରେ ଖାଉଟି ଦେୟର ସିଂହଭାଗ ଦେଇପାରୁ ନାହିଁ। ଅର୍ଥାତ୍ ଓଡ଼ିଶାରେ ଖାଉଟି ମୂଲ୍ୟରେ କୃଷକମାନଙ୍କ ଭାଗ କମ୍ ରହୁଛି। ଯେହେତୁ ଚାଷୀ କମ୍ ପଇସା ପାଏ, ତା'ର ଦୁର୍ବଳ ଆର୍ଥିକ ଯୋଗୁ ଆଧୁନିକ କୃଷି ପାଇଁ ଆବଶ୍ୟକ ପୁଞ୍ଜି ନିବେଶ କରି ନ ପାରି ପାରମ୍ପରିକ ବା ପୁରାତନ ଢଙ୍ଗରେ ଚାଷ କରେ, ଯାହାର ଉତ୍ପାଦନ ଖର୍ଚ୍ଚ ଅଧିକ ହୋଇଥାଏ। ତେବେ ପନିପରିବା ଏକ ଅର୍ଥକରୀ ଫସଲ ହୋଇଥିବାରୁ ଆମେ ଏହାର ବଜାର ବିଶ୍ଳେଷଣ ମାଧ୍ୟମରେ ସମସ୍ୟାକୁ ବୁଝିପାରିବା। ସର୍ବେକ୍ଷଣରୁ ଜଣାଯାଏ, ଯେତେବେଳେ ଭୁବନେଶ୍ୱରର ଖାଉଟି ବାଇଗଣକୁ କିଲୋପିଛା ୫୦ ଟଙ୍କାରେ କିଣେ ସେତେବେଳେ ଚାଷୀ ବିହନ, ସାର, କୀଟନାଶକ, ପାଣି, ଶ୍ରମିକ ସବୁକିଛି ଲଗାଇ ମାତ୍ର ୧୬ରୁ ୨୦ ଟଙ୍କା ପାଏ। ଅର୍ଥାତ୍ ମାର୍କେଟିଂ ଚାନେଲ କିଛି ନ କରି ୩୦ରୁ ୩୪ ଟଙ୍କା ପାଏ। କୃଷି ଉତ୍ପାଦ ମୁଖ୍ୟତଃ ଅର୍ଥକରୀ ଫସଲରେ ଅତ୍ୟଧିକ ମିଡଲମ୍ୟାନ ବା ମଧ୍ୟସ୍ଥ ରହୁଥିବାରୁ ଚାଷୀଙ୍କୁ ଅଧିକ ପଇସା ମିଳେ ନାହିଁ। ଚାଷୀଙ୍କଠୁ ଛୋଟ ସଂଗ୍ରାହକ ଫସଲ ସଂଗ୍ରହ କରେ। ସେ ବଡ ସଂଗ୍ରାହକକୁ ଦିଏ। ବଡ ସଂଗ୍ରାହକ ଭୁବନେଶ୍ୱର ହୋଲ୍‌ସେଲରକୁ ଦିଏ। ହୋଲ୍‌ସେଲର ରିଟେଲରକୁ ଦିଏ। ରିଟେଲର ଗ୍ରାହକୁ ବିକେ। ଆଜିକାଲି ହୋଲ୍‌ସେଲରଙ୍କଠୁ ସବ୍‌ହୋଲ୍‌ସେଲର ନେଲେଣି। ଦୋକାନୀ ଦୋକାନରେ ବସୁଛନ୍ତି, ସବ୍‌ହୋଲ୍‌ସେଲର ଦୋକାନୀକୁ ନେଇ ଦେଉଛନ୍ତି। ଦୋକାନୀ ଗ୍ରାହକଙ୍କୁ ବିକୁଛନ୍ତି। ସମସ୍ତେ କିଛି କିଛି ଲାଭ ରଖୁଛନ୍ତି। ସେମାନେ ସବୁ ଚେଷ୍ଟା କରନ୍ତି କିପରି ସବୁଠୁ କମ୍ ଦାମରେ ଚାଷୀଠୁ କିଣିବେ ଓ ଅଧିକ ଲାଭ କରିବେ। କାରଣ ଚାଷୀ ଅର୍ଥାଭାବରେ ଥାଏ ଏବଂ ଶୀତଳ ଭଣ୍ଡାର ଅଭାବରୁ ଶାଗମାଛ ଦାମରେ ଉତ୍ପାଦ ବିକିବାକୁ ବାଧ ହୁଏ।

ଆମେ ଯଦି କୃଷକଙ୍କୁ ଖାଉଟିଙ୍କ ସହିତ ସିଧାସଳଖ ଯୋଡିବା ତା'ହେଲେ ଖାଉଟି ଦେୟର ସିଂହଭାଗ ଉତ୍ପାଦକ ବା କୃଷକଙ୍କ ନିକଟକୁ ଯିବ। ପୂର୍ବରୁ କିଛି ସହରରେ କୃଷକ ବଜାର ସ୍ଥାପନ କରାଯାଇଥିବା ନଜିର ରହିଛି। ମାତ୍ର ବାହୁବଳ ହେଉ କିମ୍ବା ଅନ୍ୟାନ୍ୟ ପ୍ରଭାବ ପ୍ରୟୋଗ କରି ବେପାରୀମାନେ ତାକୁ ମାଡିବସିଲେ। ଚାଷୀଙ୍କୁ ସେଠି ବସି ବିକିବାକୁ ଦେଲେ ନାହିଁ। ଚାଷୀଙ୍କଠୁ ସିଧାସଳଖ ହୋଲ୍‌ସେଲର କିଣିବାର ବ୍ୟବସ୍ଥା ବି ନାହିଁ। ଏ ଅବ୍ୟବସ୍ଥା ଦୂର କରିବା ପାଇଁ ଆମକୁ ରାଜ୍ୟର ସବୁ ସହରରେ ଏକାଧିକ ଚାଷୀ ବଜାର ସ୍ଥାପନ କରିବାକୁ ପଡିବ। ସେଠାରେ କୌଣସି ବେପାରି ଯେମିତି ପଶିପାରିବେ ନାହିଁ, ସେଥିପାଇଁ କଡା ଆଇନ ଆଣିବାକୁ ହେବ। କୃଷି ବିଭାଗ କେବଳ ଚାଷୀମାନଙ୍କୁ ପରିଚୟପତ୍ର ଦେବ ଏବଂ କେବଳ ସେମାନେ ହିଁ କୃଷକ ବଜାରରେ ସିଧା ସଳଖ ଖାଉଟିଙ୍କୁ ଉତ୍ପାଦ ବିକ୍ରି କରିବେ। ଖାଉଟିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରହିବ। ତା'ପରେ ବେପାରୀମାନେ ପଶି ସେଠାରୁ ଉତ୍ପାଦ କିଣି ବାହାରକୁ ନେଇପାରିବେ, ମାତ୍ର ସେଠାରେ ବିକ୍ରି କରିପାରିବେ ନାହିଁ। ବେପାରୀମାନେ ଅନ୍ୟତ୍ର କିମ୍ବା ବର୍ତ୍ତମାନର ବଜାରରେ ବସି ବିକ୍ରି କରିପାରିବେ। ଚାଷୀମାନଙ୍କୁ ସେମାନଙ୍କ ଫସଲ ଦେଖି ପ୍ରମାଣପତ୍ର ଦିଆଯିବ। ସୁରକ୍ଷା ଦୃଷ୍ଟିରୁ କୃଷକ ବଜାରରେ ବାଉଣ୍ଡରୀ ହେବା ଆବଶ୍ୟକ ଏବଂ ଶୌଚାଳୟର ବ୍ୟବସ୍ଥା ରହିବା ଦରକାର। ଦୂରରୁ ଯେଉଁ ଚାଷୀମାନେ ଆସିବେ ସେମାନଙ୍କ ରହଣି ପାଇଁ କୃଷକ ବଜାରରେ ସ୍ୱଳ୍ପ ମୂଲ୍ୟରେ ବେଡ୍ ଓ ଖାଇବା ଉପଲବ୍ଧ ହେବା ବାଞ୍ଛନୀୟ। କହିବାକୁ ଗଲେ କୃଷିଜାତ ଦ୍ରବ୍ୟ ବିକ୍ରିବଟାରୁ ମଧ୍ୟସ୍ଥଙ୍କୁ ଦୂରେଇ ପାରିଲେ ଯାଇ ଆମେ ଚାଷୀକୁ ଦି'ପଇସା ଅଧିକ ଦେଇପାରିବା। ସହରର ବିଭିନ୍ନ ଭାଗରେ ଉପରୋକ୍ତ କୃଷକ ବଜାର ସ୍ଥାପନ କରି କୃଷକଙ୍କୁ ସିଧାସଳଖ ଖାଉଟିଙ୍କ ସହିତ ଯୋଡିପାରିଲେ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ ହେବା।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା
ପ୍ରତିଷ୍ଠାନ , ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

# ମଧ୍ୟପ୍ରାଚ୍ୟ ଯୁଦ୍ଧ



ସୁଧାଂଶୁ ରଞ୍ଜନ ଦାସ

ମଧ୍ୟପ୍ରାଚ୍ୟ ଯୁଦ୍ଧର ତାଣ୍ଡବଲୀଳା ବଢିଚାଲିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇରାନର ଭୀଷଣ ପ୍ରତିଆକ୍ରମଣ ଯୁଦ୍ଧର ବିଭୀଷିକାକୁ ଆହୁରି ଗମ୍ଭୀର କରି ଦେଇଛି। ଇରାନ ବିଭିନ୍ନ କ୍ଷେପଣାସ୍ତ୍ର ଓ ଡ୍ରୋନ ଦ୍ୱାରା ଇସ୍ରାଏଲ ଏବଂ ଆରବ ଦେଶମାନଙ୍କରେ ଥିବା ଆମେରିକୀୟ କମ୍ପାନୀ ଓ ମିଲିଟାରୀ ବେସ୍‌ଗୁଡିକ ଉପରେ ଚଢ଼ାଉ କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନରେ ଥିବା ଅସୁର ଶକ୍ତିର ସମ୍ପୂର୍ଣ୍ଣ ବିନାଶ ନ ହେଲେ ଏହା ମଧ୍ୟପ୍ରାଚ୍ୟର ସମସ୍ତ ଦେଶ ତଥା ସାରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିବ। ଏଥିପାଇଁ ଟ୍ରମ୍ପ୍ ଇରାନର ପରମାଣୁ ପରୀକ୍ଷାକୁ ସବୁଦିନ ପାଇଁ ବନ୍ଦ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ପ୍ରଶାସନ ଇରାନକୁ ଆତଙ୍କବାଦର ଗଡ ବୋଲି ଦର୍ଶାଇଛି । ଇସ୍ରାଏଲ ଓ ଆମେରିକା ଯଦିଓ ଆଧୁନିକ ଅସ୍ତ୍ରଶସ୍ତ୍ର ତଥା ରଣକୌଶଳରେ ଅତ୍ୟନ୍ତ ନିପୁଣ, ତଥାପି ଇରାନର କ୍ଷେପଣାସ୍ତ୍ରର ବିବିଧତା ବିଶେଷକରି ମିଶାଇଲ ସହିତ ସଂଯୋଗ ହୋଇଥିବା କ୍ଲଷ୍ଟର ବୋମା ସେମାନଙ୍କୁ ଚିନ୍ତାରେ ପକାଇଛି। କାରଣ ମିଶାଇଲ ସାଙ୍ଗରେ ଆସୁଥିବା ଛୋଟ ଛୋଟ ଅସଂଖ୍ୟ କ୍ଲଷ୍ଟର ବୋମାକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଶକ୍ତିହୀନ କରିବା ଅତ୍ୟନ୍ତ କଷ୍ଟକର। ରୁଷିଆ ସହାୟତାରେ ଇରାନ ବର୍ଷ ବର୍ଷ ଧରି ନିଜର ପରମାଣୁ ଅସ୍ତ୍ର ଉପରେ ପରୀକ୍ଷା କରିବା ସହ ବିଭିନ୍ନ ଦୂରତ୍ୱର କ୍ଷେପଣାସ୍ତ୍ର ତିଆରି କରି ଏହାକୁ ଅଧିକ ମାତ୍ରାରେ ଗଚ୍ଛିତ କରିପାରିଛି। ଜଣାପଡୁଛି ଇରାନ ଅନେକ ବର୍ଷ ହେଲା ଆମେରିକା ଓ ଇସ୍ରାଏଲ ଆକ୍ରମଣର ଆଶଙ୍କାରେ ନିଜକୁ ପ୍ରସ୍ତୁତ କରୁଥିଲା । ପରମାଣୁ ବୋମା ତିଆରି କରିବା ପାଇଁ ଇରାନ ବହୁ ଅଧିକ ମାତ୍ରାରେ ୟୁରାନିୟମ ଏକତ୍ରିତ କରିପାରିଛି। ଇରାନ ଏକ ପରମାଣୁ ଶକ୍ତି ହେବାରେ ଅଧିକ ବିଳମ୍ବ ନାହିଁ ବୋଲି ଆମେରିକା ଓ ଇସ୍ରାଏଲ ଅବଗତ ହେଲେଣି । ଯଦି ଇରାନ ପରମାଣୁ ବୋମା ପ୍ରସ୍ତୁତ କରି ମୁସ୍‌ଲିମ ଦେଶମାନଙ୍କୁ ହସ୍ତାନ୍ତର କରିଦେବ ତେବେ ଏହା ଆମେରିକା ,ଇସ୍ରାଏଲ ଏବଂ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ବିପଦ ସୃଷ୍ଟି କରିବ। ଏହି ଭୟ ଆମେରିକା ଓ ଇସ୍ରାଏଲକୁ ଇରାନ ଉପରେ ମିଳିତ ଆକ୍ରମଣ 'ଅପରେଶନ ଏପିକ୍ ଫ୍ୟୁରି' ପାଇଁ ବାଧ କରିଛି।

ଏହି ଯୁଦ୍ଧ ଯଦି ଲମ୍ବା ସମୟ ପାଇଁ ଚାଲେ ଏହା ଇରାନକୁ ମୁସ୍‌ଲିମ ରାଷ୍ଟ୍ରମାନଙ୍କ ସହଯୋଗ ପ୍ରାପ୍ତ କରିବାରେ ସହାୟକ ହୋଇପାରେ। ମଧ୍ୟପ୍ରାଚ୍ୟରେ ଥିବା ମୁସ୍‌ଲିମ ରାଷ୍ଟ୍ରମାନଙ୍କ ଉପରେ ଇରାନ ଆକ୍ରମଣ ଜାରି ରଖିଛି ଏବଂ ସେମାନେ କହିଲେଣି ଆମେରିକୀୟ କମ୍ପାନୀ ଓ ସେନା ଶିବିର ତାଙ୍କ ଦେଶରେ ଥିବାରୁ ଇରାନ ସେମାନଙ୍କୁ ଆକ୍ରମଣ କଲା। ଯଦି ଏହା ଜନମତରେ ପରିବର୍ତ୍ତନ ହେବ



ଆମେରିକା ଆଉ ଇରାନ ବିରୋଧୀ ମୁସ୍‌ଲିମ ରାଷ୍ଟ୍ରମାନଙ୍କର ସହଯୋଗ ପାଇବ ନାହିଁ। ନିକଟରେ ଆୟତୋଲ୍ଲା ଖାମେନେଇଙ୍କ ଦମନଲୀଳା, ଦରଦାମ ବୃଦ୍ଧି, ଅରାଜକତା ଓ ବେରୋଜଗାରି ଇରାନରେ ଜେନ–ଜି ଆନ୍ଦୋଳନ ସୃଷ୍ଟି କରିଥିଲା। ଏହାକୁ ବର୍ବରତା ପୂର୍ବକ ଦମନ କରି ଦିଆଗଲା। ଏହି ଦମନଲୀଳାରେ ଇରାନର ବହୁ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଲୋକମାନେ 'ଆୟତୋଲ୍ଲା ଖାମେନେଇଙ୍କୁ ମୃତ୍ୟୁ ଦିଆଯାଉ' ପୋଷ୍ଟର ଧରି ବୁଲୁଥିଲେ। ଆଜିସେମାନେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଖାମେନେଇଙ୍କ ପୋଷ୍ଟର ଛାତିରେ ମାରି 'ଖାମେନେଇ ଜିନ୍ଦାବାଦ' କହି ବୁଲୁଛନ୍ତି। 'ଅପରେଶନ ଏପିକ୍ ଫ୍ୟୁରି' ଇରାନବାସୀଙ୍କୁ ଏକାଠି କରିଦେଇଛି। ଯୁଦ୍ଧ ଯଦି ବେଶିଦିନ ଚାଲେ ତେବେ ଏହା ଆମେରିକା ଓ ଇସ୍ରାଏଲ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରିବ। ଇରାନର ଜନସାଧାରଣ ଖାମେନେଇ ସରକାରଙ୍କ ପ୍ରତି ଯେତେ ଅସନ୍ତୋଷ ବ୍ୟକ୍ତ କଲେ ମଧ୍ୟ ନିଜ ଦେଶରେ ଆମେରିକାର ହସ୍ତକ୍ଷେପକୁ ପସନ୍ଦ କରିବେନି। ଏ ପରିସ୍ଥିତି ଆମେରିକା ଓ ଇସ୍ରାଏଲର ନେତାମାନଙ୍କୁ ଜଣାଥିଲା। ତେଣୁ ସେମାନେ କମ୍ ସମୟ ଭିତରେ ଇରାନର ପରମାଣୁ ପରୀକ୍ଷା କେନ୍ଦ୍ରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଇରାନରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସମସ୍ତ ପଦକ୍ଷେପ ନେବାକୁ ଚେଷ୍ଟା କରିବେ। ଇରାନରେ ନେତୃତ୍ୱ ପରିବର୍ତ୍ତନ ଆମେରିକା ଓ ଇସ୍ରାଏଲର ବାୟୁ ସେନା ଆକ୍ରମଣ ଦ୍ୱାରା ସମ୍ଭବ ହେଲାପରି ଲାଗୁନାହିଁ। ସେଥିପାଇଁ ଆମେରିକା ଏବେ ଇରାନ ବିରୋଧୀ କୁର୍ଦ୍ଦିସ ସୈନିକମାନଙ୍କୁ ଉପଯୋଗ କରିବା ପାଇଁ ଚେଷ୍ଟା କରୁଛି। ଇରାନରେ ଥିବା କୁର୍ଦ୍ଦିସମାନେ ଦୀର୍ଘ ଦିନ ଧରି କୁର୍ଦ୍ଦିସ୍ତାନ( ଇରାନର ଉତ୍ତରପଶ୍ଚିମାଞ୍ଚଳରେ ପୂର୍ବ କୁର୍ଦ୍ଦିସ୍ତାନ) ପାଇଁ ସଂଗ୍ରାମ କରୁଛନ୍ତି। ଇରାନ ସରକାର ସଂଖ୍ୟାଲଘୁ କୁର୍ଦ୍ଦିସଙ୍କୁ ବର୍ଷ ବର୍ଷ ଧରି ଅକଥନୀୟ ଅତ୍ୟାଚାର କରିଛି। ତେବେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ କୁର୍ଦ୍ଦିସ୍ତାନ ଗଠନ ପାଇଁ ସୁଯୋଗ ଆଣିଛି। ହେଲେ ଯୁଦ୍ଧ ପରିସ୍ଥିତିରେ ଇରାନ ଭିତରେ କୁର୍ଦ୍ଦିସ୍ତାନ ଗଠନ କରାଯିବା ଏତେ ସହଜ ନୁହେଁ। ଏପଟେ ଜର୍ମାନୀ ଆମେରିକାକୁ ଯୁଦ୍ଧରେ ସହଯୋଗ କରିବାକୁ ମନା କରିଦେଇଛି। ଏଥିପାଇଁ ଆମେରିକା ଓ ଇସ୍ରାଏଲ ଆଗାମୀ ଦିନରେ ଇରାନର ପରମାଣୁ ପରୀକ୍ଷା କେନ୍ଦ୍ର ଏବଂ କ୍ଷେପଣାସ୍ତ୍ର ସେଣ୍ଟରଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସଂଖ୍ୟାଲଘୁ କୁର୍ଦ୍ଦିସମାନଙ୍କୁ ନେଇ କୁର୍ଦ୍ଦିସ୍ତାନ ଗଠନ ପାଇଁ ପ୍ରୟାସ କରିବେ। ଇରାନରେ ନେତୃତ୍ୱ ପରିବର୍ତ୍ତନ ନ ହେଲେ ମଧ୍ୟ ଆମେରିକା ଓ ଇସ୍ରାଏଲ କୁର୍ଦ୍ଦିସ୍ତାନରୁ ଇରାନ ଉପରେ ନିୟନ୍ତ୍ରଣ ରଖିପାରିବେ ବୋଲି ମନେ କରୁଛନ୍ତି।। ଯଦିଓ କୁର୍ଦ୍ଦିସ୍ତାନ ଗଠନ କଷ୍ଟକର, ତଥାପି ଆମେରିକା ଓ ଇସ୍ରାଏଲ ନିଜର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ପାଇଁ କୁର୍ଦ୍ଦିସ୍ତାନ ଗଠନ ସେମାନଙ୍କ ପାଇଁ ଆବଶ୍ୟକ ହୋଇଛି। ଆମେରିକା–ଇସ୍ରାଏଲ–ଇରାନ ଯୁଦ୍ଧର ଶୀଘ୍ର ପରିସମାପ୍ତି ହେବା ଦରକାର। ଏହି ଯୁଦ୍ଧ ଲମ୍ବା ସମୟ ଚାଲିଲେ ଏହା ବିଶ୍ୱର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବେଶକୁ ନଷ୍ଟ କରିଦେବ।

ମୋ:୭୭୦୨୩୮୩୮୦

## ଏଇ ଭାରତରେ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଏବେ ବିଶ୍ୱରେ ତୈଳ ଓ ଜାଳେଣି ଗ୍ୟାସ୍ ଅଭାବ ଧୀରେ ଧୀରେ ଗମ୍ଭୀର ହେବାରେ ଲାଗିଛି। ସାମ୍ପ୍ରତିକ ସ୍ଥିତିରେ ଗ୍ୟାସ୍ ବ୍ୟବହାର ସୀମିତ କରିବା ଏବଂ ତୈଳ ଅପଚୟ ବନ୍ଦ କରିବା ଜରୁରୀ ହୋଇଗଲାଣି। ଅନ୍ୟପକ୍ଷରେ ଜଳ ଏବଂ ବିଦ୍ୟୁତ୍ ସଙ୍କଟ ମଧ୍ୟ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଏଭଳି ସଙ୍କଟକୁ ମୁକାବିଲା କରି ଜୀବନ ନିର୍ବାହ କରିବା ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ତେବେ ସଙ୍କଟପୂର୍ଣ୍ଣ ସ୍ଥିତିରେ ସହଜରେ ଏକ ସବୁଜ ଜୀବନ ନିର୍ବାହ କରିବାର ଉପାୟ ସାମ୍ନାକୁ ଆଣିଛନ୍ତି ବେଙ୍ଗାଲୁରୁର ଏକ ଦମ୍ପତି। ରିଭା ଓ ରଞ୍ଜନ ମଲିକ ବିନା ଗ୍ୟାସ୍ ସିଲିଣ୍ଡର ଓ ମ୍ୟୁନିସିପାଲ ପାଣି ନ ନେଇ ଜୀବନ ଜିଉଛନ୍ତି। ଏପରି କି ସେ ରହୁଥିବା ଚାଳଛପର ଘରେ ବିଦ୍ୟୁତ୍ ନାହିଁ। ସେମାନେ ବର୍ଷକୁ ୫୦,୦୦୦ ଲିଟର ବର୍ଷାଜଳ ସଂରକ୍ଷଣ କରି ତାହାକୁ ବିଶୋଧନ କରି ବ୍ୟବହାର କରୁଛନ୍ତି। ସୌର ବିଦ୍ୟୁତ୍ ଉତ୍ପାଦନ କରିବା ସହ ସୋଲାର କୁକର୍ ଓ ଧୂଆଁବିହୀନ ଚୁଲିରେ ରୋଷେଇ କରୁଛନ୍ତି। ଅକ୍ଷୟଶକ୍ତିରେ ଜୀବନ ଧାରଣ ସହଜ ହୋଇପାରେ ବୋଲି ଏହି ଦମ୍ପତି ଏକ ବାର୍ତ୍ତା ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ମାର୍ଚ୍ଚ ୧୯୭୭

- କଂଗ୍ରେସରେ ଯୋଗଦେଇଥିବା କେରଳ କଂଗ୍ରେସର ସବୁ ସଭ୍ୟ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।
- ବିଶାଖାପାଟଣା ଜିଲାର ପ୍ରାୟ ୩୦ ହଜାର ହରିଜନ କଂଗ୍ରେସ କର୍ମୀ କଂଗ୍ରେସରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ଇଟାଲିର ଜଣେ ସଶସ୍ତ୍ର ବ୍ୟକ୍ତି ସ୍ପେନର ଏକ ବିମାନକୁ ଅପହରଣ କରି ଆବିଦବାନକୁ ନେଇଯାଇଥିବା ସ୍ପେନ ଏୟାର ଲାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସାହିଯାତକୁ ଐତିହ୍ୟ ମାନ୍ୟତା ଦିଆଯାଉ

ମହାଶୟ,

ପୁରୀର ସାହିଯାତ ଶ୍ରୀଜଗନ୍ନାଥଙ୍କ ରାମାବତାର ଲୀଳାଖେଳାର ଏକ ପାରମ୍ପରିକ ନୀତି । ଆଧ୍ୟାତ୍ମିକ ସଂସ୍କୃତି ଶାସ୍ତ୍ରୀୟ ପରମ୍ପରାରେ ବାରମାସରେ ତେରଯାତ ମଧ୍ୟରୁ ଏହା ଏକ ଆକର୍ଷଣୀୟ ଯାତ୍ରା। ପୁରୀର ବିଭିନ୍ନ ସାହି ଆଖଡ଼ାର କଳାକାରଙ୍କ କଳା ପ୍ରଦର୍ଶନ ମାଧ୍ୟମରେ ଦୀର୍ଘ ୧୬ ଦିନ ଶ୍ରୀରାମଙ୍କ ଜନ୍ମଠାରୁ ଶ୍ରୀରାମାଭିଷେକ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲେ। ଏଣୁ ପୁରୀ ସାହିଯାତକୁ ଜାତୀୟସ୍ତରରେ ଐତିହ୍ୟ ମାନ୍ୟତା ପ୍ରଦାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଗଲେ ପୁରୀ ପର୍ଯ୍ୟଟନର ବିକାଶ ହୋଇପାରିବ। ସରକାର ଓ ପ୍ରଶାସନ ପକ୍ଷରୁ ସାହିଯାତକୁ ପ୍ରୋତ୍ସାହିତ କରିବା ଦିଗରେ ଆର୍ଥିକ ଅନୁଦାନ ଦିଆଯାଉ। ସାହି ଆଖଡ଼ା କଳାକାରଙ୍କୁ ଠିକ୍ ସମୟରେ ଏହା ପ୍ରଦାନ କରାଗଲେ ବିଭିନ୍ନ ସାହି ଦ୍ୱାରା ପ୍ରଦର୍ଶନ କରାଯାଉଥିବା ସାହିଯାତ୍ରାର କଳାକୌଶଳ ପଟୁଆର ଆକର୍ଷଣୀୟ ହୋଇପାରିବ। ପ୍ରସିଦ୍ଧ ପର୍ବପର୍ବାଣି ପାଳନ ଯେପରି ଭାବେ ଲୁକ୍କାୟିତ ରହି ନ ଯାଇ ଜାତୀୟସ୍ତରରେ ଲୋକଲୋଚନକୁ ଆସିପାରିବ, ସେଥିପ୍ରତି ସରକାର ଓ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ। ଏହାଛଡ଼ା ସେଗୁଡ଼ିକୁ ଜାତୀୟସ୍ତରରେ ମାନ୍ୟତା ପ୍ରଦାନ ତଥା ଉତ୍କଳୀୟ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ ରଖିବା ନିମନ୍ତେ ମିଳିତ ଉଦ୍ୟମ ଆବଶ୍ୟକ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି ଲଭି ମହା ଦୁଃଖ
ମଳିନ ତୁଷାରେ ପରା ଆବରିଛି ମୁଖ
ଭେଦି ସିନ୍ଧୁ ଗରଜନ କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ‘ପାରାଦୀପ ହେବ ଦେଶର ଏକ ବୃହତ୍ ଅର୍ଥନୈତିକ ହବ୍’



ସମୀକ୍ଷା ବୈଠକରେ ଶିଳ୍ପ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଓ କମ୍ପାନୀ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

## ପାରାଦୀପରେ ପ୍ରତିଷ୍ଠା ହେବାକୁଥିବା ବିଭିନ୍ନ ଶିଳ୍ପ ସମ୍ବନ୍ଧରେ ସମୀକ୍ଷା

ପାରାଦୀପ,୧୫।୩(ଶରତ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପାରାଦୀପ ଗସ୍ତ କରିବା ସହ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତରେ ଏକ ବୃହତ୍ ଅର୍ଥନୈତିକ ହବ୍ ହେବାକୁ ଯାଉଛି ବୋଲି ସେ ମତ ଦେଇଥିଲେ। ଏନେଇ ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ପାରାଦୀପ ପୋର୍ଟରେ ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଇଣ୍ଡିଆନ ଅଏଲ ଏବଂ ଜେଏସ୍‌ଡବ୍ଲୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡୋର, ଏଏମ୍‌ଏନ୍‌ଏସ୍ କମ୍ପାନୀ ପକ୍ଷରୁ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ, ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହ ଏସବୁ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କିପରି ସୁଚାରୁ ରୂପେ ହେବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପଡ଼ିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ିଶାର ଯୁବପିଢ଼ି ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ସେ ପ୍ରାଧାନ୍ୟ ଦେଇଥିଲେ।

ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତ୍‌ସିଂହପୁର ଜିଲାପାଳ ଜେ.ସୋନାଲ, ଏସ୍‌ପି ଅଙ୍କିତ କୁମାର ବର୍ମା, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସ୍‌ଡବ୍ଲୁ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟରେ ୩,୧୧,୬୯୦ ମାମଲା ଫଇସଲା

**୧୪ ରାଷ୍ଟ୍ରୀୟ ଲୋକ ଅଦାଲତ** | ୧୬୬,୨୩,୧୩,୯୨୫ ଟଙ୍କା ଜରିମାନା, କ୍ଷତିପୂରଣ ରାଶି

କଟକ,୧୫।୩(କାର୍ତ୍ତିକ ସାହୁ)

ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ନାଲ୍‌ସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହିଥିବା ୧୯,୮୦୧ଟି ମାମଲା, ୨,୮୧,୬୧୨ଟି ରାଜସ୍ୱ ମାମଲା ଏବଂ ୧୦,୨୭୭ଟି ପ୍ରି-ଲିଟିଗେଶନ ମାମଲା ମିଶି ମୋଟ ୩,୧୧,୬୯୦ଟି ମାମଲା ଫଇସଲା କରାଯାଇଛି। ଏଥିସହ ମୋଟ ୧୬୬,୨୩,୧୩,୯୨୫ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି। ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୩୦୬, ଫ୍ଲିଆ ବାର୍ଗେନିଂ ୨୦, ଏନ୍‌ଆଇ ଆକ୍ଟ ୧,୭୯୯, ମନିରିକଭରି ୪୭୧, ମୋଟରଯାନ ଦୁର୍ଘଟଣାଜନିତ ୯୨୮, ଶ୍ରମ ବିବାଦ ୪୮, ବିଦ୍ୟୁତ୍ ଓ ପାଣିବିଲ୍ ବିବାଦ ୬, ବୈବାହିକ ତଥା ପାରିବାରିକ ବିବାଦ ୪୬୭, ଜମି ଅଧିଗ୍ରହଣ ୨, ଚାକିରି ଓ ପେନ୍‌ସନ ୮, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୮୧,୬୧୨, ଖାଉଟି ବିବାଦ ଆଦି ୧୭, ଅନ୍ୟାନ୍ୟ ସିଭିଲ ବିବାଦ ୧,୫୬୬, ଅନ୍ୟାନ୍ୟ ଫୌଜଦାରି ୧୩,୧୬୭, ଋଣ ଆଦାୟ ଟ୍ରିବ୍ୟୁନାଲ ୦୭, ରାଜ୍ୟ ଖାଉଟି ଅଦାଲତରେ ୬, ଶ୍ରମ ଅଦାଲତରେ ୩ ଏବଂ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୧୨ଟି ମାମଲା ଫଇସଲା ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ସଭା ନିର୍ବାଚନ: ପାରାଦୀପରେ ଶାସକ ଦଳର ସମସ୍ତ ବିଧାୟକ ଏକାଠି

ପାରାଦୀପ,୧୫।୩(ଶରତ ରାଉତ)

ସୋମବାର ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ପାରାଦୀପ ବନ୍ଦର ସହର ରବିବାର ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ଶାସକ ଭାଜପାର ସମସ୍ତ ବିଧାୟକ, ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ, ଏମ୍‌ପିମାନେ ଶନିବାର ରାତିଠାରୁ ବେଳାଭୂମି ରାସ୍ତା ପାଖରେ ଥିବା ହୋଟେଲ ‘ମେ ଫେୟାର’ରେ ଅବସ୍ଥାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରବିବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ଏକ ହେଲିକପ୍ଟର ଜରିଆରେ ଆସି ପାରଦୀପରେ ପହଞ୍ଚିଥିଲେ। ତାଙ୍କୁ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାଶଙ୍କ ସମେତ ଦଳର ଆଗଧାଡ଼ିର କର୍ମୀ ସ୍ୱାଗତ କରିଥିଲେ। ଦଳୀୟ ହ୍ୱିପ୍ ଥିବାରୁ

### ଘନଘନ ବୈଠକ, ବେଳାଭୂମି ରାସ୍ତା ଚଳଚଞ୍ଚଳ

ହୋଟେଲ ଭିତରକୁ କାହାକୁ ଛଡା ଯାଇ ନ ଥିଲା। କୌଣସି ନେତା ଗଣମାଧ୍ୟମରେ ବୟାନ ଦେବାକୁ ରାଜି ହୋଇ ନ ଥିଲେ। କେବଳ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ କହିଥିଲେ ଦଳରେ ଶୃଙ୍ଖଳା ରହିଛି ଏବଂ ଠିକଣା ସମୟରେ ଆମର ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ହେବ ବୋଲି କହି ଘୋଡାବେପାର ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

### ପୁରୁଣା ଅଫିସ୍‌ରେ ବସିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ପାରାଦୀପ ଗସ୍ତ ସମୟରେ ନିଜର ପୁରୁଣା ଅଫିସରେ କିଛି ସମୟ କଟାଇଥିଲେ। ସେଠାରେ ପାରାଦୀପର କେତେଜଣ ପରିଚିତ ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ରାଜନୈତିକ ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମନ୍ତ୍ରୀ ମହାଲିଙ୍ଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ନିର୍ବାଚନ ପୂର୍ବରୁ ଚାକିରିରୁ ଇସ୍ତଫା ଦେଇ ଭାଜପା ପ୍ରାର୍ଥୀ ଭାବେ ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ। ୨୦୧୯ ପରଠାରୁ ପାରାଦୀପକୁ ଏହା ତାଙ୍କ ପ୍ରଥମ ଗସ୍ତ ଥିଲା। ବେଳାଭୂମି ରାସ୍ତା କଡରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପାଖରେ ହେଉଛି ମେ ଫେୟାର ହୋଟେଲ। ହୋଟେଲରୁ ଚାଲି ଚାଲି ଅଫିସରେ ପହଞ୍ଚି ସେ ଆଲୋଚନା କରିଥିଲେ। ତାଙ୍କୁ ବର୍ତ୍ତମାନର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା ସ୍ୱାଗତ କରିଥିଲେ।

# ଆତ୍ମସମର୍ପଣ କଲେ ୧୧ ମାଓବାଦୀ

## କେନ୍ଦ୍ର ଡେଡ୍‌ଲାଇନକୁ ୨ ସପ୍ତାହ ବାକି

ଭବାନୀପାଟଣା,୧୫।୩ (ଉତ୍ତମ କୁମାର ଦାଶ)

ଦେଶକୁ ମାଓବାଦରୁ ମୁକ୍ତ ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଡେଡ୍‌ଲାଇନକୁ ୨ ସପ୍ତାହ ବାକିଥିବାବେଳେ ମାଓବାଦୀମାନେ ବନ୍ଧୁକ ଛାଡ଼ି ଶେଷରେ ଗଣତନ୍ତ୍ରକୁ ବିଶ୍ୱାସ କଲେ। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ରବିବାର ଏକାସାଙ୍ଗରେ ୧୧ଜଣ ହାର୍ଡକୋର ମାଓବାଦୀ ନିଜ ଅସ୍ତ୍ର ପରିତ୍ୟାଗକରି ଆତ୍ମସମର୍ପଣ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ୱାଇ. ବି. ଖୁରାନିଆଙ୍କ ଉପସ୍ଥିତିରେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ମାର୍ଚ୍ଚ ୩୧ ମାଓବାଦୀଙ୍କ ପାଇଁ ଆତ୍ମସମର୍ପଣର ଡେଡ୍‌ଲାଇନ ରହିବା ସହ ୬ ତାରିଖ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଓଡ଼ିଶା ଆସିଥିଲେ। ଫଳରେ ପୋଲିସ ମାଓବାଦୀ ଅପରେଶନକୁ ଆହୁରି ଜୋର୍‌ଦାର କରିଥିଲା। ଫଳରେ ବିଜିଏନ୍ (ବଂଶଧାରା ନାଗାବଳୀ ଘୁମୁସର) ଡିଭିଜନରେ ରହିଥିବା ସମସ୍ତ ୧୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାଦ୍ୱାରା ବିଜିଏନ୍ ଡିଭିଜନ ଏବେ ଶେଷ ହୋଇଛି। ସମସ୍ତେ ବିଜିଏନ୍ ଡିଭିଜନ ଚଳାଉଥିଲେ। ସେମାନଙ୍କ ମଧ୍ୟରେ ଡିଭିଜନାଲ କମିଟି ମେମ୍ବର (ରାୟଗଡ଼ା ଅଞ୍ଚଳ) ରାଜୁ କୋଲା ଓରଫ ଚନ୍ଦ୍ର ଓରଫ ନକୁଲ(୩୫), ଏରିଆ କମିଟି ମେମ୍ବର ନଙ୍ଗଲ କୁଞ୍ଜମ ଓରଫ ଜିତୁ (୩୩), ଜୋଡ଼ିଓ ସୋଡି ଓରଫ ସୁନିତା (୩୦), ହିଡ଼ମେ ମିଡ଼ିୟମ ଓରଫ ସନ୍ଧ୍ୟା (୨୬), ସୁକି ପୁନେମ ଓରଫ ରାନୋତି (୩୫), ମଙ୍ଗଲି ହିଡ଼ମା ଓରଫ ରଞ୍ଜନୀ (୩୦), ପାର୍ଟି ମେମ୍ବର କୋକସି ମାଧବୀ ଓରଫ ସିନ୍ଧୁ(୨୪), କୁମାର ମଡ଼କମ ଓରଫ ପ୍ରମେଶ (୨୬), ୱାଙ୍ଗି ମାଦଭି ଓରଫ ସମୀରା(୨୫), ଯୋଗୀ ଓୟାମ ଓରଫ ନନ୍ଦିନୀ(୧୯) ଓ ବିଜୁ କାଡ଼ିୟମ ଓରଫ ବିଜୁ (୨୭) ରହିଛନ୍ତି। ସେମାନଙ୍କଠାରୁ ୧୧ଟି ବନ୍ଧୁକ ଜବତ କରାଯାଇଛି। ଏହି ବନ୍ଧୁକ ମଧ୍ୟରେ ଗୋଟିଏ ଏକେ-୪୭, ଗୋଟିଏ ଇନ୍‌ସାସ୍, ୪ଟି ଏସ୍‌ଏଲଆର୍ ରାଇଫଲ, ୪ଟି ସିଙ୍ଗିଲ ସୁଟ ବନ୍ଧୁକ ଓ ଗୋଟିଏ ବୋର୍‌ଗନ ସମେତ ବିପୁଳ ପରିମାଣର ଗୁଳି ଜବତ ହୋଇଛି। ବନ୍ଧୁକଗୁଡ଼ିକର ମୂଲ୍ୟ ପ୍ରାୟ ୧୦ ଲକ୍ଷ ବୋଲି ଜଣାପଡ଼ିଛି। ଅନ୍ୟପଟେ ନିଜର ଭୁଲ୍ ବୁଝିବା ସହ ସରକାରଙ୍କ ବିକାଶମୂଳକ ଯୋଜନାରେ ସାମିଲହେବା, ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଆତ୍ମସମର୍ପଣ କରିଥିବା ଏହି ୧୧ ମାଓବାଦୀଙ୍କୁ ପୁରସ୍କାର ସ୍ୱରୂପ ୧ କୋଟି ୨୩ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।



ଭବାନୀପାଟଣାଠାରେ ଡିଜିପିଙ୍କ ସହ ଆତ୍ମସମର୍ପଣ କରିଥିବା ୧୧ ମାଓବାଦୀ।

ଏହି ଆତ୍ମସମର୍ପଣ ପରେ ରାଜ୍ୟରେ ଆହୁରି ୧୫ ମାଓବାଦୀ ରହିଛନ୍ତି। ସେଥିମଧ୍ୟରୁ ରାଜ୍ୟ କମିଟି ସଦସ୍ୟ ଶୁକ୍ରୁ ରହିଥିବାବେଳେ ସମସ୍ତେ କନ୍ଧମାଳ ଅଞ୍ଚଳରେ ରହିଥିବା ସୂଚନା ମିଳିଛି। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ମାଓବାଦୀ ହିଂସାର ପଥ ଛାଡ଼ି ମୁଖ୍ୟସ୍ରୋତରେ ସାମିଲହେବା ପାଇଁ ଡିଜିପି ଖୁରାନିଆ ନିବେଦନ କରିଛନ୍ତି। ରିଜର୍ଭ ପୋଲିସ ପଡ଼ିଆଠାରେ ଆୟୋଜିତ ସମାରୋହରେ ଏଡିଜି (ଏଏନ୍‌ଓ) ସଞ୍ଜୀବ କୁମାର ପଣ୍ଡା, ଆଇଜି(ଓପିଏସ୍) ଦୀପକ କୁମାର, ଆଇଜି (ସିଆର୍‌ପିଏଫ୍) ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଅଖିଳେନ୍ଦ୍ର ସିଂହ, କନୱାର ବିଶାଳ ସିଂହ, କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା, କନ୍ଧମାଳ ଏସ୍‌ପି ହରିଶ ବି.ସି, ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ୍.କୁମାର ଓ ନୂଆପଡ଼ା ଏସ୍‌ପି ଅମ୍ରିତ ପାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ସାଥୀ ପକ୍ଷରୁ ସିଲେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବୈଠକରେ ଉପସ୍ଥିତ ବିକାଶ ସାଥୀ ସଂଗଠନର ସଦସ୍ୟା ଓ ମହିଳାମାନେ।

କରଞ୍ଜିଆ,୧୫।୩(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ବଡ଼ଦେଉଳି ଗ୍ରାମରେ ହାତୀ ଉପଦ୍ରବରେ ପ୍ରଭାବିତ ଜନଜାତି ପରିବାରର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ବିକାଶ ସାଥୀ ସଂଗଠନ ପକ୍ଷରୁ ମହିଳା ସିଲାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ, ଓଡ଼ିଶା ପୋଷ୍ଟ, ଜାଭେରୀ ଗ୍ରୁପ ଏବଂ ଓର୍ମାସ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ସିଆର୍‌ପି ସଦସ୍ୟା ସୁକାନ୍ତି ଲୋହରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ହାତୀ ଉପଦ୍ରବରେ ପ୍ରଭାବିତ ପରିବାରଗୁଡ଼ିକର ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସିଲାଇ ପ୍ରଶିକ୍ଷଣ ମାଧ୍ୟମରେ ବିକଳ୍ପ ଜୀବିକା ସୁଯୋଗ ଦେବା ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ଦକ୍ଷତା ଅର୍ଜନ କରି ଆୟବୃଦ୍ଧି କରିପାରିବେ ଏବଂ ପରିବାର ଆର୍ଥିକ ଭାବେ ସଶକ୍ତ ହେବେ ବୋଲି ଆଶା ପ୍ରକାଶ କରାଯାଇଥିଲା। ଗାଁର ଅନୁ ନାଏକ, ଶକୁନ୍ତଳା ନାଏକ, ସୁଦେବୀ ନାଏକ, ତପସ୍ୱିନୀ ନାଏକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବିକାଶ ସାଥୀ ପକ୍ଷରୁ ଶୁଭସ୍ମିତା ପଣ୍ଡା ଓ ମାନସ ପଣ୍ଡା ବୈଠକ ପରିଚାଳନା କରିଥିଲେ। ଗ୍ରାମର ମହିଳାମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ସଫଳ କରିବା ପାଇଁ ସହଯୋଗ କରିବେ ବୋଲି କହିଥିଲେ।

**୩ୟ ପୃଷ୍ଠାର ଅବଶିଷ୍ଟାଂଶ**

## ପଶ୍ଚିମବଙ୍ଗ: ଏପ୍ରିଲ ୨୩...

ରାଜନୈତିକ ମହଲ ଚଳଚଞ୍ଚଳ ହୋଇଉଠିଛି। ସିଇସିଙ୍କ ସୂଚନାନୁଯାୟୀ ୪ ରାଜ୍ୟ ଓ ପଣ୍ଡିଚେରୀର ମୋଟ ୧୭.୪ କୋଟି ଯୋଗ୍ୟ ଭୋଟର ଆଗାମୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨୪ ବିଧାୟକଙ୍କୁ ନିର୍ବାଚିତ କରିବେ। ସୁରୁଖୁରୁରେ ଭୋଟ ଗ୍ରହଣ ପାଇଁ ୨.୧୯ ଲକ୍ଷ ପୋଲିଂ ଷ୍ଟେଶନ ପ୍ରତିଷ୍ଠା କରାଯିବ। ସେଗୁଡ଼ିକରେ ମୁକ୍ତ ଓ ଅବାଧ ମତଦାନ ପାଇଁ ୨୫ ଲକ୍ଷ ନିର୍ବାଚନ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏହି ନିର୍ବାଚନରେ ସାମିଲ ହେବାକୁ ଥିବା ଭୋଟରଙ୍କ ସଂଖ୍ୟା ଅଷ୍ଟ୍ରେଲିଆ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ଜର୍ମାନୀ ଓ କାନାଡା ଜନସଂଖ୍ୟା ସହ ସମାନ। ଏସ୍‌ଆଇଆର୍ ବେଳେ ଉପଯୁକ୍ତ ଦାୟିତ୍ୱ ତୁଲାଇଥିବା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରି ସିଇସି କହିଛନ୍ତି, ଭାରତୀୟ ଗଣତନ୍ତ୍ରର ଏହି ପର୍ବର ଅନୁଭୂତି ନେବା ପାଇଁ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକୁ ୨୦ ଦେଶର ପ୍ରତିନିଧି ପରିଦର୍ଶନରେ ଆସିବେ।

ରାଜନୈତିକ ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ମେ’ ୭ରେ ଶେଷ ହେବାକୁ ଯାଉଛି। ବିଧାନସଭାର ୨୯୪ ଆସନରେ ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏପ୍ରିଲ ୨୩ରେ ୧୫୨ ଏବଂ ୨୯ରେ ୧୪୨ ଆସନ ପାଇଁ ପଶ୍ଚିମବଙ୍ଗ ଭୋଟର ମତଦାନ କରିବେ। ପ୍ରଥମ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏପ୍ରିଲ ୬ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏପ୍ରିଲ ୯ ହେଉଛି ନାମାଙ୍କନର ଶେଷ ଦିନ। ଏହି ନିର୍ବାଚନରେ ରାଜ୍ୟର ମୋଟ ୭୦,୪୫୯,୨୮୪ ଭୋଟ ଦେବେ, ଯାହାଙ୍କ ମଧ୍ୟରୁ ୩୬,୦୨୨,୬୪୨ ପୁରୁଷ, ୩୪,୪୩୫,୨୬୦ ମହିଳା ଓ ୧,୩୮୨ କିନ୍ନର ବୋଲି ଇସିଙ୍କ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ୭୧ ବର୍ଷୀୟା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚତୁର୍ଥ ଥର ବିଜୟ ଆଶା ରଖି ନିର୍ବାଚନ ପୂର୍ବରୁ ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। କ୍ଷମତା ବିରୋଧୀ ପବନକୁ ପ୍ରତିହତ କରିବାରେ ସେଗୁଡ଼ିକ କେତେ ସହାୟକ ହେଉଛି ତାହା ଫଳାଫଳ ଆସିବା ପରେ ଜଣାପଡ଼ିବ।

ବିଧାନସଭା ନିର୍ବାଚନ ହେବାକୁଥିବା ଦ୍ୱିତୀୟ ବଡ଼ ରାଜ୍ୟ ହେଉଛି ତାମିଲନାଡୁ। ଏହି ଦକ୍ଷିଣ ଭାରତୀୟ ରାଜ୍ୟର ସପ୍ତଦଶ ବିଧାନସଭାର ୨୩୪ ଆସନରେ ଏପ୍ରିଲ ୨୩ରେ ଭୋଟ ଗ୍ରହଣ କରାଯିବ। ରାଜ୍ୟର ୫୬,୭୦୭,୩୮୦ ଭୋଟର ଏହିଦିନ ଭୋଟ ଦେଇପାରିବେ। ୨୦୨୧ ମେ’ ୭ରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥିବା ଡିଏମ୍‌କେ ସୁପ୍ରିମୋ ଏମ୍.କେ. ଷ୍ଟାଲିନ୍ ସହଯୋଗୀ କଂଗ୍ରେସ ସହ ମିଶି ପୁଣି ସରକାର ଗଢ଼ିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପୂର୍ବ ଏଆଇଏଡିଏମ୍‌କେ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ଓ. ପନ୍ନିରସେଲଭମ୍ ଦଳର ସାଧାରଣ ସମ୍ପାଦକ ଇ.କେ. ପାଲାନିସ୍ୱାମୀଙ୍କ ସହ ମତଭେଦ ଯୋଗୁ ନିକଟରେ ଡିଏମ୍‌କେରେ ଯୋଗଦେଇଛନ୍ତି। ତେଣୁ ଡିଏମ୍‌କେ ଯେପରି ଆଉ ଥରେ କ୍ଷମତାକୁ ନ ଆସିବ ସେଥିଲାଗି ଭାଜପା ପକ୍ଷରୁ ଗୋଟିଚାଳନା ଆରମ୍ଭ ହୋଇଛି। ଏହି କ୍ରମେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୨୦୨୫ ଏପ୍ରିଲରେ ଏଆଇଏଡିଏମ୍‌କେ ଏବଂ ଭାଜପା ମେଣ୍ଟ କରାଯିବା ନେଇ ଘୋଷଣା ହୋଇଥିଲା। ଭାଜପା ସେଠାରେ ବଡ଼ ଭୂମିକା ଚାହୁଁଥିବାରୁ ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛି। ଏହିକ୍ରମେ ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କୁ ରବିବାର ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପଦ ଓ ତାଙ୍କ ନବଗଠିତ ତଳ ତାମିଲିଗା ଭେଟ୍ରି କାଝାଗାମ୍ (ଟିଭିକେ)କୁ ୮୦ ଆସନରେ ଲଢ଼ିବା ପାଇଁ ଅଫର୍ ଦିଆଯାଇଛି।

ଅନ୍ୟତମ ଦକ୍ଷିଣ ଭାରତୀୟ ରାଜ୍ୟ କେରଳର ୧୪୦ ଆସନ ପାଇଁ ଏପ୍ରିଲ ୯ରେ ବିଧାନସଭା ନିର୍ବାଚନ ହେବ। ୨୦୧୬ରୁ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଏଥର ପୁଣି ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ବିଜୟନ୍‌ଙ୍କ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ଟକ୍କର ହୋଇପାରେ। ଇତିମଧ୍ୟରେ କେରଳରେ ଭାଜପାର ଶକ୍ତିବୃଦ୍ଧି ଘଟିଥିବାରୁ ଅନେକ ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ରହିଛି।

ସେହିପରି ଉତ୍ତର-ପୂର୍ବାଞ୍ଚଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଆସାମର ରାଜନୈତିକ ପାଣିପାଗ ଉପରେ ମଧ୍ୟ ବିଶ୍ଳେଷକଙ୍କ ନଜର ରହିଛି। ରାଜ୍ୟ ବିଧାନସଭାର ୧୨୬ ଆସନ ପାଇଁ ଏପ୍ରିଲ ୯ରେ ଭୋଟ ଗ୍ରହଣ କରାଯିବ। ଆସାମରେ ଭାଜପା ୨୦୧୬ରୁ କ୍ଷମତାରେ ଥିବାବେଳେ ୨୦୨୧ରୁ ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ଅଛନ୍ତି। କଂଗ୍ରେସରୁ ଆସି ଭାଜପାର ପୋଷ୍ଟର ବୟ ପାଲିଥିବା ହିମନ୍ତ ତାଙ୍କ ପୂର୍ବ ଦଳର ରଣନୀତିକୁ ଭଣ୍ଡୁର କରି ପୁଣି ଥରେ ସରକାର ଗଢ଼ିବାକୁ ଆଶାବାଦୀ। କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ୩୩ ଆସନ ପାଇଁ ମଧ୍ୟ ଏପ୍ରିଲ ୯ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଠାରେ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ସରକାର କ୍ଷମତାରେ ରହିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପଣ୍ଡିଚେରୀରେ ମଧ୍ୟ ସଫଳତା ଦୋହରାଇବାକୁ ଉଦ୍ୟମ ଚଳାଇଛି।

## ନିଜକୁ ସାପ...



ଭାଇରାଲ ଭିଡିଓର ଦୃଶ୍ୟ।

ନବୀନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପାରିବାରିକ କଳହରୁ ନବୀନ ଉତ୍କ୍ଷିପ୍ତ ହୋଇ ସେ ନିଜେ ରଖିଥିବା ଏକ ବିଷଧର ସାପର ପାଟିକୁ ହାତ ପାଖରେ ଲଗାଇ ଦେହକୁ ବିଷ ନେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାର ଭିଡିଓ କରି ସୋସିଆଲ ମିଡିଆରେ ନିଜେ ପୋଷ୍ଟ କରିଥିଲେ। ପରେ ସାପଟିକୁ ସେ ଛାଡ଼ିଦେଇଥିଲେ। ଏହି ପୋଷ୍ଟ ଦେଖି ନବୀନଙ୍କ କେତେଜଣ ସାଙ୍ଗ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରିବାର ଲୋକ ଓ ସମ୍ପର୍କୀୟମାନେ ନବୀନଙ୍କୁ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିବା ଜଣାପଡ଼ିଛି।

## ତାଣ୍ଡବ ରଚିଲା...

ଭାରସାମ୍ୟ ହରାଇ ପୋଖରୀ ମଧ୍ୟକୁ ପଶିଯିବାରୁ ଏହାର ଚାଳକ ହଳଦୀବଟା ଗ୍ରାମର ପୋଲିସ ନାଏକଙ୍କ ମୃତ୍ୟୁ ଘଟିଛି। ସେହିପରି ତାଟୋ ଅଞ୍ଚଳର ମାଳତୀ ମହାନ୍ତ(୫୫) ପବନ ପ୍ରଭାବରେ ଏକ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗୁରୁତରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଗୁରୁତରମାନେ ହେଲେ ରଞ୍ଜନ ବିଶ୍ୱାଳ (୩୨), ଟିକିନା ହେମ୍ବ୍ରମ(୧୮), ସୁଶ୍ରୀ ମୁଣ୍ଡା(୧୮), କୁନ୍ତଳା ବିଶ୍ୱାଳ(୧୮), ସରକାର ମୁର୍ମୁ(୪୫), ରାଜେନ୍ଦ୍ର ବିଶ୍ୱାଳ(୨୮)। ଅନ୍ୟ ୧୦ରୁ ଅଧିକ ଆହତ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବିପନ୍ନ ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।





ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ବିଧ୍ୱସ୍ତ ତେହରାନ୍‌ର ଏକ କୋଠା ଭଗ୍ନାବଶେଷରେ ରବିବାର ସଫେଇ କରାଯାଉଛି।

# ଆଜି ୩୭ ରାଜ୍ୟ ସଭା ଆସନ ପାଇଁ ଭୋଟ

ନୂଆଦିଲ୍ଲୀ, ୧୫ା୩

୧୦ ରାଜ୍ୟରେ ଖାଲି ହେବାକୁ ଥିବା ୩୭ ରାଜ୍ୟ ସଭା ଆସନ ପାଇଁ ସୋମବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଅପରାହ୍ନ ୫ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଛତିଶଗଡ଼, ହରିୟାଣା, ହିମାଚଳପ୍ରଦେଶ ଓ ତେଲଙ୍ଗାନାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ୩୭ ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେବାକୁ ଥିବାରୁ ମାର୍ଚ୍ଚ ୧୬ରେ ଉକ୍ତ ଆସନଗୁଡ଼ିକ ପାଇଁ ନିର୍ବାଚନ କରିବାକୁ ଗତ ମାସରେ ନିର୍ବାଚନ କମିଶନ ଘୋଷଣା କରିଥିଲେ। ତଦନୁଯାୟୀ ସୋମବାର ମହାରାଷ୍ଟ୍ରର ୭ ଆସନ, ତାମିଲନାଡୁର ୬, ବିହାର ଏବଂ ପଶ୍ଚିମବଙ୍ଗର ୫ଟି ଲେଖାଏ, ଓଡ଼ିଶାର ୪, ଆସାମର ୩, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଲେଖାଏ ଏବଂ ହିମାଚଳପ୍ରଦେଶର ଗୋଟିଏ ଆସନ ପାଇଁ ସମ୍ପୃକ୍ତ ରାଜ୍ୟ ବିଧାନସଭାରେ ଭୋଟଗ୍ରହଣ ହେବ।

ବାଲଟ୍ ପେପରରେ ମନୋନୀତ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ବିଧାୟକମାନେ କେବଳ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ଭାଓଲେଟ୍ ରଙ୍ଗର ସ୍କେଚ୍ ପେନ୍ ବ୍ୟବହାର କରିବେ। ରିଟର୍ନିଂ ଅଫିସର ଏହି ପେନ୍ ଯୋଗାଇଦେବେ। ଏହା ବ୍ୟତୀତ ଅନ୍ୟ କୌଣସି କଲମ ବ୍ୟବହାର କରାଯିବ ନାହିଁ। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହି ଭୋଟ ପ୍ରକ୍ରିୟା ଉପରେ ନଜର ରଖିବେ। ଏପ୍ରିଲରେ କାର୍ଯ୍ୟକାଳ ଶେଷ ହେଉଥିବା ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର, ରାମଦାସ ଅଠାୱାଲେ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଏନ୍‌ସିପି(ଏସ୍‌ପି) ନେତା ଶରଦ ପାୱାର, ଆର୍‌ଏଲ୍‌ଏମ୍ ନେତା ଉପେନ୍ଦ୍ର କୁଶୱାହା, କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି, ଏଆଇଏଡିଏମ୍‌କେ ନେତା ଏମ୍. ଥାମ୍ବିଦୁରାଇ ଏବଂ ଡିଏମ୍‌କେ ନେତା ତିରୁଚି ଶିବା ପ୍ରମୁଖ।

# ନେତାନ୍ୟାହୁଙ୍କୁ ହତ୍ୟା ଆଇଆର୍‌ଜିସିର ଲକ୍ଷ୍ୟ

ତେହରାନ୍, ୧୫ା୩

ଇରାନ୍-ଆମେରିକା ଯୁଦ୍ଧ ରବିବାର ୧୬ ଦିନ ଅତିକ୍ରମ କରିଥିଲାବେଳେ ଆମେରିକାର ବିଭିନ୍ନ ଠିକଣା ସମେତ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣ ଜାରି ରହିଛି। ଏହାମଧ୍ୟରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟାର୍ଗେଟ କରି ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି। କିଛି ଦିନ ହେଲା ନେତାନ୍ୟାହୁ ସାମ୍ନାକୁ ଆସୁ ନ ଥିବାରୁ ତାଙ୍କର ଅବସ୍ଥିତିକୁ ନେଇ ସୋସିଆଲ ମିଡିଆରେ ପ୍ରଶ୍ନ ଉଠିଥିଲା। ଗତ ଶୁକ୍ରବାର ନେତାନ୍ୟାହୁ ଯୁଦ୍ଧ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବା ପରେ ଆଉ ସାମ୍ନାକୁ ଆସି ନ ଥିଲେ। ଯାହାକୁ ନେଇ ତାଙ୍କ ଅବସ୍ଥିତି ସମ୍ପର୍କରେ ସୋସିଆଲ ମିଡିଆରେ ନାନା ଖବର ପ୍ରଚାରିତ ହୋଇଥିଲା। ଏପରିକି ଇରାନ୍ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇସାରିଥିବା ମଧ୍ୟ କୁହାଯାଇଥିଲା। ହେଲେ ଏଭଳି ଖବରକୁ ଇସ୍ରାଏଲ ପ୍ରତ୍ୟାଖ୍ୟାନ କରିବା



ବେଞ୍ଜାମିନ୍ ନେତାନ୍ୟାହୁ

ପରେ ଆଇଆର୍‌ଜିସି ନେତାନ୍ୟାହୁଙ୍କୁ ହତ୍ୟା କରିବାକୁ ପଣ କରିଛି। ଇରାନ୍‌ରେ ଅନେକ ଶହ ଶିଶୁଙ୍କୁ ହତ୍ୟା କରିଥିବା ନେତାନ୍ୟାହୁଙ୍କୁ ଯେକୌଣସିମତେ ହତ୍ୟା କରାଯିବ ବୋଲି ରବିବାର ଆଇଆର୍‌ଜିସି କହିଛି। ସେ ଯେଉଁଠି ବି ଥାଆନ୍ତୁ, ତାଙ୍କୁ ହତ୍ୟା କରିବାକୁ ଆଇଆର୍‌ଜିସି ସଙ୍କଳ୍ପବଦ୍ଧ ବୋଲି ଏହାର ଜଣେ ବରିଷ୍ଠ ଅଧିକାରୀ ଦୃଢ଼ୋକ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହାମଧ୍ୟରେ ଇରାନ୍ ଉପସାଗରୀୟ ଦେଶଗୁଡ଼ିକରେ ରହିଥିବା ଆମେରିକାର ସାମରିକ ଘାଟି ଉପରେ ପୂର୍ବ ତୁଳନାରେ ଆକ୍ରମଣକୁ ଆହୁରି ଜୋର୍‌ଦାର କରିବା ସହ ଇସ୍ରାଏଲ ଉପରେ ମଧ୍ୟ ଆକ୍ରମଣକୁ ତୀବ୍ର କରିଛି। ଏପରିକି ନୂଆ ଏବଂ ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଉଥିବା କୁହାଯାଇଛି।

ଇରାନ୍ ସେନା ବହୁମୁଖୀ ଲଢ଼େଇ କରିବା ସହିତ ବୈଶ୍ୱିକ ଅର୍ଥନୈତିକ ଧାରାକୁ ବଦଳାଇ ଆମେରିକା ଉପରେ ଚାପ ପକାଇବା ଲାଗି ଯେଉଁ ରଣନୀତି ଆପଣେଇଛି, ତାହା ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି। ବିଶେଷକରି ହର୍ମୁଜ୍ ଷ୍ଟ୍ରେଟ୍‌କୁ ଅବରୋଧ କରି ତୈଳ ଯୋଗାଣ ଶୃଙ୍ଖଳ ବ୍ୟାହତ କରିବା ଏବଂ ସାଉଦି ଆରବ, ୟୁଏଇ, କାତାର, କୁଏଟ୍ ଏବଂ ବାହାରିନ୍ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଉପରେ ଘନ ଘନ ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଗମ୍ଭୀର କରିବାରେ ଲାଗିଛି। ସବୁଠୁ ବଡ଼ କଥା ହେଲା, ଇରାନ୍ ଏବେ କୌଣସି ବୁଝାମଣା କରିବାକୁ ପ୍ରସ୍ତୁତ ନାହିଁ। ବର୍ତ୍ତମାନ ସ୍ଥିତିରେ ଇରାନ୍ ବୁଝାମଣା କରିବାକୁ ଚାହୁଁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରୋକ୍ଷରେ ଇଙ୍ଗିତ କରିଥିଲେ ହେଁ, ଇରାନ୍ ଏହାକୁ ଅସ୍ୱୀକାର କରିଛି।

## ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ: ୨ ଶିଶୁ ମୃତ, ୭ ଆହତ

ଚେନ୍ନାଇ, ୧୫ା୩

ଚେନ୍ନାଇର ନାଭାଲୁର ଅଞ୍ଚଳରେ ରବିବାର ସକାଳେ ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ୨ ଶିଶୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ୩ ବର୍ଷୀୟ କ୍ରିଥିକା ଏବଂ ବର୍ଷକର ଶିଶୁ ଥୀରନ୍। ଏଲ୍‌ପିଜି ନ ମିଳିବା ଆଶଙ୍କାରେ ଜଣେ ପଡ଼ୋଶୀ ତାଙ୍କ ଘରେ ୩ଟି ସିଲିଣ୍ଡର ଗଚ୍ଛିତ ରଖିଥିଲେ। ସେଥିରୁ ଗୋଟିଏ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଯୋଗୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ବିସ୍ଫୋରଣରେ ବିଲ୍ଡିଂର ୩ ଭାଗ କ୍ଷତିଗ୍ରସ୍ତ ହୋଇଛି। ବିଲ୍ଡିଂରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି, ୭ ବର୍ଷର ପିଲା ସମେତ ଏକ ୩ ଜଣିଆ ପରିବାର ଏବଂ ୨ ଶିଶୁ ଥିବା ଏକ ୫ ଜଣିଆ ପରିବାର ରହୁଥିଲେ। ଆହତମାନଙ୍କୁ ଚେଙ୍ଗାଲପଟ୍ଟୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କାନାଡାରେ ପଞ୍ଜାବୀ ଡ୍ରାଇଭରଙ୍କୁ ହତ୍ୟା

ବଠିଣ୍ଡା, ୧୫ା୩

କାନାଡାର ନର୍ଥ ବ୍ୟାଟେଲ୍‌ଫୋର୍ଡରେ ଜଣେ ୩୦ ବର୍ଷୀୟ ପଞ୍ଜାବୀ କ୍ୟାବ୍ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦେବିନ୍ଦର ସିଂ ନାମକ ଉକ୍ତ ଡ୍ରାଇଭର ଶୁକ୍ରବାର ଏକ ମୋଟେଲରୁ ଜଣେ ମହିଳା ଯାତ୍ରୀଙ୍କୁ ଆଣିବାକୁ ଯାଇଥିଲେ। ଉକ୍ତ ମହିଳାଙ୍କୁ ଅନୁସରଣ କରୁଥିବା ଜଣେ ବ୍ୟକ୍ତି ଗୁଳି ଚଳାଇବାରୁ ଦେବିନ୍ଦରଙ୍କ ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଦେବିନ୍ଦରଙ୍କ ଘର ପଞ୍ଜାବ ମୋଗା ଜିଲାର ଦୌଲତପୁରା ନୀୱାନ ଅଞ୍ଚଳରେ। ସେ ୪ ବର୍ଷ ପୂର୍ବେ କାନାଡା ଯାଇ ତାଙ୍କ ସ୍ତ୍ରୀଙ୍କ ସହ ରହିବା ସହ ଏକ ସ୍ଥାନୀୟ ଟ୍ୟାକ୍ସି କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀଙ୍କ ସହ ସେ ସେଠାରେ ଏକ କାଫେ ମଧ୍ୟ ଚଳାଉଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସୁରକ୍ଷା ପରିଷଦ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ଗୁଟେରସ୍

ନ୍ୟୁୟର୍କ, ୧୫ା୩

ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସୁରକ୍ଷା ପରିଷଦର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ବୈଶ୍ୱିକ ଗତି ଧାରା ଯେଭଳି ରହିଛି, ତାହା ବିଚାରକୁ ନେଲେ ଜାତିସଂଘ ସୁରକ୍ଷା ପରିଷଦର କିଛି କର୍ତ୍ତୃତ୍ୱ ନାହିଁ। ଦେଶ ମଧ୍ୟରେ ଲାଗୁଥିବା ବିବାଦର ସମାଧାନ ପାଇଁ କିଛି କରାଯାଇପାରୁ ନ ଥିଲାବେଳେ ସୁରକ୍ଷା ପରିଷଦ ସଦସ୍ୟଙ୍କ ଭିଟୋ କ୍ଷମତା ଏଥିପାଇଁ କାଳ ହେଉଛି। ସୁରକ୍ଷା ପରିଷଦର ଏହି ସମସ୍ୟା ସମ୍ପର୍କରେ ତର୍ଜମା କରିବାକୁ ପଡ଼ିବ ବୋଲି ଗୁଟେରସ୍ କହିଛନ୍ତି। ବେରୁଟ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ଗୁଟେରସ୍ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦର କ୍ଷମତାକୁ ନେଇ ଯେଉଁ ସମସ୍ୟା ରହିଛି ତାହା ଆମକୁ ବୁଝିବାକୁ ପଡ଼ିବ। ୧୯୪୫ ପରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥିତି ଯେଭଳି ରହିଥିଲା ତାହା ଏବେ ନାହିଁ। ଏସିଆ ମହାଦେଶରୁ ସୁରକ୍ଷା ପରିଷଦରେ ଜଣେ ସଦସ୍ୟ ରହିଥିଲାବେଳେ ଆଫ୍ରିକା ଏବଂ ଲାଟିନ୍ ଆମେରିକାରୁ ଜଣେ ବି ସଦସ୍ୟ ନାହାନ୍ତି। ଭାରତକୁ ସ୍ଥାୟୀ ସଦସ୍ୟତା ମିଳିବା ଦିଗରେ ଦାବି ଉଠିଥିଲେ ହେଁ ଏହା ହୋଇପାରି ନାହିଁ ବୋଲି ଗୁଟେରସ୍ କହିଛନ୍ତି।

## ଆମେରିକା ସିନେଟ୍‌ରେ ଆସିବ ନିର୍ବାଚନ ସଂସ୍କାର ବିଲ୍

ୱାଶିଂଟନ୍, ୧୫ା୩(ପି.ଟି.)

ଆମେରିକା ସିନେଟ୍‌ରେ ଚଳିତ ସପ୍ତାହରେ ନିର୍ବାଚନ ସଂସ୍କାର ବିଲ୍ ଅଣାଯାଇପାରେ। ସଂଘୀୟ ନିର୍ବାଚନରେ ଭୋଟ ଦେବା ପାଇଁ ଭୋଟରମାନଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦେଖାଇବା ଲାଗି ଉକ୍ତ ବିଲ୍‌ରେ ବ୍ୟବସ୍ଥା ରହିଛି। ଏହି ସଂସ୍କାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ସର୍ବାଧିକ ପ୍ରାଥମିକତା ବୋଲି କୁହାଯାଉଛି। ପ୍ରସ୍ତାବିତ ସେଭ୍ ଆମେରିକା ଅଧିନିୟମରେ ଭୋଟରମାନଙ୍କୁ ମତାଧିକାର ସାବ୍ୟସ୍ତ କରିବା ପୂର୍ବରୁ ଫଟୋ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। କେବଳ ଭିନ୍ନକ୍ଷମ, ଅସୁସ୍ଥ ବ୍ୟକ୍ତି କିମ୍ବା ସେନା ଯବାନ ଓ ଭ୍ରମଣରେ ଥିବା ବ୍ୟକ୍ତି ମେଲ୍-ଇନ୍ ବାଲଟରେ ଭୋଟ ଦେଇପାରିବେ। ଭାରତ ଓ ବ୍ରାଜିଲରେ ଭୋଟର ପରିଚୟପତ୍ର ସହ ବାୟୋମେଟ୍ରିକ୍ ଡାଟାବେସ୍ ସଂଯୋଗ ହୋଇଥିବାବେଳେ ଆମେରିକାରେ ଭୋଟ ଅନୁମତି ପୂର୍ବରୁ ବ୍ୟକ୍ତି ନାଗରିକତ୍ୱର ପ୍ରମାଣ ଭାବେ ନିଜସ୍ୱ ସ୍ୱାକ୍ଷରିତ ଘୋଷଣାନାମା ଦେବେ।

## ରାତିସାରା ଘରେ ଷ୍ଟାର୍ଟରେ ଥିଲା ବାଇକ୍
## ଧୂଆଁରେ ପରିବାରର ୪ ମୃତ

ଅମରାବତୀ, ୧୫ା୩

ଆନ୍ଧ୍ରପ୍ରଦେଶର ଆନ୍ନାମୟା ଜିଲା ଅନ୍ତର୍ଗତ ପୁଙ୍ଗାନୁର ସହରରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାତିସାରା ଘରେ ବାଇକ୍ ଷ୍ଟାର୍ଟରେ ଥିବାରୁ ପ୍ରଶ୍ୱାସରେ ଧୂଆଁ ଓ କାର୍ବନ ମନୋକ୍ସାଇଡ୍ ନେଇ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଶୋଇଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଜେଜେବାପା, ତାଙ୍କ ୨ ନାତୁଣୀ ଓ ଜଣେ ନାତି ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସେଲୁନ୍ ଚଳାଉଥିବା ମୁରଲୀ ଶନିବାର ତାଙ୍କ ବାଇକ୍‌କୁ ଜଣେ ମେକାନିକ୍ ପାଖରେ ସର୍ଭିସ୍ କରାଇଥିଲେ। ଇଞ୍ଜିନ୍‌ରେ ସମସ୍ୟା ଥିବାରୁ ମେକାନିକ୍ ବୋର୍ ପିଷ୍ଟନ୍ ବଦଳାଇଥିଲେ ଓ ରାତିସାରା ଇଞ୍ଜିନ୍‌କୁ ଚଳାଇ ରଖିବାକୁ ମୁରଲୀଙ୍କୁ ପରାମର୍ଶ ଦେଇଥିଲେ। ମୁରଲୀ ଘର ଭିତରେ ବାଇକ୍‌କୁ ଷ୍ଟାର୍ଟରେ ରଖିବା ସହ କବାଟ ଓ ସବୁ ଝରକା ବନ୍ଦ କରିଦେଇଥିଲେ। ସେ ଓ ତାଙ୍କ ସ୍ତ୍ରୀ ରେବତୀ ଛାତ ଉପରକୁ ଶୋଇବାକୁ ଯାଇଥିବାବେଳେ ଘର ଭିତରେ ତାଙ୍କ ବାପା ରାମଚନ୍ଦ୍ରିଆ, ପୁଅ କାର୍ତ୍ତିକ ଓ ଯାଆଁଳା ଝିଅ ଚରିତା ଓ ଚନ୍ଦନା ଶୋଇଥିଲେ। ଘର ଭିତରେ ଧୂଆଁ ଭରିଯିବାରୁ ରାମଚନ୍ଦ୍ରିଆ(୭୦)ଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ।

## ଆରାବଳୀ ସଂଜ୍ଞା ନିର୍ଦ୍ଧାରଣ ପାଇଁ ୧୦ ଜଣିଆ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ, ୧୫ା୩(ପି.ଟି.)

ଆରାବଳୀ ପର୍ବତମାଳାର ସାର୍ବଜନିକ ସଂଜ୍ଞା ନିର୍ଦ୍ଧାରଣ ପାଇଁ ୧୦ ଜଣିଆ ଉଚ୍ଚ କ୍ଷମତାସମ୍ପନ୍ନ ବିଶେଷଜ୍ଞ କମିଟି ଗଠନ ନିମନ୍ତେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ଦେଇଥିବା ପ୍ରସ୍ତାବ ଉପରେ କୌଣସି ଆପତ୍ତି ନାହିଁ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଉକ୍ତ କମିଟି ପାଇଁ ପ୍ରସ୍ତାବିତ ନାମକୁ ପରିବେଶ ମନ୍ତ୍ରଣାଳୟ ସମର୍ଥନ କରୁଥିବା ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛି। କମିଟିରେ ଭାରତର



ବନ ସେବା, ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ସର୍ଭେ ଅଫ୍ ଇଣ୍ଡିଆର କାର୍ଯ୍ୟରତ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷାବିତ୍‌ଙ୍କୁ ନିଆଯିବ। କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ପ୍ରସ୍ତାବିତ ଉକ୍ତ ନାମ ବ୍ୟତୀତ ଅନ୍ୟ କାହା ନାମକୁ ସାମିଲ କରାଯାଇ ନ ଥିବା ମନ୍ତ୍ରଣାଳୟ କହିଛି। ଭାରତୀୟ ବନ ଗବେଷଣା ଓ ଶିକ୍ଷା ପରିଷଦର ବର୍ତ୍ତମାନର ମହାସଚିବ କାଞ୍ଚନ ଦେବୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ଆରାବଳୀ ପାର୍ବତମାଳାର ବିସ୍ତୃତ ତଥା ବିଶ୍ଳେଷଣାତ୍ମକ ଅନୁଧ୍ୟାନ, ଷ୍ଟେକ୍‌ହୋଲ୍ଡରଙ୍କ ପରାମର୍ଶ ସମେତ ସମସ୍ତ ଦିଗକୁ ବିଶେଷଜ୍ଞମାନେ ବିଚାରକୁ ନେବେ ବୋଲି ସତ୍ୟପାଠରେ କୁହାଯାଇଛି। ୧୯୯୧ ବ୍ୟାଚ୍‌ର ଭାରତୀୟ ବନ ସେବା ମଧ୍ୟପ୍ରଦେଶ କ୍ୟାଡରର ଅଫିସର କାଞ୍ଚନ ଦେବୀଙ୍କର ଜଙ୍ଗଲ ଶିକ୍ଷା ଓ ଗବେଷଣା, ବନ୍ୟପ୍ରାଣୀ ଓ ଜଙ୍ଗଲ ନୀତି ଉପରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଏଫ୍‌ଏସ୍‌ଆଇର ପୂର୍ବତନ ମହାନିର୍ଦ୍ଦେଶକ ସୁଭାଷ ଆଶୁତୋଷ, ଜିଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ଶର୍ମା, ଜଳବାୟୁ ଓ ଶକ୍ତି ନୀତି ବିଶେଷଜ୍ଞ ତେଜଲ କାନିଟ୍କାର, ବରିଷ୍ଠ ଶିକ୍ଷାବିତ୍ ଜୟପ୍ରକାଶ ଯାଦବ, ବରିଷ୍ଠ ଭୂଗୋଳବିତ୍ ତେଜବୀର ସିଂ ରାଣା, ପୂର୍ବତନ ଅତିରିକ୍ତ ସର୍ଭେୟର ଜେନେରାଲ ଏସ୍.ଭି. ସିଂ, ଗୁଜରାଟର ପୂର୍ବତନ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ସି.ଏନ୍. ପାଣ୍ଡେ ଏବଂ ନାଗାଲାଣ୍ଡର ପୂର୍ବତନ ପିସିସିଏଫ୍ ଧର୍ମେନ୍ଦ୍ର ପ୍ରକାଶ କମିଟିର ସଦସ୍ୟ ଅଛନ୍ତି।

## ସେନା ଗୁଳିରେ ପାକ୍ ଆତଙ୍କବାଦୀ ନିହତ
### ଅନୁପ୍ରବେଶ ଉଦ୍ୟମ ପଣ୍ଡ

ଶ୍ରୀନଗର, ୧୫ା୩

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଉରି ସେକ୍ଟର ଦେଇ ଯାଇଥିବା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ଯବାନମାନେ ପଣ୍ଡ କରିଦେଇଛନ୍ତି। ଯବାନଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ରବିବାର ସେନା ପକ୍ଷରୁ କୁହାଯାଇଛି। ଅନୁପ୍ରବେଶ ଉଦ୍ୟମ ସମ୍ପର୍କରେ ଜମ୍ମୁ-କଶ୍ମୀର ପୋଲିସଠାରୁ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଗତ ୧୪ ତାରିଖ ବିଳମ୍ବିତ ରାତିରେ ସେନା ଓ ପୋଲିସ ପକ୍ଷରୁ ଉରି ସେକ୍ଟରରେ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଅନ୍ଧକାର ମଧ୍ୟରେ ଆତଙ୍କବାଦୀଙ୍କ ଗତିବିଧି ସୁରକ୍ଷା ବଳ ନଜରରେ ପଡ଼ିଥିଲା। ସୁରକ୍ଷ ବଳ ପୂର୍ବ ସ୍ଥାନ ବଦଳାଇ ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ ଦେବାରୁ ସେମାନେ ଆଖିବୁଜା ଗୁଳି ଚଳାଇଥିଲେ। ଫଳରେ ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ସେନା କହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏକେ ରାଇଫଲ, ପିସ୍ତଲ ଏବଂ ବିପୁଳ ପରିମାଣର ଗୁଳିଗୋଳା ଜବତ ହୋଇଛି। ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଆକାଶମାର୍ଗରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ସେନା ଡ୍ରୋନ୍ ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରୁଛି।

## ଅସ୍ୱାଭାବିକ ଋତୁ ପରିବର୍ତ୍ତନ ଜୀବଜଗତର ଆଚରଣ ବଦଳାଉଛି

ୱାଶିଂଟନ୍, ୧୫ା୩

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱ ସମାଜ ପାଇଁ ସବୁଠୁ ଚିନ୍ତାଜନକ ହୋଇପଡ଼ିଛି। ଜଳବାୟୁ ପରିବର୍ତ୍ତନର ଦୀର୍ଘସୂତ୍ରୀ ପ୍ରଭାବ ମାନବ ସମାଜ ପାଇଁ କେତେ ଅନିଷ୍ଟକର, ତାହା ସମସ୍ତେ ହୃଦୟଙ୍ଗମ କରୁଥିଲେ ହେଁ ବାସ୍ତବ ଭାବେ ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ଦିଗରେ ଖୁବ୍ କମ୍ କାର୍ଯ୍ୟ କରାଯାଉଛି। ଅସନ୍ତୁଳିତ ପରିବେଶ ଏବଂ ଅସମୟରେ ଋତୁ ପରିବର୍ତ୍ତନ କେବଳ ମାନବସମାଜ ପାଇଁ ନୁହେଁ, ବୃକ୍ଷ ଏବଂ ଉଦ୍ଭିଦ ଜଗତ ପାଇଁ ମଧ୍ୟ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତରେ ଶୀତଋତୁର ଶେଷଭାଗ ଏବଂ ବସନ୍ତର ପ୍ରାରମ୍ଭରେ ଅସ୍ୱାଭାବିକ ଗରମ ପଡ଼ିବା ହେତୁ ଏହା ପ୍ରାଣୀ ଏବଂ ଉଦ୍ଭିଦ ଜଗତର



ଆଚରଣଗତ ଢାଞ୍ଚାରେ ପରିବର୍ତ୍ତନ ଆଣୁଛି ବୋଲି ଏ ସମ୍ପର୍କରେ ଗବେଷଣା ଜାରି ରଖିଥିବା ବୈଜ୍ଞାନିକମାନେ କହିଛନ୍ତି। ବିଶ୍ୱସ୍ତରରେ ଚଳିତ ବର୍ଷ ଫେବୃଆରୀ ମାସରେ ସର୍ବାଧିକ ଗରମ ଅନୁଭୂତ ହେବା ସହ ପଞ୍ଚମଥର ପାଇଁ ଏହି ମାସକୁ ସର୍ବାଧିକ ଗ୍ରୀଷ୍ମ ମାସ ଭାବେ ରେକର୍ଡ କରାଯାଇଥିଲା। ଫେବୃଆରୀ ଏବଂ ମାର୍ଚ୍ଚ ମାସର ପ୍ରାରମ୍ଭରେ ଦେଶର ବିଭିନ୍ନ ଭାଗରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇଥିବା ରେକର୍ଡ କରାଯାଇଥିଲା। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମାର୍ଚ୍ଚ ପ୍ରାରମ୍ଭରେ ଯେଭଳି ଗରମ ରେକର୍ଡ କରାଯାଇଥିଲା ତାହା ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ। ଅନ୍ୟପକ୍ଷରେ ଏହି ସମୟରେ ହିମାଳୟ ଅଞ୍ଚଳରେ ଯେଭଳି ଶୀତ ଲହରି ଦେଖାଯିବା କଥା ତାହା ଅନୁଭୂତ ହୋଇ ନ ଥିଲା। ଏଭଳି ସ୍ଥିତି ବନ୍ୟପ୍ରାଣୀ ଏବଂ ଉଦ୍ଭିଦ ଜଗତ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ସହିତ ସେମାନେ ଅତ୍ୟନ୍ତ କଠୋର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ୁଛି। ଏହାଦ୍ୱାରା ସେମାନଙ୍କ ଆଚରଣଗତ ଢାଞ୍ଚାରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ସମୟରେ ବିଭିନ୍ନ ସ୍ଥାନରେ ସ୍ୱାଭାବିକଠାରୁ ୫ରୁ ୧୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଥିବାରୁ ଫୁଲ ଫୁଟିବା, ପ୍ରଜନନ ଏବଂ ପ୍ରବାସନର ପ୍ରାକୃତିକ ଧାରାକୁ ପ୍ରଭାବିତ କରିଛି। ଅସମୟରେ ଋତୁ ପରିବର୍ତ୍ତନର ପ୍ରଭାବକୁ ନେଇ ଗବେଷକମାନେ କଶ୍ମୀର ଉପତ୍ୟକାରେ ଉଦ୍ଭିଦ ଜଗତରେ ଦେଖାଯାଇଥିବା ପରିବର୍ତ୍ତନକୁ ସାମ୍ନାକୁ ଆଣିଛନ୍ତି। ଫେବୃଆରୀରେ କଶ୍ମୀର ଉପତ୍ୟକାର ତାପମାତ୍ରା ଯେତିକି ଅଧିକ ରହିଥିଲା ତାହା ୩୫ ବର୍ଷର ରେକର୍ଡ ଅତିକ୍ରମ କରିଛି। ଏହାଦ୍ୱାରା ଏହି ଅଞ୍ଚଳର ପ୍ରାୟ ୨୦୦ ପ୍ରଜାତିର ଫୁଲ ଆଗରୁ ଫୁଟିଥିଲା। ମହୁମାଛିଙ୍କଠାରୁ ଆରମ୍ଭ କରି ଅନ୍ୟ ପରାଗ ସଙ୍ଗମ ଏହି ସମୟରେ ସକ୍ରିୟ ନ ଥିବାରୁ ପରିବେଶ ସନ୍ତୁଳନ ବ୍ୟାହତ ହେବା ସହିତ ମହୁମାଛିଙ୍କ ବଂଶ ବୃଦ୍ଧି ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି ହୋଇଛି। ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଭିନ୍ନ ପ୍ରଜାତିର ପକ୍ଷୀ ଅଣ୍ଡା ଦେଇଥାଆନ୍ତି। କିନ୍ତୁ ଅସମୟରେ ଋତୁ ପରିବର୍ତ୍ତନ ସେମାନଙ୍କ ସ୍ୱାଭାବିକ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା, ୧୫।୩(ସଙ୍ଗୀତା ଜେନା)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତଗତ ଝାଡତରଙ୍ଗ ଅଞ୍ଚଳରେ ରବିବାର ସକାଳେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ତାଙ୍କ ଶୋଇବା ଘରୁ ପୋଲିସ ଜବତ କରିଛି। ମୃତକ ହେଲେ ସାଧୁ ମୁଣ୍ଡାରୀ(୫୧)। ପୋଲିସ ଏକ ମାମଲା (ନଂ.୪୦/୨୬) ରୁଜୁ କରିଛି। ମୃତକଙ୍କ ସ୍ତ୍ରୀ ଗାଙ୍ଗୀ ମୁଣ୍ଡାରୀଙ୍କ ଏତଲା ଅନୁଯାୟୀ, ଶନିବାର ରାତିରେ ସାଧୁ ଖାଇପିଇ ଶୋଇବା ପାଇଁ ଯାଇଥିଲେ। ରବିବାର ସକାଳେ ଏକ ଶାଢ଼ି ଫ୍ୟାନରେ ଲଗାଇ ଝୁଲୁଥିବା ଦେଖାଯାଇଥିଲା।

### ମଙ୍ଗଳା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)**

କ୍ୱାରି ସାଇଡିଂ, ଟିସ୍କୋ, ବାଲ ସୁଧାର ଗୃହ ସନ୍ନିକଟ ଶ୍ରୀ ଶ୍ରୀ ବୈଦ୍ୟନାଥ ମନ୍ଦିର ପରିସରରେ ରବିବାର ମା' ମଙ୍ଗଳାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଦବ୍ୟାସ ଧାମରୁ ୧୦୮ କଳସ ଯାତ୍ରା ଆରମ୍ଭ ହୋଇ ବୈଦ୍ୟନାଥ ଶିବ ମନ୍ଦିର ପରିସରରେ ସମାପ୍ତ ହୋଇଥିଲା। ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ପରମେଶ୍ୱର ପତିଙ୍କ ତତ୍ତ୍ୱାବଧାନରେ ପ୍ରକାଶ କୁମାର ପଣ୍ଡା, ମୀନକେତନ ମିଶ୍ର, ଦାମୋଦର ପାଢ଼ୀ, ବିରୁପାକ୍ଷ ପାଣି, ଘନଶ୍ୟାମ ପଣ୍ଡା, ସୌମ୍ୟରଞ୍ଜନ ମିଶ୍ର, ପ୍ରାଣବନ୍ଧୁ ମିଶ୍ର, ହାଡିବନ୍ଧୁ ମିଶ୍ର ପ୍ରମୁଖ ପୂଜକ ଭାବେ ଯୋଗ ଦେଇଥିଲେ। ସୁଦର୍ଶନ ଦାଶ, ନିମାଇଁ ଚରଣ ପାଣିଗ୍ରାହୀ, ଭାଗ୍ୟଧର ରାଉତ, ପ୍ରଣତି ରାଉତ, ରଞ୍ଜିତା ସ୍ୱାଇଁ ସହଯୋଗ କରିଥିଲେ।

### ରାଷ୍ଟ୍ରଭାଷା ପ୍ରଚାର, ବିକାଶ ସଂସ୍ଥାନ ବୈଠକ

**ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାନ ସଭାପତି ପ୍ରସନ୍ନ କୁମାର ବିନ୍ଧାଣୀ ସଭାପତିତ୍ୱ କରିଥିଲେ। ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ହିନ୍ଦୀ ଦିବସ ସିଭିକ୍ ସେଣ୍ଟରରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବିଭିନ୍ନ ପ୍ରତିଯୋଗିତା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ସଂସ୍ଥାନର ଟ୍ରଷ୍ଟି ସୁନୀଲ କୟାଲ, ଉପ ସଭାପତି ପ୍ରଭାତ କୁମାର ମିଶ୍ର, ସଦସ୍ୟା ସୁଶ୍ରୀ ସୁସ୍ମିତା ପାଲ ଓ ମିନ୍ନୀ ରାୟ ଉପସ୍ଥିତ ଥିଲେ। ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଡ. ଜଗନ୍ନାଥ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗଦେଲେ ୧୮୦ ନବନିଯୁକ୍ତ ଗୃହରକ୍ଷୀ

## ଏସ୍‌ପି ବାଣ୍ଟିଲେ ନିଯୁକ୍ତି ପତ୍ର

**ସମ୍ବଲପୁର, ୧୫।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ପୋଲିସରେ ରବିବାର ୧୮୦ଜଣ ନବନିଯୁକ୍ତ ଗୃହରକ୍ଷୀ (ହୋମଗାର୍ଡ) ଯୋଗଦେଇଛନ୍ତି। ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ୍(ଆରଓ) ପଡ଼ିଆରେ ରବିବାର ଅନୁଷ୍ଠିତ ଏକ ନିଯୁକ୍ତି ପର୍ବରେ ଏସ୍‌ପି ମୁକେଶ କୁମାର ଭାମୁଙ୍କଠାରୁ ସମସ୍ତ ୧୮୦ ଜଣ ନବନିଯୁକ୍ତ ହୋମଗାର୍ଡ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ଗ୍ରହଣ କରିବା ସହ ସେବାରେ ଯୋଗ ଦେଇଛନ୍ତି। ଜିଲାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ନୂତନ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ନବନିଯୁକ୍ତ ଗୃହରକ୍ଷୀମାନଙ୍କୁ



ରିଜର୍ଭ ପୋଲିସ ପଡ଼ିଆରେ ଏସ୍‌ପିଙ୍କ ହାତରୁ ନିଯୁକ୍ତିପତ୍ର ଗ୍ରହଣ କରୁଛନ୍ତି ଜଣେ ନବ ନିଯୁକ୍ତ ଗୃହରକ୍ଷୀ।

ସ୍ୱାଗତ କରିବା ସହ ସେମାନଙ୍କୁ ଦାୟିତ୍ୱ ସମ୍ପନ୍ନ ହୋଇ ନିଷ୍ଠାର ସହିତ ନିଜକୁ ଲୋକଙ୍କ ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ପୋଲିସ ବଳକୁ ସହାୟତା କରିବା ପାଇଁ ଏହି ନୂତନ ସଦସ୍ୟମାନେ ବିଭିନ୍ନ ବିଭାଗରେ ନିୟୋଜିତ ହେବେ। ଏହି ନିଯୁକ୍ତି ଦ୍ୱାରା ଆଗାମୀ ଦିନରେ ସହରର ଟ୍ରାଫିକ ପରିଚାଳନା ଓ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଅଧିକ ସହାୟତା ମିଳିପାରିବ ବୋଲି ଆଶା କରାଯାଉଛି।

# ଜଗନ୍ନାଥ କଳା ପରିଷଦ ପକ୍ଷରୁ ବିଶ୍ୱ ମହିଳା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଉରକେଲା, ୧୫।୩(ସଙ୍ଗୀତା ଜେନା)**

ରାଉରକେଲାର ନୃତ୍ୟାନୁଷ୍ଠାନ ଜଗନ୍ନାଥ କଳା ପରିଷଦ ପକ୍ଷରୁ ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ପୂର୍ବାହ୍ନ ୧୧ଟାରେ ରବିବାର ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଜିମାହ କାନେକର ମୁଖ୍ୟ ଅତିଥି, ଦୀପିକା ଇସ୍ପାତ ଶିକ୍ଷା ସଦନର ଅଧକ୍ଷା ସୁଚିତ୍ରା ଲେଙ୍କା ମୁଖ୍ୟବକ୍ତା ଏବଂ ନୃତ୍ୟ ଅନୁରାଗୀ ମମତା ରାଉଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନୃତ୍ୟାନୁଷ୍ଠାନର ସମ୍ପାଦିକା ପୁଷ୍ପା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନଙ୍କ ବିକାଶ, ଶିକ୍ଷା, ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବବିତା ମିଶ୍ରଙ୍କ ସମେତ କେନ୍ଦ୍ରର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ଆଇଜିଏଚ୍‌ରେ ସର୍ଭାଇକାଲ ସ୍ପାଇନାଲ କର୍ଡ ଟ୍ୟୁମରର ସଫଳ ଅସ୍ତ୍ରୋପଚାର



ଅସ୍ତ୍ରୋପଚାର ପରେ ରୋଗୀଙ୍କ ସହ ଡାକ୍ତରୀ ଟିମ୍।

**ରାଉରକେଲା, ୧୫।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଏକ ବିରଳ ସର୍ଭାଇକାଲ୍ ସ୍ପାଇନାଲ୍ କର୍ଡ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ଆୟୁଷ୍ମାନ ଭାରତ ହିତାଧିକାରୀ ରିଚାର୍ଡ କୁଜୁର ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଉଭୟ ଉପର ଏବଂ ତଳ ଅଙ୍ଗରେ କଠିନତା ଏବଂ ଦୁର୍ବଳତା ଅନୁଭବ କରିବାରୁ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଆବଶ୍ୟକ ପରୀକ୍ଷା ପରେ ଅତିରିକ୍ତ ସିଏମ୍‌ଓ (ରେଡିଓଲୋଜି) ଡାକ୍ତର ମେଘରାୟ ମାଝୀଙ୍କ ଦ୍ୱାରା ଅଧିକ ନିର୍ଣ୍ଣାୟକ ମୂଲ୍ୟାଙ୍କନ ରୋଗୀଙ୍କ ଅବସ୍ଥାର ମୂଳ କାରଣ ଭାବେ ସର୍ଭାଇକାଲ୍ ସ୍ପାଇନାଲ୍ ଟ୍ୟୁମରର ସମ୍ଭାବନାକୁ ସୂଚିତ କରିଥିଲା। ରୋଗୀଙ୍କ ପରିବାର ସହିତ ଶଲ୍ୟଚିକିତ୍ସା ହସ୍ତକ୍ଷେପର ଆବଶ୍ୟକତା, ସମ୍ବନ୍ଧିତ ବିପଦ ଏବଂ ଆଶା କରାଯାଇଥିବା ପୂର୍ବାନୁମାନ ସମ୍ପର୍କରେ ପରାମର୍ଶ ପରେ ଏକ ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ଏହି ପ୍ରକ୍ରିୟାଟି ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡକ୍ଟର ମନୋଜ କୁମାର ଦେଓଙ୍କ ଦ୍ୱାରା ହୋଇଥିଲା। ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡକ୍ଟର ମନୋରଞ୍ଜନ ସାମନ୍ତରାୟ, କମଳାକର (ଓଟି ଆସିଷ୍ଟାଣ୍ଟ) ଏବଂ ଗୋଧୂଳି (ଷ୍ଟାଫ୍ ନର୍ସ) ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ରୋଗୀଙ୍କ ଅବସ୍ଥାରେ ସ୍ଥିର ଉନ୍ନତି ଦେଖାଯାଇଥିଲା। ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଫିଜିଓଥେରାପି ଓ ପୁନର୍ବାସ ସହାୟତା ପ୍ରଦାନ କରାଯାଇଥିଲା।

### ଟ୍ରକ୍ ଧକ୍କାରେ ନାବାଳକ ମୃତ

**କୁଆଁରମୁଣ୍ଡା, ୧୫।୩(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ତଳସରା ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଟ୍ରକ୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ସାଗର ଲାଖୁଆ(୦୩)। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା(ନଂ.୧୧୩/୨୬) ରୁଜୁ କରି ପୋଲିସ ଟ୍ରକ୍‌କୁ ଜବତ କରିଛି। ଚାଳକ କିନ୍ତୁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସାଗର ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସାଙ୍ଗଙ୍କ ସହ ଖେଳୁଥିଲେ। ଏହି ସମୟରେ ବୀରମିତ୍ରପୁର ପାର୍ଶ୍ୱରୁ ରାଉରକେଲା ଆଡ଼କୁ ଯାଉଥିବା ଏକ ୬ଚକିଆ ଟ୍ରକ୍ (ନଂ.ଓଆର୍୧୪ଏନ୍ ୧୨୯୦) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବୀରମିତ୍ରପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭିମ୍‌ସାରରେ କୁଇଜ୍ କାର୍ଯ୍ୟକ୍ରମ

## ଭାଗନେଲେ ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ରୀଛାତ୍ର

**ସମ୍ବଲପୁର, ୧୫।୩(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମସାର)ରେ ଚିନ୍ତନ ଶୀର୍ଷକ ଏକ ମେଡିକୁଇଜ୍ ଓ ଭାରତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ମେଡିକୋସ ଅର୍ଗାନାଇଜେଶନ(ଏନ୍‌ଏମ୍‌ଓ) ଭିମ୍‌ସାର ୟୁନିଟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏମ୍‌ଓ ଭିମସାର ୟୁନିଟ ସଭାପତି ଡା. ସାଗ୍ନିକା ତ୍ରିପାଠୀ, ଶରୀର ବିଜ୍ଞାନ ବିଭାଗ ମୁଖ୍ୟ ଡା. ମମତା ଷଡ଼ଙ୍ଗୀ, ଏନ୍‌ଏମ୍‌ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଡା. ସଞ୍ଜିବ କୁମାର ମିଶ୍ର, କୋଷାଧକ୍ଷ ଡା. ରୋହନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ଆହରଣ ସହିତ ଭାରତର ସମୃଦ୍ଧ ଐତିହ୍ୟ, ଇତିହାସ ଏବଂ ସାମ୍ପ୍ରତିକ ଘଟଣାବଳୀ ବିଷୟରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଥିଲେ। ଉଭୟ ମେଡି କୁଇଜ୍ ଓ ଭାରତ କୁଇଜ୍‌ରେ ଭିମ୍‌ସାରର ବହୁ ସଂଖ୍ୟାରେ ଦ୍ୱିତୀୟବର୍ଷ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

# ସମ୍ବଲପୁରୀ ସେନା ପକ୍ଷରୁ ବସନ୍ତ ମହୋତ୍ସବ

**ସମ୍ବଲପୁର, ୧୫।୩(ବି.ଶଙ୍କର)**

ସମ୍ବଲପୁରୀ ସେନା ପକ୍ଷରୁ ବସନ୍ତ ମହୋତ୍ସବ ତଥା ଗୁଡିଖାଇ ଭେଟ୍‌ଘାଟ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି । ଡ. ପଦ୍ମାଳୟା ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଡ. ମୋହନ ସାହୁ ମୁଖ୍ୟ ଅତିଥି, ଉତ୍ପଳା ଦାସ ଷଡ଼ଙ୍ଗୀ ସମ୍ମାନିତ ଅତିଥି, ଡ. ନାରାୟଣ ଭୋଇ ମୁଖ୍ୟବକ୍ତା, ମାନଭଞ୍ଜନ ପାଣିଗ୍ରାହୀ ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଆବାହକ ସନତ କୁମାର ସାହୁଙ୍କ ସଂଯୋଜନା ଓ ଗୋକୁଳାନନ୍ଦ ପାତ୍ର ପରିଚାଳନାରେ ଉତ୍ସବ ହୋଇଥିଲା । ଏହି ଉତ୍ସବରେ ସୁରେଶ ଦାସ, ମୋହନ ସିଂହ କନ୍ହେଇ, ସନ୍ତୋଷ ପ୍ରଧାନ, ଉତ୍ପଳା ଦାସ, ଗୋପୀନାଥ



ଉତ୍ସବରେ ଅତିଥି, ସମ୍ବର୍ଦ୍ଧିତ ପ୍ରତିଭା ଏବଂ କବିମାନେ।

ଷଡ଼ଙ୍ଗୀ ଓ ଲେଖାରାମ ମେହେରଙ୍କୁ ସମ୍ବଲପୁର ବରପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାପରେ ପୁତୁଲ ସୁପ୍ରିୟା ଦାସଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବରେ ହୋଇଥିଲା । ତପସ୍ୱିନୀ ନେପାକ, ସୁଷମା ହୋତା, ଜୟକୃଷ୍ଣ ବେହେରା, ଭବାନୀ ଶଙ୍କର ମେହେର, ମମତା ନାଥ, ରଞ୍ଜନ କୁମାର ନନ୍ଦ, ଶାନ୍ତିଲତା ପାଣ୍ଡେ, କାହ୍ନୁକେଶବ ବହିଦାର, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଡ.ସ୍ୱୟଂ ପ୍ରକାଶ ପଣ୍ଡା, ପଙ୍କଜିନୀ ନାୟକ, ଶତଦ୍ରୁ ସାହୁ, ବିଭୂତି ଭୂଷଣ ମିଶ୍ର, ପ୍ରଦୀପ ଯୋଶୀ, ସବିତା ମିଶ୍ର କବିତା ପାଠ କରିଥିଲେ ।

### ଗୁରୁକୁଳ କଲେଜ ଛାତ୍ରାବାସରେ ଅଗ୍ନିକାଣ୍ଡ

**ସୁନ୍ଦରଗଡ, ୧୫।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସହର ସ୍ଥିତ ଗୁରୁକୂଳ କଲେଜ ଛାତ୍ରାବାସରେ ରବିବାର ସନ୍ଧ୍ୟାରେ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଛାତ୍ରାବାସଟି ବର୍ତ୍ତିଯାଇଛି। ଅଗ୍ନିକାଣ୍ଡ ରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନାହିଁ। ତେବେ ହଷ୍ଟେଲରେ ଥିବା ବହୁ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଉପକରଣ,ଇନଭର୍ଟର, ଉଚ୍ଚ କ୍ଷମତା ସମ୍ପନ୍ନ ବ୍ୟାଟେରୀ ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ଅଜୟ କୁମାର ବରାଡ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଶ୍ରମିକ ସମ୍ମିଳନୀ



ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସହ ଶ୍ରମିକମାନେ।

**ବେଲପଡ଼ା, ୧୫।୩ (ମନୋଜ କୁମାର ମିଶ୍ର)**

ଭିବି ଜି ରାମ୍ ଜି ଶ୍ରମିକଙ୍କ ନ୍ୟାଯ୍ୟ ଦାବିରେ ଏଆଇୟୁଟିୟୁସି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ଶାଖା ପକ୍ଷରୁ ରବିବାର ଗମ୍ଭାରୀଠାରେ ବେଲପଡ଼ା ବ୍ଲକ୍‌ସ୍ତରୀୟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୈନିକ ମଜୁରି ପାଇବାରେ ଅବ୍ୟବସ୍ଥା ଦୂରକରି ସାପ୍ତାହିକ ମଜୁରି ପ୍ରଦାନ କରିବା, ବନ୍ଦ ହୋଇଥିବା ଗ୍ରାମଗୁଡ଼ିକରେ ତୁରନ୍ତ କାମ ଆରମ୍ଭ କରିବା, ବର୍ଷକୁ ୩୬୫ ଦିନ କାମ ଯୋଗାଇଦେବା ସହ ଅନ୍ୟାନ୍ୟ ଦାବିରେ ଏହି ସମ୍ମିଳନୀ ହୋଇଥିଲା । ମଧୁସୂଦନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା ଜୟସେନ ମେହେର ଯୋଗଦେଇଥିଲେ । ସମ୍ମାନିତ ଅତଥି ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା ସମ୍ପାଦକ ସୁନୀଲ କୁମାର ଭୋଇ, ଅନ୍ୟତମ ଅତିଥି ଭାବେ ତାମସ କୁମାର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ମେହେର ଭିବି ଜି ରାମ୍ ଜି ସ୍କିମ୍‌ରେ କାର୍ଯ୍ୟରତ ଶ୍ରମିକମାନେ ସଂଗଠିତ ହୋଇ ନ୍ୟାଯ୍ୟ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ। ଆଗାମୀ ଦିନରେ ପ୍ରଶାସନ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଏପ୍ରିଲ ୧୬ ତାରିଖଠାରୁ ବେଲପଡ଼ା ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ରାଉରକେଲା ଭଲିବଲ କୋଚ୍‌ଙ୍କ କୃତିତ୍ୱ

**ରାଉରକେଲା, ୧୫।୩(ସଙ୍ଗୀତା ଜେନା)**

ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏସନ (ରାଏମା) କ୍ଲବ ସଦସ୍ୟ ତଥା ଭଲିବଲ୍ ରେଫରି ଜ୍ଞାନରଞ୍ଜନ ପ୍ରହରାଜଙ୍କୁ ଚଳିତ ମାସ ୧୫ରୁ ୨୦ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ୭୨ତମ ଯୁବ ଜାତୀୟ ଭଲିବଲ ଚାମ୍ପିୟନଶିପ୍ ୨୦୨୫-୨୬ ପାଇଁ ଟେକ୍‌ନିକାଲ ଅଫିସିଆଲ ଭାବେ ମନୋନୀତ କରାଯାଇଛି। ଏ ନେଇ ସୁନ୍ଦରଗଡ଼ ଖେଳକୁଦ ସଂଘର ପ୍ରଭାତ ଭୋଳ, ବାସୁଦେବ ବାନାର୍ଜୀ, ପ୍ରଶାନ୍ତ ପଟେଲ, ଅନୀଲ ବହିଦାର, ଦୁର୍ଗାମାଧବ ନାୟକ, ବିମଳ ବୋଷ, ଚିତ୍ତ ବହିଦାର, ରାଏମା ସଭାପତି ବିଷ୍ଣୁ ଚରଣ ମହାନ୍ତି, ଏନ୍‌ଏନ୍‌ଆଏସ୍ କୋଚ ବିକ୍ରମ ସ୍ୱାଇଁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଚ୍ ଭଲିବଲରେ ପ୍ରହରାଜଙ୍କୁ ଅଫିସିଆଲ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

### ସୁନ୍ଦରଗଡ଼ରେ ଘଡ଼ଘଡ଼ି ବର୍ଷା

**ସୁନ୍ଦରଗଡ, ୧୫।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ରବିବାର ରାତିରେ ଘଡଘଡି, ପବନ ସହ ବର୍ଷା ହୋଇଛି। ରିପୋର୍ଟ ପଠା ଯିବା ପର୍ଯ୍ୟନ୍ତ (ରାତି ୧୦ ଟା ) ବର୍ଷା ଘଡଘଡି ଲାଗି ରହିଛି। ବିଦ୍ୟୁତ୍ ସରବରାହ ମଧ ବାଧାପ୍ରାପ୍ତ ହୋଇଛି।

# ଆଜାଦ କ୍ଲବ ଚାମ୍ପିୟନ, ହିଣ୍ଡାଲ୍‌କୋ ରନରଅପ

## ଦଉଡି ଟଣା ପ୍ରତିଯୋଗିତା

**ସମ୍ବଲପୁର, ୧୫।୩(ବି.ଶଙ୍କର)**

ହୀରାକୁଦ କ୍ରୀଡା ସଂସଦ ଦଉଡି ଟଣା ପ୍ରତିଯୋଗିତା (ଟଗ ଅଫ ୱାର)ର ଫାଇନାଲ ରବିବାର ସ୍ଥାନୀୟ ସୁଭାଷ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ହୀରାକୁଦ ହିଣ୍ଡାଲ୍‌କୋ ଏବଂ ହୀରାକୁଦ ଆଜାଦ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । ହୀରାକୁଦ ଆଜାଦ କ୍ଲବ ୨-୦ ପଏଣ୍ଟରେ ହିଣ୍ଡାଲକୋକୁ ପରାସ୍ତ କରି ଚାମ୍ପିୟନ ଘୋଷିତ ହୋଇଥିଲା। ଏହି ଅବସରରେ ହୀରାକୁଦ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରତାପ କୁମାର ତାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ସଂସଦ ଯୁଗ୍ମସମ୍ପାଦକ କାର୍ତ୍ତିକ କଲେତ, ବିଶ୍ୱେଶ୍ୱର ପାଣିଗ୍ରାହୀ, ସୁଦେଶ ନାଗ, ପିଣ୍ଟୁ ସୁନା, ଜଟା ଧାରୀ ଛନ୍ଦ, ରୁପେଶ ନାୟକ ଉପସ୍ଥିତ ରହିଥିଲେ। ପ୍ରହ୍ଲାଦ ଚନ୍ଦ୍ର ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ବିଜେତା ଦଳ ଆଜାଦ କ୍ଲବକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ହିଣ୍ଡାଲ୍‌କୋ ଦଳକୁ ୩ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଦଶ ଦିନ ଧରି ଚାଲିଥିବା ପ୍ରତିଯୋଗୀତାରେ ମୋଟ ୮ଟି ଟିମ ଭାଗ ନେଇଥିଲେ। ଅମିତାଭ ପରିଡା ପ୍ରତିଯୋଗିତା ପରିଚାଳନା କରିଥିଲେ।




ଅତିଥିଙ୍କ ସହ ବିଜୟୀ ଖେଳାଳିମାନେ।

# ୫ ଦିନ ହେଲା ଯୋଗୀସର୍ଡାରେ ଜଳ ଯୋଗାଣ ବନ୍ଦ

## ଗୋଟିଏ ମୋଟର ଚୋରି, ଅନ୍ୟଟି ଅଚଳ

**ଲୋଇସିଂହା, ୧୫।୩(ସୁଶାନ୍ତ ବାରିକ)**

ବଲାଙ୍ଗୀରଜିଲାଲୋଇସିଂହାବ୍ଲକଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ଯୋଗୀସର୍ଡାରେ ଗତ ୫ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ପ୍ରକଳ୍ପର ଗୋଟିଏ ମୋଟର ଚୋରି ଯୋଗୁ ଏଭଳି ପରିସ୍ଥିତି ହୋଇଛି । ଏପଟେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା ବେଳେ ପାନୀୟ ଜଳ ପ୍ରକଳ୍ପ ବନ୍ଦକୁ ନେଇ ଗାଁରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୫ ୱାର୍ଡ ବିଶିଷ୍ଟ ଯୋଗୀସର୍ଡା ଗ୍ରାମର ଜନସଂଖ୍ୟା ପ୍ରାୟ ୫ ହଜାର ହେବ। ୨୦୦୯ ମସିହାରୁ ପଞ୍ଚାୟତ ଅଧୀନ ଛେଲବାହାଲ ସୁକତେଲ ନଦୀରୁ ଗ୍ରାମକୁ ପାଇପ ଜଳ ଯୋଗାଣ ହୋଇ ଆସୁଛି। ପଞ୍ଚାୟତ ପରିସରରେ ଓଭର ହେଡ୍ ଟାଙ୍କି ଓ ପମ୍ପ ଗୃହ ରହିଛି। ଏଠାରୁ ବସ୍ତିକୁ ଜଳ ଯୋଗାଣ ହୋଇଥାଏ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପମ୍ପ ଗୃହର ମୋଟର ଅଚଳ ହୋଇପଡିଛି। ସଂରକ୍ଷିତ ଅନ୍ୟ ଏକ ମୋଟର ଚୋରି ହୋଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏ ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଚୋରି ମୋଟରର ସନ୍ଧାନ ପାଇପାରିନାହିଁ। ଅପରପକ୍ଷେ ଅଚଳ ମୋଟର ମରାମତି ଦିଗରେ ପଞ୍ଚାୟତ ଓ ଜନସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତା ଦେଖାଉ ନଥିବା କାରଣରୁ ପ୍ରକଳ୍ପ ବନ୍ଦ ପଡ଼ିଛି। ପମ୍ପ ଗୃହରେ ଆଉ ଗୋଟିଏ ମୋଟର ଥିଲେ ସୁଦ୍ଧା ତାହା କମ ଏଚପିର ହୋଇଥିବାରୁ ଓଭର ହେଡ୍ ଟାଙ୍କିକୁ ପାଣି ଉଠି ପାରୁ ନାହିଁ।

ପ୍ରକଳ୍ପ ବନ୍ଦ ରହିଛି ଓ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

युनाइटेड इंडिया इंश्युरेन्स कं.लिमिटेड
UNITED INDIA INSURANCE CO. LTD.
(A Government of India Undertaking)
REGIONAL OFFICE: BHUBANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108

PUBLIC NOTICE: MERGER / RELOCATION OF OFFICES

This is for the information of general public that as part of our Company's business consolidation plans, our valuable clients of the following office that is located in the State of Odisha will now be serviced by our other office w.e.f. 31.05.2026. Clients will continue to enjoy uninterrupted services from the nearest or new location given below as well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| Micro Office: Keonjhar Address: Floor No.: 1, in front of Hotel Kashvi, Madhapur, Keonjhar, Odisha – 758001 | Business Office: Barbil Address: Pandya Trade Centre, Floor No.: 1, Main Road BPO, Barbil, Keonjhar, Odisha – 758035, Contact No.: 8249771033 |

Bhubaneswar, Date: 16.03.2026 Sd/- Chief Regional Manager

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/POST : BARINIPUT, DIST. : KORAPUT (ODISHA) - 764006
Phone : 06854-242001, Fax : 06854-242038, E-mail ID : sgmel.ukhep@gmail.com

TENDER CALL NOTICE NO. UKHEP : No. 51/2025-26 Dated : 09.03.2026

No.4001/67/2526 : Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below :

| Sl. No. | Description/Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | Deployment of 01 (One) No Diesel Run Hired Vehicle Bolero (BS-VI, Closed Body) for Official Work of Officers' of Utility Division, UKHEP, Bariniput For a Period of 48 Months From 2026-27 to 2030-31 | Rs.7080/- (Paper Cost Rs.6000/- + GST@18% Rs.1080/-) | Rs.24,600/- |

The sale of Tender Paper will be from : From 18.03.26 to 11:00 Hrs of 30.03.2026
The last date & time of receipt of tender : Up to 12:00 Hrs. of Date : 31.03.2026
The date and time of opening of tender : At 12:30 Hrs. of Date : 31.03.2026
For details of the tender documents, terms and conditions downloading please visit our website www.ohpcltd.com.
OIPR-4001/4002/1/25-26/0006 Sd./- UNIT HEAD, UKHEP, Bariniput

# ନରମ ପଦାର୍ଥ ବିଜ୍ଞାନ ଓ ଦୈନନ୍ଦିନ ଜୀବନ



ଡ. ଶୁଭେନ୍ଦୁ କୁମାର ପଣ୍ଡା

''ନରମ ପଦାର୍ଥ ବିଜ୍ଞାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ମାଇକ୍ରୋ ଓ ନାନୋ ସ୍ତରରେ ପଦାର୍ଥଗୁଡ଼ିକ ଆଚରଣକୁ ବୁଝାଏ। ଏହି ସ୍ତରର ସୂକ୍ଷ୍ମ କଣାମାନେ ତରଳ ପଦାର୍ଥରେ ଭାସିଥାଏ, ଯାହାକୁ କଲୋଇଡ୍ କୁହାଯାଏ ଏବଂ ସେମାନଙ୍କୁ ମାଇକ୍ରୋସ୍କୋପ ସାହାଯ୍ୟରେ ଅଧ୍ୟୟନ କରାଯାଏ। କଲୋଇଡ୍ କଣାମାନେ ତରଳର ସାମାନ୍ୟ ତାପଜ ଶକ୍ତିରେ ମଧ ନିରନ୍ତର ଗତିଶୀଳ ରହନ୍ତି, କିନ୍ତୁ ନିଜ ଇଚ୍ଛାନୁସାରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିପାରନ୍ତି ନାହିଁ। ଏହି ଅନିୟମିତ ଗତିକୁ ବ୍ରାଉନିଆନ ଗତି (ରବର୍ଟ ବ୍ରାଉନ୍‌ଙ୍କ ନାମାନୁସାରେ) କୁହାଯାଏ। କଲୋଇଡ୍ କଣାମାନଙ୍କୁ ଦିଗଗାମୀ ଓ ସ୍ୱୟଂଚାଳିତ କରିବା ପାଇଁ ଗବେଷକମାନେ ମେଟେରିଆଲ ଇଞ୍ଜିନିୟରିଂ ମାଧମରେ ସେମାନଙ୍କ ଉପରେ ବିଶେଷ ପରଦା ବା ଆବରଣ ଦେଇଥାନ୍ତି।''




ପାରମ୍ପରିକ ବିଜ୍ଞାନୀୟ ଧାରଣା ଅନୁସାରେ, ପଦାର୍ଥକୁ ସାଧାରଣତଃ ତିନୋଟି ଅବସ୍ଥାରେ ବିଭାଜନ କରାଯାଏ– ଘନ (କଠିନ), ତରଳ ଓ ଗ୍ୟାସ୍। ଯଥା: ଲୁହା ଏକ ଘନ ପଦାର୍ଥ, ପାଣି ତରଳ ଏବଂ ବାୟୁ ଗ୍ୟାସୀୟ ଅବସ୍ଥାରେ ଥାଏ। ଏହି ବିଭାଜନ ଲୁହା, ପାଣି ଓ ବାୟୁ ପରି ସରଳ ପଦାର୍ଥଗୁଡ଼ିକ ପାଇଁ ଯଥେଷ୍ଟ ହେଲେ ମଧ ଦହି, ଜେଲି, ପେଣ୍ଟ, ଫୋମ, ରକ୍ତ, କୋଷ ଓ ପଲିମର୍ (ରବର୍, ପ୍ଲାଷ୍ଟିକ ଇତ୍ୟାଦି) ପରି ଅନେକ ପଦାର୍ଥକୁ ଏହି ଶ୍ରେଣୀରେ ସଠିକ ଭାବରେ ରଖିବା ସହଜ ନୁହେଁ। ଏହି ପଦାର୍ଥଗୁଡ଼ିକ ଘନ ଓ ତରଳ ଉଭୟର ଗୁଣ ପ୍ରଦର୍ଶନ କରନ୍ତି। ଏମାନଙ୍କର ଗଠନ, ଆଚରଣ ଓ ଗତିବିଧିକୁ ବୁଝିବା ପାଇଁ ବିଜ୍ଞାନର ଯେଉଁ ଏକ ଆଧୁନିକ ଶାଖାର ଉଦ୍ଭବ ହୋଇଛି, ତାହାକୁ ନରମ ପଦାର୍ଥ ବିଜ୍ଞାନ (ସଫ୍ଟ ମ୍ୟାଟର୍ ସାଇନ୍ସ) କୁହାଯାଏ। ଏହି କ୍ଷେତ୍ରର ପ୍ରତିଷ୍ଠାତା ବା ବାପା ଭାବେ ଫ୍ରାନ୍ସର ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ପିଆର-ଗିଲ୍ସ ଡି ଜେନେସ୍ୱରିଚିତ, ଯିଏ ୧୯୯୧ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

ନରମ ପଦାର୍ଥଗୁଡ଼ିକର ମୁଖ୍ୟ ବିଶେଷତା ହେଉଛି, ସେମାନେ ଅତ୍ୟନ୍ତ ସୂକ୍ଷ୍ମ ଶକ୍ତି, ଯଥା ହାଲୁକା ଚାପ, ଆଲୋକ, ବିଦ୍ୟୁତ୍, ଚୁମ୍ବକୀୟ କିମ୍ବା ରାସାୟନିକ ପ୍ରଭାବରେ ନିଜର ଆକାର, ଗଠନ ଓ ଗୁଣରେ ପରିବର୍ତ୍ତନ କରିପାରନ୍ତି। ଏହି କାରଣରୁ ସେମାନଙ୍କୁ ନରମ କୁହାଯାଏ– ଏହା ଶକ୍ତିହୀନ ଅର୍ଥରେ ନୁହେଁ, ବରଂ ଅତ୍ୟଧିକ ସମ୍ବେଦନଶୀଳ ଅର୍ଥରେ।

ଆମ ଦୈନନ୍ଦିନ ଜୀବନରେ ଏହାର ଉଦାହରଣ ପ୍ରଚୁର ମାତ୍ରାରେ ମିଳେ। ସକାଳେ ଦାନ୍ତ ସଫା କରିବା ସମୟରେ ଟୁଥ୍‌ପେଷ୍ଟ ଟ୍ୟୁବ୍‌କୁ ଟିକିଏ ଚାପ ଦେଲେ ତାହା ବହି ଆସେ, କିନ୍ତୁ ଚାପ ନ ଥିଲେ ସେ ଅଟକି ରହେ। ସେଭିଂ ଫୋମ, ରବର୍ ଓ ଘରେ ବ୍ୟବହୃତ ପେଣ୍ଟ ମଧ ଏହିପରି ନରମ ପଦାର୍ଥର ଉଦାହରଣ। ଓଡ଼ିଶାର ଘରେ ଘରେ ପର୍ବପର୍ବାଣି ସମୟରେ ପ୍ରସ୍ତୁତ ହେଉଥିବା ମଣ୍ଡାପିଠା କିମ୍ବା ଆମେ ପିଲାବେଳେ ଖେଳୁଥିବା କାଦୁଆ ମାଟି– ଏସବୁ ଚାପ ଅନୁସାରେ ଘନ ଓ ତରଳ ଭଳି ଆଚରଣ କରନ୍ତି। ଏହାମାନେ ନରମ ପଦାର୍ଥର ସରଳ, କିନ୍ତୁ ସୁନ୍ଦର ଉଦାହରଣ। ଏତଦ୍‌ବ୍ୟତୀତ, ଆମେ ବ୍ୟବହାର କରୁଥିବା ମୋବାଇଲ, ଟିଭି ଓ ସ୍ମାର୍ଟ ଘଣ୍ଟାର ଏଲ୍‌ସିଡି ପରଦା ମଧ ନରମ ପଦାର୍ଥରେ ଗଠିତ। ସେଥିରେ ଥିବା ତରଳ ସ୍ଫଟିକ ଅଣୁ (ଲିକ୍ୟୁଇଡ କ୍ରିଷ୍ଟାଲ ମଲିକ୍ୟୁଲ)ଗୁଡ଼ିକ ଅଳ୍ପ ବିଦ୍ୟୁତ୍ ପ୍ରଭାବରେ ନିଜର ସ୍ଥିତି ବଦଳାଇ ବିଭିନ୍ନ ରଙ୍ଗ ଓ ଛବି ସୃଷ୍ଟି କରନ୍ତି।

ନରମ ପଦାର୍ଥ ବିଜ୍ଞାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ମାଇକ୍ରୋ ଓ ନାନୋ ସ୍ତରରେ ପଦାର୍ଥଗୁଡ଼ିକ ଆଚରଣକୁ ବୁଝାଏ। ଏହି ସ୍ତରର ସୂକ୍ଷ୍ମ କଣାମାନେ ତରଳ ପଦାର୍ଥରେ ଭାସିଥାଏ, ଯାହାକୁ କଲୋଇଡ୍ କୁହାଯାଏ ଏବଂ ସେମାନଙ୍କୁ ମାଇକ୍ରୋସ୍କୋପ ସାହାଯ୍ୟରେ ଅଧ୍ୟୟନ କରାଯାଏ। କଲୋଇଡ୍ କଣାମାନେ ତରଳର ସାମାନ୍ୟ ତାପଜ ଶକ୍ତିରେ ମଧ ନିରନ୍ତର ଗତିଶୀଳ ରହନ୍ତି, କିନ୍ତୁ ନିଜ ଇଚ୍ଛା ଅନୁସାରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିପାରନ୍ତି ନାହିଁ। ଏହି ଅନିୟମିତ ଗତିକୁ ବ୍ରାଉନିଆନ ଗତି (ରବର୍ଟ ବ୍ରାଉନ୍‌ଙ୍କ ନାମାନୁସାରେ) କୁହାଯାଏ। କଲୋଇଡ୍ କଣାମାନଙ୍କୁ ଦିଗଗାମୀ ଓ ସ୍ୱୟଂଚାଳିତ କରିବା ପାଇଁ ଗବେଷକମାନେ ମ୍ୟାଟେରିଆଲ ଇଞ୍ଜିନିୟରିଂ ମାଧ୍ୟମରେ ସେମାନଙ୍କ ଉପରେ ବିଶେଷ ପରଦା ବା ଆବରଣ ଦେଇଥାନ୍ତି। ଏହା ଫଳରେ ସେମାନେ ଆଲୋକ, ବିଦ୍ୟୁତ୍ କିମ୍ବା ରାସାୟନିକ ପ୍ରଭାବ ପ୍ରତି ସମ୍ବେଦନଶୀଳ ହୋଇ ନିଜର ଗତିପଥ ନିଜେ ନିର୍ଦ୍ଧାରଣ କରନ୍ତି। ଏମାନଙ୍କୁ ବୈଜ୍ଞାନିକ ଭାଷାରେ ଜାନୁସ୍ କଲୋଇଡ୍ (ରୋମାନ ଭଗବାନ ଜାନୁସ୍‌ଙ୍କ ନାମାନୁସାରେ) କୁହାଯାଏ ଏବଂ ଏହିକ୍ଷେତ୍ରକୁ ସକ୍ରିୟ ନରମ ପଦାର୍ଥ (ଆକ୍ଟିଭ ସଫ୍ଟ ମ୍ୟାଟର୍) ବୋଲି ଅଭିହିତ କରାଯାଏ।

ଆଧୁନିକ ଗବେଷଣାରେ ଏହି ସକ୍ରିୟ ସୂକ୍ଷ୍ମ କଣାମାନେ କେବଳ ପଦାର୍ଥ ବିଜ୍ଞାନର ସୀମାରେ ସୀମିତ ନୁହେଁ, ବରଂ ଭବିଷ୍ୟତର ଚିକିତ୍ସା ବ୍ୟବସ୍ଥାରେ ଏକ ନୂତନ ଦିଗ ଖୋଲୁଛନ୍ତି। ବୈଜ୍ଞାନିକମାନେ ଏମାନଙ୍କୁ ମାଇକ୍ରୋ-ରୋବୋଟ୍ସ ବୋଲି ଅଭିହିତ କରୁଛନ୍ତି, ଯେଉଁମାନେ ଆଗାମୀ ଦିନରେ ମାନବ ଶରୀରର ନିର୍ଦ୍ଦିଷ୍ଟ ସ୍ଥାନକୁ ଔଷଧ ପହଞ୍ଚାଇବା, ଅସୁସ୍ଥ କୋଷକୁ ଚିହ୍ନଟ କରିବା କିମ୍ବା କ୍ୟାନ୍‌ସର ପରି ଜଟିଳ ରୋଗର ଚିକିତ୍ସାରେ ସହାୟକ ହୋଇପାରନ୍ତି ବୋଲି ଆଶା କରାଯାଉଛି।

ଅଧିକନ୍ତୁ, ଏହି ବିଜ୍ଞାନ ଥ୍ରୀ-ଡି (୩D) ପ୍ରିଣ୍ଟିଂ କ୍ଷେତ୍ରରେ ମଧ ଏକ ନୂତନ ଦିଗ ତିଆରି କରୁଛି, ଯେଉଁଠାରେ ପଲିମର୍, ଜେଲି ଭଳି ନରମ ପଦାର୍ଥ ବ୍ୟବହାର କରି ବିଭିନ୍ନ ଆକାର, ଗଠନ ଓ ଉଦ୍ଦେଶ୍ୟର ବସ୍ତୁ ତିଆରି କରାଯାଉଛି। ଆଜି ବିଶ୍ୱର ଅନେକ ସ୍ଥାନରେ ୩D ପ୍ରିଣ୍ଟିଂ ଦ୍ୱାରା ଆଧୁନିକ ଘର, ଆସବାବପତ୍ର, ଗବେଷଣାଗାରୀୟ ମଡେଲ୍ ପ୍ରସ୍ତୁତ କରାଯାଉଛି। ଚିକିତ୍ସା କ୍ଷେତ୍ରରେ ମଧ କୃତ୍ରିମ ଅସ୍ଥି, ରକ୍ତନାଳୀ ଓ କିଛି ଅଙ୍ଗର ନମୁନା ତିଆରି ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ।

ଏହିଥିରୁ ଜଣାଯାଏ ଯେ, ଦେଖିବାକୁ ନରମ ପଦାର୍ଥ ଯେତେ ସରଳ ଲାଗୁଥାଉ, ତାହାର ଗୁଣ ଓ ସମ୍ଭାବନା ସେତେ ଅସୀମ। ନରମ ପଦାର୍ଥ ବିଜ୍ଞାନ ଭୌତିକ, ରସାୟନ, ଜୀବବିଜ୍ଞାନ ଓ ମ୍ୟାଟେରିଆଲ ବିଜ୍ଞାନ– ସମସ୍ତଙ୍କୁ ଏକ ସୂତାରେ ବାନ୍ଧିଥିବା ଏକ ମଲ୍ଟିଡିସିପ୍ଲିନାରି କ୍ଷେତ୍ର। ଏହା କେବଳ ଅଣୁ, ଜେଲ ଓ କଲୋଇଡ୍ ଜଗତ ପର୍ଯ୍ୟନ୍ତ ସୀମିତ ନ ହୋଇ ରୋବୋଟିକ୍ସ, ଅଗ୍ରଗାମୀ ପ୍ରଯୁକ୍ତି ଓ ଆମ ଚାରିପାଖରେ ବ୍ୟବହୃତ ବିଭିନ୍ନ ସାଧାରଣ ଏବଂ ଦୁର୍ଲଭ ପଦାର୍ଥଯାଏ ବ୍ୟାପିଅଛି। ଏହା ଆମକୁ ଶିଖାଏ ଯେ ଦୈନନ୍ଦିନ ଜୀବନରେ ସାଧାରଣ ଦେଖାଯାଉଥିବା ପଦାର୍ଥଗୁଡ଼ିକ ମଧ ଗଭୀର ବୈଜ୍ଞାନିକ ନୀତି ଅନୁସରଣ କରନ୍ତି ଏବଂ ସେହି ନୀତିର ଅଧ୍ୟୟନ ଭବିଷ୍ୟତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନୂତନ ଉଚ୍ଚତାକୁ ନେଇଯିବ।

– ଗବେଷକ, ଟାମ୍ପେରେ ବିଶ୍ୱବିଦ୍ୟାଳୟ,
ଫିନ୍‌ଲାଣ୍ଡ, ୟୁରୋପ
ମୋ: ୭୮୫୨୯୦୯୬୯୭

## ଆଜି ଜାତୀୟ ଟିକାକରଣ ଦିବସ

# ସମସ୍ତଙ୍କୁ ଟିକାକରଣ କରାଯିବା ଦରକାର



ନବଜାତ ଶିଶୁଟିଏ ଭୂମିଷ୍ଠ ହେବା ପରେ ଟିକାକରଣର ଆବଶ୍ୟକତା ରହିଛି। ତେଣୁ ଜନ୍ମ ପରେ ଏବଂ ଏହାର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଶିଶୁଟିକୁ ଟିକା ଦିଆଯାଇଥାଏ। ସରକାରୀ ହେଉ ଅବା ବେସରକାରୀ ହସ୍ପିଟାଲ-ସବୁଠାରେ ଶିଶୁମାନଙ୍କ ପାଇଁ ଟିକାକରଣର ସୁବିଧା ଉପଲବ୍ଧ। ଏହାର ଏକ ତାଲିକା ମଧ ରହିଛି, ଯାହାକୁ ଅନୁସରଣ କରି ଟିକା ଦିଆଯାଏ। ଏ ନେଇ ଶିଶୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ ଆମ ଦେଶରେ 'ଜାତୀୟ ଟିକାକରଣ ଦିବସ' ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି– 'ସମସ୍ତଙ୍କୁ ଯଥାସମ୍ଭବ ଟିକା ଦିଆଯିବା ଦରକାର'। ଏହି ଦିବସରେ ବିଭିନ୍ନ ହସ୍ପିଟାଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଦିନ ଥିଲା ପିଲାମାନଙ୍କ ପାଇଁ ପୋଲିଓ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ବର୍ତ୍ତମାନ ଏହାକୁ ପ୍ରାୟ ମୂଳୋତ୍ପାଟନ କରାଯାଇପାରିଛି। ବିଶେଷଭାବରେ ସଂକ୍ରାମକ ରୋଗକୁ ପ୍ରତିରୋଧ କରିବାରେ ଟିକା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯଦି ଜଣେ ଶିଶୁକୁ ଠିକ୍ ସମୟରେ ଟିକା ଦିଆଯାଏ, ତେବେ ତାହା ତା' ପାଇଁ ସୁରକ୍ଷା କବଚ ଭାବେ କାମ କରିଥାଏ। ତେଣୁ ଟିକାଦାନର ମହତ୍ତ୍ୱ ସମସ୍ତେ ବୁଝିବା ନିହାତି ଆବଶ୍ୟକ।

# ଜାଣିରଖନ୍ତୁ...



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ହାଲୁକା ଖାଦ୍ୟକୁ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରି ଭରି ରହିଛି। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରି ଭାରି ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି, ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ।

# ବୁଦ୍ଧିମତ୍ତା ବିକାଶ ଓ ଜୀବନଶୈଳୀ

ବୁଦ୍ଧିମତ୍ତାର ବିକାଶ ଲାଗି ଏକ ସହଜ ତଥା ସରଳ ଉପାୟ ରହିଛି। ଏଭଳି ବିଷୟବସ୍ତୁ ଉପରେ ଏକ ସର୍ଭେ କରି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରେ, ତେବେ ତାଙ୍କର ବୁଦ୍ଧିମତ୍ତାର ବିକାଶ କେତେକାଂଶରେ ହୋଇପାରିବ। ପ୍ରାୟ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରୁଥିବା କେତେକ ବ୍ୟକ୍ତିଙ୍କ ବୁଦ୍ଧିମତ୍ତାର ପରୀକ୍ଷା କରି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏଭଳି ସିଦ୍ଧାନ୍ତରେ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ତା'ସହ ନିଜକୁ ଟେନ୍‌ସନଠାରୁ ଯେତେ ଦୂରେଇ ରଖିବେ ସେତେ ଭଲ। ଏହାବ୍ୟତୀତ ନିଜର ଖାଦ୍ୟପେୟ ପ୍ରତି ମଧ ସଚେତନ ରହିବା ନିହାତି ଦରକାର।



# ସ୍କିଜୋଫ୍ରେନିୟାର ଲକ୍ଷଣ



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖିପାରୁଛନ୍ତି ବୋଲି ମଧ କହିଥାନ୍ତି। ରୋଗୀମାନେ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେମନେ କଥା ହୁଅନ୍ତି। ଅନେକ ରୋଗୀ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ସେବନ ମଧ କରିଥାନ୍ତି। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି, ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ସମ୍ଭାବନା ଥାଏ।

# ଚା' ପିଉଥିଲେ...

ଚା' ଓ କଫି ଅମ୍ଳୀୟ। ତେଣୁ ଖାଲି ପେଟରେ ଏହାକୁ ପିଇଲେ ଅମ୍ଳ ବୃଦ୍ଧି ପାଇଥାଏ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ବିଶେଷକରି ଖାଲି ପେଟରେ ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ଏହାବ୍ୟତୀତ ଖାଲି ପେଟରେ ଗ୍ରୀନ୍ ଚା' ପିଇଲେ ସେଥିରେ ଥିବା କାଟେଚିନ୍ ତତ୍ତ୍ୱ ଯୋଗୁଁ ଯକୃତ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସକାଳେ ଖାଲିପେଟରେ ଚା' କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ଖାଇସାରିବାର ଘଣ୍ଟାଏ ଦୁଇଘଣ୍ଟା ପରେ ଚା' କିମ୍ବା କଫି ନିରାପଦରେ ପିଆଯାଇପାରେ।



# ସ୍ୱାସ୍ଥ୍ୟ ସୂଚନା

➤ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ। ଏ ନେଇ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ବ୍ୟାୟାମ କରିବା ସମୟରେ ମନକୁ ଟେନସନ୍‌ଠାରୁ ଦୂରେଇ ରଖନ୍ତୁ। ଶାନ୍ତ ମନରେ ବ୍ୟାୟାମ କରନ୍ତୁ।



➤ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

➤କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।

➤ବୟସ ୫୦ ଟପିଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ସବୁବେଳେ ଏଣୁତେଣୁ ଚିନ୍ତା କଲେ ତାହା ମନକୁ ଚିନ୍ତାଗ୍ରସ୍ତ କରାଇବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ମନକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ।

➤ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏଥିଯୋଗୁଁ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

# ବାତ ମାରିବା : କିଛି କଥା

ବାତ ମାରିବାକୁ 'ଫିଟ୍ସ' କହନ୍ତି। ଡାକ୍ତରୀ ଭାଷାରେ 'ସିଜର୍' କିମ୍ବା 'କନ୍‌ଭଲ୍‌ସନ୍'। ସାଧାରଣ ଭାବରେ ଦେଖିଲେ ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେମାନେ ସେକେଣ୍ଡକୁ ଅନ୍ତତଃ ୮୦ ଥର ସ୍ନାୟୁସଙ୍କେତ ପ୍ରେରଣ କରିଥାନ୍ତି। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସି ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ ଥର ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଽଧିକ ସ୍ତରକୁ ଉଠିଯାଏ। ସଙ୍କେତ ପ୍ରେରଣରେ ଅତି ସକ୍ରିୟତାର ଏପରି ସ୍ଥିତି ଉପୁଜିଲେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥାଏ। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ବଂଶଗତ ପ୍ରଭାବ ମଧ ରହିଛି। ଏପିଲେପ୍‌ସିର ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ।



ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ଅତ୍ୟଧିକ ମାନସିକ ଚାପ, କ୍ରୋଧ, ନୈରାଶ୍ୟ, ବିରକ୍ତି ଏବଂ ଟେଲିଭିଜନ୍ ପରଦାରେ ଦୃଶ୍ୟ ପରିବର୍ତ୍ତନ ଭଳି କାରଣ ମସ୍ତିଷ୍କସ୍ଥ ସ୍ନାୟୁକୋଷଗୁଡ଼ିକରେ କିପରି ମାତ୍ରାଧିକ ବିଦ୍ୟୁତ୍ ଆବେଗ ଜାତ କରିଥାଏ, ତାହା ଏଯାବତ୍ ଜଣା ନାହିଁ। ଏପିଲେପ୍‌ସି ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ।

# ରାଜ୍ୟରେ ଗଢ଼ିଉଠିବ ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ ହବ୍

## ବିସ୍ତୃତ କାର୍ଯ୍ୟ ଯୋଜନା ଉନ୍ମୋଚନ କଲେ ଉଷା ପାଢ଼ୀ

ଭୁବନେଶ୍ୱର,୧୫।୩(ସୁଚିସ୍ମିତା ସାହୁ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଭୁବନେଶ୍ୱରରେ ଆୟୋଜିତ ଗ୍ଲୋବାଲ ବ୍ଲୁ ଇକୋନୋମି ସମିଟ ୨୦୨୬ ଅବସରରେ ଓଡ଼ିଶାର ନୀଳ ଅର୍ଥନୀତିର ବିକାଶ ପାଇଁ ଏକ କମ୍ପ୍ରେହେନ୍‌ସିଭ୍ ରୋଡ୍‌ମ୍ୟାପ୍ ଉନ୍ମୋଚନ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ପାଢ଼ୀ କହିଲେ, ଏହି ବିସ୍ତୃତ କାର୍ଯ୍ୟଯୋଜନା ମାଧ୍ୟମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ନବସୃଜନ ଓ ଉପକୂଳବର୍ତ୍ତୀ ଅଞ୍ଚଳର ସମୃଦ୍ଧିକୁ ନୂତନ ଗତି ଦେବା ଲକ୍ଷ୍ୟ ରହିଛି। ରାଜ୍ୟର ୪୮୦ କି.ମି.ରୁ ଅଧିକ ଦୀର୍ଘ ଉପକୂଳ ଓଡ଼ିଶାକୁ ବ୍ଲୁ ଇକୋନୋମି କ୍ଷେତ୍ରରେ ବିଶେଷ ରଣନୈତିକ ସୁବିଧା ପ୍ରଦାନ କରିବ। ଏହି ସମ୍ଭାବନାକୁ ସ୍ଥାୟୀ ଓ ପରିବେଶ ସମନ୍ୱିତ ଉନ୍ନୟନରେ ପରିଣତ କରିବା ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। 'ପୋର୍ଟଲେଡ୍ ଅର୍ବାନାଇଜେଶନ' ବା ବନ୍ଦର ଆଧାରିତ ସହରୀକରଣ ଏହି ରୋଡ୍‌ମ୍ୟାପର କେନ୍ଦ୍ରବିନ୍ଦୁ। ଏହି ଅନୁଯାୟୀ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରକୁ କେନ୍ଦ୍ର କରି ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ ହବ୍ ଗଢ଼ିଉଠିବ। ଏହା ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ସିପିଂ ଓ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସାମୁଦ୍ରିକ ପରିଚାଳନା ଭଳି ଉଦୀୟମାନ କ୍ଷେତ୍ରରେ ନିବେଶ ଓ ନବସୃଜନକୁ ଉତ୍ସାହିତ କରିବ।


ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବିଭିନ୍ନ ଶିଳ୍ପ ନେତୃତ୍ୱଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସେ ଆହୁରି କହିଛନ୍ତି, ଡିଜିଟାଲ ରୂପାନ୍ତରଣ, ଶିଳ୍ପ ଦକ୍ଷତା ବୃଦ୍ଧି ଓ ବ୍ୟବସାୟ କରିବାର ସହଜ ଉଦ୍ୟମ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଆକର୍ଷଣୀୟ ଗନ୍ତବ୍ୟରେ ପରିଣତ କରାଯାଉଛି। ନୀଳ ଅର୍ଥନୀତିର ବିକାଶ ସହିତ ଉପକୂଳ ପରିବେଶ ସୁରକ୍ଷା ଓ ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା, ସାମୁଦ୍ରିକ ଶୈବାଳ ଓ ମାଛଚାଷ ଏବଂ ପରିବେଶ ଅନୁକୂଳ ସାମୁଦ୍ରିକ ପର୍ଯ୍ୟଟନକୁ ଏହି ରଣନୀତିର ପ୍ରମୁଖ ଅଂଶ ଭାବେ ଚିହ୍ନଟ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ଆଧୁନିକ ନବସୃଜନର ସମନ୍ୱୟ ମାଧ୍ୟମରେ ରାଜ୍ୟ ଭବିଷ୍ୟତରେ ସ୍ଥାୟୀ ସାମୁଦ୍ରିକ ଶାସନ ଓ ବ୍ଲୁ ଇକୋନୋମି କ୍ଷେତ୍ରରେ ଜାତୀୟ ତଥା ବିଶ୍ୱସ୍ତରୀୟ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ ବୋଲି ପାଢ଼ୀ କହିଛନ୍ତି।

ସୂଚନାଯୋଗ୍ୟ, ଲୋକସେବା ଭବନରେ ଗତ ୧୩ ଓ ୧୪ ତାରିଖରେ ଆୟୋଜିତ ଦୁଇଦିନିଆ ଗ୍ଲୋବାଲ ବ୍ଲୁ ଇକୋନୋମି ସମିଟ୍‌କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉନ୍ମୋଚନ କରିଥିଲେ। ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡ. ଏମ୍ ରବିଚନ୍ଦ୍ରନ, ଭାରତରେ ଅବସ୍ଥାପିତ ଏସୀୟ ଦେଶ ତିମୋର ଲେସ୍ତେର ରାଷ୍ଟ୍ରଦୂତ କାର୍ଲିଟୋ ନ୍ୟୁସ୍, ରାଜ୍ୟ ପରିବହନ ବିଭାଗର ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ, ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି)ର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ସୁଆର ପ୍ରମୁଖ ନୀଳ ଅର୍ଥନୀତି ଉପରେ ଆଲୋଚନା କରିଥିଲେ। ଦେଶର ୫ଶହରୁ ଅଧିକ ନୀତି ନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ, ଗବେଷକ, ଷ୍ଟାର୍ଟଅପ୍ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ପ୍ୟାନେଲ ଆଲୋଚନାରେ ଯୋଗଦେଇ ରାଜ୍ୟର ନୀଳ ଅର୍ଥନୈତିକ ବିକାଶ ଦିଗରେ ନିବେଶ ଓ ଅନ୍ୟାନ୍ୟ ପ୍ରସ୍ତାବ ନେଇ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଟ୍ରୁକଲରର 'ଫ୍ୟାମିଲି ପ୍ରୋଟେକ୍ସନ' ସେବା

ଭୁବନେଶ୍ୱର,୧୫।୩
(ଅନୁରାଧା ମହାରଣା)

ଡିଜିଟାଲ ଦୁନିଆରେ ନକଲି ପରିଚୟ, ଏଆଇ ଭଏସ୍ କ୍ଲୋନିଂ ଏବଂ ଡିଜିଟାଲ ଗିରଫ ଭଳି ନୂଆ ନୂଆ ଉପାୟରେ ଠକେଇ ବଢ଼ିବାରେ ଲାଗିଛି। ଏହି ବିପଦରୁ ଭାରତୀୟ ପରିବାରକୁ ରକ୍ଷାକରିବା ପାଇଁ 'ଟ୍ରୁକଲର' ପକ୍ଷରୁ 'ଫ୍ୟାମିଲି ପ୍ରୋଟେକ୍ସନ' ସେବାର ଶୁଭାରମ୍ଭ କରାଯାଇଛି। ଟ୍ରୁକଲର ସିଇଓ ରିଜିତ ଝୁନ୍‌ଝୁନ୍‌ୱାଲାଙ୍କ କହିବା ଅନୁସାରେ, ୨୦୧୦ ମସିହାରେ କେବଳ କିଏ କଲ୍ କରୁଛି ତାହା ଜାଣିବା ଯଥେଷ୍ଟ ଥିଲା, କିନ୍ତୁ ୨୦୨୬ର ଏହି ଡିଜିଟାଲ ଯୁଗରେ କଲ୍‌ଟି ଉଠାଇବା ସୁରକ୍ଷିତ କି ନୁହେଁ ତାହା ଜାଣିବା ଅଧିକ ଜରୁରୀ। ଆଜିକାଲି ଠକମାନେ ଲୋକଙ୍କୁ ଭାବପ୍ରବଣକରି ନୂଆ ନୂଆ ଉପାୟରେ ଠକୁଥିବାରୁ ସମସ୍ତେ ମିଶି ଏହାର ମୁକାବିଲା କରିବା ଆବଶ୍ୟକ। ଉପଭୋକ୍ତା 'ଡିଜିଟାଲ ଅଭିଭାବକ' ସାଜି ସେମାନଙ୍କୁ ଫ୍ରଡ୍ କଲ୍‌ରୁ ରକ୍ଷା କରିପାରିବେ। ପରିବାରର ମୁଖ୍ୟ 'ପ୍ରିମିୟମ ପ୍ଲାନ୍' ନେଲେ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଅଧିକ ଉନ୍ନତ ଧରଣର ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ହେବ।

# ସୁନା, ରୁପା ଦରରେ ସଂଶୋଧନ ସମ୍ଭାବନା

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ସୁନା ଓ ରୁପାର ମୂଲ୍ୟରେ ଅଧିକ ସଂଶୋଧନ ଦେଖାଯାଇପାରେ। ପଶ୍ଚିମ ଏସିଆରେ ଚାଲିଥିବା ଭୂ-ରାଜନୈତିକ ପରିସ୍ଥିତି ଏବଂ ବିଭିନ୍ନ ମୁଖ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ବୈଠକ, ଯାହା ବିଶ୍ୱବ୍ୟାପୀ ଆର୍ଥିକ ନୀତିର ଦିଗକୁ ପ୍ରଭାବିତ କରିପାରେ। ତେଣୁ ଏପରି ଆଶଙ୍କା କରାଯାଉଛି। ବିଶ୍ଳେଷକମାନଙ୍କ ମତରେ ବ୍ୟବସାୟୀମାନେ ପଶ୍ଚିମ ଏସିଆ(ମଧ୍ୟପ୍ରାଚ୍ୟ)ରେ ଚାଲିଥିବା ଯୁଦ୍ଧକୁ ନଜରରେ ରଖିବେ। ଯଦି ଉତ୍ତେଜନା ବଢ଼ିବ କିମ୍ବା କମିବ, ତେବେ ଆର୍ଥିକ ବଜାରରେ ତୀବ୍ରଭାବେ ପ୍ରଭାବିତ ହେବ। ଜେଏମ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ର ଭାଇସ୍ ପ୍ରେସିଡେଣ୍ଟ (ଇବିଜି-କମୋଡ଼ିଟି ଓ କରେନ୍ସି ରିସର୍ଚ୍ଚ) ପ୍ରଣବ ମେର କହିଛନ୍ତି, ଆସନ୍ତା ସପ୍ତାହରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନା ବଢ଼ିବ କିମ୍ବା କମିବ, ତେବେ ଆର୍ଥିକ ବଜାରରେ ବୃହତ୍ ଅସ୍ଥିରତା ଆସିପାରେ। ମାକ୍ରୋ ଇକୋନୋମିକ୍ ଅନୁସାରେ ବିନିଯୋଗକାରୀମାନେ ଏକାଧିକ ମୁଖ୍ୟ କେନ୍ଦ୍ରୀୟ ବ୍ୟାଙ୍କର ବୈଠକକୁ ନଜର ରଖିବେ। ବୁଧବାର ଆମେରିକା ଫେଡେରାଲ ରିଜର୍ଭ (ଏଫ୍‌ଇଡି) ନୀତିନିଷ୍ପତ୍ତି ଘୋଷଣା କରିବ, ଗୁରୁବାର ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କ (ଇସିବି) ଓ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ଶୁକ୍ରବାର ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା (ପିବିଓସି) ବୈଠକ ହେବ। ଏହି ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିବା ଆଶା କରାଯାଉଛି। ବଜାର ଅଂଶଗ୍ରହଣକାରୀମାନେ ସେମାନଙ୍କର ଫରୱାର୍ଡ ଗାଇଡାନ୍ସକୁ ଭଲଭାବେ ବିଶ୍ଳେଷଣ କରିବେ, ଯାହା



ବିଶ୍ୱବ୍ୟାପୀ ମୁଦ୍ରାନୀତିର ଦିଗ ବିଷୟରେ ନୂଆ ସୂଚନା ଦେବ। ଗତ ସପ୍ତାହରେ ଦେଶୀୟ ବଜାରରେ ସୁନା ଓ ରୁପାର ମୂଲ୍ୟରେ ଚାପ ଦେଖାଯାଇଥିଲା। ମଲ୍ଟି କମୋଡ଼ିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ରୁପା ୮,୮୫୦ ଟଙ୍କା (୩.୩%) ଏବଂ ସୁନା ୩,୧୬୮ ଟଙ୍କା (୨%) ହ୍ରାସ ପାଇଥିଲା। ପ୍ରଣବ ମେର କହିଛନ୍ତି, ଶୁକ୍ରବାର ସୁନା ମୂଲ୍ୟ ଏକ କନ୍‌ସୋଲିଡେଶନ ରେଞ୍ଜରୁ ଭାଙ୍ଗି ପଡ଼ିଥିଲା ଏବଂ ସପ୍ତାହ ଶେଷରେ ପ୍ରାୟ ୨% ହ୍ରାସ ପାଇଥିଲା। ଏହାର କାରଣ ହେଉଛି ମଜବୁତ ଆମେରିକୀୟ ଡଲାର ଏବଂ କ୍ରୁଡ୍ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ବିଶ୍ୱ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ସୁଧ ହାର କମାଇବା ବିଳମ୍ବ ହେବାର ବଢ଼ିଥିବା ଆଶା। ଇକ୍ୱିଟି ଭଳି ରିସ୍କ ଆସେଟ୍‌ରେ ବିକ୍ରି ହେବା ସତ୍ତ୍ୱେ ସୁନା ମୂଲ୍ୟ ହ୍ରାସ ପାଇଥିଲା। ବ୍ୟବସାୟୀ ଓ ବିନିଯୋଗକାରୀମାନେ ଉଚ୍ଚ ମୂଲ୍ୟରେ ଲାଭ ନେବାକୁ ଚାହୁଁଥିଲେ କିମ୍ବା ମାର୍ଜିନ କଲ୍ ଭଳି ଆବଶ୍ୟକତା ପାଇଁ ବିକ୍ରି କରୁଥିବାରୁ ଏପରି ହୋଇଥିଲା। ମାତ୍ର ପଶ୍ଚିମ ଏସିଆରେ ବଢ଼ୁଥିବା ସଂଘର୍ଷ ଯୋଗୁ ଅନ୍ତର୍ଜାତୀୟ ବଜାରରେ କମେକ୍ସରେ ରୁପା ପ୍ରାୟ ୩ ଡଲାର (୩.୫୨%) ଏବଂ ସୁନା ୯୭ ଡଲାର (୨%) ହ୍ରାସ ପାଇଥିଲା। ରୁପା ୨ସପ୍ତାହ ଧରି ନକାରାତ୍ମକ ରହିଛି। ମଜବୁତ ଡଲାର ଏବଂ ଇଣ୍ଡଷ୍ଟ୍ରିଆଲ ମେଟାଲରେ ସଂଶୋଧନ ଏହାର କାରଣ।

# ଏପ୍ରିଲ ପହିଲାରୁ ବଢ଼ିବ ଫାସ୍‌ଟ୍ୟାଗ୍ ବାର୍ଷିକ ଫି

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ପାସ୍ ଫାସ୍‌ଟ୍ୟାଗ୍ ମୂଲ୍ୟ ୭୫ ଟଙ୍କା ବଢ଼ାଇ ୩,୦୭୫ ଟଙ୍କା କରାଯାଇଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ରବିବାର ଏହି ଘୋଷଣା କରିଛନ୍ତି । ଏହି ବାର୍ଷିକ ପାସ୍ ସୁବିଧା ୨୦୨୫ ଅଗଷ୍ଟ ୧୫ରେ ଆରମ୍ଭ ହୋଇଥିଲା, ଯାହା ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଆର୍ଥିକ ରିହାତି ଦେବା ଉଦ୍ଦେଶ୍ୟରେ ଚାଲୁ ହୋଇଥିଲା। ଏନ୍‌ଏଚ୍‌ଏଆଇର ବିବୃତି ଅନୁଯାୟୀ, ଏହି ବୃଦ୍ଧି ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଉକ୍ତ ସଂଶୋଧନ ନ୍ୟାଶନାଲ ହାଇୱେଜ ଫି (ଡିଟରମିନେଶନ ଅଫ୍ ରେଟ୍ସ ଆଣ୍ଡ କଲେକ୍ସନ) ରୁଲ୍ସ, ୨୦୦୮ ଅନୁଯାୟୀ କରାଯାଇଛି।

ବର୍ତ୍ତମାନ ୫୬ ଲକ୍ଷରୁ ଅଧିକ ବ୍ୟବହାରକାରୀ ଥିବା ଏହି ପାସ୍ ବ୍ୟକ୍ତିଗତ ଯାନ ମାଲିକମାନଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି। ନୂଆ ମୂଲ୍ୟ ଜାତୀୟ ରାଜପଥ ଓ ଏକ୍ସପ୍ରେସ୍‌ୱେରେ ଥିବା ପ୍ରାୟ ୧,୧୫୦ ଟୋଲ୍ ପ୍ଲାଜାରେ ବୈଧ ଫାସ୍‌ଟାଗ୍ ଥିବା ଅଣ ବ୍ୟବସାୟିକ ଯାନ ପାଇଁ ପ୍ରଯୁଜ୍ୟ ହେବ। ଏହି ପାସ୍ ଥରକେ ଫି' ଦେଇ ୧ ବର୍ଷ କିମ୍ବା ୨୦୦ ଟୋଲ୍ କ୍ରସିଂ ପର୍ଯ୍ୟନ୍ତ ବାରମ୍ବାର ରିଚାର୍ଜ କରିବାର ସମସ୍ୟା ଦୂରକରୁଛି। ଏହା ବୈଧ ଫାସ୍‌ଟାଗ୍ ଥିବା ସମସ୍ତ ଅଣ ବ୍ୟବସାୟିକ ଯାନ ପାଇଁ ଲାଗୁ କରାଯାଇଛି। ଦେୟ ପରିଶୋଧ ପରେ ରାଜମାର୍ଗ ଯାତ୍ରା ଆପ୍ କିମ୍ବା ଏନ୍‌ଏଚ୍‌ଏଆଇ ୱେବ୍‌ସାଇଟ୍ ମାଧ୍ୟମରେ ୨ ଘଣ୍ଟା ଭିତରେ ପାସ୍ ସକ୍ରିୟ ହୋଇଯାଏ। ଫାସ୍‌ଟାଗ୍ ହେଉଛି ଏକ ଆର୍‌ଏଫ୍‌ଆଇଡି ଟ୍ୟାଗ୍, ଯାହା ଲିଙ୍କ୍ ଥିବା ଆକାଉଣ୍ଟରୁ ସିଧାସଳଖ ଟୋଲ୍ ପରିଶୋଧ କରିବାକୁ ସହାୟକ। ଏପ୍ରିଲ ୧ ପୂର୍ବରୁ ପାସ୍ କ୍ରୟକଲେ ପୁରୁଣା ମୂଲ୍ୟ ୩,୦୦୦ ଟଙ୍କାରେ ମିଳିବ।

# ସୁସ୍ଥ ଭବିଷ୍ୟତ ପାଇଁ 'ଏସ୍‌ବିଆଇ ଗ୍ରୀନ୍ ମାରାଥନ'



ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ଏସ୍‌ବିଆଇ ଗ୍ରୀନ୍ ମାରାଥନ ସିଜନ ୬ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଲକ୍ଷ୍ନୌ, ଚଣ୍ଡିଗଡ଼, ଭୋପାଳ, ବିଶାଖାପାଟଣା, ବେଙ୍ଗାଲୁରୁ, ଗୁଆହାଟୀ, କୋଲକାତା, ଅହମଦାବାଦ, ଥିରୁଭାନନ୍ତପୁରମ, ଜୟପୁର, ପାଟ୍‌ନା, ମୁମ୍ବାଇ, ଚେନ୍ନାଇ ଓ ହାଇଦ୍ରାବାଦରେ ମଧ୍ୟ ଏପରି କାର୍ଯ୍ୟକ୍ରମ କରାଯାଇଛି। ଫିଟ୍‌ନେସ୍ ଓ ପରିବେଶ ସୁରକ୍ଷା ସନ୍ଦେଶ ପ୍ରସାରକରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଏହାର ଅଭିଯାନ ଚାଲିଛି। ରବିବାର ସକାଳେ ସୋଆ ବିଶ୍ୱବିଦ୍ୟାଳୟର କ୍ରିକେଟ ପଡ଼ିଆରୁ ମାରାଥନ ଆରମ୍ଭ ହୋଇଥିଲା। ମାରାଥନରେ ପେସାଗତ ଧାବକ, ଛାତ୍ରୀଛାତ୍ର, କର୍ପୋରେଟ ଟିମ୍, ଫିଟ୍‌ନେସ୍ ଗ୍ରୁପ୍ ଓ ସୁରକ୍ଷା ବାହିନୀ କର୍ମଚାରୀ ସହିତ ୬,୩୦୦ରୁ ଅଧିକ ଧାବକ ଅଂଶଗ୍ରହଣ କରିଥିଲେ। ସମସ୍ତେ ସୁସ୍ଥ ଜୀବନଶୈଳୀ ଓ ପରିବେଶ ସୁରକ୍ଷାର ସନ୍ଦେଶ ନେଇ ଦୌଡ଼ରେ ଭାଗନେଇଥିଲେ। ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା, ଏନ୍.ଡବ୍ଲ୍ୟୁ -୧ ମହାପ୍ରବନ୍ଧକ ଡା. ବନ୍ଦନା ଅଗ୍ରୱାଲ, ଏନ୍.ଡବ୍ଲ୍ୟୁ -୨ ମହାପ୍ରବନ୍ଧକ କୌଶଳ କିଶୋର ସିଂହ, ସାମଦେନ ଦୋରଜି ଲାମା ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ଧାବକମାନଙ୍କୁ ଅର୍ଗାନିକ ଟି- ଶାର୍ଟ, ପ୍ଲାଷ୍ଟେବଲ ବିବ୍ ଓ ପୁନଃ ବ୍ୟବହାରଯୋଗ୍ୟ ବ୍ୟାଗ୍ ଦିଆଯାଇଥିଲା ତଥା ସ୍ୱତନ୍ତ୍ର ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଆବର୍ଜନାର ଠିକ୍ ବିଭାଜନ ଓ ପରିଚାଳନା କରାଯାଇଥିଲା। ମାରାଥନଟି ୫ କି.ମି., ୧୦ କି.ମି. ଓ ହାଫ ମାରାଥନ ବର୍ଗରେ ହୋଇଥିଲା ।

# ଟିୟର-୨, ଟିୟର-୩ ସହରରେ ବଢ଼ୁଛି ଜମି ଦର

## ୨୫ରୁ ୧୦୦% ବୃଦ୍ଧି ଆଶଙ୍କା

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ଦେଶର ରିୟଲ ଇଷ୍ଟେଟ୍ ବଜାରରେ ଏବେ ଏକ ବଡ଼ ପରିବର୍ତ୍ତନ ଦେଖାଯାଉଛି। ମେଟ୍ରୋ ସହରଗୁଡ଼ିକରେ କ୍ରମାଗତ ଭାବେ ବଢ଼ୁଥିବା ଦାମ ଯୋଗୁ ନିବେଶକ ଓ ଘର କ୍ରେତାମାନେ ଦ୍ରୁତଗତିରେ ଟିୟର-୨ ଓ ଟିୟର-୩ ସହରଗୁଡ଼ିକ ଆଡ଼କୁ ମୁହାଁଉଛନ୍ତି। ପ୍ରପଟେକ୍ କମ୍ପାନୀ ସ୍କୋୟାର ୟାର୍ଡସ୍‌ର ରିପୋର୍ଟ ଅନୁଯାୟୀ ଉନ୍ନତ ଭିତ୍ତିଭୂମି ଓ ଇଣ୍ଡଷ୍ଟ୍ରିଆଲ କରିଡର ବିକାଶ ଯୋଗୁ ଆଗାମୀ ୨ରୁ ୪ ବର୍ଷ ମଧ୍ୟରେ ଏହି ସହରଗୁଡ଼ିକରେ ଜମି ଓ ପ୍ଲଟ୍‌ର ମୂଲ୍ୟ ୨୫%ରୁ ୧୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଇନ୍ଦୋର, ଜୟପୁର, ଭୋପାଳ, ନାଗପୁର, ଚଣ୍ଡିଗଡ଼, ମୋହାଲି, ଲକ୍ଷ୍ନୌ, ରାୟପୁର, ଲୁଧିଆନା, ପାଟନା, ରାଞ୍ଚି, ଜଳନ୍ଧର ଓ ଉଦୟପୁର ଭଳି ସହରରେ ଗତ କିଛି ବର୍ଷରେ ଜମି ଓ ପ୍ଲଟ୍‌ର ଚାହିଦା ବହୁତ ବଢ଼ିଛି। ଏହି ସହରଗୁଡ଼ିକରେ ଫ୍ଲାଟ୍ ଅପେକ୍ଷା ପ୍ଲଟ୍‌ର ଦାମ ଅଧିକ ତୀବ୍ରଗତିରେ ବୃଦ୍ଧି ପାଉଛି। ଇନ୍ଦୋରରେ ଫ୍ଲାଟ୍ ଦାମ ପ୍ରାୟ ୭୨% ବଢ଼ିଥିବାବେଳେ ପ୍ଲଟ୍ ଦାମ ୮୫ରୁ ୧୦୦% ପର୍ଯ୍ୟନ୍ତ ଉଠିଛି। ଜୟପୁରରେ ଫ୍ଲାଟ୍ ୬୫% ବଢ଼ିଥିବାବେଳେ ପ୍ଲଟ୍ ୭୫ରୁ ୯୦% ବୃଦ୍ଧି ପାଇଛି। ଚଣ୍ଡିଗଡ଼ରେ ମଧ୍ୟ ଫ୍ଲାଟ୍ ଦାମ ୪୪% ବଢ଼ିଛି। ମେଟ୍ରୋ, ଏକ୍ସପ୍ରେସ୍ ୱେ, ଏୟାରପୋର୍ଟ ଓ ଇଣ୍ଡଷ୍ଟ୍ରିଆଲ କରିଡର ଭଳି ବଡ଼ ପ୍ରକଳ୍ପ ଆଖପାଖରେ ଜମି ଦାମ ତୀବ୍ର ବୃଦ୍ଧି ପାଉଛି। ନୂଆ ଏକ୍ସପ୍ରେସ୍ ୱେ, ରିଂରୋଡ୍, ମେଟ୍ରୋ ନେଟ୍‌ୱର୍କ, ଲଜିଷ୍ଟିକ୍ସ ପାର୍କ ଓ ଏୟାରପୋର୍ଟ ପ୍ରକଳ୍ପ ଛୋଟ ସହରର ସଂଯୋଗକୁ ଉନ୍ନତ କରୁଛି, ଯାହା ନିବେଶ ମାର୍ଗ ବଢ଼ାଉଛି। ଟିୟର-୨ ଓ ଟିୟର-୩ ସହରରେ ଜମି ଉପଲବ୍ଧତା ଅଧିକ ଓ ଦାମ ମେଟ୍ରୋ ସହର ଅପେକ୍ଷା କମ୍ ଥିବାରୁ ଡେଭଲପରମାନେ ପ୍ଲଟେଡ୍ ଡେଭଲପମେଣ୍ଟ, ଟାଉନଶିପ ଓ ମିଡ୍-ସେଗ୍‌ମେଣ୍ଟ ହାଉସିଂ ପ୍ରୋଜେକ୍ଟ ପ୍ରତି ଧ୍ୟାନ ଦେଉଛନ୍ତି। ଏହି ସହରଗୁଡ଼ିକରେ ଆର୍ଥିକ ଗତିବିଧି ବଢ଼ିବା, ନୂଆ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର, ମ୍ୟାନୁଫ୍ୟାକ୍ଚରିଂ ହବ୍ ଓ ଲଜିଷ୍ଟିକ୍ସ ପାର୍କ ବିକାଶ ଯୋଗୁ ରୋଜଗାର ସୃଷ୍ଟି ହେଉଛି, ଯାହା ଆବାସିକ ସମ୍ପତ୍ତି ଚାହିଦାକୁ ଆହୁରି ବଢ଼ାଇବ। ଏବେ ଏହି ସହରଗୁଡ଼ିକ କେବଳ ସ୍ଥାନୀୟ କ୍ରେତାଙ୍କ ମଧ୍ୟରେ ସୀମିତ ନାହିଁ। ବଡ଼ ସହରର ଲୋକମାନେ ମଧ୍ୟ ନିବେଶ ଉଦ୍ଦେଶ୍ୟରେ ଏହି ବଜାର ପ୍ରତି ଆଗ୍ରହ ଦେଖାଉଛନ୍ତି ଏବଂ ଭବିଷ୍ୟତରେ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରକଳ୍ପ ବିକଶିତ ହେବା ସମ୍ଭାବନା ଥିବା ଅଞ୍ଚଳରେ ପ୍ଲଟ୍ କିଣୁଛନ୍ତି।

# ବିଶ୍ୱବ୍ୟାପୀ ପୋଷ୍ଟାଲ ବ୍ୟବସାୟରେ ବୃଦ୍ଧି

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ସଫ୍ଟୱେର-ଏଜ୍-ଏ-ସର୍ଭିସ୍ (ଏସ୍‌ଏଏସ୍) କମ୍ପାନୀ ଫାର୍‌ଆଇ ବିଶ୍ୱବ୍ୟାପୀ ପୋଷ୍ଟାଲ ଅପରେଟରମାନଙ୍କ ଆଧୁନିକୀକରଣ ଯୋଗୁ ପାର୍ସେଲ, ଇ-କମର୍ସ ଓ କ୍ରସ୍-ବର୍ଡର ଲଜିଷ୍ଟିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଦୃଢ଼ ବ୍ୟବସାୟ ବୃଦ୍ଧିର ଗତି ଅନୁଭବ କରୁଛି। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଏହିକଥା କହିଛନ୍ତି। କମ୍ପାନୀ ଇଏମ୍‌ଇଏ (ୟୁରୋପ, ମଧ୍ୟପ୍ରାଚ୍ୟ ଓ ଏସିଆ) ଏବଂ ଏପିଏସି (ଏସିଆ ପ୍ୟାସିଫିକ୍) ଅଞ୍ଚଳରେ ୭ଟି ଜାତୀୟ ପୋଷ୍ଟାଲ ଅପରେଟର ସହ କାର୍ଯ୍ୟରତ ଅଛି ଏବଂ ବିଶ୍ୱବ୍ୟାପୀ ୧୫ରୁ ଅଧିକ ପୋଷ୍ଟାଲ ଅପରେଟର ସହ ଉନ୍ନତ ଆଲୋଚନାରେ ରହିଛି। ଫାର୍‌ଆଇର ଚିଫ୍ ବିଜ୍‌ନେସ୍ ଅଫିସର ସୂର୍ଯ୍ୟାଂଶ ଜଲାନ କହିଛନ୍ତି , ପୋଷ୍ଟାଲ ସେକ୍ଟର ଏକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବୃଦ୍ଧି ଖଣ୍ଡ ହୋଇପଡ଼ିଛି ଏବଂ ଏଥିରେ ବହୁବର୍ଷୀୟ ବିସ୍ତାର ସମ୍ଭାବନା ରହିଛି। ବିଦେଶୀ ଗ୍ରାହକମାନେ ପ୍ରଦର୍ଶନରେ ୯୫ ପ୍ରତିଶତ ପର୍ଯ୍ୟନ୍ତ ଉନ୍ନତି ଦର୍ଶାଇଛନ୍ତି।

# ଏୟାର ଇଣ୍ଡିଆକୁ ଏଫ୍‌ଡିଟିଏଲ୍ ନିୟମରେ ଆଶ୍ୱସ୍ତି

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଏୟାର ଇଣ୍ଡିଆକୁ ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ୁଛି। ପଶ୍ଚିମ ଏସିଆର ଅନେକ ଏୟାରସ୍ପେସ୍ ବନ୍ଦ ହେବାରୁ ଉଡ଼ାଣ ଦୂରତା ଏବଂ ସମୟ ବହୁ ବଢ଼ିଯାଇଛି। ଏହି ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ପାଇଲଟଙ୍କ ଡ୍ୟୁଟି ସମୟରେ ଅସ୍ଥାୟୀ ବୃଦ୍ଧି ପାଇଁ ଅନୁମତି ଦେଇଛନ୍ତି। ବିମାନ କ୍ଷେତ୍ରରେ 'ଏଫ୍‌ଡିଟିଏଲ୍' ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିୟମ। ଏହା ନିର୍ଦ୍ଧାରଣ




କରେ ଯେ ଜଣେ ପାଇଲଟ ଏକାଥରରେ କେତେ ସମୟ ବିମାନ ଉଡ଼ାଇପାରିବେ ଏବଂ ତାଙ୍କୁ କେତେ ବିଶ୍ରାମ ଦରକାର। ସାଧାରଣ ନିୟମ ଅନୁଯାୟୀ ପାଇଲଟଙ୍କ ଫ୍ଲାଇଂ ଟାଇମ ୧୦ ଘଣ୍ଟା ଏବଂ ମୋଟ ଡ୍ୟୁଟି ସମୟ ୧୨ ଘଣ୍ଟା ପର୍ଯ୍ୟନ୍ତ ସୀମିତ ଥାଏ। ଏୟାର ଇଣ୍ଡିଆ ଡିଜିସିଏଙ୍କ ନିକଟରେ ଅନୁରୋଧ କରିଥିଲେ, ଯାହାକୁ ଅସ୍ଥାୟୀ ଭାବେ ମଞ୍ଜୁରୀ ମିଳିଛି। ଡିଜିସିଏ ମିଳିଥିବା ଆଶ୍ୱସ୍ତି ମୁଖ୍ୟତଃ ୨ ପାଇଲଟ ଅପରେଶନ ଥିବା ନିର୍ଦ୍ଦିଷ୍ଟ ରୁଟ୍‌ଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଯେଉଁ ଲମ୍ବା ରୁଟ୍ ପାଇଁ ସାଧାରଣତଃ ୩ ପାଇଲଟ ଆବଶ୍ୟକ ହୁଏ, ସେଠାରେ ଏବେ ୨ ପାଇଲଟ ସହିତ କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରାଯିବ। ପାଇଲଟଙ୍କ ସର୍ବାଧିକ ଫ୍ଲାଇଂ ଟାଇମ ୧୦ ଘଣ୍ଟାରୁ ବଢ଼ାଇ ୧୧ ଘଣ୍ଟା ୩୦ ମିନିଟ୍ କରାଯାଇଛି। ମୋଟ ଡ୍ୟୁଟି ସମୟ (ଉଡ଼ାଣ ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟ ସମେତ) ୧୩ ଘଣ୍ଟାରୁ ବଢ଼ାଇ ୧୪ ଘଣ୍ଟା ୪୫ ମିନିଟ୍ କରାଯାଇଛି।

# ବିର୍ଲା ଓପନ ମାଇଣ୍ଡସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ସମ୍ବଲପୁରର ଭାଲୁବାହାଲରେ ବିର୍ଲା ଓପନ ମାଇଣ୍ଡସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ରବିବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଉଦ୍‌ଘାଟ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, କେବଳ ଇଂରାଜୀରେ ପଢ଼ିଲେ ପିଲାମାନେ ଗ୍ଲୋବାଲ ବା ଅନ୍ତର୍ଜାତୀୟ ସ୍ତରର ହେବେ ନାହିଁ। ମାତୃଭାଷାରେ ଶିକ୍ଷା ଗ୍ରହଣକଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ ସ୍ୱଚ୍ଛତା ଆସିଥାଏ। ଜାପାନ, ଜର୍ମାନୀ ଏବଂ ଚାଇନା ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି, ଏହି ଦେଶଗୁଡିକରେ ବିଜ୍ଞାନ ଓ ସର୍ବୋତ୍ତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ। ତେଣୁ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ।



ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ନର୍ସରିରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ 'ବାଲ୍‌ବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢ଼ାଇବାକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି । ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି । ବିର୍ଲା ଓପନ ମାଇଣ୍ଡସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି । ସେ ଆହୁରି ସୂଚନା ଦେଇଛନ୍ତି, ସମ୍ବଲପୁର ଜିଲାର ସମସ୍ତ ସରକାରୀ ସ୍କୁଲର ଆଧୁନିକୀକରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨୨ କୋଟି ଟଙ୍କା ବିନିଯୋଗ କରାଯିବ । ସମ୍ବଲପୁରକୁ ଏକ 'ଶିକ୍ଷା ହବ୍' କରିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବିର୍ଲା ଓପନ ମାଇଣ୍ଡସ୍ ସ୍କୁଲ ଆଗାମୀ ଦିନରେ ଅଞ୍ଚଳର ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

# ପ୍ରସ୍ତାବିତ ଆଇପିଓ ପାଇଁ ଏନ୍‌ଏସ୍‌ଇ ମଧ୍ୟସ୍ଥ ଚୟନ ପ୍ରକ୍ରିୟା ଶେଷ

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଇ) ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ମର୍ଚ୍ଚାଣ୍ଟ ବ୍ୟାଙ୍କର ଲ' ଫାର୍ମ ଓ ଅନ୍ୟ ମଧ୍ୟସ୍ଥମାନଙ୍କ ଚୟନ ପ୍ରକ୍ରିୟା ଆଜି ଶେଷ କରିଛି। ଏହି ଚୟନ ପ୍ରକ୍ରିୟା ଏନ୍‌ଏସ୍‌ଇର ଆଇପିଓ କମିଟି ଦ୍ୱାରା ଅନୁମୋଦିତ ଢାଞ୍ଚା ଓ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଏକ ସରଞ୍ଚିତ, ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଇଛି। ଏହି ପ୍ରକ୍ରିୟାରେ ୨୦ଟି ମର୍ଚ୍ଚାଣ୍ଟ ବ୍ୟାଙ୍କର ଚୟନ ହୋଇଛନ୍ତି। ସେହିପରି ୮ଟି ଲ' ଫାର୍ମ ଚୟନ କରାଯାଇଛି। ଚୟନ ହୋଇଥିବା ମଧ୍ୟସ୍ଥମାନେ ପ୍ରଯୁଜ୍ୟ ଆଇନ ଓ ନିୟମାବଳୀ ଅନୁସାରେ ପ୍ରସ୍ତାବିତ ଆଇପିଓର ବିଭିନ୍ନ ଦିଗ ଉପରେ ଏନ୍‌ଏସ୍‌ଇକୁ ସହଯୋଗ କରିବେ ଯେଉଁଥିରେ ରେଗୁଲେଟୋରି ଫାଇଲିଂ, ଡକ୍ୟୁମେଣ୍ଟେଶନ, ମାର୍କେଟିଂ ଓ ଏଗ୍‌ଜିକ୍ୟୁଶନ, ଉପଯୁକ୍ତ ପ୍ରୟାସ ଅନ୍ତର୍ଭୁକ୍ତ କରାଯାଇଛି।

# ୧.୩ ଟ୍ରିଲିୟନ ଡଲାର ଖର୍ଚ୍ଚ ନିୟନ୍ତ୍ରଣ କରିବେ ଜେନ୍ ଜି

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

୨୦୩୦ ସୁଦ୍ଧା ଜେନ୍ ଜି ଅର୍ଥାତ୍ ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମ ହୋଇଥିବା ପିଢ଼ି ଭାରତର ଜନସଂଖ୍ୟାର ୨୭% ହେବେ ଏବଂ ସେମାନେ ୧.୩ ଟ୍ରିଲିୟନ ଡଲାର (ପ୍ରାୟ ୧୦୮ ଲକ୍ଷ କୋଟି ଟଙ୍କା)ର ଖର୍ଚ୍ଚ ନିୟନ୍ତ୍ରଣ କରିବେ। ଏହା ଉପଭୋକ୍ତା ବଜାରକୁ ନୂଆ ଆକାର ଦେବ ଯେଉଁଠାରେ ଅଭିଜ୍ଞତା, ସ୍ଥାୟିତ୍ୱ ଏବଂ ଡିଜିଟାଲ ସୁବିଧାକୁ ପ୍ରାଥମିକତା ଦିଆଯିବ। ରେଡ୍‌ସିର୍ ଷ୍ଟ୍ରାଟେଜି କନ୍‌ସଲଟାଣ୍ଟସ୍‌ର ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଜେନ୍ ଜି : ଡିଫାଇନିଂ ଟ୍ରେଣ୍ଡସ୍, ଇନ୍‌ଫ୍ଲୁଏନ୍ସିଂ ସ୍ପେଣ୍ଡସ୍ ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି, ଏହି ପିଢ଼ି ସୌନ୍ଦର୍ଯ୍ୟ ଏବଂ ନୂଆ ଅଭିଜ୍ଞତାକୁ ପ୍ରାଥମିକତା ଦେଇ ଉପଭୋକ୍ତା ଭାବରେ ବ୍ୟବହାର କରନ୍ତି। ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିଗତ ଯତ୍ନ (ବିପିସି) କ୍ଷେତ୍ରରେ ଜେନ୍ ଜିର ଆକର୍ଷଣ ସ୍ପଷ୍ଟ ପରିଲକ୍ଷିତ ହେଉଛି। ୨୦୩୦ ସୁଦ୍ଧା ଭାରତର ବିପିସି ବଜାରରେ ସେମାନେ ପ୍ରାୟ ୧୯ ବିଲିୟନ ଡଲାରର ଅଂଶ ନେବେ। ଜେନ୍ ଜି ମହିଳାଙ୍କ ମଧ୍ୟରେ ଅର୍ଦ୍ଧେକରୁ ଅଧିକ ନିଜ ଡିସ୍ପୋଜେବଲ ଆୟର ୨୦%ରୁ ଅଧିକ ବିପିସି ଉପରେ ଖର୍ଚ୍ଚ କରନ୍ତି। ସେମାନଙ୍କର ଉପଯୋଗ ହେଉଥିବା ଉତ୍ପାଦ ସଂଖ୍ୟା ୨ଗୁଣ ହୋଇଛି, ଯେଉଁଠାରେ ଚର୍ମ, କେଶ ଓ ଶରୀର ଯତ୍ନ ପାଇଁ ପୃଥକ୍ ରୁଟିନ୍ ରହିଛି। ସେମାନେ ନିର୍ଦ୍ଦିଷ୍ଟ ଉପାଦାନ ଅପେକ୍ଷା ସମସ୍ୟା ସମାଧାନକୁ ପ୍ରାଥମିକତା ଦିଅନ୍ତି, ଯାହା ବ୍ରାଣ୍ଡ ପ୍ରତି ବିଶ୍ୱସ୍ତତା କମାଇ ଦେଇଛି। ସୌନ୍ଦର୍ଯ୍ୟ ଟ୍ରେଣ୍ଡ ଲିଙ୍ଗ ନିରପେକ୍ଷ ହୋଇଛି। ଅନେକ ଯୁବକ ମେକ୍‌ଅପ୍ ଓ ଯତ୍ନ ଗ୍ରହଣ କରୁଛନ୍ତି। ମେନ୍ସ ସ୍କିନ୍ କେୟାର ରୁଟିନ୍ ସର୍ଚ୍ଚ ୫ ବର୍ଷରେ ୮୫୦ ପ୍ରତିଶତ ବୃଦ୍ଧି ପାଇଛି। ପୁରୁଷମାନଙ୍କ ପାଇଁ କସ୍ମେଟୋଲୋଜି ଓ ମେକ୍‌ଅପ୍ ଉଭୟ ଉଦ୍ଭବମାନ ହେଉଛି। ଫ୍ୟାଶନ (ପୋଷାକ, ଜୋତା ଓ ଆକ୍ସେସରିଜ) କ୍ଷେତ୍ରରେ ଜେନ୍ ଜି ୨୦୩୦ ସୁଦ୍ଧା ଅର୍ଦ୍ଧେକ ଅଂଶ ଚାଳିତ କରିବେ। ୧,୦୦୦ ଟଙ୍କାରୁ କମ୍ ମୂଲ୍ୟର ଫାଷ୍ଟ ଫ୍ୟାଶନ ସେମାନଙ୍କର ପସନ୍ଦ। ଭାରତର ପ୍ରମୁଖ ଫ୍ୟାଶନ ଇ-କମର୍ସ ସାଇଟ୍‌ରେ ସେମାନେ ସର୍ବାଧିକ ବ୍ୟବହାରକାରୀ ହୋଇଛନ୍ତି। ସେହିପରି ଏକ-ତୃତୀୟାଂଶ ଜେନ୍ ଜି ନିଜ ଆୟର ଅତି କମ୍‌ରେ ୨୦% ଫିଟ୍‌ନେସ୍ ଓ କ୍ରୀଡ଼ା ଉପରେ ଖର୍ଚ୍ଚ କରନ୍ତି। ଆଥ୍‌ଲେଜର୍ ବିକ୍ରି ବର୍ଷକୁ ୨ଗୁଣ ବୃଦ୍ଧି ପାଉଛି। ଅନଲାଇନ ମାର୍କେଟପ୍ଲେସ୍‌ରେ ୫୦୦ରୁ ୧,୦୦୦ ଟଙ୍କାର ସ୍ପୋର୍ଟସ୍‌ୱେର୍ ଲୋକପ୍ରିୟ। ସ୍ୱାସ୍ଥ୍ୟକର ଖାଦ୍ୟ ଟ୍ରେଣ୍ଡ ଯୋଗୁ ବିକଳ୍ପ ପ୍ରୋଟିନ ଚାହିଦା ବଢ଼ୁଛି। ନିୟମିତ ବ୍ୟାୟାମ କରୁଥିବା ୪୦ ପ୍ରତିଶତ ଜେନ୍ ଜେଡ୍ ଏହି ଉତ୍ସକୁ ପସନ୍ଦ କରନ୍ତି। କୁଇକ୍ କମର୍ସ ପ୍ଲାଟ୍‌ଫର୍ମରେ ପ୍ରୋଟିନ ସପ୍ଲିମେଣ୍ଟ ଲିଷ୍ଟିଂ ୨୦୨୪ରୁ ୨୦୨୫ ମଧ୍ୟରେ ୨୩୦% ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ଜେନ୍ ଜି ଫିଟ୍‌ନେସ୍ ଓ କ୍ରୀଡ଼ା କ୍ଷେତ୍ରରେ ୪୦ ବିଲିୟନ ଡଲାରର ଖର୍ଚ୍ଚ ଚାଳିତ କରିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ବାହାନଗା, ୧୫।୩(ଅରୂପ କୁମାର ଦାସ )**

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ବରିପଦା ଗ୍ରାମପଞ୍ଚାୟତର ୫ନଂ. ୱାର୍ଡ ମହାରୁଦ୍ରପୁର ଗ୍ରାମରେ ସନ୍ଦେହ ଯୋଗୁ ଏକ ଖୁସିର ସଂସାର ଉଜୁଡ଼ିଯାଇଛି। ନୃଶଂସ ସ୍ୱାମୀ ତଣ୍ଟି ଚିପି ସ୍ତ୍ରୀଙ୍କୁ ହତ୍ୟାକରିବା ପରେ ନିଜେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଉକ୍ତ ଦମ୍ପତିଙ୍କର ଏକ ୨ ବର୍ଷର କନ୍ୟା ସନ୍ତାନ ଅନାଥ ହୋଇଯାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ(୨୨) ୪ବର୍ଷତଳେ ବାସୁଦେବପୁର ଥାନା ନୂଆଗାଁ ଗ୍ରାମର ଗୟାଧର ପରିଡ଼ାଙ୍କ ସାନ ଝିଅ ରଶ୍ମିରେଖା(୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର କନ୍ୟାସନ୍ତାନ ରହିଛି। ମାତ୍ର ରଶ୍ମିରେଖାଙ୍କ ଚରିତ୍ରକୁ ପରେଶ ସନ୍ଦେହକରି ଆସୁଥିବାରୁ ଅଧିକାଂଶ ସମୟ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିବା ପାଖ ପଡ଼ୋଶୀ କହିଛନ୍ତି। ଏନେଇ ଭଦ୍ରଲୋକଙ୍କ ଦ୍ୱାରା ଅନେକ ଥର ସମସ୍ୟାର ସମାଧାନ ମଧ୍ୟ ହୋଇଥିଲା। ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରେଶ ତଣ୍ଟି ଚିପି ରଶ୍ମିରେଖାଙ୍କୁ ହତ୍ୟାକରିବା ପରେ ଘର ପଛପଟେ ଥିବା ଏକ ଆମ୍ବଗଛ ଡାଳରେ ବେକରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଘରକୁ ଫେରିଥିଲେ। ଛୋଟ ଝିଅଟି କାନ୍ଦିଥିବାରୁ ସେ ଘର ଭିତରକୁ ଯାଇ ତାଙ୍କ ବୋହୂ ତଳେ ମରି ପଡ଼ିଥିବା ଦେଖିଥିଲେ। ପରେ ପୁଅକୁ ଖୋଜାଖୋଜି କରିବାରୁ ଘର ପଛ ପଟେ ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବରପାଇ ଗୋପାଳପୁର ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।



ପରେଶ ମାଝୀ ଓ ତାଙ୍କ ସ୍ତ୍ରୀ ରଶ୍ମିରେଖା।

# ପିଲାଚୋର ସନ୍ଦେହରେ ୩ଜଣଙ୍କୁ ପୋଲିସ ଜିମା



ବାଲିଆପାଳ ଥାନା ଜାମକୁଣ୍ଡା ଫାଣ୍ଡି ପରିସରରେ ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼।

## ଫାଣ୍ଡି ପରିସରରେ ଉତ୍ତେଜନା

**ବାଲିଆପାଳ, ୧୫।୩(ରାଜଶ୍ରୀ ପାଣିଗ୍ରାହୀ/ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଓ ଜାମକୁଣ୍ଡା ଫାଣ୍ଡି ଅଧୀନ ସାରପଞ୍ଜା, ବଡାଶ ଗ୍ରାମରେ ରବିବାର ମଧ୍ୟାହ୍ନରେ ପିଲାଚୋର ସନ୍ଦେହରେ ୩ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ସାରପଞ୍ଜାରେ ୨ଜଣ ଅଚିହ୍ନା ବ୍ୟକ୍ତି ଚାଦର ଘୋଡ଼େଇ ଏଣେତେଣେ ବୁଲୁଥିଲେ। ଏପରିକି କେତେଜଣ ପିଲା ନିଜ ବାଡ଼ିରେ ଖେଳୁଥିବା ବେଳେ ସେମାନଙ୍କୁ ହାତ ଠାରି ଡାକୁଥିଲେ। ପିଲାମାନଙ୍କ ମା' ସେଠାରେ ଉପସ୍ଥିତ ହୋଇ ସନ୍ଦେହ ହେବାରୁ ପାଟି କରି ଗ୍ରାମବାସୀଙ୍କୁ ଡାକିଥିଲେ। ସ୍ଥାନୀୟ ଯୁବକମାନେ ଦୁଇଜଣଙ୍କୁ ପଚରାଉଚରା କରିଥିଲେ। ସେମାନେ ଠିକ୍ ଭାବେ ଉତ୍ତର ନ ଦେବାରୁ ଯୁବକମାନେ ସେମାନଙ୍କୁ କାବୁ କରି ଫାଣ୍ଡିରେ ଜିମା ଦେଇଥିଲେ। ସେମାନଙ୍କଠାରୁ କ୍ଲୋରୋଫର୍ମ, ୧୦ ଟଙ୍କିଆ କୋଲ୍‌ଗେଟ, ୨ଟି ଲେଖାଏ ଆଧାର କାର୍ଡ ସହ ୪୭ ଖଣ୍ଡ ୫୦୦ ଟଙ୍କିଆ ଓ ୮୭ ଖଣ୍ଡ ୧୦୦ ଟଙ୍କିଆ ନୋଟ୍ ମିଳିଛି। ବାରମ୍ବାର ପିଲା ଚୋର ଗ୍ରାମରେ ପଶୁଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି ଅଭିଯୋଗ ଆଣି ଫାଣ୍ଡି ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିଆପାଳ ଥାନା ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ ଏବଂ ତାଙ୍କ ଟିମ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ୨ ବ୍ୟକ୍ତିଙ୍କୁ ଥାନାକୁ ନେଇଥିଲେ। ଉଭୟଙ୍କ ଘର କମର୍ଦା ଥାନା ଅଧୀନ ଦାରୁହା ଗ୍ରାମରେ ହୋଇଥିବା ବେଳେ ସେମାନେ ବାପ ପୁଅ ବୋଲି ପୋଲିସ ଆଗରେ କହିଛନ୍ତି। ପୋଲିସ ୨ଜଣଙ୍କୁ ବାଲିଆପାଳ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଏନେଇ ଖେଳୁଥିବା ପିଲାଙ୍କ ବାପା ଏବଂ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହାର ୧ ଘଣ୍ଟା ପରେ ଅନୁରୂପ ଭାବେ ବଡାଶ ଗ୍ରାମରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ ଫାଣ୍ଡିରେ ଜିମା ଦେଇଥିଲେ। ପିଲା ଚୋରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗ୍ରାମରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାରପଞ୍ଜାର ଗଣେଶ ଦେ, ଉମେଶ ଦେ, ଦାମୋଦର ଦେ, ଭବେଶ ସେନାପତି, କୁନା ସାହୁ, ପୂର୍ଣ୍ଣେନ୍ଦୁ ଦେ, ଅଜୟ ଦେ ପ୍ରମୁଖ ଦାବି କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସାଲଖାନ ମୁର୍ମୁ କହିଛନ୍ତି।

# ଗୋଟିଏ ମଦ ପାଉଚ୍ ପାଇଁ ନେଇଗଲେ ସାଙ୍ଗଙ୍କ ଜୀବନ

**ରିନବଚନ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ଅଭିଯୁକ୍ତ ଦୁର୍ଗାପ୍ରସାଦ ଗିରଫ
- ହତ୍ୟାରେ ବ୍ୟବହୃତ କାଠଫାଳିଆ ଜବତ

**ବଲାଙ୍ଗୀର, ୧୫।୩ (ବୀରେନ୍ଦ୍ର କୁମାର ଝାଙ୍କର)**



ଦୀପକ ନାଏକ



ଗିରଫ ଅଭିଯୁକ୍ତ ଇଲୁ ଓରଫ ଦୁର୍ଗାପ୍ରସାଦ ବେହେରା।

ନିଶା କେତେ ମାରାତ୍ମକ ହୋଇପାରେ ତାହା ପୁଣି ପ୍ରମାଣିତ ହୋଇଛି। ଗୋଟିଏ ମାତ୍ର ମଦ ପାଉଚ୍ ପାଇଁ ନିଜ ସାଙ୍ଗଙ୍କୁ ପିଟି ହତ୍ୟା କରିଛନ୍ତି ଅନ୍ୟ ଜଣେ ସାଙ୍ଗ। ବଲାଙ୍ଗୀର ସଦର ଥାନା ଅଧୀନ ରିନବଚନ ଗାଁର ଦୀପକ ନାଏକ (୨୫) ହତ୍ୟା ଘଟଣାର ପର୍ଦ୍ଦାଫାଶକରି ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି। ରବିବାର ସଦର ଥାନାରେ ଖବରଦାତା ସମ୍ମିଳନୀକରି ଏହି ହତ୍ୟାକାଣ୍ଡ ପଛରେ ମଦ ନିଶା ଓ ଗଣ୍ଡଗୋଳ ଦାୟୀ ବୋଲି ସେ କହିଛନ୍ତି । ଏହି ମାମଲାରେ ପୋଲିସ ରିନବଚନ ଗାଁର ଇଲୁ ଓରଫ ଦୁର୍ଗା ପ୍ରସାଦ ବେହେରା (୩୪)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉପାଧ୍ୟାୟ କହିଛନ୍ତି, ଦୀପକ ଏବଂ ଅଭିଯୁକ୍ତ ଦୁର୍ଗାପ୍ରସାଦ ଉଭୟେ ରିନବଚନ ଗାଁର ହୋଇଥିବା ବେଳେ ୨ଜଣ ଯାକ ସାଙ୍ଗ। ଦୁହେଁ ନିକଟସ୍ଥ ଏକ ଏଫ୍‌ସିଆଇ ଗୋଦାମରେ କାମ କରୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁର୍ଗାପ୍ରସାଦ ଘରକୁ ଆସି ଦୀପକଙ୍କୁ କୁଆଡ଼େ ଡାକି ନେଇଥିଲେ। ରାତି ୯ଟା ପର୍ଯ୍ୟନ୍ତ ନ ଫେରିବାରୁ ସାନଭାଇ ହେମସାଗର ଓ ପରିବାର ଲୋକେ ଦୀପକଙ୍କୁ ଖୋଜାଖୋଜି କରିଥିଲେ। ଏତିକି ବେଳେ ଗାଁ ଉପକଣ୍ଠ ମନ୍ଦିର ପାଖ ଏକ ଚାଷଜମିରେ ଦୀପକଙ୍କୁ ଦୁର୍ଗାପ୍ରସାଦ ଏକ କାଠଫାଳିଆରେ ପିଟୁଥିବା ଦେଖି ସେମାନେ ଚିତ୍କାର କରିଥିଲେ। ଫଳରେ ସେଠାରୁ ଦୁର୍ଗାପ୍ରସାଦ ଫେରାର ହୋଇଯାଇଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୀପକଙ୍କୁ ଉଦ୍ଧାରକରି ପରିବାର ଲୋକେ ବଲାଙ୍ଗୀର ସ୍ଥିତ ଭୀମ ଭୋଇ ମେଡିକାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୀପକଙ୍କ ଭାଇ ହେମସାଗର ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୋଲିସ ଏକ ମାମଲା (ନଂ. ୯୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଗାଁର ୫ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ବେଳେ ସେଦିନ ସନ୍ଧ୍ୟାରେ ଦୀପକ, ଦୁର୍ଗାପ୍ରସାଦ ଏବଂ ଅନ୍ୟ ଜଣେ ଯୁବକ ଗାଁ ମନ୍ଦିର ପାଖ ଜମିରେ ବସି ମଦ ପିଉଥିଲେ। ସେହି ୩ ସାଙ୍ଗ କୁଆଡ଼େ ୪ଟି ମଦ ପାଉଚ ନେଇଥିଲେ। ୩ ବନ୍ଧୁ ଗୋଟିଏ ଲେଖାଏ ମଦ ପାଉଚ୍ ପିଇବା ପରେ ଗୋଟିଏ ପାଉଚ୍ ବଳି ପଡ଼ିଥିଲା। ବଳକା ମଦ ପାଉଚ୍‌କୁ ୩ ସାଙ୍ଗ ମିଶିକରି ପିଇବା ବୋଲି ଦୁର୍ଗାପ୍ରସାଦ କହିଥିଲେ। ତେବେ ଏହାକୁ ଦୀପକ ବିରୋଧ କରିଥିଲେ। ଏପରି କି ବଳକା ମଦ ପାଉଚ୍‌କୁ ଦୀପକ ଘରକୁ ନେବାକୁ କୁଆଡ଼େ ଜିଦ୍ ଧରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ ଆରମ୍ଭ ହୋଇଥିଲା। ଦୀପକ କୁଆଡ଼େ ପ୍ରଥମେ ଦୁର୍ଗାଙ୍କୁ ପିଟି ଥିଲେ। ମାଡ଼ ଖାଇବା ପରେ ଦୁର୍ଗାପ୍ରସାଦ ସେଠାରୁ ଘରକୁ ଯାଇ କିଛି ସମୟ ପରେ ଏକ କାଠଫାଳିଆ ଧରି ଫେରିଥିଲେ। ଏତିକି ବେଳେ ଦୀପକ ଚାଷଜମିରେ ମଦ ନିଶାରେ ଚିତ୍ ହୋଇ ଶୋଇପଡ଼ିଥିଲେ। ଉତ୍ତ୍ୟକ୍ତ ଦୁର୍ଗାପ୍ରସାଦ କାଠଫାଳିଆରେ ଦୀପକଙ୍କୁ ବାରମ୍ବାର ପିଟି ଚାଲିଥିଲେ। ଫଳରେ ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ବେଳେ ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।

# ୪୦ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର, ନଗଦ ୩ ଲକ୍ଷ ଚୋରି

**ରାଜନଗର, ୧୫।୩ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅଞ୍ଚଳରେ ଏକ ଘରେ କେହି ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଶନିବାର କବାଟ ତାଡ଼ି, ଗଡ୍‌ରେଜ ଭାଙ୍ଗି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସହିତ ନଗଦ ୩ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁରେ ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଗାଁର ନୀଳମଣି ବାରିକ ଚିଙ୍ଗୁଡିଘେରିରେ ଥିବା ବେଳେ ତାଙ୍କ ପୁଅ ବନ୍ଧୁଘରକୁ ଯାଇଥିଲେ। ସ୍ତ୍ରୀ ସସ୍ମିତା ବାରିକ ଘରେ ତାଲା ପକାଇ ସନ୍ଧ୍ୟା ୬ଟା ବେଳେ ଗାଁ ଛକରେ ଥିବା ଗ୍ରୋସରି ଦୋକାନରେ ଥିଲେ। ରାତି ୮ଟା ୧୦ରେ ଘରେ ପହଞ୍ଚିବା ବେଳକୁ ଘର କବାଟ ତଡ଼ା ହୋଇଥିବା ଦେଖିଥିଲେ। ଘରେ ୨ଟି କବାଟ ତଡ଼ା ହେବା ସହ ୨ଟି ଗଡ୍‌ରେଜ, ବାକ୍ସ ତାଡ଼ି ନଗଦ ୩ ଲକ୍ଷ ଟଙ୍କା ସହ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର, ସୁନା ବିସ୍କୁଟ ଆଦି କେହି ନେଇଯାଇଛନ୍ତି। ସସ୍ମିତାଙ୍କ ଅଭିଯୋଗ ଅନୁଯାୟୀ ଚିଙ୍ଗୁଡିଘେରି ପାଇଁ ଡିଜେଲ କିଣିବାକୁ ତାଙ୍କ ସ୍ୱାମୀ ବ୍ୟାଙ୍କରୁ ଉଠାଇ ରଖିଥିବା ନଗଦ ୩ ଲକ୍ଷ ଟଙ୍କା ସହିତ ତାଙ୍କର ସୁନା ହାର ୨ଟି, ଚେନ୍ ଗୋଟିଏ, ମୁଦି ୮ଟି, କାନଫୁଲ ଦୁଇହଳ, ସୁନା ବିସ୍କୁଟ ଗୋଟିଏ, ସୁନା ନୋଳି ୨ ହଳ, ସୁନା ରିଙ୍ଗ ଗୋଟିଏ ହଳ, ରୁପା ୧ କିଲୋ, ତାଙ୍କ ଯାଆଙ୍କର ସୁନାଚେନ ୩ଟି, କାନଫୁଲ ୫ ହଳ, ମୁଦି ୬ଟା, ହାର ଗୋଟିଏ, ସୁନା ବିସ୍କୁଟ ଗୋଟିଏ, ରୁପା ପାଉଁଜି ୨ ହଳ, ତାଙ୍କ ଶାଶୁଙ୍କର ସୁନା କାନଫୁଲ ୨ ହଳକୁ ଲୁଟି ନେଇଛନ୍ତି। ସେହି ଗାଁର ଜଣେ ଯୁବକଙ୍କ ସହିତ ଜୁନଗଡ଼ିର ଜଣେ ଯୁବକ, ଅଜଗରପାଟିଆ ଗାଁର ଜଣେ ଯୁବକ ଓ ବଳଭଦ୍ରପୁର ଗାଁର ୨ଜଣ ଯୁବକ ଏହି ଚୋରି କରିଥିବା ଅଭିଯୋଗକାରୀ ଏତଲାରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ଜଣାପଡିଛି। ରିପୋର୍ଟ ଲେଖାହେବା ଯାଏ ସନ୍ଧାନୀ କୁକୁର ପହଞ୍ଚି ନାହିଁ। ପୋଲିସ ଏହି ଘଟଣାରେ ବଳଭଦ୍ରପୁର ଗାଁର ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

# ବିଷ ପିଇ ଅଭିଯୁକ୍ତ ମୃତ

**ଦେବଗଡ଼, ୧୫।୩ (ଶଶାଙ୍କ ଶେଖର ଝାଙ୍କର)**

**ଗରିଆପାଲି ତ୍ରିପଲ ମର୍ଡର ଘଟଣା**



ରମେଶ ଗରିଆ

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଗରିଆପାଲି ଗ୍ରାମରେ ଘଟିଥିବା ତ୍ରିପଲ ମର୍ଡର ଘଟଣାର ଅଭିଯୁକ୍ତ ରମେଶ ଗରିଆ(୫୫)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଶନିବାର ସକାଳେ ସେ ନିଜ ଗ୍ରାମରେ ଥିବା ଓଭରହେଡ୍ ପାଣିଟାଙ୍କି ଉପରେ ଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରମେଶଙ୍କୁ ତଳକୁ ଓହ୍ଲାଇ ଆସିବାକୁ କହିଥିଲା। ହେଲେ ସେ ପାଣିଟାଙ୍କି ଉପରେ ଛିଡ଼ା ହୋଇଥିବାବେଳେ ଉପରକୁ କେହି ଆସିଲେ ଡେଇଁ ପଡିବାର ଭୟ ଦେଖାଇଥିଲେ। ଏହା ପୂର୍ବରୁ ସେ ବିଷ ପିଇ ଦେଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା। କିଛି ସମୟ ପାଇଁ ରମେଶ ପାଣିଟାଙ୍କି ଉପରେ ଶୋଇ ପଡିବାରୁ କୌଶଳକ୍ରମେ ତାଙ୍କୁ କାବୁ କରାଯାଇଥିଲା। ତୁରନ୍ତ ଚିକିତ୍ସା ପାଇଁ ତାଙ୍କୁ କୁଣ୍ଢେଇଗୋଳା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପଟାସ ପାଣି ପିଆଇ ବିଷ ବାହାର କରିବାକୁ ଚେଷ୍ଟା କରାଯାଇଥିବାବେଳେ ଚିକିତ୍ସାରେ ସେ ସହଯୋଗ କରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଦେବଗଡ଼ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଥିବା ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ପୂର୍ବାହ୍ନରେ ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ଦୁଇ ପୁଅଙ୍କୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ବଡ଼ପୁଅ ଧୀରେନ ମୃତଦେହ ନେବା ପାଇଁ ମନା କରିଥିଲେ। ପରେ ପୋଲିସ ପକ୍ଷରୁ ସାନପୁଅଙ୍କୁ ବୁଝାଶୁଝା କରାଯିବା ପରେ ରମେଶଙ୍କ ମୃତଦେହ ନେବାପାଇଁ ସେ ରାଜି ହୋଇଥିଲେ। ଏହାକୁ ସେ ଗ୍ରହଣ କରିବା ପରେ ସମ୍ବଲପୁରରେ ମୃତଦେହ ସତ୍କାର କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ଅଭିଯୁକ୍ତ ରମେଶ ଗରିଆପାଲି ଗ୍ରାମରେ ସ୍ତ୍ରୀ ଗୁଲ ଗରିଆ, ବୋହୂ ଲିପି ଗରିଆ ଏବଂ ୫ ବର୍ଷର ନାତୁଣୀ ଈଶାନୀଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଏନେଇ ରମେଶଙ୍କ ପୁଅ ଧୀରେନ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୮/୨୬) ରୁଜୁକରି ତଦନ୍ତ ଚଳାଇଥିଲା।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ୧୬ ଲକ୍ଷ ଠକିନେଲେ

**ବ୍ରହ୍ମପୁର, ୧୫।୩(ସୁବାସ ଚନ୍ଦ୍ର ପାଢ଼ୀ)**

## ସାଇବର ଅପରାଧ

ଅନ୍‌ଲାଇନରେ ନିବେଶ କରି ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ୧୬ ଲକ୍ଷ ଟଙ୍କା ହରାଇଥିବା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୧/୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗୋସାଇଁନୂଆଗାଁ ଥାନା ହାଉସିଂବୋର୍ଡ ବ୍ରିଟ୍ କଲୋନୀରେ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରହୁଛନ୍ତି। ସେ ୨୦୨୩ରେ ଏକ ଅନ୍‌ଲାଇନ ନିବେଶକାରୀ ସଂସ୍ଥା ସହ ଯୋଗାଯୋଗରେ ଆସିଥିଲେ। ସେଥିରେ ଟଙ୍କା ନିବେଶ କରିବା ଦ୍ୱାରା କମ୍ ବର୍ଷ ମଧ୍ୟରେ ୫୦% ଲାଭବାନ ହେବେ ବୋଲି ଏଜେଣ୍ଟ କହିଥିଲେ। ଏହାପରେ ଶିକ୍ଷୟିତ୍ରୀ ଜଣକ ପର୍ଯ୍ୟାୟକ୍ରମେ ୧୬ ଲକ୍ଷ ଟଙ୍କା ନିବେଶ କରିଥିଲେ। ଇତିମଧ୍ୟରେ ୪ ବର୍ଷ ବିତିଯାଇଛି। ପ୍ରଥମ ଟଙ୍କା ନିବେଶକୁ ୩ ବର୍ଷ ପୂରିଲାଣି। କିନ୍ତୁ ଟଙ୍କାଟିଏ ବି ଫେରି ପାଇ ନାହାନ୍ତି। ଫଳରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

# ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗ୍: ୩ ଅଭିଯୁକ୍ତଙ୍କ ସମେତ ବ୍ୟବସାୟୀ ଗିରଫ

**ନିଶ୍ଚିନ୍ତକୋଇଲି, ୧୫।୩ (ଅଶୋକ କୁମାର ମହାପାତ୍ର)**

**୩୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଓ ସାମଗ୍ରୀ ଜବତ**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ପୋଲିସ ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗ୍‌ର ୩ଜଣଙ୍କ ସମେତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଚନ୍ଦନପୁର ଗ୍ରାମର ବୁଦ୍ଧିରାମ ସ୍ୱାଇଁ(୫୭), ଉକ୍ତ ଥାନା ଅନ୍ତର୍ଗତ ନୂଆଗାଁର ଦିଲୀପ ଦାସ(୩୭) ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ତଳିଆ ଗ୍ରାମର ଦେବେନ୍ଦ୍ର କୁମାର ପରିଡ଼ା। ସେମାନଙ୍କଠାରୁ ଚୋରି ସାମଗ୍ରୀ କ୍ରୟ ଅଭିଯୋଗରେ ଯାଜପୁର ଜିଲା ବଡ଼ବଜାର ଅଞ୍ଚଳର ବ୍ୟବସାୟୀ ସମ୍ପଦ ରାଓଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର, କଟର ମେଶିନ, ୧ କାର ସମେତ ବହୁ ସାମଗ୍ରୀ ଜବତ କରାଯାଇଛି। ଏନେଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।


## Classified Everyday

0674-2580101, 9692975378



**REAL ESTATE**

**SALE**

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ଫ୍ଲାଟ୍/Duplex ମିଳୁଛି। 8327785834.** D-3649

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ଫ୍ଲାଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




All types of physiotherapy and massage contact 9556924059 / 7656969134. D-3591

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before Notary Public, Bhadrak, dtd.- 20.01.2026, I, Bharatilata Behera, At- Naami, P.O.- Naami, P.S.- Bhandaripokhari, Dist.- Bhadrak, Odisha, PIN- 756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes.

Bharatilata Behera

D-3652

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Manisha Agrawala, D/o.- Kishor Lal Agrawala, resident of Flat 2A, Ashta Vinayak Appartment, Buddheswari Colony, Bhubaneswar, Odisha- 751006 declare by this affidavit No. V071898 dtd.- 11.03.2026 that now onwards I shall be known as MANISHA AGRAWAL for all future purposes. D-3651

I, Hitherto known as Gandu Gouda, S/o.- Upendra Gouda, R/o.- At- Shihala Baghalati, Vtc- Baghalati, P.O.- Sahala, Sub District- Golanthara, Ganjam, Odisha- 761008, have changed my name and shall hereafter be known as Roshan Gouda for all future purposes. D-3650

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ପଦ୍ମନାଭ ବେହେରା**

(ପିତା : √ ଦୈତ୍ୟାରୀ ବେହେରା)

ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର

ଆବିର୍ଭାବ : ୧୩.୦୮.୧୯୫୫

ତିରୋଧାନ : ୦୭.୦୩.୨୦୨୬

ଆପଣଙ୍କର ଅମର ଆତ୍ମା ର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା।

ବନ୍ଧୁ ଓ ପରିବାରବର୍ଗ

ଧ-୩୬୫୩

**କୁମ୍ଭକାର ସମାଜର ବୈଠକ**

ଟିଟିଲାଗଡ଼,(ସନ୍ତୋଷ ପଟ୍ଟନାୟକ): ଟିଟିଲାଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଘୁଗୁରପଲା ଗ୍ରାମଠାରେ ଟିଟିଲାଗଡ଼ ବ୍ଲକ କୁମ୍ଭକାର ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରେନ୍ଦ୍ର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମାଜର ଜିଲା ସଭାପତି ଅକ୍ଷୟ ରଣା ମୁଖ୍ୟଅତିଥି ଭାବରେ ଯୋଗଦେଇ ସମାଜର ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବୈଠକରେ ବ୍ଲକ ଉପସଭାପତି ରମେଶ ଚନ୍ଦ୍ର ରଣା, ସମ୍ପାଦକ ପରମେଶ୍ୱର ରଣା, ରାଘବ ରଣା, କାଳିନ୍ଦ୍ରୀ ରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଘୁଗୁରପଲା ଗ୍ରାମ୍ୟ କୁମ୍ଭକାର ସମାଜ ସଭାପତି ଭାବରେ ଜୀବର୍ଦ୍ଧନ ରଣା, ଉପସଭାପତି ଭାମ ରଣା ତଥା ସମ୍ପାଦକ ଭାବରେ ବସନ୍ତ ରଣାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ପରିବା ବିକାଳିଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି,୧୫।୩(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲୁଡି ରାସ୍ତାର ଲର୍କି ଲମ୍ଫୁପଡା ବୁଲାଣିରେ ଏକ ଟ୍ରକ ଧକ୍କାରେ ଜଣେ ପରିବା ବିକାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁରେକେଲା ଥାନା ଲର୍କି ଗ୍ରାମର ରାଜେଶ ମେହେର। ଏହି ଦୁର୍ଘଟଣାକୁ ନେଇ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଥିବା ଖବର ମିଳିଛି ।

ପ୍ରକାଶ ଯେ, ରବିବାର ଅପରାହ୍ଣ ପ୍ରାୟ ୫ଟା ବେଳେ ରାଜେଶ ତୁରେକେଲା ଅଞ୍ଚଳରେ ପନିପରିବା ବିକ୍ରି କରି ମୋଟର ସାଇକେଲ (ନଂ ଓଡି୦୩-ଟି୫୨୫୯) ଯୋଗେ ନିଜ ଘର ଲର୍କିକୁ ଫେରୁଥିଲେ। ଫେରିବା ବାଟରେ ନିଜ ଘରଠାରୁ ମାତ୍ର ୫୦୦ ମିଟର ଦୂରରେ ତୁରେକେଲା ପଟୁ ଆସୁଥିବା ଏକ ଟ୍ରକ (ନଂ ଓଆର ୧୫ କ୍ୟୁ-୩୫୩୩) ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଆଇଆଇସି ରାକେଶ କୁମାର ବେହେରା ଟ୍ରକ ଡ୍ରାଇଭରଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ମୋଟର ସାଇକଲକୁ ଜବତ କରାଯାଇଛି।

# ‘ଗାଁ ଲୋକଙ୍କୁ ଅଧିକ ସଚେତନତା ଲୋଡ଼ା’

**ବଲାଙ୍ଗୀର,୧୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ପକ୍ଷରୁ ରବିବାର ସ୍ଥାନୀୟ ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ କରାଯାଇଥିଲା। ଖାଉଟି ଅଧିକାର ଦିବସ ଉପଲକ୍ଷେ ଚଳିତବର୍ଷ ‘ନିରାପଦ ଉତ୍ପାଦ-ଆତ୍ମବିଶ୍ୱାସୀ ଗ୍ରାହକ’ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ମୁଖ୍ୟଅତିଥି, ଜିଲା ଶିଳ୍ପକେନ୍ଦ୍ରର ଭାରପ୍ରାପ୍ତ ସାଧାରଣ ପରିଚାଳକ ନିରୋଜ ରଞ୍ଜନ ପାଣିଗ୍ରାହୀ, ବୈଧମାପ ବିଜ୍ଞାନ ବିଭାଗର ସହକାରୀ ନିୟନ୍ତ୍ରକ ସାଗରିକା ସାବତ, ବଲାଙ୍ଗୀର ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର ଓ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପ୍ରାନ୍ତ ଅଧ୍ୟକ୍ଷ କିଶୋର ମୋହନ ମିଶ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଆଜିର


ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ ଅବସରରେ ଅତିଥିମାନେ।

**ବଲାଙ୍ଗୀରରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ**

ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ସମ୍ପାଦକ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିଲେ।

ଅତିଥିମାନେ କହିଥିଲେ, ସହରାଞ୍ଚଳ ଅପେକ୍ଷା ଦେଶର ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି। ଗାଁର ଲୋକେ ସରଳ ଏବଂ ସାଧାରଣତଃ ଖାଉଟି ଅଧିକାର ଏବଂ ଆଇନ ସମ୍ପର୍କରେ ଅଜ୍ଞ। ତେଣୁ ଗାଁ ଲୋକେ ଅଧିକ ଠକାମିର ଶିକାର ହୋଇଥାନ୍ତି। ଉତ୍ତମ ଗୁଣଯୁକ୍ତ ଏବଂ ସଠିକ୍ ଓଜନର ଖାଦ୍ୟ ସାମଗ୍ରୀ ପାଇବାରୁ ସେମାନେ ବଞ୍ଚିତ ହୋଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଗାଁ ଲୋକଙ୍କ ପାଖରେ କୌଣସି ସୁବିଧା ନ ଥିବାରୁ ସେମାନେ ଅଧିକ ଶୋଷଣ ହେଉଛନ୍ତି ବୋଲି ଅତିଥିମାନେ କହିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପଣ୍ଡା ଖାଉଟି ଅଧିକାର, ଏହାର ସୁପରିଚାଳନା ଏବଂ ନିୟମାନୁଯାୟୀ ନ୍ୟାୟ ପାଇବାର ମାର୍ଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ କମିଟି ସଭ୍ୟ ଉମାଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସହରର ବହୁ ବୁଦ୍ଧିଜୀବୀ, କମିଟି ସଦସ୍ୟା , ସଦସ୍ୟ ଏବଂ ସଚେତନ ନାଗରିକ ଉପସ୍ଥିତ ଥିଲେ।

# ରୋତ ପାକ୍ସ: ୯ ଚାଷୀଙ୍କ ୪୮୩ କୁଇଣ୍ଟାଲ ଧାନ ଉଠିଲା

**ଲୋଇସିଂହା,୧୫।୩(ସୁଶାନ୍ତ ବାରିକ)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପାକ୍ସରେ ମାର୍ଚ୍ଚ ୨ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୯ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଥିଲା। ସମ୍ପୃକ୍ତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଥିଲେ। ଚାଷୀଙ୍କ ଅଭିଯୋଗକୁ ଆଧାର କରି ଏ ସଂକ୍ରାନ୍ତରେ ଗତ ୧୧ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ୯ ଜଣ ଚାଷୀଙ୍କ ଟୋକନ ଲାପ୍ସ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ତତ୍ପରତା ଦେଖାଇଥିଲା । ଶନିବାର ଉକ୍ତ ପାକ୍ସ ପକ୍ଷରୁ ୯ ଜଣ ଚାଷୀଙ୍କ ଠାରୁ ୪୮୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ପ୍ରକାଶ ଯେ, ଆଗଲପୁର ବ୍ଲକ ରୋତ ପାକ୍ସ ଅଧୀନ ଚାଷୀ ଶ୍ରୀପତି ପଟେଲ ସୁମିତ ପଟେଲ, ସୀତାରାମ ପଧାନ, ଧନୁର୍ଦ୍ଧର ବେହେରା, ଶ୍ରୀକାନ୍ତ ବାଙ୍କ, ବାଣୁଆ ବେହେରା, ସୁରେଶ ପଟେଲ, ତ୍ରିଲୋଚନ ବରିହା, କରୁଣାକର ମହାକୁର ପ୍ରମୁଖ ଚାଷୀ ଟୋକନ ପାଇ ଧାନ ବିକ୍ରି ପାଇଁ ଆଣିଥିଲେ। ସମ୍ପୃକ୍ତ ଚାଷୀଙ୍କ ଧାନ ଗାଡିରେ ଲୋଡ ହୋଇ ସାରିଥିଲା । କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚାଷୀଙ୍କ ଆଖି ସ୍କାନିଂ ସମ୍ଭବ ହୋଇପାରିନଥିଲା। ଟୋକନର ଶେଷ ତାରିଖ ହୋଇଥିବାରୁ ସମ୍ପୃକ୍ତ ଚାଷୀଙ୍କ ଲାପ୍ସ ହୋଇଥିଲା। ବଲାଙ୍ଗୀର ସମବାୟ ବିଭାଗରୁ ସୂଚନା ପାଇ ଜିଲାପାଳ ଗୌରବ ଶିବାଜୀ ଇସଲୱାର ରାଜ୍ୟ ସରକାରଙ୍କ ବିଭାଗୀୟ ସଚିବଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରି ସମ୍ପୃକ୍ତ ଚାଷୀଙ୍କ ଟୋକନ ପୁନଃ କାର୍ଯ୍ୟକ୍ଷମ କରି ଧାନ କ୍ରୟ କରିବାକୁ ଜଣାଇଥିଲେ।

# ତଦନ୍ତ କଲେ ଜେଲ ଡିଆଇଜି

**ବଲାଙ୍ଗୀର,୧୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା କାରାଗାର ଭିତରେ ସଜା କାଟୁଥିବା କଏଦୀ ଭୀଷ୍ମଦେବ ଓରଫ୍ ଗୋପାଳ ସାହୁଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାର ତଦନ୍ତ କରିଛନ୍ତି ଜେଲ ଡିଆଇଜି ଗରିବ ସାହୁ। ରବିବାର ବଲାଙ୍ଗୀର ଜେଲ ପରିସରରେ ପହଞ୍ଚି ଜେଲ ଡିଆଇଜି ସାହୁ କଏଦଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗଣମାଧ୍ୟମକୁ ସେ କହିଥିଲେ, ଶନିବାର ସକାଳେ କଏଦୀ ଭୀଷ୍ମଦେବ ଆତ୍ମହତ୍ୟା କରିଥିଲେ। ଜେଲ ଡିଜିଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ସେ ବଲାଙ୍ଗୀର ଜେଲକୁ ଆସି ତଦନ୍ତ କରିଛନ୍ତି। ଜେଲ ଭିତରେ କିଭଳି ପରିସ୍ଥିତିରେ କଏଦୀ ଜଣକ ଥିଲେ, କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ଏବଂ କାହାର କିଛି ତ୍ରୁଟି ରହିଛି କି ନାହିଁ ସେନେଇ ସେ ତଦନ୍ତ କରୁଥିବା କହିଥିଲେ। ଏପରି କି ଜେଲ ଭିତରେ ସ୍ୱଟ୍ ଭେରିଫିକେଶନ୍, କେତେଜଣ କଏଦୀ, ଷ୍ଟାଫ୍, ଜେଲ ଅଧୀକ୍ଷକ ଏବ୍ୟ ଡାକ୍ତରଙ୍କ ସହ ସେ ଆଲୋଚନା କରିଥିବା କହିଛନ୍ତି। ଏହାସହିତ ଜେଲର ସୁରକ୍ଷା ବ୍ୟବସ୍ଥା, ସିସି ଟିଭି ଓ ଅନ୍ୟ ଦିଗକୁ ତଦନ୍ତ କରାଯାଉଥିବା କହିଥିଲେ। ଜେଲର ଯେଉଁ ସ୍ଥାନରେ କଏଦୀ ଜଣକ ଆତ୍ମହତ୍ୟା କରିଛନ୍ତି


ବଲାଙ୍ଗୀର ଜିଲା କାରାଗାରରେ ପହଞ୍ଚି ଜେଲ ଡିଆଇଜି ତଦନ୍ତ କରୁଛନ୍ତି।

**ବଲାଙ୍ଗୀର ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

ସେହି ସ୍ଥାନ ସସି ଟିଭି ରେଞ୍ଜରେ ରହିଛି କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ଜେଲ ଡିଆଇଜି ସାହୁଙ୍କୁ ପ୍ରଶ୍ନ କରିଥିଲେ। ତେବେ ସେ ଉକ୍ତ ସ୍ଥାନ ସିସିଟିଭି ରେଞ୍ଜରେ ନାହିଁ ବୋଲି କହିଥିଲେ। ଘଟଣାର ସବୁ ଦିଗ ତଦନ୍ତ ସରିଲା ପରେ ସେ ଜେଲ ଡିଜିଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ। ଏହି ସମୟରେ ବଲାଙ୍ଗୀର ଜେଲ ଅଧୀକ୍ଷକ ଉମାଶଙ୍କର ମାଝି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁଶଙ୍ଗ ଗାଁର ଭୀଷ୍ମଦେବ ନିଜ ଗାମୁଛା ସହାୟତାରେ ଆତ୍ମହତ୍ୟା କରିଥିଲେ । ଯୌତୁକଜନିତ ନିର୍ଯାତନା ଏବଂ ସ୍ତ୍ରୀ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ ବଲାଙ୍ଗୀର ଜେଲରେ ଥିଲେ।

### ଚାନ୍ଦିଲି ଜଙ୍ଗଲରେ ହାତୀ

**ଖପ୍ରାଖୋଲ,୧୫।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ଗୋଟାଏ ମାଈ ହାତୀ ଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜଣାଯାଇଛି। ପ୍ରକାଶ ଯେ, ଗତ ରାତିରେ ଏକ ହାତୀ ଲାଠୋର ରେଞ୍ଜ ବେଦେର ସଂରକ୍ଷିତ ଜଙ୍ଗଲ ପଟୁ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲକୁ ଆସିଥିବା ବେଳେ ସାନବାଞ୍ଜିପାଲି ଗାଁ ନିକଟରେ ରହିଛି। ଏନେଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କୁ ପଚାରିବାରେ ହାତୀ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଛି। ବନ ବିଭାଗ ତରଫରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି।

### ୭ରୁ ଲୋୟର ସୁକ୍‌ତେଲ ବନଦୁର୍ଗା ମହୋତ୍ସବ

**ବଲାଙ୍ଗୀର,୧୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ (ଡ୍ୟାମ୍) ପାଦଦେଶରେ ଆସନ୍ତା ଏପ୍ରିଲ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ବନଦୁର୍ଗା ମହୋତ୍ସବ ଅନୁଷ୍ଠିତ ହେବ । ଏଥିସକାଶେ ଶନିବାର ବଲାଙ୍ଗୀରସ୍ଥିତ ଦେବୀ ପାଟଣେଶ୍ୱରୀଙ୍କ ମନ୍ଦିରକୁ ଯାଇ ଆୟୋଜକ କମିଟି ସଦସ୍ୟମାନେ ନିଉତା ଅର୍ପଣ କରିଛନ୍ତି। ଏହି ମହୋତ୍ସବରେ ସ୍ଥାନୀୟ ଲୋକନୃତ୍ୟ, ଲୋକଗୀତ, ଲୋକନାଟକ ତଥା ଜିଲା ବାହାରର କଳାକାର, କଂସ ଦରବାର ଆୟୋଜନ କରାଯିବ। କଂସ ଭୂମିକାରେ ଅନିଲ କୁମାର ନାଏକ ଅଭିନୟ କରିବେ। ମୀନା ବଜାର ଅନ୍ୟତମ ଆକର୍ଷଣ ହେବ। ଏହି କାର୍ଯ୍ୟକ୍ରମ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଭାପତି ସଞ୍ଜୟ ଗଡତ୍ୟା, ସମ୍ପାଦକ ଜୟକୃଷ୍ଣ ମିଶ୍ର, ଉପସଭାପତି କୈଳାଶ ସିଂଦେଓ, ସହସମ୍ପାଦକ ବିକାଶ ରଞ୍ଜନ ରଥ, ନରେନ୍ଦ୍ର ବିଶି, ଭରତ ସାହୁ ପ୍ରମୁଖଙ୍କୁ ନେଇ କରାଯାଉଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଅଦାଲତରେ ଉପସ୍ଥିତ ଜଜ୍ ଓ ଆଇନଜୀବୀ।

**ଟିଟିଲାଗଡ଼,୧୫।୩(ଶରତ ମିଶ୍ର)**

ତାଲୁକ ଆଇନ ସେବା ସମିତି, ଟିଟିଲାଗଡ଼ ପକ୍ଷରୁ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ୍ ସନ୍ଦୀପ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବିଭିନ୍ନ ମାମଲାର ସମାଧାନ ହୋଇଛି। ରାସ୍ତା ଦୁର୍ଘଟଣା, ବୈବାହିକ ବିବାଦ, ବ୍ୟାଙ୍କ ଋଣ, ରାଜସ୍ୱ ବିବାଦ, ସରକାରୀ ଶୁଳ୍କ ସହ ୧୦୧୧ଟି ବିଭିନ୍ନ ମାମଲା ମଧ୍ୟରୁ ୩୬୨ର ସମାଧାନ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରା ଜଜ୍ ପଟ୍ଟନାୟକ,ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ସିଭିଲ ଜଜ୍ (ସିନିୟର ଡିଭିଜନ) କୃଷ୍ଣ ଚନ୍ଦ୍ର ନାୟକ, ଆଇନଜୀବୀ ଏମ ଡି ମୁମତାଜ ଖାନ, ଏସଡିଜେଏମ ସୁମିତ କୁମାର ପାଣିଗ୍ରାହୀ ଓ ଆଇନଜୀବୀ ଜୟନ୍ତ ପଣ୍ଡାଙ୍କୁ ନେଇ ଗଠିତ ତିନୋଟି ବେଞ୍ଚରେ ମାମଲା ଗୁଡିକର ବିଚାର ସହ ସମାଧାନ ହୋଇଥିଲା। ଏକ ରାସ୍ତା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଶାରୀରିକ ଅକ୍ଷମ ହୋଇପଡ଼ିଥିବା ଟିଟିଲାଗଡ଼ ସହର ସର୍ଗିଗୁଡା ପଡାର ଦାମୋଦର ସାହୁଙ୍କୁ ଲୋକ ଅଦାଲତରେ ୪ ଲକ୍ଷ ୩୦ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଆଦେଶ ହୋଇଛି। ଲୋକ ଅଦାଲତ ପରିଚାଳନାରେ ତାଲୁକ ସମିତିର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

### ୧୪୦ କେନ୍ଦ୍ରରେ ଉଲ୍ଲାସ ପରୀକ୍ଷା: ୧୦୦୩ ପରୀକ୍ଷାର୍ଥୀ

**ବେଲପଡା,୧୫।୩(ମନୋଜ କୁମାର ମିଶ୍ର)**

କେନ୍ଦ୍ର ସରକାର ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ‘ଉଲ୍ଲାସ’ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା ରବିବାର ଦିନ ବେଲପଡା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୩ଟି କ୍ଲଷ୍ଟରର ଅଧୀନରେ ମୋଟ ୧୪୦ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ସେଠାରେ ୧୦୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ବ୍ଲକ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପ୍ରକ୍ରିୟା ହୋଇଥିଲା। ଉଲ୍ଲାସ ଅଧୀନରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତିମାନଙ୍କୁ ସର୍ଭେ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷକମାନେ ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇ ସ୍ୱେଚ୍ଛାସେବୀ ଶିକ୍ଷକ ଓ ଶିକ୍ଷାସେବୀମାନଙ୍କ ଦ୍ୱାରା ନିୟମିତ ଶିକ୍ଷାଦାନ କରାଯାଇଥିଲା। ଏହି ଶିକ୍ଷା ପ୍ରକ୍ରିୟାର ଅଂଶ ଭାବେ ମୌଳିକ ପଢ଼ା, ଲେଖା ଓ ଗଣନା କୌଶଳ ମୂଲ୍ୟାଙ୍କନ ପାଇଁ ପରୀକ୍ଷାର ଆୟୋଜନ କରାଯାଇଥିଲା। ଏହି ପରୀକ୍ଷାରେ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେହିପରି ବ୍ଲକର ସମସ୍ତ ସିଆରସିସିମାନେ ନିଜ ନିଜ କ୍ଲଷ୍ଟରର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ତଦାରଖ କରିଥିଲେ ।

# ବିଭିନ୍ନ ବିଦ୍ୟାଳୟରେ ଉଲ୍ଲାସ ପରୀକ୍ଷା

**ଲାଠୋର,୧୫।୩(ଭୁବନେଶ୍ୱର ବାରିକ)**

କେନ୍ଦ୍ର ସରକାରଙ୍କ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଜରିଆରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଉଲ୍ଲାସ ପରୀକ୍ଷାର ଆୟୋଜନ କରାଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ୧୫ରୁ ଊର୍ଦ୍ଧ୍ୱ ବୟସର ନିରକ୍ଷର ମହିଳା ପୁରୁଷଙ୍କୁ ସାକ୍ଷର କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି କ୍ରମରେ ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଉଲ୍ଲାସ ପରୀକ୍ଷା ଅନୁଷ୍ଠିତ ହୋଇଛି। ରବିବାର ଅନୁଷ୍ଠିତ ପରୀକ୍ଷାରେ ଲାଠୋର କ୍ଲଷ୍ଟର ଅଧୀନ ୧୨ ଗୋଟି ସ୍କୁଲରେ ୮୪ ଜଣ, ଟଙ୍କପାଣି କ୍ଲଷ୍ଟର ଅଧୀନ ୯ ଗୋଟି ବିଦ୍ୟାଳୟରେ ୭୦ ଜଣ, ଜାମଟୁଆଁ କ୍ଲଷ୍ଟରର ୯ ଗୋଟି ସ୍କୁଲରେ ୪୨, ରେଙ୍ଗାଲି କ୍ଲଷ୍ଟରର ୧୧ ଗୋଟି ସ୍କୁଲରେ ୧୧୦ ଜଣ ଏବଂ ଫଲକିମୁଣ୍ଡା କ୍ଲଷ୍ଟରର ୧୦ ଗୋଟି ବିଦ୍ୟାଳୟରେ ୧୪୨ ଜଣ ପରୀକ୍ଷା ଦେଇଛନ୍ତି। ମୋଟ ୫୧ ଗୋଟି ବିଦ୍ୟାଳୟରେ ୪୪୮ ଜଣ ମହିଳା ପୁରୁଷ ପରୀକ୍ଷା ଦେଇଥିବା ଏହିସବୁ କ୍ଲଷ୍ଟରର କେନ୍ଦ୍ର ସଂଯୋଜକମାନଙ୍କ ପାଖରୁ ଜଣାପଡ଼ିଛି।



# ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

**କଣ୍ଟାବାଞ୍ଜି,୧୫।୩(ଗୁରୁ ଦୟାଲ ହଂସ)**

ନିଜ କାମ ସାରି ଶନିବାର ରାତିରେ ଘରକୁ ଯାଉଥିବା ବେଳେ ରାସ୍ତାରେ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଲହୁଲୁହାଣ ହେବା ସହ ଗୁରୁତର ହୋଇଛନ୍ତି। ସେ ହେଲେ ଗଙ୍ଗାଧର ସେଠ (୩୫)। ଗଙ୍ଗାଧର କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଶ୍ୟାମଜି ରାଇସ୍ ମିଲରେ କାମ କରନ୍ତି । ସେ କାମ ସାରି ରାତି ୮ଟା ବେଳେ ମୁରିବାହାଲ ଥାନା ଅଧୀନ ନିଜ ଗ୍ରାମ ଆମ୍ବଝରନକୁ ଯାଉଥିଲେ । ଏହି ସମୟରେ ଲଥାକେନ୍ଦ-ବିଚ୍ଛୁବାହଲି ରାସ୍ତାର ନୂଆବନ୍ଧ ନିକଟରେ ଏକ ବାର୍‌ହା ହଠାତ୍ ରାସ୍ତା ଅତିକ୍ରମ ବେଳେ ତାଙ୍କୁ ଆକ୍ରମଣ କରିଥିଲା। ନିକଟସ୍ଥ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।


ବାର୍‌ହା ଆକ୍ରମଣରେ ଗୁରୁତର ଗଙ୍ଗାଧର।

ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ବେଳେ ଅଧିକ ଚିକିତ୍ସା ପାଇଁ ସରକାରୀ ସାହାଯ୍ୟ ଦେବାକୁ ପରିବାର ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଉଦ୍‌ଘାଟନର ୧ ମାସ ପରେ ବି ଯାତାୟାତ କରୁନି ବସ୍

**କଣ୍ଟାବାଞ୍ଜି,୧୫।୩(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ୮.୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଓଏସଆରଟିସି ବସଷ୍ଟାଣ୍ଡ। ସହରଠାରୁ ଅନତି ଦୂର ତୁରେକେଲା ପିଡବ୍ଲୁଡି ମୁଖ୍ୟରାସ୍ତାର ପୁରୁଣା ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଏହା ନିର୍ମାଣ କରାଯାଇଛି । ଅଟଳ ବସଷ୍ଟାଣ୍ଡ ନାମରେ ନାମିତ ଏହି ବସ୍‌ଷ୍ଟାଣ୍ଡକୁ ଗତ ଫେବୃୟାରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସି ଜରିଆରେ ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି। କଣ୍ଟାବାଞ୍ଜି ଏକ ବ୍ୟବସାୟିକ କେନ୍ଦ୍ରସ୍ଥଳୀ। ଏହି ଅଞ୍ଚଳକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟ ପାଇଁ ବ୍ୟବସାୟୀ ତଥା ଜନସାଧାରଣ ଯିବା ଆସିବା କରିଥାନ୍ତି। ସେହିପରି ଏଠାରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, କୋର୍ଟ, କଲେଜ ଓ ସରକାରୀ, ବେସରକାରୀ ଅଫିସ ଆଦି ରହିଛି । କିନ୍ତୁ ଏହି ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲା ପରେ କେବଳ ୩ ଗୋଟି ଲକ୍ଷ୍ମୀ



**କଣ୍ଟାବାଞ୍ଜି ଅଟଳ ବସ୍‌ଷ୍ଟାଣ୍ଡ**

ବସ୍ ବ୍ୟତୀତ ଅନ୍ୟ କୌଣସି ବସ୍ ଏହି ଷ୍ଟାଣ୍ଡକୁ ଯିବା ଆସିବା କରୁନାହିଁ। ଫଳରେ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ସହରର କେନ୍ଦ୍ରସ୍ଥଳରେ ଥିବା ବର୍ତ୍ତମାନର ବସ୍‌ଷ୍ଟାଣ୍ଡରେ ଦୈନିକ ୪୦ରୁ ଊର୍ଦ୍ଧ୍ୱ ବେସରକାରୀ ବସ୍ ବଲାଙ୍ଗୀରରୁ କଣ୍ଟାବାଞ୍ଜି, କଣ୍ଟାବାଞ୍ଜିରୁ ଖରିଆର, କଣ୍ଟାବାଞ୍ଜିରୁ ନୂଆପଡା, କଣ୍ଟାବାଞ୍ଜିରୁ ପଦ୍ମପୁର, କଣ୍ଟାବାଞ୍ଜିରୁ ଟିଟିଲାଗଡ, କଣ୍ଟାବାଞ୍ଜିରୁ ଧର୍ମଗଡ, ନବରଙ୍ଗପୁର ଏବଂ କଣ୍ଟାବାଞ୍ଜି ଭୁବନେଶ୍ୱର ଓ କଣ୍ଟାବାଞ୍ଜି ଖରିଆର, ସିନାପାଲି ଏକ୍ସପ୍ରେସ ବସ୍ ଯିବା ଆସିବା କରିଥାଏ। ହେଲେ କୌଣସି ବସ୍ ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଯିବା ଆସିବା କରୁନାହିଁ। ସହରରେ ବର୍ତ୍ତମାନ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢି ଚାଲିଛି । ଜନଗହଳି ଯୋଗୁ ଯାତାୟତରେ ଅସୁବିଧା ହେଉଛି । ଏପରି କି ଛୋଟ ବଡ ଦୁର୍ଘଟଣା ଘଟୁଛି । ଏସବୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଅଟଳ ବସଷ୍ଟାଣ୍ଡ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ବିନା ନିର୍ଦ୍ଦେଶରେ ଗୋଛା କାଟିଲେ କଟାଳି

**ଦେଓଗାଁ,୧୫।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ତଥା ତୁଷୁରା କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ମଧୁପୁର ଗାଁରେ ଚଳିତବର୍ଷ କେନ୍ଦୁପତ୍ର ପାଇଁ ଗୋଛା କାଟିବାକୁ ଅଦ୍ୟାବଧି ବିଭାଗୀୟ ନିର୍ଦ୍ଦେଶ ଦିଆଯାଇନାହିଁ। ଫଳରେ ଉକ୍ତ ଗାଁର ଗୋଛାକଟାଳିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପଶ୍ଚିମାଞ୍ଚଳର ସବୁଜ ହୀରା କୁହାଯାଉଥିବା କେନ୍ଦୁପତ୍ର ସଂଗ୍ରହ ପାଇଁ ଗତମାସ ୨୪ ତାରିଖରୁ କେନ୍ଦୁପତ୍ର ବିଭାଗ ତରଫରୁ ଜଙ୍ଗଲଗୁଡିକରେ ଗୋଛା କାଟିବା ଆରମ୍ଭ ହୋଇଛି। ତେବେ ଅନ୍ୟ ଡିଭିଜନ ଅନ୍ତର୍ଗତ ଗାଁଗୁଡିକରେ ଗୋଛା କଟାଳିମାନେ ଗୋଛା କାଟୁଥିବା ବେଳେ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗାଁର କେଟାଳିମାନଙ୍କୁ ଗୋଛା କାଟିବା ପାଇଁ କେହି ବିଭାଗୀୟ ଅଧିକାରୀ ନ କହିବାରୁ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ

**ବିଭାଗୀୟ ନିର୍ଦ୍ଦେଶ ନ ଦେବାରୁ ମଧୁପୁରରେ ଅସନ୍ତୋଷ**

ଗାଁର ପ୍ରାୟ ୩୦ଟି ପରିବାର କେନ୍ଦୁପତ୍ର ତୋଳି ପରିବାର ପ୍ରତିପୋଷଣ କରିଥାନ୍ତି। ଏଣୁ ଚଳିତ ମାସ ୧୨ ତାରିଖରେ ଗାଁରେ ଏକ ବୈଠକ କରି ଶ୍ରମିକମାନଙ୍କୁ ଗୋଛାକଟାରୁ ବାଦ ଦେବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଅନେକ ପରିବାର ଏହି ଗୋଛାକଟାରେ ସାମିଲ ରହି ତଥା କେନ୍ଦୁପତ୍ର ବିକ୍ରୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବାରୁ ଆଗକୁ କେମିତି ଚଳିବେ ସେ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏହାସହ ମଧୁପୁର ଗ୍ରାମବାସୀଙ୍କ ନିଜସ୍ୱ ନିଷ୍ପତ୍ତିରେ ଗାଁର ପରମା ନାଏକ, ତରଣୀ ନାଏକ,ପାନାଲାଲ ମହାନନ୍ଦ, ଥବିର ମହାନନ୍ଦ, ସୁନ୍ଦରମଣି ସୁନା, ମୁନୁଚନ୍ଦ୍ର ଭରାସାଗର, ସୁରେନ୍ଦ୍ର ନାଗ, ଶୁକ୍ରୁ କ୍ଷେତୀ, ସାଗର ମହାନନ୍ଦ,ରାଧାକାନ୍ତ ମାହାକୁରଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଗୋଛାକଟାଳି ବିନା ପାରିଶ୍ରମିକରେ ଗୋଛା କାଟିବା ଆରମ୍ଭ କରି ଦେଇଛନ୍ତି । ଏହାଛଡା ଗୋଛାକଟାଳିମାନେ ତୁଷୁରାର ମହିପୁରସ୍ଥିତ କେନ୍ଦୁପତ୍ର ଡିଭିଜନକୁ ଯାଇ ସେଠାରେ ସଂପୃକ୍ତ ରେଞ୍ଜରଙ୍କୁ ଗୋଛା କାଟିବା ଅନୁମତି ଦେବା ପାଇଁ ଅନୁରୋଧ କରିଥିଲେ । ତେବେ ରେଞ୍ଜର ଶ୍ରମିକମାନଙ୍କୁ ସନ୍ତୋଷଜନକ ଉତ୍ତର ନ ଦେବାରୁ ଗାଁରେ ଅସନ୍ତୋଷ ଲାଗିରହିଛି । ଏ ନେଇ ମଧୁପୁର ଗାଁର ମୁନସୀ ପବିତ୍ର ସାହୁଙ୍କୁ ପଚାରିବାରେ ଏ ପର୍ଯ୍ୟନ୍ତ ମୋତେ ବିଭାଗ ପକ୍ଷରୁ ଏ ସମ୍ପର୍କିତ କୌଣସି କାଗଜପତ୍ର ଦିଆଯାଇ ନ ଥିବା ଓ ଗୋଛା କାଟିବା ପାଇଁ ନିର୍ଦ୍ଦେଶ ଦେଇ ନ ଥିବା ପ୍ରକାଶ କରିଥିଲେ । ସେହିପରି ରେଞ୍ଜର ମାନସ ରଞ୍ଜନ ବାରିକଙ୍କୁ ପଚାରିବାରେ ଉକ୍ତ ଗାଁରେ ଗତବର୍ଷ ୨ଟି ଗୋଷ୍ଠୀ ମଧ୍ୟରେ କର୍ମଚାରୀ ନିଯୁକ୍ତି ଜାଲିଆତି ମାମଲାକୁ ନେଇ ବିବାଦ ସୃଷ୍ଟି ହେବା ସହ ଥାନାରେ ମାମଲା ରୁଜୁ ହୋଇଥିଲା। ଚଳିତବର୍ଷ ଉକ୍ତ ଗାଁରେ ଗୋଛାକଟା ପୂର୍ବରୁ ହେବାକୁ ଥିବା ଫଡି କମିଟି ମଧ୍ୟ ଏଯାଏ ଗଠନ ହୋଇ ନ ପାରିବାରୁ ଆମେ ଗୋଛା କାଟିବା ପାଇଁ ନିର୍ଦ୍ଦେଶ ଦେଇ ପାରୁନାହୁଁ । ଏଥିସହ ଗାଁରେ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋଷ ବୁଝାମଣା ହୋଇ ଫଡି କମିଟି ଗଠନ ହୋଇପାରିଲେ ଗୋଛାକଟା ଆରମ୍ଭ କରାଯାଇ ପାରିବ ବୋଲି କହିଥିଲେ । ସୂଚନାନୁସାରେ ଉକ୍ତ ଗାଁରେ ୩୦ ପରିବାର କେନ୍ଦୁପତ୍ର ତୋଳାଳି ରହିଥିବା ବେଳେ ମଧୁପୁର ଫଡିରୁ ପ୍ରତିବର୍ଷ ପ୍ରାୟ ଲକ୍ଷେ ଚାଳିଶ କେରି କେନ୍ଦୁପତ୍ର ସଂଗ୍ରହ ହୋଇଥାଏ । ଏଣୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗକୁ ଉକ୍ତ ଗାଁର ସମସ୍ତ କେନ୍ଦୁପତ୍ର ତୋଳାଳି ପରିବାର କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଛି ।

## ସଂକ୍ଷେପରେ

# ସଭାପତି ପଦ ପାଇଁ ୪ ପ୍ରାର୍ଥୀ

### ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ

ବୀରମହାରାଜପୁର,୧୫।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ ଆଗାମୀ ୨୮ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏବର୍ଷ ସଭାପତି ପଦ ପାଇଁ ୪ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଛବିଳ କୁମାର କର୍ଣ୍ଣ, ରାଧାକାନ୍ତ ବାଘ, ହିମାଂଶୁ ଶେଖର ଭୋଇ ଓ ଯୁବ ଆଇନଜୀବୀ ଆଶ୍ରୟ ମହାନନ୍ଦ। ଚଳିତଥର ୪ ଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ ରୋଚକ ମୋଡ଼ରେ ପହଞ୍ଚିଛି। ସେହିପରି ଉପସଭାପତି ପଦ ପାଇଁ ସତ୍ୟ ନାରାୟଣ ପୁରୋହିତ, ସମ୍ପାଦକ ପଦ ପାଇଁ ଉମା ଶଙ୍କର ପଣ୍ଡା(ଖ), ସହସମ୍ପାଦକ ପଦ ପାଇଁ ବିଭୂତି ହୋତା ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ସନ୍ତୋଷ କୁମାର ଚାନ୍ଦ, ରଞ୍ଜିତ କୁମାର ରଥ, ସଞ୍ଜିବ କୁମାର ଦେହୁରୀ ଜଣେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଭରିବାର ଶେଷ ତାରିଖ ୯ ମାର୍ଚ୍ଚ ଓ ପ୍ରତ୍ୟାହାର ଶେଷ ଦିବସ ୧୪ତାରିଖ ଥିବାରୁ ଏହି ସବୁ ପଦ ପାଇଁ ନିର୍ବାଚନ ହେବନାହିଁ ବୋଲି ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି। ଫଳରେ ଏବେ କେବଳ ସଭାପତି ପଦ ପାଇଁ ନିର୍ବାଚନ ହେବ ବୋଲି ଜଣାପଡିଛି।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଉଦ୍‌ଯାପିତ

ବିନିକା,୧୫।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତ ରାଜୀବ ଭବନଠାରେ ଦୁଇଦିନ ଧରି ଚାଲିଥିବା ଭାଜପାର ମଣ୍ଡଳସ୍ତରୀୟ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ଉପେନ୍ଦ୍ର ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଝାରୀ, ଆନନ୍ଦ ବାରିକ, ଅଭିନାସ ଦାଶ, ଜିଲା ଉପସଭାପତି ଉଷତ କର, ବରିଷ୍ଠ କାର୍ଯ୍ୟକର୍ତ୍ତା ଭବାନୀ ଶଙ୍କର ପଣ୍ଡା ଯୋଗଦେଇଥିଲେ। ସରକାରର ସଫଳତା, ବୈଚାରିକ ପୃଷ୍ଠଭୂମି, ଇତିହାସ ଓ ବିକାଶ, କାର୍ଯ୍ୟ ବିକାଶ ପାଇଁ ଆମର ଦୃଷ୍ଟିକୋଣ, ଉପରେ ନେତୃବୃନ୍ଦ ଆଲୋକପାତ କରିଥିଲେ। କାର୍ଯ୍ୟକର୍ତ୍ତା ପରିଚାଳନା, ବୁଥ ପରିଚାଳନା ଓ ସୋସିଆଲ ମିଡ଼ିଆ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶାନ୍ତନୁ ମେଲ୍ଲୀ ପରିଚାଳନା କରିଥିବା ବେଳେ ଗୋବିନ୍ଦ ରାଏ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମଣ୍ଡଳ ପ୍ରଭାରୀ ବିଜୟ ମହାକୁର, ବରିଷ୍ଠ କାର୍ଯ୍ୟକର୍ତ୍ତା ନବକୃଷ୍ଣ ଦନ୍ତା, ଶ୍ୟାମ ସୁନ୍ଦର ସାହୁ, ବୁଲୁ ପୁରୋହିତ, ପ୍ରଶାନ୍ତ ବାରିକ, ଅନୁପମା ଶର୍ମା, ରାମେଶ୍ୱରୀ ସାହୁ, ପାର୍ଥ ଦେହେରୀ, ସନ୍ତୋଷ ଖଣ୍ଡଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସୁରେନ୍ଦ୍ର ସଂକୀର୍ତ୍ତନ ପରିଷଦ ସୁବର୍ଣ୍ଣପୁର ସଂଯୋଜକ

ବୀରମହାରାଜପୁର,୧୫।୩(ଯୁଗଳ କିଶୋର ମିଶ୍ର)

ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ୍ୟ ପରିଷଦ ବୈଠକ ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟ ଧମା ନୂଆଗାଁ ନିର୍ଦ୍ଦେଶ ଅନୁସାରେ ସୁବର୍ଣ୍ଣପୁର ଜିଲା । ସଂଯୋଜକ ଭାବେ ବିଶିଷ୍ଟ ବାଦକ ଗୁରୁ ସୁରେନ୍ଦ୍ର ପୁରୋହିତଙ୍କୁ ମନୋନୀତ କରାଯାଇଛି। ସୁରେନ୍ଦ୍ର ପୁରୋହିତ ବୀରମହାରାଜପୁର ଶ୍ରୀ ଚୈତନ୍ୟ ସଂକୀର୍ତ୍ତନ୍ୟ ପରିଷଦ ବିଭିନ୍ନ ପଦ ପଦବୀରେ ରହି ସଫଳତା ସହିତ କାର୍ଯ୍ୟ କରିଛନ୍ତି। ଏହା ସହିତ ପରିଷଦର ଉପଦେଷ୍ଟାଭାବେ ଗାୟକ ଗୁରୁ ସନ୍ତୋଷ ସାହୁ, ବିଶିଷ୍ଟ ଗାୟକ ଗୁରୁ ସନ୍ତୋଷ କୁମାର ପଣ୍ଡା ସହ ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ସୁବର୍ଣ୍ଣପୁର ଜିଲା ସଂକୀର୍ତ୍ତନ ପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି।


ଗୁରୁ ସୁରେନ୍ଦ୍ର ପୁରୋହିତ।

# ଇନ୍‌ଟାକର ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)

କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନଟ୍ୟାକର ସୋନପୁର ଚାପ୍ଟର ତରଫରୁ ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚରଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଇନଟାକ ତରଫରୁ ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ ନାମକ ଏକ ସୂଚନା ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ପୁସ୍ତିକା ଐତିହାସିକ ସୁଦାମ ନାଏକ ରଚନା କରିଥିବା ବେଳେ ଇଂଲିଶରେ ଅନୁବାଦ କରିଛନ୍ତି ପ୍ରଦ୍ୟୁମ୍ନ କୁମାର ସାହୁ। ଏହି ଐତିହ୍ୟ ପଦଯାତ୍ରାର ଅଂଶଗ୍ରହଣକାରୀମାନେ ଭଜନ କିର୍ତ୍ତନ କରି ସୁବର୍ଣ୍ଣପୁର ସହରରେ ଥିବା ଅଷ୍ଟଶମ୍ଭୁ ମନ୍ଦିର ପରିଦର୍ଶନ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଲୋକନାଥ ମନ୍ଦିର, ରାଜାଘାଟରେ ଥିବା ବାଲୁଙ୍କେଶ୍ୱର ମନ୍ଦିର, ଗୋପାଳଜୀ ମନ୍ଦିର ପରିସରରେ ଥିବା ସିଦ୍ଧେଶ୍ୱର ମନ୍ଦିର, ସୋନପୁର ମହାବିଦ୍ୟାଳୟ ନିକଟରେ


ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଉତ୍ସାହ ଓ ଉଲ୍ଲାସର ସହ ଅନୁଷ୍ଠିତ ହେଲା

ଥିବା ଗୋକର୍ଣ୍ଣେଶ୍ୱର ମନ୍ଦିର, କଚେରି ଛକରେ ଥିବା ପଶ୍ଚିମ ସୋମନାଥ ମନ୍ଦିର, ସଙ୍ଗମସ୍ଥଳରେ ଥିବା ରାମେଶ୍ୱର ମନ୍ଦିର ଏବଂ ସୁବର୍ଣ୍ଣପୁରର ଅଧିଶ୍ୱର ତେଲନଦୀ କୂଳରେ ଥିବା ସୁବର୍ଣ୍ଣମେରୁ ମନ୍ଦିରକୁ ଅଂଶଗ୍ରହଣକାରୀମାନେ ପରିଦର୍ଶନ କରିଥିଲେ। ତେବେ ଅଷ୍ଟଶମ୍ଭୁ ମଧ୍ୟରୁ ଅନ୍ୟତମ ପ୍ରମୁଖ ରୁଦ୍ରନାଥ ମନ୍ଦିର ସିନେମା ହଲ ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାରେ ଏକ ପ୍ରକାର ବନ୍ଦୀଭାବେ ଥିବାରୁ ପଦଯାତ୍ରୀମାନେ ପରିଦର୍ଶନରୁ ବଞ୍ଚିତ ହୋଇ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ପଦଯାତ୍ରୀମାନେ ଅନୁରୋଧ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ମାର୍ଗଦର୍ଶନରେ ସମସ୍ତ ପଦଯାତ୍ରୀ ଏହି ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିଲେ। ଐତିହାସିକ ସୁଦାମ ନାଏକ ଏହି ଅଷ୍ଟଶମ୍ଭୁ ମନ୍ଦିରଗୁଡ଼ିକର ଐତିହାସିକ ଓ ସାଂସ୍କୃତିକ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଶ୍ରୀ ଗଦାଧର ବାରିକ, ବିଭୂତି ଭୂଷଣ ଓତା, ବଳଦେବ ପ୍ରଧାନ, ଡ. ସୌରଭ ରଞ୍ଜନ ଖମାରୀ, ଗତିକୃଷ୍ଣ ବଣିଆଁ, ଲକ୍ଷ୍ମୀନାରାୟଣ ସାହୁ, ସରିତା ପୋଥାଳ, ରୀମା ଖଟୁଆ ଓ ଅନୁପମା ମହାପାତ୍ର ଯୋଗଦେଇଥିଲେ। ଇନଟାକ ସୋନପୁର ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଐତିହ୍ୟ ପଦଯାତ୍ରାର ସମାପନ ପର୍ବରେ ସହଆବାହକ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଇନଟାକର ଆଜୀବନ ସଦସ୍ୟ ଦେବକୀ ନନ୍ଦନ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।

# ପ୍ରକାଶ ପାଇଲା ଚୂଡାନ୍ତ ପ୍ରାର୍ଥୀ ତାଲିକା

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୧୪ ତାରିଖ ଶନିବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନର ବ୍ୟବସ୍ଥା ହୋଇଛି। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ସନ୍ଧ୍ୟାରେ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।

ଏହି ନିର୍ବାଚନରେ ଓକିଲ ସଂଘର ସଦସ୍ୟ ଥିବା ମୋଟ ୨୪୦ ଜଣ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ଗତ ୭ ତାରିଖରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୧୨ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। ୧୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସଭାପତି ପଦବୀରେ ବିଧାନ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରତାପ କୁମାର ପୁରୋହିତ, ଉପସଭାପତି ପାଇଁ ପ୍ରଦୀପ କୁମାର ମିଶ୍ର ଓ ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ପାଦକ ପଦବୀରେ ଦାସଦୀପ୍ତ ମହାପାତ୍ର ଓ ପ୍ରିୟଜିତ୍ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ (ଅର୍ଥ/ପ୍ରଶା।ସନ) ପଦବୀରେ ଶମ୍ଭୁ ପ୍ରସାଦ ବିଶି ଓ ସନ୍ତୋଷ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ(ଗ୍ରନ୍ଥାଗାର) ପାଇଁ ସଞ୍ଜିତ କୁମାର ଝାଙ୍କର ଓ ସିତାଂଶୁ ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରାର୍ଥୀ ହୋଇଛନ୍ତି। ଏହି ପଦବୀ ଗୁଡିକ ପାଇଁ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେଣୁ ମଇଦାନରେ ଥିବା ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ତେବେ ସଂଘର ଏକ୍‌ଜିକ୍ୟୁଟିଭ୍ ମେମ୍ବର ପାଇଁ ପ୍ରିତିପ୍ରଜ୍ଞା ପୁରୋହିତ, ପ୍ରଣତି କୁମ୍ଭାର, ଅଜିତ ନାରାୟଣ ହୋତା ଓ ବୃନ୍ଦାବନ ମିଶ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

**୨୮ରେ ଜିଲା ଓକିଲ ସଂଘ ନିର୍ବାଚନ**

# ସଫଳତା ପାଇଁ କଠିନ ପରିଶ୍ରମ କର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)

### ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବ

ସୋନପୁର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ସମୟାନୁବର୍ତ୍ତିତା ଓ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ସଫଳତା ପାଇବାକୁ ଛାତ୍ରମାନେ କଠିନ ପରିଶ୍ରମ କରିବାକୁ ମେହେର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଜାତୀୟ ଶିକ୍ଷାନୀତି –୨୦୨୦ର ନୂତନ ଶିକ୍ଷାପଦ୍ଧତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଘ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସିଆରସିସି ବ୍ରତାନନ୍ଦ ଭୋଇ ଓ ଆୟୋଜକ ଜୋଲିତା ମିଶ୍ର ଯୋଗଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟସ୍ତର ଓ ଜିଲାସ୍ତରରୁ ମନୋନୀତ ହୋଇ ରାଜ୍ୟସ୍ତରକୁ ଯାଇଥିବା କୃତୀ ଛାତ୍ରମାନଙ୍କୁ ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ସହୋଯାଗରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା।

# ଆଜିଠୁ କଣ୍ଟାମାଳ ଲୋକ ମହୋତ୍ସବ

କଣ୍ଟାମାଳ,୧୫।୩(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳସ୍ଥିତ ଲୋକକଳା ମଣ୍ଡପ ପଡିଆରେ ରବିବାରଠାରୁ କଣ୍ଟାମାଳ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରାର ମହାମିଳକୁ ନେଇ ଆରମ୍ଭ ହେବାକୁ ଯାଉଛି ୧୦ମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବ ଓ ରାମାୟଣ। ଏହି ମେଳା ୨୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବ। ଏହି ମେଳାକୁ ଅଧିକ ସରସ, ସୁନ୍ଦର ଓ ଆର୍କଷଣୀୟ କରିବାକୁ ଲୋକ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସମ୍ପୂର୍ଣ୍ଣ ମହୋତ୍ସବ ପଡିଆକୁ ସାଜସଜା କରାଯାଇଛି। ମହୋତ୍ସବ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା କଣ୍ଟାମାଳ ରୂପ କଳାମଣ୍ଡପରୁ ଅପରାହ୍ନ ୪ଟାରେ ଆରମ୍ଭ ହୋଇ ମହୋତ୍ସବ ପଡିଆକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରାରେ ଶହ ଶହ ସ୍ଥାନୀୟ ଓ ବାହାର କଳାକାର ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମେଳାରେ ୧୨୦ଟି ଷ୍ଟଲ ଖୋଲାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟ, ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ବ୍ୟଞ୍ଜନ, ଘର କରଣା ସାମଗ୍ରୀ ବିକ୍ରି ବ୍ୟବସ୍ଥା କରାଯାଇଛି।

# ଶରତ ମହାପାତ୍ର ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ସୁବର୍ଣ୍ଣପୁର ଜିଲା ସଭାପତି

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)

ଭୁବନେଶ୍ୱର ବୁଲେନ ଭାଇ ସେବାସଦନଠାରେ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଓଡ଼ିଶା ଶାଖାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ବିପିନ ଦାସଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ଶ୍ରୀକ୍ରିଷ୍ଣା ମୁରାରୀ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ। ଆଗାମୀ ୩ବର୍ଷ ପାଇଁ ସଙ୍ଗଠନର ରାଜ୍ୟ କମିଟି ଓ ୩୪ଟି ସାଙ୍ଗଠନିକ ଜିଲା ପାଇଁ ସଭାପତି, ମହିଳା ସଭାନେତ୍ରୀ, ଯୁବ ସଭାପତି, ସାଧାରଣ ସମ୍ପାଦକ, ଉପସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ଦିନରେ ଫ୍ରଣ୍ଟ ତରଫରୁ ସମଗ୍ର ରାଜ୍ୟରେ ହିନ୍ଦୁ ମାନଙ୍କୁ ମନ୍ଦିର ଚାଲ ଅଭିଯାନରେ ସାମିଲ କରିବା, ଗୋସମ୍ପଦର ରକ୍ଷା ପାଇଁ କଠୋର ଆଇନ ପ୍ରଣୟନ, ରାଜ୍ୟର ମଠ ମନ୍ଦିରଗୁଡିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରଖିବା, ସମସ୍ତଙ୍କ ପାଇଁ ଦ୍ୱେତ ସନ୍ତାନ ବାଧ୍ୟତା ମୂଳକ କରିବା ଆଦି କାର୍ଯ୍ୟକ୍ରମ ଆଗାମୀ ଦିନରେ ହାତକୁ ନିଆଯିବ ବୋଲି ରାଜ୍ୟ ସଂଯୋଜକ ବଳଦେବ ବେଦବାକ ପ୍ରକାଶ କରିଛନ୍ତି। ଶରତ ମହାପାତ୍ରଙ୍କୁ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ସୁବର୍ଣ୍ଣପୁର ଜିଲା ସଭାପତିଭାବେ ମନୋନୀତ କରାଯାଇଛି।


ଶରତ ମହାପାତ୍ର।

# ଚନ୍ଦ୍ରଚୂଡ଼, ପାର୍ବତୀ ପୂଜା

ବୀରମହାରାଜପୁର,୧୫।୩ (ଯୁଗଳ କିଶୋର ମିଶ୍ର)

### ରାମେଶ୍ୱର ମନ୍ଦିର ପ୍ରତିଷ୍ଠା

ବୀରମହାରାଜପୁର ବ୍ଲକ ଟିଁପାଲିରେ ନବନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବର ରବିବାର ସକାଳେ ଚନ୍ଦ୍ରଚୂଡ ଓ ପାର୍ବତୀ ପୂଜା ସହିତ ୨୪ପ୍ରହର ନାମଯଜ୍ଞ ଦ୍ୱିତୀୟ ଦିବସରେ ପହଞ୍ଚିଛି। ନାମ ସଂକୀର୍ତ୍ତନ ପାଇଁ ୨୫ରୁ ଅଧିକ ଦଳ ସାମିଲ ହୋଇଛନ୍ତି।। ସନ୍ଧ୍ୟାରେ ଜଳନ୍ଧର ଦରବାରରେ ରାଜ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ କିଶୋର କୁମାର ହୋତା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନାରାୟଣ ନନ୍ଦ, ବ୍ଲକ ବିଜେଡି ସଭାପତି ସୁରୁ ନାରାୟଣ ମହାକୁଡ଼, ପୂର୍ବତନ ଆମ୍ବା ସଭାପତି ବିବସ୍ୱତି ପଣ୍ଡା, ଅତିରିକ୍ତ ରେଞ୍ଜର ପ୍ରସନ୍ନ କୁମାର ନାଏକ, କଣ୍ଠଶିଳ୍ପୀ ମୋନାଲିସା ନନ୍ଦ ରାଜ ଅତିଥି ଭାବେ ଉପସ୍ଥିତ ଥିଲେ। ମଞ୍ଚରେ ନାରଦଙ୍କ ପରାମର୍ଶକ୍ରମେ ପାର୍ବତୀଙ୍କୁ ହରଣ କରିବା ପାଇଁ ରାହୁ ଦୈତ୍ୟଙ୍କୁ କୈଳାସ ପର୍ବତକୁ ପ୍ରେରଣ ଆଦି ପୌରାଣିକ ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା।

# ଔଷଧ ଦୋକାନ ଉପରେ ସ୍ୱତନ୍ତ୍ର ଟିମ୍‌ର ଚଢ଼ାଉ

ବୀରମହାରାଜପୁର,୧୫।୩(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲେଜ ରୋଡସ୍ଥିତ ମୁକ୍ତିତୀର୍ଥ ମେଡିକାଲ ଷ୍ଟୋରରେ ରବିବାର ପୂର୍ବାହ୍ନ ୧୧ଟାରେ ଚଢାଉ କରାଯାଇଥିଲା। ଏଥିରେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା, ଜିଲାପାଳଙ୍କ ପ୍ରତିନିଧି ଭାବେ ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ସୁବର୍ଣ୍ଣପୁର ଜିଲା ଡ୍ରଗ ଇନ୍ସପେଟର ଟିକେଶ୍ୱରୀ ମାଝୀଙ୍କ ସହ ପୋଲିସ ଟିମ ସାମିଲ ହୋଇଥିଲେ। କିଛି ଔଷଧ ପରୀକ୍ଷା ପାଇଁ ଟିମ୍ ପକ୍ଷରୁ ନିଆଯାଇଛି। ଏହି ସ୍ୱତନ୍ତ୍ର ଟିମ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ତାଙ୍କ ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି।

# ରୋତ ପାକ୍ସ: ୯ ଚାଷୀଙ୍କ ୪୮୩ କୁଇଣ୍ଟାଲ ଧାନ ଉଠିଲା

ଲୋଇସିଂହା,୧୫।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପାକ୍ସରେ ମାର୍ଚ୍ଚ ୨ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୯ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଥିଲା। ସମ୍ପୃକ୍ତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଥିଲେ। ଚାଷୀଙ୍କ ଅଭିଯୋଗକୁ ଆଧାର କରି ଏ ସଂକ୍ରାନ୍ତରେ ଗତ ୧୧ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ୯ ଜଣ ଚାଷୀଙ୍କ ଟୋକନ ଲାପ୍ସ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ତତ୍ପରତା ଦେଖାଇଥିଲା । ଶନିବାର ଉକ୍ତ ପାକ୍ସ ପକ୍ଷରୁ ୯ ଜଣ ଚାଷୀଙ୍କ ଠାରୁ ୪୮୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ପ୍ରକାଶ ଯେ, ଆଗଲପୁର ବ୍ଲକ ରୋତ ପାକ୍ସ ଅଧୀନ ଚାଷୀ ଶ୍ରୀପତି ପଟେଲ ସୁମିତ ପଟେଲ, ସୀତାରାମ ପଧାନ, ଧନୁର୍ଦ୍ଧର ବେହେରା, ଶ୍ରୀକାନ୍ତ ବାଙ୍କ, ବାଣ୍ଡୁଆ ବେହେରା, ସୁରେଶ ପଟେଲ, ତ୍ରିଲୋଚନ ବରିହା, କରୁଣାକର ମହାକୁର ପ୍ରମୁଖ ଚାଷୀ ଟୋକନ ପାଇ ଧାନ ବିକ୍ରି ପାଇଁ ଆଣିଥିଲେ। ସମ୍ପୃକ୍ତ ଚାଷୀଙ୍କ ଧାନ ଗାଡିରେ ଲୋଡ ହୋଇ ସାରିଥିଲା । କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚାଷୀଙ୍କ ଆଖି ସ୍କାନିଂ ସମ୍ଭବ ହୋଇପାରିନଥିଲା। ଟୋକନର ଶେଷ ତାରିଖ ହୋଇଥିବାରୁ ସମ୍ପୃକ୍ତ ଚାଷୀଙ୍କ ଲାପ୍ସ ହୋଇଥିଲା। ବଲାଙ୍ଗୀର ସମବାୟ ବିଭାଗରୁ ସୂଚନା ପାଇ ଜିଲାପାଳ ଗୌରବ ଶିବାଜୀ ଇସଲୱାର ରାଜ୍ୟ ସରକାରଙ୍କ ବିଭାଗୀୟ ସଚିବଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରି ସମ୍ପୃକ୍ତ ଚାଷୀଙ୍କ ଟୋକନ ପୁନଃ କାର୍ଯ୍ୟକ୍ଷମ କରି ଧାନ କ୍ରୟ କରିବାକୁ ନିବେଦନ କରିଥିଲେ।

**ଧରିତ୍ରୀ ପ୍ରଭାବ**

# ୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ପଲସାଗୋରା,୧୫।୩(ଅଶ୍ୱିନୀ ନନ୍ଦ)

ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ରବିବାର ମାତାକୁପା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରି ୩ କୁଇଣ୍ଟାଲ ୮୬ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଆଇଆଇସି ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ କଣ୍ଟାମାଳ ପୋଲିସ ଶିମିଳିଯୋରା ଗ୍ରାମ ପାଖରେ ୨୧ କେଜି ଗଞ୍ଜେଇ ସହିତ ବାଇକ୍ ଜବତ କରିଛି। ଏହି ଘଟଣାରେ ୨ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଉତ୍ତରପ୍ରଦେଶ ରାଜ୍ୟ ଗଙ୍ଗାପୁର ଜିଲା ଫିଆଜଗଞ୍ଜ ବେହେତାର ସାହିର ଅଲ୍ଲୀ ଏବଂ ନାହ୍ନେ। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ଭୋଇସୂଚନା ଦେଇଛନ୍ତି ।


ପୋଲିସ ଜବତ କରିଥିବା ଗଞ୍ଜେଇ।

# ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ସୋନପୁର ବ୍ଲକ ଡୁଙ୍ଗୁରିପାଲିସ୍ଥିତ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟଠାରେ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବର ଉଦ୍‌ଯାପନୀ ଦିବସରେ ସକାଳେ ଶିକ୍ଷକ ଜୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗ ଦେଇଥିଲେ । ନାୟକ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୃଷ୍ଟି ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଆଞ୍ଜଲିନା ପଧାନ, ପୁରାତନ ଛାତ୍ର ତଥା ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ ମେହେର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁଡ଼ ଓ ଜିଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ଯୋଗଦେଇ ନୈତିକ ଶିକ୍ଷା ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଦ୍ୟାଇଥିଲା।



ଉଦଯାପନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସଂକ୍ଷେପରେ

### ଗୋମାଂସ ଜବତ, ଜଣେ ଗିରଫ

ବଡ଼ଗାଁ,୧୫।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ରବିବାର ଗୋମାଂସ ଜବତ ହୋଇଛି। ଏହି ଘଟଣାରେ ବଡ଼ଗାଁ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଲିଙ୍ଗ ରୋହିଦାସ(୫୦)। ଏନେଇ ଥାନାରେ ଏକ ମାମଲା(ନଂ. ୯୩/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରୋହିଦାସଙ୍କ ଘରେ ଗୋମାଂସ ରଖାଯାଇଥିବା ଗ୍ରାମର କେତେଜଣ ବ୍ୟକ୍ତି ରବିବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ ଥାନା ପୋଲିସକୁ ସୂଚନା ଦେଇଥିଲେ। ଥାନା ସବ୍ ଇନ୍ସପେକ୍ଟର ସୁନୀଲଚନ୍ଦ୍ର ମହନ୍ତ, ଏଏସ୍ଆଇ ବୋନିସନ ନାଏକ ଅପରାହ୍ନ ୧ଟାରେ ପୋଲିସ ଫୋର୍ସ ସହ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତାଙ୍କ ଘରୁ ପୋଲିସ ଏକ କିଲୋ ଗୋମାଂସ ଜବତ କରିଥିଲା।

### କୂଅରେ ପଡ଼ି ଯୁବକ ମୃତ

ବଣାଇଁ, ୧୫।୩(ପ୍ରଦୀପ ତ୍ରିପାଠୀ)

ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କୁଣ୍ଡେଇଡିହା ନିକଟ ବାଲିଆ ଗ୍ରାମରେ ଏକ କୂଅରେ ପଡ଼ି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବ ଓରାମ(୨୯)। ଏନେଇ ଗୁରୁଣ୍ଡିଆ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତ ଶିବଙ୍କ ଘରଲୋକଙ୍କ କହିବା ଅନୁସାରେ, ସେ ପ୍ରାୟ ୧୫ ଦିନ ହେବ ଅନ୍ୟମନସ୍କ ରହୁଥିଲେ। ପାଗଳଙ୍କ ପରି ବ୍ୟବହାର କରୁଥିଲେ। ଗତ ୧୧ ତାରିଖରୁ ସେ ଘରୁ କୁଆଡ଼େ ପଳାଇଯାଇଥିଲେ। ରବିବାର ସକାଳେ ଉକ୍ତ ଗ୍ରାମରେ ଥିବା ଏକ କୂଅରେ ପଡ଼ିଥିବା ଗ୍ରାମବାସୀ ଦେଖି ଗୁରୁଣ୍ଡିଆ ଥାନାକୁ ଖବର ଦେଇଥିଲେ। ଗୁରୁଣ୍ଡିଆ ଥାନା ଅଧିକାରୀ ଏବଂ ଗୁରୁଣ୍ଡିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କୂଅ ଭିତରୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୋମବାର ବ୍ୟବଚ୍ଛେଦ କରାଯିବ।

### ବିଧବାଙ୍କ ସହ ଶାରୀରିକ ସମ୍ପର୍କ, ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୧୫।୩(ମହେନ୍ଦ୍ର କୁମାର ସାହୁ)

ଜଣେ ୩ ସନ୍ତାନର ବିଧବା ମହିଳାଙ୍କୁ ପ୍ରଲୋଭିତ କରି ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ବୀରମିତ୍ରପୁର ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କଚାରୁ ଗ୍ରାମର ଜନସନ ଟେଟେ(୩୬)। ଏନେଇ ଥାନାରେ ଏକ ବଳାତ୍କାର ମାମଲା(ନଂ.୧୧୧/୨୦୨୬) ରୁଜୁକରି ଆଇଆଇସି ରାମ ପ୍ରସାଦ ନାଗ ଘଟଣାର ତଦନ୍ତ କରିବା ସହ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଛନ୍ତି। ଆଇଆଇସି ନାଗଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜନସନ ଗତ ୬ରୁ ୭ ମାସ ତଳେ ବିଧବା ମହିଳାଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରିଥିଲେ। ଏହାପରେ ତାଙ୍କ ସହ କଥା ହେବା ପାଇଁ ଏକ ମୋବାଇଲ ଦେଇଥିଲେ। ପରେ ଜନସନ ତାଙ୍କ ସହଯୋଗୀଙ୍କ ସହାୟତାରେ ପୀଡ଼ିତାଙ୍କୁ ପ୍ରଲୋଭିତ କରି କୁଆଁରମୁଣ୍ଡା, ରାଜଗାଙ୍ଗପୁର, ଖେରବନ୍ଧ ଆଦି ସ୍ଥାନକୁ ନେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ଘଟଣା ବିଷୟରେ କାହାରିକୁ ନ ଜଣାଇବା ପାଇଁ ଧମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଜଣଙ୍କ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ।

# କେଉଁଠି ପାଣି ନାହିଁ ତ କେଉଁଠି ରାସ୍ତାରେ ଭାସୁଛି

■ କୁଆଁରମୁଣ୍ଡା ଚେକ୍‌ଗେଟ୍ ନିକଟରେ ପାଣି ପାଇପ୍ ଫାଟି କୃତ୍ରିମ ବନ୍ୟା

■ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ

କୁଆଁରମୁଣ୍ଡା,୧୫।୩(ମହେନ୍ଦ୍ର କୁମାର ସାହୁ)



କୁଆଁରମୁଣ୍ଡା ଚେକ୍‌ଗେଟ୍ ନିକଟରେ ଦୁଇଦିନ ହେଲା ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି।

ସମ୍ପ୍ରତି ଚୈତ୍ରମାସ ପ୍ରାରମ୍ଭରେ ରୌଦ୍ରତାପ ବୃଦ୍ଧି ଯୋଗୁ ତାପମାତ୍ରା ଅସହ୍ୟ ହେଲାଣି। ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ ଜଳଉତ୍ସ ହ୍ରାସ ପାଇଲାଣି। ହେଲେ ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଯୋଗାଣ ହେଉଥିବା ପାଇପ୍ ଯୋଗେ ପାଣି ଲୋକଙ୍କ ନିକଟରେ ଯେତିକି ପହଞ୍ଚୁଛି ତାହା ଠାରୁ ଢେର୍ ଗୁଣରେ ପାଇପ୍ ଫାଟି ରାସ୍ତାରେ ଭାସୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା ବ୍ଲକର ପ୍ରବେଶପଥ କୁହାଯାଉଥିବା ଚେକ୍‌ଗେଟ୍ ଅଞ୍ଚଳ। ଶନିବାର ସେଠାରେ ପାଣି ପାଇପ୍ ଫାଟି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରିଥିଲା ବେଳେ ଅନୁରୂପ ଅବସ୍ଥା ମଧ୍ୟ ରବିବାର ଦେଖିବାକୁ ମିଳିଛି। ସେଠାରେ ପାଣି ନଷ୍ଟ ହେଉଥିବା ବେଳେ ଅନ୍ୟ ଅଞ୍ଚଳର ଲୋକମାନେ ଜଳକଷ୍ଟ ଭୋଗିବା ଆରମ୍ଭ କଲେଣି। ରାସ୍ତାରେ ପାଣି ଭାସୁଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏନେଇ କୁଆଁରମୁଣ୍ଡା ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଭାଗୀରଥି ବାବୁଙ୍କୁ ଯୋଗାଯୋଗ କରିବାରୁ, ଛୁଟିଦିନ ଥିବାରୁ ମୁଁ ବାହାରେ ଅଛି। ଲୋକ ପଠାଇ ଆବଶ୍ୟକ ମରାମତି କରାଯିବ ବୋଲି ସେ କହିଛନ୍ତି।

# ପୋଚ, ମହୁଲି ମଦ ନଷ୍ଟକଲେ ମହିଳା ଗୋଷ୍ଠୀ ସଦସ୍ୟା


ଅବକାରୀ କର୍ମଚାରୀଙ୍କ ଉପସ୍ଥିତିରେ ପୋଚ ଓ ମଦ ଜବତ।

ବଡ଼ଗାଁ, ୧୫।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତର ଲାଖପଡା, ବିର୍ସୁ ସାଲେପାଲି ଓ ଛାମୁଣ୍ଡା ଗ୍ରାମର ୧୨ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମଦ ବିରୋଧରେ ଅଣ୍ଟା ଭିଡିଛନ୍ତି। ରବିବାର ସଫେଇ ନଦୀ ତଟରେ ମହୁଲି ମଦ ରନ୍ଧା ଯାଉଥିବା ୫ଟି ସ୍ଥାନରୁ ପୋଚ ଓ ମହୁଲି ମଦ ମହିଳାମାନେ ଅବକାରୀ କର୍ମଚାରୀଙ୍କ ଉପସ୍ଥିତିରେ ନଷ୍ଟ କରିଛନ୍ତି। ସଦସ୍ୟା ମାନେ ସଫେଇ ନଦୀ କୂଳରେ ମହୁଲି ମଦ ରନ୍ଧା ଯାଉଥିବା ନେଇ ବଡ଼ଗାଁ ଅବକାରୀ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବଡ଼ଗାଁ ଅବକାରୀ ଅଧିକାରୀ ତୁଳସୀ ଶିଖା, ଏଏସଆଇ ମୁକେଶ ପଟେଲଙ୍କ ଉପସ୍ଥିତରେ ପୋଚ ନଷ୍ଟ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଲାଖପଡା, ବୀର୍ସୁ , ସାଲେପାଲି ଓ ଛାମୁଣ୍ଡା ଗ୍ରାମରେ ଅବାଧ ମହୁଲି ମଦ ବିକ୍ରୀ କୁ ସ୍ଥାନୀୟ ଅଞ୍ଚଳର ମହିଳା ସ୍ୱୟଂ ସହାୟକା ଗୋଷ୍ଠୀ ସଦସ୍ୟାମାନେ ବିରୋଧ କରିଆସୁଛନ୍ତି। ତେବେ ମହିଳା ଗୋଷ୍ଠୀଙ୍କ ଏହି ମଦ ବିରୋଧୀ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଗତ କିଛି ବର୍ଷ ହେଲା ଏହି ସବୁ ଗ୍ରାମର ମହିଳା ମାନେ ମଦ ବିକ୍ରି ବନ୍ଦ କରିବାକୁ ପ୍ରୟାସ କରିଆସୁଛନ୍ତି। ତେବେ କେଉଁ ସ୍ଥାନରେ ମଦ ପ୍ରସ୍ତୁତ ହେଉଛି ଓ ବିକ୍ରି ହେଉଛି ସେ ସମ୍ପର୍କ ମହିଳା ମାନେ ଜାଣିପାରୁଥିଲେ ମଧ୍ୟ ଅବକାରୀ ବିଭାଗ କର୍ମଚାରୀ କିପରି ଜାଣିପାରୁ ନାହାନ୍ତି ସେ ନେଇ ସାଧାରଣରେ ଆଲୋଚନା ହେଉଛି।

# କବିତା ସଙ୍କଳନ 'ନବଘନର ଘର' ଉନ୍ମୋଚିତ

ସୁନ୍ଦରଗଡ଼,୧୫।୩ (ଜୟ ନାରାୟଣ ମେଣ୍ଟୁଲି)

କବୟିତ୍ରୀ ଅଧାପିକା ପ୍ରଣତି ବେହେରାଙ୍କ ପ୍ରଥମ କବିତା ସଙ୍କଳନ ନବଘନର ଘର ରବିବାର ଉନ୍ମୋଚିତ ହୋଇଛି। ସୁନ୍ଦରଗଡ ପବ୍ଲିକ ସ୍କୁଲଠାରେ ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଗାଳ୍ପିକ ରାଜ କିଶୋର ଷଡ଼ଙ୍ଗୀ ମୁଖ୍ୟ ଅତିଥି, କବି ଲକ୍ଷ୍ମୀ ନାରାୟଣ ହୋତା ସମ୍ମାନିତ ଅତିଥି ଏବଂ ଆଲୋଚକ ଭାବେ ସହକାରୀ ପ୍ରଫେସର ଡକ୍ଟର ନଗେନ ଦାସ, ସହକାରୀ ପ୍ରଫେସର ଡକ୍ଟର ନୂତନ ଖମାରୀ, ଗୀତିକବି ଗୋପକୃଷ୍ଣ ନାୟକ ଯୋଗଦେଇଥିଲେ। ଅତିଥିମାନେ ଏହି କବିତା ସଙ୍କଳନକୁ ଉନ୍ମୋଚିତ କରି କବିତା ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ। ନୂତନ ପିଢୀ ଓଡ଼ିଆ ଭାଷା ସାହିତ୍ୟକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। କବି ତ୍ରିନାଥ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଉଦିତ ନାଏକ, ପୁଷ୍ପଲତା ପାଣିଗ୍ରାହୀ, ନିଶିକାନ୍ତ ମିଶ୍ର, ଅଶୋକ ରାଉତ, ସୁସ୍ମିତା ଯୋଶୀ, ସୁଷମା ପଟେଲ, ବିଶ୍ୱରଞ୍ଜନ ହୋତା, ଭୀକାରୀ ଚୌଧୁରୀ, ସୁସ୍ମିତା ମହାପାତ୍ର, ରଶ୍ମି ସାହୁ, ବିଜୟନୀ ନାୟକ, ସ୍ମିତା ମିଶ୍ର, ଲୋପାମୁଦ୍ରା ମିଶ୍ର, ଅଶୋକ ପଟ୍ଟନାୟକ, ସତ୍ୟଭାମା ପଟେଲ, ନିତମ୍ବିନୀ କର, ମୀନାରାଣୀ ସହାୟ, ଆଶିଷ ଭୋଇ, ପ୍ରତାପ ପଟ୍ଟନାୟକ, ପ୍ରତାପ ପଣ୍ଡା, ଶ୍ୟାମପଦ ମିଶ୍ର ପ୍ରମୁଖ କବିତା ଗୁଡିକ ଆଲୋଚନା କରିଥିଲେ। ପରେ ଶିବାଶିଷ ପାଢୀ ଓ ସ୍ନିଗଧା ନାଏକଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ଆସରରେ ପରେଶ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିବିଧ ବିଶ୍ୱ ଧନ୍ୟବାଦ ଦେଇଥିଲେ।

# ଖୁଣ୍ଟୁଗାଁରେ କଳାକାର ସମ୍ମିଳନୀ



ଲହୁଣୀପଡା,୧୫।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟୁଗାଁଠାରେ ଓଁ ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣି ଆଞ୍ଚଳିକ କଳାସଂସ୍କୃତି ସଂଘ ତରଫରୁ ରବିବାର କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ମୁଖ୍ୟ ବକ୍ତାଭାବେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ ଉପ ସଭାପତି ବିପ୍ର ଚରଣ ଜୟପୁରିଆ, ସମ୍ମାନିତ ଅତିଥିଭାବେ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡ଼ିଆ, ପୂର୍ବତନ ସରପଞ୍ଚ ଅଜୟ କୁମାର ନାୟକ, ବରିଷ୍ଠ କଳାକାର ଖଗେଶ୍ୱର ବାରିକ, ବ୍ଲକ ବିକେଏସଏସ ଉପସଭାପତି ପ୍ରଫୁଲ୍ଲା ପଲେଇ, ବିଧାୟକ ପ୍ରତିନିଧି ସମୀର କୁମାର ନାୟକ, ଭାଜପା ମଣ୍ଡଳ ସଭାପତି ନିରାକାର ନାୟକ ଯୋଗ ଦେଇଥିଲେ। ସଂଘ ସଭାପତି ଶୁକଦେ ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ଭୁବନାନନ୍ଦ କିଷାନ ଅତିଥି ପରିଚୟ ଓ ମଞ୍ଚପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହିପରି କଳାକାର ସମ୍ମିଳନୀ ମାଧ୍ୟମରେ ଅଞ୍ଚଳର ଲୋକ କଳା ଓ ପାରମ୍ପରିକ ସଂସ୍କୃତିକୁ ଜୀବନ୍ତ ରଖିବା ସହିତ ଯୁବପିଢ଼ିକୁ ପ୍ରେରଣା ଯୋଗେଇବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଭଜନ ଓ ପାରମ୍ପରିକ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। ହୃଦାନନ୍ଦ ବର୍ଗର୍ତ୍ତି, ସୋମନାଥ ମୁଣ୍ଡାରୀ, ବିଷ୍ଣୁ ଚରଣ ନାୟକ, ରସାନନ୍ଦ ଧରୁଆ, ପ୍ରହ୍ଲାଦ ଛରଦିଆଙ୍କ ସମେତ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଞ୍ଚଳର କଳାକାର, କଳାପ୍ରେମୀ ଓ ଗ୍ରାମବାସୀ ଯୋଗ ଦେଇଥିବା ଜଣାପଡିଛି।

# ବଣାଇଁଗଡ଼ ମହାବିଦ୍ୟାଳୟ ଆଲୁମ୍‌ନି ଗୃହ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବଣାଇଁ, ୧୫।୩(ପ୍ରଦୀପ ତ୍ରିପାଠୀ)

ବଣାଇଁଗଡ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସଂଘ ଆଲୁମିନି ଆସୋସିଏଶନ ପକ୍ଷରୁ ରବିବାର ନୂତନ ଆଲୁମନି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଆଲୁମନି ଆସୋସିଏଶନ ସଭାପତି ତଥା ମହାବିଦ୍ୟାଳୟର ପ୍ରଥମ ବ୍ୟାଚ ଛାତ୍ର ଅବସରପ୍ରାପ୍ତ ଶିକ୍ଷାବିତ ଶୁଭେନ୍ଦ୍ର ନାଥ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ, ଅନ୍ୟତମ ସ୍ୱତନ୍ତ୍ର ଅତିଥିଭାବେ ପୂର୍ତ୍ତ ବିଭାଗ ରାଉରକେଲା ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ, ବଣାଇଁ ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏନେଇ ଅୟୋଜିତ ବୈଠକରେ ବଣାଇଁଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୁମିନି ଆସୋସିଏଶନର ଚେୟାରମ୍ୟାନ ଡ. ଜେନାମଣି ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ଅତିଥିଭାବେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜସଶ୍ୱିନୀ ମିଶ୍ର, ବଣାଇଁ ଡିଏଫଓ ଲଳିତ ପାତ୍ରଙ୍କ ସହିତ ଆଲୁମନି ଆସୋସିଏଶନ ସଭାପତି ଶୁଭେନ୍ଦ୍ର ନାଥ ମଲ୍ଲିକ, ଉପ ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ସମ୍ପାଦକ ବିଜନ କୁମାର ସେନ, କୋ ଅର୍ଡିନେଟର ଡ. ପ୍ରେମ ସାଗର ମହାନ୍ତ, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ବିନୟ ଦାସ, ଯୁବ ଶିଳ୍ପଦ୍ୟୋଗୀ ସୁନିଶ ଜୟସୱାଲ ମଞ୍ଚାସୀନ ଥିଲେ। ଗୁରୁଣ୍ଡିଆ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟାପକ ତଥା ଆଲୁମନି ସଦସ୍ୟ ତପନ କୁମାର ଦଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ଅୟୋଜିତ ସଭାରେ ସମସ୍ତ ଆଲୁମନି ସଦସ୍ୟଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୁମନି ସଂଘ ଏକ ମାଧ୍ୟମ ଓ ତାରି ଜରିଆରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏବେ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଦଣ୍ଡିଆ, ଶିରାଜ ଖାନ, ମାନସ ସାହୁ, ଚିନ୍ମୟ ତ୍ରିପାଠୀ, ଅଜୟ ବୋଷ ପ୍ରମୁଖ ସହଯୋଗୀତା କରିଥିଲେ। ଦୀର୍ଘ ୫୫ ବର୍ଷର ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଯୋଗ ଦେଇଥିଲେ।

# ଭାଇଚାରାର ବାର୍ତ୍ତା ଦେଲା ସର୍ବଧର୍ମ ଇଫ୍‌ତାର୍ କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୫।୩(ଜୟ ନାରାୟଣ ମେଣ୍ଟୁଲି)


ଇଫତାର୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୁନ୍ଦରଗଡ ସହରର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଓ ସଦର ମସଜିଦ କମିଟିର କର୍ମକର୍ତ୍ତା।

ସୁନ୍ଦରଗଡ ସଦର ସୁନ୍ନୀ ମସଜିଦ ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ସର୍ବଧର୍ମ ଇଫତାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସହରର ସମସ୍ତ ପୂଜା ସ୍ଥଳୀ, ଗୀର୍ଜା, ପୂଜା କମିଟି, ମନ୍ଦିର କମିଟି ସଦସ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତା ସହ ବହୁ ଗଣମାନ୍ୟ ବ୍ୟକ୍ତି ଏହି ଇଫତାର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଆୟୋଜନରେ ଖାଜା ଗରିବ ନୱାଜ କମିଟିରେ ଏମଡି କଲିମ, ଏମଡି ଅଜିମ, ଏମଡି ସାବୀର ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ପୂର୍ବତନ ପୌରାଧ୍ୟକ୍ଷ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ଉପାଧ୍ୟକ୍ଷ ସୁମନ୍ତ ପଣ୍ଡା, ସଦର ତହସିଲଦାର କୁଳମଣି ରଣବିଡା, ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ସଦର ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର, ଟାଉନ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା, ବରିଷ୍ଠ କଂଗ୍ରେସ ନେତା ବେଣୁମାଧବ ତ୍ରିପାଠୀ, ଭାଜପା ନେତା ଯଶୋବନ୍ତ ନାଏକ, ସନ୍ତୋଷ ଅମାତ, ଜିଲା କଂଗ୍ରେସ ସଭାପତି ନିର୍ମଳ ନାଏକ, ଅଜିତ ପ୍ରସାଦ, ଟିମ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା, ରାଜଗାଙ୍ଗପୁର ପୌରପାଳିକାର ଉପାଧ୍ୟକ୍ଷ ଏମଡି ଇରଫାନ, ଜିତୁ ଦାସ, ଜୟନ୍ତ ନାଏକ, ଅନୀଲ ବରୁଆ, ଜିତୁ ଦାସ, ନହ୍ନେ ଶାହାବୁଦ୍ଦିନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧିମାନେ ଏହି ଇଫତାର କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଇଚାରାର ବାର୍ତ୍ତା ଦେଇଥିଲେ।

# ତମଲେଙ୍ଗ ହିନ୍ଦୁ ଦୁଧଖଡ଼ିଆ ସମାଜର ବାର୍ଷିକ ବନ୍ଧୁମିଳନ

ସୁନ୍ଦରଗଡ଼,୧୫।୩(ଜୟ ନାରାୟଣ ମେଣ୍ଟୁଲି)

ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦର୍ଲିପାଲିସ୍ଥିତ ଆର୍‌ଆର କଲୋନୀରେ ରବିବାର ତମଲେଙ୍ଗ ହିନ୍ଦୁ ଦୁଧଖଡ଼ିଆ ସମାଜର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦର୍ଲିପାଲି ଆଞ୍ଚଳିକ ଗୁଡ଼ି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଦର୍ଲିପାଲି ଗୁଡ଼ି ସଭାପତି ଫୁଲଚନ୍ଦ ଖଡ଼ିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସମ୍ବଲପୁର ତମଲେଙ୍ଗ ହିନ୍ଦୁ ଦୁଧଖଡ଼ିଆ ସମାଜର ସଭାପତି ରାଜୁ କେର୍‌କେଟା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ଏକତା ଓ ପାରମ୍ପରିକ ସଂସ୍କୃତିକୁ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ବସନ୍ତ କୁକବାଗ, ସଞ୍ଜୁ ଖଡ଼ିଆ, ଦୁବରାଜ ଖଡ଼ିଆ ଓ ଶତ୍ରୁଘନ ଖଡ଼ିଆ ଯୋଗଦେଇ ସମାଜର ଅଗ୍ରଗତି ପାଇଁ ସମସ୍ତଙ୍କୁ ଏକତାବଦ୍ଧ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ସମାଜରେ ବଢ଼ିଚାଲିଥିବା ଅସାମାଜିକ କାର୍ଯ୍ୟକଳାପରୁ ଯୁବପିଢ଼ି କିପରି ଦୂରେଇ ରହିବେ ଓ ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ସମାଜକୁ ଆଗକୁ ନେବା ଦିଗରେ ଅତିଥିମାନେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ସମସ୍ତ ବ୍ଲକ୍‌ରେ ଥିବା ଗୁଡ଼ି କମିଟିର ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋରେଖ ଖଡ଼ିଆ, ସୀତାରାମ ଖଡ଼ିଆ, ମୁନ୍‌ସୀ ଆଗରାମ, ରାଜନ ଖଡ଼ିଆ, ରମେଶ ଖଡ଼ିଆ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଆକାଶ ଏକାଦଶ ଚାମ୍ପିୟନ

୬ଷ୍ଠ ବାଳକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବଣାଇଁ, ୧୫।୩ (ପ୍ରଦୀପ ତ୍ରିପାଠୀ )

ବଣାଇଁଗଡ ସହରସ୍ଥିତ ବହୁମୁଖୀ ଖେଳପଡିଆଠାରେ ଷଷ୍ଠ ବାଳକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୩ଦିନ ଧରି ଚାଲିଥିବା ବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ବଣାଇଁର ଜଣାଶୁଣା ସମାଜସେବୀ ହରି ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ଫାଇନାଲ ମ୍ୟାଚ ଆକାଶ ଏକାଦଶ ଦଳ ସହିତ ଖଣ୍ଡାଧାର ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଆକାଶ ଏକାଦଶ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇଁଗଡ ହନୁମାନ କମିଟି ସଭାପତି ରୁଦ୍ର ଚରଣ ବାରିକ, ସ୍ୱତନ୍ତ୍ର ଅତିଥିଭାବେ କାମାକ୍ଷାନଗର ସହରର ଜଣେ ଜଣାଶୁଣା ବ୍ୟବସାୟୀ ସନ୍ତୋଷ କୁମାର ମହାପାତ୍ର, ସମାଜସେବୀ ତଥା ବ୍ୟବସାୟୀ ମଧୁସୂଦନ ବେହେରା, ସମ୍ମାନିତ ଅତିଥିଭାବେ ସମାଜସେବୀ ଧର୍ମ ବୀର ପ୍ରସାଦ ଦାଶ, ହେମନ୍ତ ପାତ୍ର, ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତା ଆମ୍ପାୟାର ଭାବେ ଆବାସ କୁମାର ବିଶ୍ୱାଳ ଓ ଅଶୋକ କୁମାର ସେଠ, ପ୍ରଶାନ୍ତ ପାତ୍ର, ଅରୁଣ ନାଏକ, ଜ୍ୟୋତି ଶଙ୍କର ଦେହୁରୀ ପରିଚାଳନା କରୁଥିଲେ। ପ୍ରତିଯୋଗିତାର ସଭାପତି ଭାବେ ଶିଶିର ରଞ୍ଜନ ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର କିସାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଦସ୍ୟ ରଣଜିତ ମୁଣ୍ଡା, ବୁଲୁ ବାରିକ, ସତ୍ୟ ରଞ୍ଜନ ମାହାନ୍ତି, ଅବିନାଶ ସାହୁ ପ୍ରମୁଖ କ୍ରିକେଟ ଖେଳକୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସହାୟତା କରିଥିଲେ।


ଅତିଥିଙ୍କ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳଳାଳି।

# ରାଜରାସ୍ତାରେ ବ୍ରାହ୍ମଣ ସମାଜର ବ୍ରହ୍ମନାଦ

ସୁନ୍ଦରଗଡ଼,୧୫।୩(ଜୟ ନାରାୟଣ ମେଣ୍ଟୁଲି)

ଓଡ଼ିଶା ବ୍ରାହ୍ମଣ ମହାସଂଘ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ରବିବାର ଜିଲା ସ୍ତରୀୟ ବ୍ରାହ୍ମଣ ପରିବାର ସମାବେଶ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶ ପୂର୍ବରୁ ସ୍ଥାନୀୟ ସିଭିକ ସେଣ୍ଟର ଠାରୁ ଏକ ସୁସଜ୍ଜିତ ରଥ ସହିତ ଶତାଧିକ ବ୍ରାହ୍ମଣ ପରିବାର ଶଙ୍ଖ ଘଣ୍ଟ, ହୁଳହୁଳି,ବେଦମନ୍ତ୍ର, ବ୍ରହ୍ମନାଦ ମାଧ୍ୟମରେ ସହର ପରିକ୍ରମା କରିଥିଲେ।

ପର୍ଶୁରାମ ବେଶ ଧାରଣ ପୂର୍ବକ ପ୍ରଭାସ ମିଶ୍ର ପଟୁଆରର ସର୍ବାଗ୍ରେ ପଦ ଚାରଣ କରିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସହର ପରିକ୍ରମା ପରେ ସ୍ଥାନୀୟ ସିଭିକ୍ସ ସେଣ୍ଟରରେ ଜିଲା ସଭାପତି ଗୌରଶଙ୍କର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁନ୍ଦରଗଡ଼ ପୌର ପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି, ଓଡ଼ିଶା ବ୍ରାହ୍ମଣ ସମାଜ ସଭାପତି ଦୁଃଶାସନ ଶତପଥୀ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ମିଶ୍ର, କେନ୍ଦୁଝର ସଭାପତି ଅନିରୁଦ୍ଧ କର, ସମ୍ବଲପୁର ସଭାପତି ଅଲେଖ ପତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଜଗଦୀଶ ଠାକୁର, ସରୋଜ କୁମାର ମିଶ୍ର, ସୁଜାତା ଦାଶ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ସନାତନ ଧର୍ମର ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ସାମାଜିକ ଉତଥାନର ବିଦ୍ଧାଣି ହେବାପାଇଁ ଆହ୍ୱାନ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପର୍ଶୁରାମଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସୁନ୍ଦରଗଡ଼ ବିଭାପା ବିଦ୍ୟାଳୟ ଛାତ୍ରୀ ଶ୍ରେୟାଶ୍ରୀ ପାଣିଗ୍ରାହୀ, ଭଗବାନ ପାରଶୁରାମଙ୍କ ଅବତାରକୁ ଓଡିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ସଭାରେ କର୍ମକାଣ୍ଡି ବ୍ରାହ୍ମଣ, ଜ୍ୟୋତିଷ ବିଶାରଦ, ଯୁବ ପ୍ରତିଭା ବେଣୁଧର ତ୍ରିପାଠୀ, ମିନତୀ ପୁରୋହିତ, ରାଜନୀକାନ୍ତ ପୁରୋହିତ, ଅଜୟ ମିଶ୍ର, କାଶୀନାଥ ପଣ୍ଡା, ଗୌରଚନ୍ଦ୍ର ଠାକୁର, ସୁବାଷ ପଣ୍ଡା, ବିଶାମିତ୍ର ପୂଜାରୀ, ସଦାନନ ଶତପଥୀ, ସତ୍ୟନାରାୟଣ ଷଡ଼ଙ୍ଗୀ, ସତ୍ୟବାନ ପୁରୋହିତ, ନିରଞ୍ଜନ ଷଡ଼ଙ୍ଗୀ, ମୁକୁନ୍ଦ ଶତପଥି, ସଦାନନ୍ଦ ଷଡ଼ଙ୍ଗୀ, ଗୁଣନିଧି ମିଶ୍ର, ମୀରାଶଙ୍କର ନନ୍ଦ, ସୁରଞ୍ଜନ ପାଢ଼ୀ, ସିଦ୍ଧାନ୍ତ ପଣ୍ଡା, ଶ୍ରୀୟାଂଶୀ ପାଣିଗ୍ରାହୀଙ୍କୁ ଓଡ଼ିଶା ବ୍ରାହ୍ମଣ ସଭା ତରଫରୁ ବିଭିନ୍ନ ଉପାଧିରେ ଭୂଷିତ କରି ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା। ସଭାରେ ସାମ୍ପ୍ରତିକ ସମାଜରୁ ଅନ୍ଧ ବିଶ୍ୱାସ, ଧର୍ମାନ୍ଧତା, କୁସଂସ୍କାର, ଜାତିଆଣ ଭାବର ଉଚ୍ଛେଦ ପାଇଁ ବ୍ରାହ୍ମଣ ସମାଜ କାର୍ଯ୍ୟ କରିବାକୁ ସାମୂହିକ ମତ ପ୍ରକାଶ ପାଇଥିଲା। ଶେଷରେ କାର୍ଯ୍ୟରତ ସଭାପତି ଗୌରଚନ୍ଦ୍ର ଠାକୁର ଏବଂ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କ ପରାମର୍ଶ କ୍ରମେ ଜିଲା ସଭାର ଅନ୍ୟାନ୍ୟ ପଦବୀ ସବୁ ପୂରଣ କରିବାକୁ ରାଜ୍ୟ ନେତୃତ୍ୱ ସୂଚନା ଦେଇଥିଲେ। ଏହି ସମାବେଶରେ ସୁନ୍ଦରଗଡ, ବଣାଇ, ବଡ ଗାଁ, ହେମଗିର, ରାଉରକେଲା ସମେତ ପଡୋଶୀ ଜିଲା ଝାରସୁଗୁଡା,ସମ୍ବଲପୁର, କେନ୍ଦୁଝର ଜିଲାରୁ ବହୁ ସଂଖ୍ୟାରେ ବ୍ରାହ୍ମଣ ପରିବାର ଯୋଗ ଦେଇଥିଲେ।


ଜିଲାସ୍ତରୀୟ ବ୍ରାହ୍ମଣ ସମାଜରେ ଯୋଗ ଦେଇଥିବା ଅତିଥିଓ କର୍ମକର୍ତ୍ତା।

**ଘରୋଇ ରନ୍ଧନ ଗ୍ୟାସ ସମସ୍ୟା ନାହିଁ**

ସମ୍ବଲପୁର,(ପ୍ରମୋଦ ବହିଦାର): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଜନିତ କାରଣରୁ ଦେଶର ବିଭିନ୍ନ ରାଜ୍ୟରେ ବ୍ୟବସାୟିକ ଗ୍ୟାସ ଯୋଗାଣରେ କଟକଣା ଲାଗୁ କରାଯାଇଛି। ହେଲେ ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରଠାରେ ସେ ଏ ନେଇ କହିଛନ୍ତି, ରାଜ୍ୟରେ ଉପଭୋକ୍ତାଙ୍କ ପାଇଁ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ ମହଜୁଦ ରହିଛି। ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସର ଅଭାବ ନ ଥିଲେ ମଧ ସେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାପାଳଙ୍କ ସହ ଆଲୋଚନା କରି ସପ୍ଲାଏ ଚେନ୍ ସ୍ୱାଭାବିକ ରଖିବାକୁ ପରାମର୍ଶ ଦେଇଥିବା କହିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା

ଝାରସୁଗଡ଼ା, ୧୫।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ରବିବାର ପୂର୍ବାହ୍ନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ହେଲେ ରାତି ପ୍ରାୟ ୮ଟାରେ ଝାରସୁଗୁଡ଼ା ସହର ସମେତ ଜିଲାର ଲଖନପୁର, କୋଲାବିରା, ଲଇକେରା, କିର୍ମିରା ଆଦି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ହଠାତ୍ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। କେତେକ ସ୍ଥାନରେ ଗଛ ଭାଙ୍ଗିପଡିଥିବାବେଳେ ପରିବା ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି। ବିଜୁଳି ଓ ଘଡ଼ଘଡ଼ି ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି।

### ଝୁମୁମୁରା ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି

ସମ୍ବଲପୁର, ୧୫।୩(ବି.ଶଙ୍କର)

ସମ୍ବଲପୁର ଜିଲା ଝୁମୁମୁରା ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି ତେଜିଛି। ଏନେଇ ରବିବାର ଝୁମୁମୁରା ସମିତି ସଭ୍ୟ ତଥା ଭାଜପା ଯୁବନେତା ଡ. ଜୟନ୍ତ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏହି ଦାବି କରିଛନ୍ତି। ଏଥିସହ ଝୁମୁମୁରାରେ ହକି ଷ୍ଟାଡ଼ିୟମର ଉନ୍ନତିକରଣ, ଷ୍ଟାଡ଼ିୟମକୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମଧୁ ଗଡ଼ତିଆଙ୍କ ନାମରେ ନାମିତ କରିବା, ଅତ୍ୟାଧୁନିକ ଶ୍ମଶାନ ଘାଟ ନିର୍ମାଣ କରିବାକୁ ମଧ ଦାବି କରିଛନ୍ତି ।

### ଡା. ଦ୍ୱିତୀୟ ଭୋଇ ବେଷ୍ଟ ସୋସିଆଲ ରିଫର୍ମର ସମ୍ମାନ ପାଇଁ ମନୋନୀତ

ଝାରସୁଗୁଡ଼ା, ୧୫।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ପଞ୍ଚଗାଁ ଗ୍ରାମର ରାଷ୍ଟ୍ରୀୟ ସାମାଜିକ କର୍ମୀ ଡା. ଦ୍ୱିତୀୟ ଭୋଇଙ୍କୁ ନେତାଜୀ ସୁଭାଷ



ନଗର ନ୍ୟୁଦିଲ୍ଲୀ ସ୍ଥିତ ୟୁନିଭର୍ସାଲ ହନୋରରୀ ଆୱାର୍ଡ କାଉନସିଲ (ୟୁଏଚ୍ଏସି) ପକ୍ଷରୁ ବେଷ୍ଟ ସୋସିଆଲ ଇନ୍‌ଫର୍ମର ଆୱାର୍ଡ ୨୦୨୬-୨୭ ସହିତ ୟୁଏଚ୍ଏସି ମେମ୍ବରଶିପ ପାଇଁ ମନୋନୀତ ହୋଇଛନ୍ତି। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ରୋଗୀଙ୍କୁ ଚିକିତ୍ସା ଉପଚାର ଯୋଗାଇବା ପାଇଁ ନିଃସାର୍ଥପର ଭାବରେ ବିଭିନ୍ନ ରାଜ୍ୟର ଡାକ୍ତରଖାନା ଯିବା, ଅସ୍ଥି ବିସର୍ଜନ ପାଇଁ ଯାତ୍ରୀଙ୍କ ପଥ ପ୍ରଦର୍ଶକ ହେବା, କରୋନା ସମୟରେ ନିର୍ଭିକ ଭାବରେ ରୋଗୀଙ୍କ ଚିକିତ୍ସା କରିବା, ବୃକ୍ଷରୋପଣ କରିବା, ନିଶାମୁକ୍ତି ଅଭିଯାନ, ଅଭିନୟ ମାଧ୍ୟମରେ ସଚେତନତା କାର୍ଯ୍ୟ କରିବା, ଜୀବଜନ୍ତୁଙ୍କୁ ଖାଦ୍ୟ ଓ ଜଳ ଯୋଗାଇବା, ରାସ୍ତାଘାଟ ସଫା କରେଇବା ଭଳି ଜନମଙ୍ଗଳ କାର୍ଯ୍ୟ କରିଛନ୍ତି। ଏହି ମନୋନୀତ ପତ୍ର ପାଇବା ପରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି। ଆଗାମୀ ଦିନରେ ସମାଜ ସେବାରେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିବେ ବୋଲି ଡ. ଭୋଇ କହିଛନ୍ତି।

# ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ

ବେଲପାହାଡ଼, ୧୫।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ପିପିଲିମାଲ ଅଞ୍ଚଳର ଅନେକ ସ୍ଥାନରେ କିଛିଦିନ ହେବ ବେଆଇନ ଭାବରେ ପାଉଁଶ ଡମ୍ପିଂ କରାଯାଉଛି। ବିଭିନ୍ନ କମ୍ପାନୀରୁ ବାହାରୁଥିବା ବର୍ଜ୍ୟ ପାଉଁଶ ଭାରିଯାନରେ ଅଣାଯାଇ ରାତିବେଳା ପକାଯାଉଛି। ଫଳରେ ଏହି ପାଉଁଶ ଉଡ଼ି ନିକଟସ୍ଥ ଜଳାଶୟରେ ମିଶୁଛି। ଏହି ପାଣି ବ୍ୟବହାର କଲେ ଚର୍ମରୋଗ ହେବା ସମ୍ଭାବନା ରହିଛି। ସେହିପରି ଏହି ପାଉଁଶ ଉଡ଼ି ଚାଷଜମିରେ ମିଶିବା ଦ୍ୱାରା ଫସଲ କ୍ଷତିଗ୍ରସ୍ତ ହେଉଛି। ଏପରି କି ଉକ୍ତ ପାଉଁଶ ବୋଝେଇ ଭାରିଯାନ ଚଳାଚଳ କରିବା ଦ୍ୱାରା ଗାଁ ରାସ୍ତା ନଷ୍ଟ ହେଉଛି। ପାଉଁଶ ପ୍ରଭାବରେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ



ବେଲପାହାଡ଼ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ଥାନାରେ ଅଭିଯୋଗ କଲେ ଗ୍ରାମବାସୀ**

ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ରାତିରେ ପିପିଲିମାଲର ଏକ ଖେଳପଡିଆ ନିକଟରେ କେହି ଦୁର୍ବୃତ୍ତ ପାଉଁଶ ଡମ୍ପିଂ କରି ପଳାଇ ହୋଇଯାଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ପାଉଁଶ ଡମ୍ପିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରବିବାର ସନ୍ଧ୍ୟାରେ ପିପିଲିମାଲ ଅଞ୍ଚଳବାସୀ ବେଲପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରା ନ ଗଲେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବେଲପାହାଡ଼ ଆଇଆଇସି ବିକାଶ କଲେତ କହିଛନ୍ତି, ପାଉଁଶ ଡମ୍ପିଂକୁ ନେଇ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଚାଲିଛି।

# ଜୁଆଖେଳ ବେଳେ ଚଢ଼ାଉ, ୬ ଗିରଫ

ଲଇକେରା, ୧୫।୩(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ତେନ୍ତେଲାମାଲ ଜଙ୍ଗଲରେ ଶନିବାର ରାତିରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲଇକେରା ଥାନା ଅଧୀନ କାଦୋଦରହ ଗ୍ରାମର ଯୋଗୀନ୍ଦ୍ର ସତମଲ୍ଲିକ, କାଙ୍କକୁମର ଗ୍ରାମର କହ୍ନେଇ ଛତ୍ରିଆ, ତାଲମୁଣ୍ଡା ଗ୍ରାମର ଚିତ୍ରସେନ ସମର୍ଥା, ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବରବ ଗ୍ରାମର ହୀରାଧର ସାହୁ, ବଡୋପଡ଼ା ଗ୍ରାମର ନାରାୟଣ ମିଞ୍ଜ ଓ ମଦନ ବାଗ୍। ଏଥିସହ ୬ଟି ବାଇକ୍, ୫ଟି ମୋବାଇଲ, ୮୨୫୦ ଟଙ୍କା, ତାସ୍, ପଟି, ଲାଇଟ୍ ଇତ୍ୟାଦି ସାମଗ୍ରୀ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ତେନ୍ତେଲାମାଲ ଜଙ୍ଗଲରେ ଜୁଆଖେଳ ଚାଲିଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଯୋଗୀନ୍ଦ୍ର ଏହି ଜୁଆଖେଳର ମୁଖ୍ୟ ଆୟୋଜକ ବୋଲି ଜଣାପଡିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଶିବିରରେ ୩୦୯ ଜଣଙ୍କ ଚକ୍ଷୁ ପରୀକ୍ଷା




ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଝାରସୁଗୁଡ଼ା, ୧୫।୩(ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ(ଓପିଜିସି) ଲିମିଟେଡ୍ ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ରବିବାର ସକାଳେ ଝାରସୁଗୁଡ଼ା ଜିଲା ତିଲିଆ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର କେୟାର ନେତ୍ରମ୍ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହାକୁ ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମ୍‌ର ମେଡିକାଲ ଟିମ୍ ଉପସ୍ଥିତ ଥିଲେ। ଶିବିରରେ ଆଖପାଖ ୧୧ରୁ ଊର୍ଦ୍ଧ୍ୱ ଗ୍ରାମର ୩୦୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ୍ ୨୭୭ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୧୧ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସ୍ଆର୍ ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଜିନିଷ କିଣିବାବେଳେ ମୂଲ୍ୟ, ଏକ୍ସପାଏରି ତାରିଖ ଦେଖନ୍ତୁ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼, ୧୫।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବୈଧମାପ ବିଜ୍ଞାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ରବିବାର ପାଳିତ ହୋଇଯାଇଛି। ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ରଞ୍ଜନା କୁମାରୀ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପଜିଲାପାଳ ପରକ୍ଷିତ ସାହୁ,

**ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ**

ବରେଣ୍ୟ ଅତିଥି ଭାବେ ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଅତିରିକ୍ତ ଯୋଗାଣ ଅଧିକାରୀ ଜିତେନ କୁମାର ରାଉତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ କହିଛନ୍ତି, ଗ୍ରାହକ କୌଣସି ଜିନିଷ କିଣିବାବେଳେ ତାହାର ମୂଲ୍ୟ ଓ ଏକ୍ସପାଏରୀ ତାରିଖ ଦେଖିବା ଉଚିତ୍। ଦୋକାନୀ ଉଚିତ୍ ମୂଲ୍ୟରେ ଜିନିଷ ନ ଦେଲେ ଖାଉଟି ଅଦାଲତର ଆଶ୍ରୟ ନିଅନ୍ତୁ। ଏଥିସହ 'ନିରାପଦ ଉତ୍ପାଦଏ ଆତ୍ମ ବିଶ୍ୱାସୀ ଉପଭୋକ୍ତା' ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବରିଷ୍ଠ ନାଗରିକ ସଂଘ ଗଠିତ

ଝାରସୁଗୁଡ଼ା, ୧୫।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବରିଷ୍ଠ ନାଗରିକ ସଂଘ ରବିବାର ଅପରାହ୍ନରେ ଗଠନ ହୋଇଛି। ଏହି ଅବସରରେ ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ କମ୍ୟୁନିଟି ହଲ୍‌ରେ ବାଲଗୋବିନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ପୂର୍ବରୁ ଥିବା ସଂଘର କର୍ମକର୍ତ୍ତାଙ୍କୁ ପୁନର୍ବାର ସମାନ ପଦବୀ ପାଇଁ ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବରେ ବାଲଗୋବିନ୍ଦ ମିଶ୍ର, ଉପସଭାପତି ନରହରି ପଟେଲ, ସମ୍ପାଦକ ଅକ୍ଷୟ କୁମାର ପଟେଲ, ଯୁଗ୍ମ ସଚିବେ ସୁଶାନ୍ତ କୁମାର ପଟେଲ, କ୍ୟାସିୟର ସୁଧାଂଶୁ ନାଏକ, ଉପଦେଷ୍ଟା ଭାବରେ ରବୀନ୍ଦ୍ର ଦୀକ୍ଷିତ ମନୋନୀତ ହୋଇଛନ୍ତି। ସୁଶାନ୍ତ ପଟେଲ ଧନ୍ୟବାଦ ଦେଇଥିଲେ।

# ଏଟିଏମ୍ ଅଚଳ, ଗ୍ରାହକ ଅସନ୍ତୁଷ୍ଟ

କୋଲାବିରା, ୧୫।୩(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସଦର ମହକୁମାରେ ଥିବା ଏସ୍‌ବିଆଇ ଏଟିଏମ୍ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଅଚଳ ହୋଇପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଗ୍ରାହକମାନେ ଟଙ୍କା ଉଠାଣ କରିପାରୁନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, କୋଲାବିରା ବ୍ଲକ୍ ସଦର ମହକୁମାରେ ବିଭିନ୍ନ ବିଭାଗର ଅଫିସ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। କୋଲାବିରା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ବହୁସଂଖ୍ୟକ ଜନସାଧାରଣ ଯାତାୟାତ କରୁଛନ୍ତି। ଅପରପକ୍ଷେ କୋଲାବିରାଠାରେ




ଅଚଳ ଏଟିଏମ୍ କାଉଣ୍ଟର ବନ୍ଦ ରହିଛି।

ଥିବା ଏଟିଏମ୍ ଉପରେ ବହୁସଂଖ୍ୟକ ଜନସାଧାରଣ ନିର୍ଭର କରୁଛନ୍ତି। ହେଲେ ଏହି ଏଟିଏମ୍ ବାରମ୍ବାର ଅଚଳ ହୋଇପଡୁଥିବାବେଳେ ତାହାକୁ ମରାମତି କରାଯାଉଛି। ପୁନର୍ବାର ଗତ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଏଟିଏମ୍ ଅଚଳ ହୋଇପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଏଟିଏମ୍ ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ୫୫୦ କିଷାନ ସମାଜର ବାର୍ଷିକ ମହାସଭା

କୋଲାବିରା, ୧୫।୩(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସୋଡ଼ାମାଲ ପଞ୍ଚାୟତ ଅଧୀନ ରେଙ୍ଗାଲପାଲିରେ ୫୫୦ କିଷାନ ସମାଜ ମହାଗୁଡ଼ିସ୍ତରୀୟ ୨୭ତମ ବାର୍ଷିକ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫୦ କିଷାନ ଜାତି ସମାଜର ବିଭିନ୍ନ ନୀତିନିୟମ, ଶିକ୍ଷା, କୁସଂସ୍କାର ଦୂର, ଝିଅପୁଅଙ୍କ ବିବାହ, ସମାଜର ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ରେଙ୍ଗାଲପାଲି ମହାଗୁଡ଼ିର ସଭାପତି ଗୌରହରି ଛତ୍ରିଆ, ସମ୍ପାଦକ ବୈଶାଖୁ ମାଝୀ, ଚୈତନ୍ୟ ବରିହା, ସମ୍ବଲପୁର ସର୍ଗିପାଲି ଆଞ୍ଚଳିକ ଗୁଡ଼ି ସଭାପତି ଜୟନାରାୟଣ ମିର୍ଦ୍ଧା, ମରାଳମାଲ ଆଞ୍ଚଳିକ ଗୁଡ଼ି ସଭାପତି ମିଶ୍ର କିଷାନ, ଗଙ୍ଗେମାଲ ସଭାପତି କ୍ଷୀରୋଦ ପ୍ରଧାନଙ୍କ ସମେତ ଅନ୍ୟମାନେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଏଥିରେ ଶତାଧିକ ସଂଖ୍ୟାରେ ଜାତି ସମାଜର ସଦସ୍ୟା,ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନେ ନୃତ୍ୟ ପରିବେଷଣ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଗହଣରେ ଅତିଥି।

ବ୍ରଜରାଜନଗର, ୧୫।୩(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ କେନ୍ଦୋବାହାଲଠାରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡୋଳାମଣି ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ, ମୁଖ୍ୟବକ୍ତା ଜିଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଜେନା, ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପୃଷ୍ଠପୋଷକ ପ୍ରଶାନ୍ତ ପାଟ୍ଟଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପାଟ୍ଟଯୋଶୀ, ଜିଲା ସାଧାରଣ ସମ୍ପାଦକ ବାସୁଦେବ ପଟେଲ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଚିଚିଣ୍ଡା ସିଆର୍‌ସିସି ଦେବକାନ୍ତ ବାରିକ ଯୋଗଦେଇଥିଲେ। ଏଥିରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ହର୍ଷ ଜଗତ ସଭାପତିତ୍ୱ କରିଥିବାବେଳେ ହରେକୃଷ୍ଣ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମର ଯୁବକ ସଂଘ, ମହିଳା ସମିତି ସଦସ୍ୟା ଓ ଗ୍ରାମବାସୀଙ୍କ ପକ୍ଷରୁ ଡୋଳାମଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୯ ସଂସ୍ଥାର ଜଳ ଆବଣ୍ଟନ ପ୍ରସ୍ତାବକୁ ଅନୁମୋଦନ

ଝାରସୁଗୁଡ଼ା, ୧୫।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲା ଖଣିଜପାଣ୍ଠି ପ୍ରେକ୍ଷାଳୟରେ ୨୨ତମ ଜିଲାସ୍ତରୀୟ ମୂଲ୍ୟାଙ୍କନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୯ଟି ବିଭିନ୍ନ ସଂସ୍ଥାର ଭୂତଳ ଜଳ ଆବଣ୍ଟନ ଆବେଦନକୁ ଅନୁମୋଦନ ମିଳିଛି। ବୁର୍ଲା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସୁପାରିଶକୁ ଭିତ୍ତିକରି

**ଜିଲାସ୍ତରୀୟ ମୂଲ୍ୟାଙ୍କନ କମିଟି ବୈଠକ**

ଜିଲାପାଳ ଏହି ସବୁଜ ସଙ୍କେତ ଦେଇଛନ୍ତି। ଏହି ଅନୁମୋଦନ ଅନୁଯାୟୀ ଜିଲାରେ କାର୍ଯ୍ୟରତ ୭ଟି ପ୍ରମୁଖ ଶିଳ୍ପ ଓ ଖଣି ଭିତ୍ତିକ ଅନୁଷ୍ଠାନ ସମେତ ଦୁଇଟି ବଡ଼ ହୋଟେଲକୁ ସେମାନଙ୍କର ବୈଷୟିକ ଆବଶ୍ୟକତା ପାଇଁ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯାଇଛି। ଅନୁମୋଦିତ ସଂସ୍ଥାଗୁଡ଼ିକ ମଧ୍ୟରେ ଶିବାୟ ଲଜିଷ୍ଟିକସ, ମାଇକ୍ରୋକୋଜମ୍ ରିଫ୍ରାମିନ୍, ଟେକ୍ନୋ ଟ୍ରେଡ୍ ଇଙ୍କ୍, ଗାର୍ଡେନ ପ୍ୟାଲେସ୍ ଆଣ୍ଡ ରିସୋର୍ଟ, ହୋଟେଲ କନିଷ୍କ, କୁରାଲୋଇ (ଏ) ନର୍ଥ କୋଲ, ଓଡ଼ିଶା ମେଟାଲିକ୍ସ, ଆଲ୍ଟସ ମାଇନିଂ ସର୍ଭିସେସ ଏବଂ ଉତ୍କଳ ହାଇଡ୍ରୋକାର୍ବନ ରହିଛି। ବୈଠକରେ ଜଳର ସଦୁପଯୋଗ ଏବଂ ଭୂତଳ ଜଳସ୍ତରର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲାପାଳଙ୍କ ଏହି ଅନୁମୋଦନ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗର ଜଳ ଆବଣ୍ଟନ କମିଟିକୁ ଚିଠି ପଠାଯାଇଛି।




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# କ୍ରିକେଟ ଟୁର୍ନାମେଣ୍ଟ: ବନ ସୁରକ୍ଷା ସମିତି ଏକାଦଶ ଚାମ୍ପିୟନ

ବେଲପାହାଡ଼, ୧୫।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲପାହାଡ଼ ବନାଞ୍ଚଳ ପକ୍ଷରୁ ବେଲପାହାଡ଼ସ୍ଥିତ ରତନ ଟାଟା ଷ୍ଟାଡିୟମଠାରେ ରବିବାର ଏକ ଦିବସୀୟ ବନାଗ୍ନି ସଚେତନତା କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ରେଞ୍ଜ୍ ଅଫିସର ପ୍ରଦୀପ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୪ଟି ଟିମ୍ ଅଂଶଗ୍ରହଣ କରିଥିଲା। ଫାଇନାଲ୍ ମ୍ୟାଚ୍ ଓଏଫ୍ଏସ୍‌ଡିପି ଏକାଦଶ ଟିମ୍ ଏବଂ ବନ ସୁରକ୍ଷା ସମିତି (ଭିଏସ୍ଏସ୍) ଏକାଦଶ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭିଏସ୍ଏସ୍ ଟିମ୍ ୬ ଓଭରରେ ୫ ଉଇକେଟ୍ ହରାଇ ୭୩ ରନ୍ କରିଥିଲା। ଏହାର ଜବାବରେ ଓଏଫ୍ଏସ୍‌ଡିପି ଟିମ୍ ୬ ଓଭରରେ ୭ ଉଇକେଟ୍ ହରାଇ ମାତ୍ର ୨୫ ରନ୍ କରି ପରାଜିତ ହୋଇଥିଲା। ଅମ୍ପାୟାର ପ୍ରଜ୍ୱଳ ପଟେଲ ଓ ଗଣେଶ ଚନ୍ଦ୍ର ମରେଇ ଖେଳ ପରିଚାଳନା କରିଥିଲେ। ସକାଳେ ଉଦ୍‌ଘାଟନୀ ସମାରୋହରେ



କାର୍ଯ୍ୟକ୍ରମରେ ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଜିଲା ପରିବେଶ ସମିତି ଅଧକ୍ଷ ପ୍ରହ୍ଲାଦ ନାୟକ, ସମ୍ମାନିତ ଅତିଥି ଭାବରେ ଟିଆର୍ଏଲ୍ କ୍ରୋସାକି କମ୍ପାନୀର ଉପସଭାପତି ସୁଶାନ୍ତ କୁମାର ଦାଶ, ବେଲପାହାଡ଼ ଜୁନିୟର କଲେଜ ଅଧକ୍ଷ ସୁରେନ୍ଦ୍ର ଭୋଇ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଡିଏଫଓ ଅଶୋକ ମନୁଭଇ, ସମ୍ମାନିତ ଅତିଥି ଭାବେ ଲଖନପୁର ଏମ୍‌ସିଏଲ୍‌ର ଜିଏମ୍ ଅବଧ କିଶୋର ପାଣ୍ଡେ, ଡ. ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ଟିଲୋ କପ୍: ସିଏଜି ଦିଲ୍ଲୀ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ସିଏଜି ଦିଲ୍ଲୀ ଦଳର ଖେଳାଳି।

**ବନ୍ତ,୧୫।୩ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଏଜି ଦିଲ୍ଲୀ ଓ ନିମପୁର ଓଡ଼ିଶା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସିଏଜି ଦିଲ୍ଲୀ ଚଳିତବର୍ଷର ଚାମ୍ପିୟନ ହୋଇଛି। ନିମପୁର ୧୯.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୭ ରନ୍ କରିଥିଲା। ଦଳ ପକ୍ଷରୁ ସୁଶୀଲ କୁମାର ବାରିକ ୩୬ ଓ ବିକ୍ରମ ସାମଲ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦେବବ୍ରତ ପ୍ରଧାନ ୩, ଆରାଫତ ଖାନ୍ ୨ ଓ ପ୍ରୟାସ ରାଏ ୨ ଉଇକେଟ ନେଇଥିଲେ। ଜବାବରେ ସିଏଜି ଦିଲ୍ଲୀ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁମିତ ମାଥୁର ୨୪, କାର୍ତ୍ତିକ ବିଶ୍ୱାଳ ୨୪ ଓ ଗୁରିନ୍ଦର ସିଂହ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁଶୀଲ, ତାରିଣୀ ସା ଓ ଜମାଲ ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି, ଭାଷ୍ୟକାର ସୁକାନ୍ତ ବେହେରା, ରସିଦ୍‌ଉଲ ଓହିଦ୍ ଓ ସ୍କୋରର ଭାବେ ସୌରଜିତ୍ ସାହୁ ଦାୟିତ୍ୱ ତୁଲାଇଥିଲେ। ଦେବବ୍ରତ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ କ୍ୟାଚର, ସୁମିତ ମାଥୁରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ୍, ଆରାଫତ ଖାନ୍‌ଙ୍କୁ ବେଷ୍ଟ ବୋଲର, କାର୍ତ୍ତିକ ବିଶ୍ୱାଳଙ୍କୁ ବେଷ୍ଟ ଉଇକେଟକିପର ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଗୀତା ଇଞ୍ଜିନିୟରିଂ କଲେଜର ଅଧକ୍ଷ ଡ.ମନ୍ମଥ କୁମାର ରାଉଳ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ପୂର୍ବତନ ସରପଞ୍ଚ ନୀହାରିକା ରାଉତ, ପଙ୍କଜିନୀ ଲେଙ୍କା ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ସହ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ସମ୍ରାଟ ମାର୍ବଲର ପ୍ରୋପ୍ରାଇଟର ରମାକାନ୍ତ ଜେନା, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ, ସନ୍ତୋଷ କୁମାର ନାୟକ, ଉପଦେଷ୍ଟା ମନମୋହନ ସାହୁ, ରମେଶ ଚନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଆଥ୍‌ଲେଟିକ୍ ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ, ସମ୍ପାଦକ ଅସିତ୍ କର, ଏଲ୍.ଅମରଜିତ୍ ସ୍ୱାଇଁଙ୍କ ସମେତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ହାଫ୍ ମାରାଥନ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର

**ନୂଆଦିଲ୍ଲୀ, ୧୫।୩ (ପି.ଟି.):** ଭାରତର ଷ୍ଟାର ଧାବକ ଗୁଲ୍‌ବୀର ସିଂ ବିଶ୍ୱ ପ୍ରସିଦ୍ଧ ନ୍ୟୁୟର୍କ ହାଫ୍ ମାରାଥନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ସେ ପୁରୁଷ ୨୧.୧ କିମି ବିଶିଷ୍ଟ ରେସ୍‌ରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆର୍ମିର ଏହି ୨୭ ବର୍ଷୀୟ ଧାବକ ୫୯ମିନିଟ ଓ ୪୨ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ଦକ୍ଷିଣ ଆଫ୍ରିକାର ଆଡ୍ରିଆନ୍ ୱାଇଲ୍ଡସ୍କଟ (୫୯:୩୦) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମରକ୍କୋରେ ଜନ୍ମିତ ଆମେରିକା ଲଙ୍ଗ-ଡିଷ୍ଟାନ୍ସ ଧାବକ ଜୋହରେ ତାଲ୍‌ବି (୫୯:୪୧) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।




# ଆଣ୍ଟୋନେଲିଙ୍କୁ ପ୍ରଥମ ଫର୍ମୁଲା-ୱାନ୍ ଟାଇଟଲ

**ସାଂଘାଇ, ୧୫।୩(ଏପି)**

ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଚାଇନାରେ ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି। ଏବେ ଲୋକେ ତାଙ୍କୁ ଲୁଇସ୍ ହାମିଲଟନ୍‌ଙ୍କ ଉତ୍ତରାଧିକାରୀ ଏବଂ ଜର୍ଜ ରସେଲ୍‌ଙ୍କ ଟିମ୍‌ମେଟ୍ ବୋଲି କହୁଛନ୍ତି। ଫର୍ମୁଲା ୱାନ୍ ଇତିହାସରେ ଏକ ରେସ୍ ଜିତିବାରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ବିବେଚିତ ହୋଇଛନ୍ତି। ଦିନକ ପୂର୍ବରୁ ସେ ସର୍ବକନିଷ୍ଠ ଡ୍ରାଇଭର ଭାବେ ପୋଲ୍ ପୋଜିଶନ ହାସଲ କରିଥିଲେ। ଆଣ୍ଟୋନେଲିଙ୍କଠାରୁ କମ୍ ବୟସରେ କେବଳ ମାକ୍ସ ଭର୍ଷ୍ଟାପେନ୍ ମାତ୍ର ୧୮ ବର୍ଷରେ ୨୦୧୬ ସ୍ପାନିଶ୍ ଗ୍ରାଁ ପ୍ରି ଜିତିଥିଲେ। ରବିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରିରେ ଆଣ୍ଟୋନେଲିଙ୍କୁ ତାଙ୍କ ଟିମ୍‌ମେଟ୍ ରସେଲ ଏବଂ ଫେରାରିର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରସେଲ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ହାମିଲଟନ ଓ ଲେକ୍‌ରେକ୍ ଯଥାକ୍ରମେ ୩ୟ ଓ ୪ର୍ଥ ହୋଇଥିଲେ। ରସେଲ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଦ୍ୱାରା ଚାମ୍ପିୟନଶିପ୍ ତାଲିକାରେ ସେ ମାତ୍ର ୪ ପଏଣ୍ଟ ବ୍ୟବଧାନରେ ପ୍ରଥମ ସ୍ଥାନରେ ରହିଛନ୍ତି। ରେସ୍ ଆରମ୍ଭର କିଛି ମିନିଟ୍ ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଫର୍ମୁଲା-୧ ଚାମ୍ପିୟନ ଲାଣ୍ଡୋ ନୋରିସ ଓ ତାଙ୍କ ମ୍ୟାକ୍‌ଲରେନ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲେ।



ଟ୍ରଫି ସହ କିମି ଆଣ୍ଟୋନେଲି।

## ଏଲ୍‌ଏଲ୍‌ସିସି କପ୍ କ୍ରିକେଟ୍: କ୍ୱାର୍ଟରରେ ଏମ୍‌ସିଏ

**ଭୁବନେଶ୍ୱର,୧୫।୩ (ଅନାଦି କର)**

ଏଲ୍‌ଏଲ୍‌ସିସି ଆନୁକୂଲ୍ୟରେ ଏଲ୍‌ଏଲ୍‌ସିସି ଗ୍ରାଉଣ୍ଡରେ ରବିବାର ପଞ୍ଚମ ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ଏମ୍‌ସିଏ ୨୦୩ ରନର ବଡ଼ ବ୍ୟବଧାନରେ ଏଲ୍‌ଏଲ୍‌ସିସି-ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଏମ୍‌ସିଏ ୩୫ ଓଭରରେ ୩ ଉଇକେଟ ହରାଇ ୩୧୨ ରନ କରିଥିଲା। ଦଳ ପାଇଁ କୌଶିକ କୁମାର ଅପରାଜିତ ୧୧୩ ରନ କରିଥିବା ବେଳେ ସାଇ ପ୍ରଜ୍ୟୋତି ଶତପଥୀ ୮୪ ଓ ବିନାୟମ ମିଶ୍ର ୪୩ ରନ କରିଥିଲେ। ଜବାବରେ ଏଲ୍‌ଏଲ୍‌ସିସି-ବି' ୨୬.୫ ଓଭରରେ ୧୦୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦିବ୍ୟାଂଶୁ ଶେଖର ୩୨ ଓ ଲାଡୋ ୨୮ ରନ କରିଥିଲେ। ବିଜୟୀ ଦଳ ପାଇଁ ସାଇ ପ୍ରଜ୍ୟୋତି ଶତପଥୀ ଓ ସହସ୍ରାଂଶୁ ମହାନ୍ତି ୩ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସାଇ ପ୍ରଜ୍ୟୋତି ଶତପଥୀଙ୍କୁ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ବିବେଚିତ କରାଯାଇଛି।

# ଗିଲ୍, ମନ୍ଧାନା ବର୍ଷର ଶ୍ରେଷ୍ଠ କ୍ରିକେଟର


ବିସିସିଆଇ ପ୍ଲେୟର୍ ଅଫ୍ ଦି ଇୟର ପୁରସ୍କାର ଗ୍ରହଣ କରୁଛନ୍ତି ଶୁବମନ ଗିଲ୍।

**ନୂଆଦିଲ୍ଲୀ,୧୫।୩(ପି.ଟି.)**

ଭାରତୀୟ ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ ଓ ମହିଳା ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ରବିବାର ଅନୁଷ୍ଠିତ ବିସିସିଆଇ ନମନ ପୁରସ୍କାର ବିତରଣ ଉତ୍ସବରେ ୨୦୨୪-୨୫ ସିଜନ ପାଇଁ ଭାରତର ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ଭାବେ ପୁରସ୍କୃତ କରାଯାଇଛି। ଗିଲ ସମ୍ମାନଜନକ ପଲି ଉମ୍ରିଗର ପୁରସ୍କାର ଜିତିଥିବା ବେଳେ ମନ୍ଧାନା ପଞ୍ଚମ ଥର ପାଇଁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଗିଲ ଦ୍ୱିତୀୟ ଥର ପାଇଁ ବର୍ଷର ଶ୍ରେଷ୍ଠ କ୍ରିକେଟର ହେବାର ସଫଳତା ପାଇଛନ୍ତି। ସେ ୨୦୨୩ରେ ପ୍ରଥମ ଥର ପାଇଁ ପଲି ଉମ୍ରିଗର ପୁରସ୍କାର ହାତେଇଥିଲେ।

ପୂର୍ବତନ ଖେଳାଳି ରୋଜର ବିନି, ରାହୁଲ ଦ୍ରାବିଡ୍ ଓ ମିଥାଲି ରାଜଙ୍କୁ କଲୋନେଲ ସି କେ ନାୟୁଡୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି, ଯାହାକି ବିସିସିଆଇର ସର୍ବୋଚ୍ଚ ସମ୍ମାନ। ଗିଲ୍ ୨୦୨୫ରେ ଜବରଦସ୍ତ ପ୍ରଦର୍ଶନ ବଳରେ ନିଜକୁ ଟେଷ୍ଟ ଫର୍ମାଟରେ ଭାରତ ପାଇଁ ନିର୍ଭର ଯୋଗ୍ୟ ବ୍ୟାଟର ଭାବେ ପ୍ରତିଷ୍ଠିତ କରାଇଥିଲେ। ଇଂଲଣ୍ଡ ଟୁରରେ ସେ ୧୦ ଇନିଂସରେ ୭୫୪ ରନ କରିଥିଲେ। ଗତ ବର୍ଷ ଭାରତୀୟ ଦଳର ଚାମ୍ପିୟନ୍ସ ଟ୍ରଫି ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅନ୍ୟପକ୍ଷରେ ମନ୍ଧାନା ଗତ ବର୍ଷ ଦିନିକିଆରେ ୧,୩୬୨ ସହିତ ଅନ୍ତର୍ଜାତୀୟ କ୍ରିକେଟରେ ୧,୭୦୩ ରନ କରିଥିଲେ, ଯାହାକି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ମହିଳାଙ୍କ ଲାଗି ସର୍ବାଧିକ। ଏଥିସହିତ ସେ ମହିଳା ଦିନିକିଆ କ୍ରିକେଟ ଇତିହାସର ପ୍ରଥମ ବ୍ୟାଟର ଭାବେ ଏକ ବର୍ଷରେ ୧୦୦୦ ରନ ପୂରଣ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍ ଜିତିଥିଲା। ଏହି ଟୁର୍ନାମେଣ୍ଟରେ ୪୩୪ ରନ କରିଥିଲେ, ଯାହାକି ଦ୍ୱିତୀୟ ସର୍ବାଧିକ ଥିଲା।

## ପ୍ରଥମ ଟି୨୦: ଦକ୍ଷିଣ ଆଫ୍ରିକାର ସହଜ ବିଜୟ

**ମାଉଣ୍ଟ ମାଙ୍ଗାନୁଇ, ୧୫।୩:** ବୋଲରଙ୍କ ଘାତକ ବୋଲିଂ ବଳରେ ଦକ୍ଷିଣ ଆଫ୍ରିକା ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ୭ ଉଇକେଟରେ ଜିତିନେଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରଦତ୍ତ ୯୨ ରନର ଟାର୍ଗେଟ୍‌କୁ ଦ. ଆଫ୍ରିକା ୧୬.୪ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ନ୍ୟୁଜିଲାଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୩ ଓଭରରେ ୯୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ନିଶାମ (୨୬ ରନ୍, ୨ ଚୌକା ଓ ୧ ଛକା), ମିଚେଲ ସାଣ୍ଟନର (୧୫) ଓ କୋଲ ମ୍ୟାକଞ୍ଚି (୧୫)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଦ. ଆଫ୍ରିକା ପକ୍ଷରୁ ମୋକୋଏନା ୩ ଉଇକେଟ ନେଇଥିବା ବେଳେ ଜେରାଲ୍ଡ କୋଏଟ୍‌ଜି, ଓଟ୍‌ନିଲ ବାର୍ଟମାନ ଓ ଅଧିନାୟକ କେଶବ ମହାରାଜ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦ. ଆଫ୍ରିକା ୧୬.୪ ଓଭରରେ ୩ ଉଇକେଟ ହରାଇ ୯୩ ରନ୍ କରି ମ୍ୟାଚ୍ ଜିତିଥିଲା। ପଦାର୍ପଣକାରୀ ଏଷ୍ଟରହୁଇଜେନ ଅପରାଜିତ ୪୫ ଓ ଫରେଷ୍ଟର ୧୬ ରନ୍ କରି ଦଳକୁ ଜିତାଇଥିଲେ।

# ୫ ଜୋନ୍‌ରେ ପ୍ରତିଷ୍ଠା ହେବ ଗ୍ରାସରୁଟ୍ ଏକାଡେମୀ

**କଟକ,୧୫।୩(କୁମାରଶ୍ରୀ)**

**ଫାଓ କାଉନସିଲ ବୈଠକ**

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର କାଉନସିଲ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅଲିମ୍ପିକ ସଂଘ ସଭାଗୃହରେ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ୨୦୨୬-୨୭ ବର୍ଷର ବଜେଟ୍ ଉପସ୍ଥାପନ କରାଯିବା ସହିତ ଚିଫ୍ ମିନିଷ୍ଟର ଟ୍ରଫିର ଦ୍ୱିତୀୟ ସଂସ୍କରଣ, ଫାଓ ଲିଗ୍ ଆୟୋଜନ ବାବଦରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫି ନିମନ୍ତେ ବଛା ଯାଇଥିବା ଖେଳାଳି ଟ୍ରାଏଲରେ ଭାଗ ନେବା ବାଧ୍ୟତାମୂଳକ ବୋଲି ବୈଠକରେ ଘୋଷଣା କରାଯାଇଥିଲା। ଏହାଛଡ଼ା ରେଫରୀମାନଙ୍କ ଉପରେ କଟକଣା ଲଗାଯାଇଥିଲା। ଅଣସ୍ୱିକୃତୀ ପ୍ରାପ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନା ପୂର୍ବରୁ ରେଫରୀମାନେ ଜିଲା କିମ୍ବା ରାଜ୍ୟ ସଂଘରୁ ଅନୁମତି ନେବା ଅନିବାର୍ଯ୍ୟ ବୋଲି କୁହାଯାଇଥିଲା। ନଚେତ୍ ରେଫରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫାଓ ଲିଗ୍ ଆସନ୍ତା ଜୁନ ୧୫ରୁ ଆରମ୍ଭ ହେବ। ଏହାଛଡ଼ା ତୃଣମୂଳସ୍ତରରୁ ଫୁଟବଲର ବିକାଶ ନିମନ୍ତେ ରାଜ୍ୟର ୫ଟି ଜୋନରେ ଗ୍ରାସରୁଟ ଏକାଡେମୀ ପ୍ରତିଷ୍ଠା ବାବଦରେ ଆଲୋଚନା ହୋଇଥିଲା। ଚୟନକର୍ତ୍ତାଙ୍କ ଦ୍ୱାରା ବିଭିନ୍ନ ଜିଲାରୁ ଖେଳାଳି ଚୟନ କରାଯିବ। ବଛାଯାଇଥିବା ଖେଳାଳି ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଭାଗ ନେବେ। ସେମାନଙ୍କ ମଧ୍ୟରୁ ଜୁନିୟର ଏବଂ ସବଜୁନିୟର ବର୍ଗର ୫୦ଜଣ ଖେଳାଳିଙ୍କୁ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ ବୋଲି କୁହାଯାଇଥିଲା। ବୈଠକରେ ଫାଓ ଉପସଭାପତି ବିଜୟ ଦାସ, ଦିଲ୍ଲୀପ କୁମାର ସାହୁ, ରବିନାରାୟଣ ପଣ୍ଡା, ସହଦେବ ରାଉତ, ବୀରେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବେନ୍ଦ୍ର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଆଜିଠାରୁ



ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର,୧୫।୩(ଅନାଦି କର)**

ସିଟି କ୍ଲବ୍, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଓ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ପୋଲିସ, କଟକର ରାଧାରମଣ କ୍ଲବ୍, ବିଡ଼ାନାସୀ କ୍ଲବ୍, ମଙ୍ଗଳା କ୍ଲବ୍, ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ, କିଶୋର କ୍ଲବ୍, ଅନୁଗୋଳର ଅଷ୍ଟକୀଳା କ୍ଲବ୍, ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ ଆଦି ୮ ଦଳ ଭାଗନେବେ। ଏହି ଟୁର୍ନାମେଣ୍ଟର ଫାଇନାଲ ଆସନ୍ତା ୨୨ ତାରିଖରେ ହେବାକୁ ଥିବାବେଳେ ପ୍ରତ୍ୟେକ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ। ଚାମ୍ପିୟନ ଓ ଉପବିଜେତା ଦଳକୁ ଯଥାକ୍ରମେ ୨ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ସେହିଭଳି ସେମିଫାଇନାଲରେ ପରାଜିତ ହୋଇଥିବା ଉଭୟ ଦଳକୁ ୨୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ। ଏ ନେଇ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଏଏର ଡ. ସୌର୍ଯ୍ୟରଞ୍ଜନ ପରିଜା, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଦିଲୀପ ଦାସ, ଅରୁଣ ସାହୁ, ମହେନ୍ଦ୍ର ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ପୂର୍ବତନ ଫୁଟ୍‌ବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଏହି ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି।

## ଓସିଏ ପକ୍ଷରୁ ଅମ୍ପାୟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ,୧୫।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ଅମ୍ପାୟର ପ୍ରଶିକ୍ଷଣ ଏବଂ ପରିଚୟ ମୂଳକ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୫ଜଣ ଅମ୍ପାୟର ଅଂଶଗ୍ରହଣ କରିଥିଲେ। ପରୀକ୍ଷା କରାଯାଇ ସେମାନଙ୍କ ପ୍ରଦର୍ଶନ ଆଧାରରେ ମୂଲ୍ୟାଙ୍କନ କରାଯିବା ସହିତ ଭବିଷ୍ୟତରେ କ୍ରିକେଟ ମ୍ୟାଚ୍ ପରିଚାଳନା କରିବା ପାଇଁ ଆବଶ୍ୟକ ନୀତି ଓ ଦାୟିତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରାଯାଇଥିଲା। ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ବିସିସିଆଇ ବରିଷ୍ଠ ଅମ୍ପାୟର ସୁବ୍ରତ ଦାସ, ଅରୁଣ କୁମାର ବାସା, ଧୀରଜ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

**ଭୁବନେଶ୍ୱର,୧୫।୩(ଅନାଦି କର)**

ମୁକ୍ତେଶ୍ୱର କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ ଖିମ୍‌ଜୀ କପ୍ ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୪ ରନ୍‌ରେ କିଶୋର ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୨୧.୨ ଓଭର ସୁଦ୍ଧା ୧୧୦ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଅଂଶୁମାନ ସାହୁ ଓ ମିଳନ ପରିଡ଼ା ସପ୍ତମ ଉଇକେଟରେ ୭୯ ରନ୍ ଯୋଡ଼ି ଦଳକୁ ଉଦ୍ଧାର କରିଥିଲେ। ଫଳରେ ପାରାମାଉଣ୍ଟ ଦଳ ୪୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଅଂଶୁମାନ ଅପରାଜିତ ୭୨ ଓ ମିଳନ ୩୭ ରନ୍ କରିଥିବା ବେଳେ କିଶୋର ସ୍ପୋର୍ଟିଂ ପକ୍ଷରୁ ଆଶୁତୋଷ ଦାସ ୩ ଉଇକେଟ ନେଇଥିଲେ। ଜବାବରେ କିଶୋର ସ୍ପୋର୍ଟିଂ ୧୯ ଓଭର ସୁଦ୍ଧା ୯୩ ରନ୍‌ରେ ୨ ଉଇକେଟ ହରାଇ ସୁବିଧାଜନକ ସ୍ଥିତିରେ ଥିଲା। ମାତ୍ର ମିନଲ ପରିଡ଼ା କ୍ରମାଗତ ଦୁଇ ଓଭରରେ ୨ ସେଟ୍ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୩୯.୧ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ଲାଗି ଦେବବ୍ରତ ପ୍ରଧାନ ୪୨ ରନ କରିଥିବା ବେଳେ ବିଜୟୀ ଦଳର ମିନଲ ପରିଡା ୩ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ମିନଲ ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ମୁକ୍ତେଶ୍ୱର କ୍ଲବ ସଦସ୍ୟ ଶଶାଙ୍କ ମହାନ୍ତି, ଉପ ସଭାପତି ଅଜିତ୍ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ପୁରୀର ପାୟୋନିୟର ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।



ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ୍**

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ